JUNE 09, 2026
TUESDAY, BHUBANESWAR

ଜୁନ୍ ୦୯, ୨୦୨୬
ମଙ୍ଗଳବାର, ଭୁବନେଶ୍ୱର

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

VOLUME 1 ● ISSUE- 277 ବର୍ଷ- ୧ ● ସଂଖ୍ୟା- ୨୭୭ | RNI REGD NO. ORIORI/25/A2226 ● DAILY EDITION | ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

## ମୟୂରଭଞ୍ଜରେ ସ୍ୱାସ୍ଥ୍ୟ ବିପ୍ଳବର ନୂଆ ଅଧ୍ୟାୟ

# ୪୩୦ କୋଟିର ବିକାଶ ପ୍ୟାକେଜ୍

### କୌଣସି ଯନ୍ତ୍ର ରୋଗୀର କଷ୍ଟ ବୁଝିପାରେ ନାହିଁ, ଡାକ୍ତରଙ୍କ କାରୁଣ୍ୟ ହିଁ ପ୍ରକୃତ ସେବା: ମୁଖ୍ୟମନ୍ତ୍ରୀ

ବାରିପଦା/ଭୁବନେଶ୍ୱର, ୮/୬- ମୟୂରଭଞ୍ଜ ଜିଲ୍ଲାର ବିକାଶ ଇତିହାସରେ ରବିବାର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି। ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବାକୁ ନୂଆ ଦିଗ ଦେବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାରିପଦା ଗସ୍ତରେ ଯାଇ ୬୫୦ ଶଯ୍ୟା ବିଶିଷ୍ଟ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲର ନୂତନ ଟିଚିଙ୍ଗ୍ ହସ୍ପିଟାଲକୁ ଲୋକାର୍ପଣ କରିଛନ୍ତି। ଏହା ସହ ଜିଲ୍ଲାର ସାମଗ୍ରିକ ବିକାଶ ପାଇଁ ୪୩୦.୨୬ କୋଟି ଟଙ୍କାର ୩୯ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ମେଗା ବିକାଶ ପ୍ୟାକେଜ୍‌କୁ ମୟୂରଭଞ୍ଜ ଜିଲ୍ଲା ପାଇଁ ଏକ ଐତିହାସିକ ଭେଟି ଭାବେ ଦେଖାଯାଉଛି। ସ୍ୱାସ୍ଥ୍ୟ, ପାନୀୟ ଜଳ, ଯୋଗାଯୋଗ ଓ ଜନକଲ୍ୟାଣ କ୍ଷେତ୍ରରେ ଏହି ପ୍ରକଳ୍ପଗୁଡ଼ିକ ଆଗାମୀ ଦିନରେ ଜିଲ୍ଲାର ବିକାଶ ମାନଚିତ୍ରକୁ ସମ୍ପୂର୍ଣ୍ଣ ବଦଳାଇ ଦେବ ବୋଲି ଆଶା କରାଯାଉଛି। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ନୂତନ ଟିଚିଙ୍ଗ୍ ହସ୍ପିଟାଲର ଲୋକାର୍ପଣ। ଆଧୁନିକ ଚିକିତ୍ସା ଉପକରଣ, ଉନ୍ନତ ନିଦାନ ସୁବିଧା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଓଉଟ, ଜରୁରୀକାଳୀନ ସେବା ଓ ଉନ୍ନତ




ଶିକ୍ଷାଦାନ ଭିତ୍ତିଭୂମି ସହ ଏହି ହସ୍ପିଟାଲ ଉତ୍ତର ଓଡ଼ିଶାର ସ୍ୱାସ୍ଥ୍ୟସେବା ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏହି ହସ୍ପିଟାଲ କେବଳ ମୟୂରଭଞ୍ଜ ନୁହେଁ, ବରଂ ବାଲେଶ୍ୱର, କେନ୍ଦୁଝର, ସୁନ୍ଦରଗଡ଼ ସହ ପଡ଼ୋଶୀ ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ଅଞ୍ଚଳର ରୋଗୀଙ୍କୁ ମଧ୍ୟ ଉପକୃତ କରିବ। ଏହା ଉତ୍ତର ଓଡ଼ିଶାର ଏକ ପ୍ରମୁଖ ରେଫରାଲ୍ ସେଣ୍ଟର ଭାବେ କାର୍ଯ୍ୟ କରିବ। ମୟୂରଭଞ୍ଜର ସର୍ବାଙ୍ଗୀନ ବିକାଶ ପାଇଁ ମୋଟ ୪୩୦.୨୬ କୋଟି ଟଙ୍କା ବ୍ୟୟରେ ୩୯ଟି ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ଏଥିମଧ୍ୟରେ ☞ପୃଷ୍ଠା-୨

- ❖ ଲୋକାର୍ପିତ ହେଲା ୬୫୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ଟିଚିଙ୍ଗ୍ ହସ୍ପିଟାଲ
- ❖ ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ୧.୩୦ କୋଟି ପରିବାରର ୩.୪୬ କୋଟି ଲୋକ ଉପକୃତ
- ❖ ୨୦ ମାସ ମଧ୍ୟରେ ଯାଜପୁର, କନ୍ଧମାଳ ଓ ତାଳଚେରରେ ୩ଟି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ
- ❖ ଖୁବଶୀଘ୍ର ଢେଙ୍କାନାଳ, ଜଗତସିଂହପୁର ଓ ଭଦ୍ରକରେ ମେଡିକାଲ କଲେଜ
- ❖ ନୟାଗଡ଼ ଓ ନୂଆପଡ଼ାରେ ହୋମିଓପାଥିକ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ

## ରାଜ୍ୟ କ୍ୟାବିନେଟରେ ୫ ବିଭାଗର ୧୦ଟି ବଡ଼ ପ୍ରସ୍ତାବକୁ ମଞ୍ଜୁରୀ



- ● ସହରାଞ୍ଚଳ ଜଳ ତଟର ହେବ ବିକାଶ: ୫୦୦ କୋଟି ମଞ୍ଜୁର
- ● ସମ୍ବଲପୁର ପାଇଁ 'ଅଯୋଧ୍ୟା ସାଗର' ଓ ସମଲେଶ୍ୱରୀ ଆଳତି ଘାଟ
- ● ନୟାଗଡ଼ ବୃତଙ୍ଗ ପ୍ରକଳ୍ପ ଓ ପର୍ଯ୍ୟଟନ ବିକାଶ
- ● ମହିଳା ଶ୍ରମିକଙ୍କ ପାଇଁ ୪୦୦୦ ଶଯ୍ୟା ବିଶିଷ୍ଟ ହଷ୍ଟେଲ

ଭୁବନେଶ୍ୱର, ୮/୬- ଓଡ଼ିଶାର ନଗର ବିକାଶ, ଜଳ ସମ୍ପଦ, ପର୍ଯ୍ୟଟନ ଓ ଭିତ୍ତିଭୂମି କ୍ଷେତ୍ରକୁ ଏକ ନୂଆ ଗତି ଦେବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ସୋମବାର ଲୋକସେବା ଭବନରେ ଅନୁଷ୍ଠିତ ରାଜ୍ୟ ମନ୍ତ୍ରିମଣ୍ଡଳର ୪୧ତମ କ୍ୟାବିନେଟ୍ ବୈଠକରେ ୫ଟି ବିଭାଗ ସମ୍ପର୍କିତ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ଏହି ନିଷ୍ପତ୍ତିଗୁଡ଼ିକ ରାଜ୍ୟର ସହରାଞ୍ଚଳ ବିକାଶ, ଜଳ ସଂରକ୍ଷଣ, ପର୍ଯ୍ୟଟନ ଶିଳ୍ପ ଓ ନାଗରିକ ସୁବିଧାକୁ ଆହୁରି ସୁଦୃଢ଼ କରିବ। ବୈଠକ ପରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ପ୍ରେସ୍ ସମ୍ମିଳନୀରେ କ୍ୟାବିନେଟ୍‌ର ନିଷ୍ପତ୍ତି ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ। ରାଜ୍ୟର ପ୍ରମୁଖ ନଦୀ ଓ ଜଳାଶୟ କୂଳର ସୌନ୍ଦର୍ଯ୍ୟକରଣ ଓ ପର୍ଯ୍ୟଟନ ବିକାଶ ପାଇଁ 'ସହରାଞ୍ଚଳ ଜଳ ☞ପୃଷ୍ଠା-୨

## ରାଉରକେଲା ପୋଲିସର ବଡ଼ ଧରଣର ଚଢ଼ାଉ

# ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଆନ୍ତଃରାଜ୍ୟ ଜୁଆ ଗ୍ୟାଙ୍ଗ ଠାବ



ରାଉରକେଲା/କଟକ, ୮/୬- ଅପରାଧ ଓ ବେଆଇନ କାର୍ଯ୍ୟକଳାପ ବିରୋଧରେ ଚାଲିଥିବା ଓଡ଼ିଶା ପୋଲିସର ନିରନ୍ତର ଅଭିଯାନକୁ ଆଉ ଏକ ବଡ଼ ସଫଳତା ମିଳିଛି। ରାଉରକେଲା ପୋଲିସ ସେକ୍ଟର-୧୫ ଥାନା ଅନ୍ତର୍ଗତ ଓଡ଼ିଶା-ଝାଡ଼ଖଣ୍ଡ ସୀମାବର୍ତ୍ତୀ ଲୁଆକେରା ଗ୍ରାମରେ ଚାଲିଥିବା ଏକ ଆନ୍ତଃରାଜ୍ୟ ଜୁଆ ଗ୍ୟାଙ୍ଗ ଉପରେ ବଡ଼ ଧରଣର ଚଢ଼ାଉ କରି ଏହାର ମୂଳପୋଛ ଖୋଜିବାରେ ସଫଳ ହୋଇଛି। ଏହି ଚଢ଼ାଉ ସମୟରେ ପୋଲିସ ବହାନ କଂସାରୀ (୪୮) ଓ ଦିଲୀପ କଂସାରୀ (୫୯)ଙ୍କୁ ଗିରଫ କରିଛି। ଉଭୟ ଅଭିଯୁକ୍ତ ସେକ୍ଟର-୧୫ ଥାନା ଅନ୍ତର୍ଗତ ଲୁଆକେରା ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ଚଢ଼ାଉ ବେଳେ ପୋଲିସ ଜୁଆ ଆଡ୍ଡାରୁ ମୋଟ ୨୮ ଲକ୍ଷ ୩୯ ହଜାର ୪୦୦ ଟଙ୍କା ନଗଦ, ୪୦୫ ଗ୍ରାମ ସୁନା ଅଳଙ୍କାର, ୬୦୦ ଗ୍ରାମ ରୂପା ଅଳଙ୍କାର, ୩ଟି ଚାରିଚକିଆ ଯାନ, ୪ଟି ମୋଟରସାଇକେଲ, ମୋବାଇଲ ଫୋନ, ଜୁଆ ଖେଳରେ ବ୍ୟବହୃତ ପାଲି ଏବଂ କ୍ୟାସ୍ କାଉଣ୍ଟିଂ ମେସିନ ଜବତ କରିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲୁଆକେରା ଗ୍ରାମରେ ଦୀର୍ଘଦିନ ଧରି ନିୟମିତ ଭାବେ ☞ପୃଷ୍ଠା-୨

> ଲୁଆକେରା ଗ୍ରାମରେ ଚାଲିଥିଲା ବିଶାଳ ଜୁଆ କାରବାର
>
> ୨ ଗିରଫ, ୨୮.୩୯ ଲକ୍ଷ ଟଙ୍କା ସହ ସୁନା-ରୂପା ଓ ଯାନବାହନ ଜବତ



ଅକ୍ଷର
AKHYARA ODISHA ଓଡ଼ିଶା

### ବ୍ୟଙ୍ଗ ବିଚାର

**ଡ.ଗିରୀଶ ରଂଜନ**

ଚାରିଶହ ତିରିଶି କୋଟିର ପ୍ୟାକେଜ
ବିକାଶ ଆକାଶ ଛୁଆଁ
ଡାକ୍ତର ଦଉଛି ଭୁଲ ଔଷଧ
ମରୁଛନ୍ତି ଦେଖ ଛୁଆ
ଖାଉ ବସିଛନ୍ତି କରି ଆଁ
ପଥର ପୋତିକି ଫିତା କାଟିଦେଲ
ହେବ ବିକାଶତ ଛାଁ ଛାଁ

# ଜିରାଙ୍ଗ ବୌଦ୍ଧ ମଠ ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର/ଗଜପତି, ୮/୬- ଓଡ଼ିଶାର ରାଜ୍ୟପାଳ ଡଃ ହରି ବାବୁ କମ୍ଭମପାଟି ସୋମବାର ଗଜପତି ଜିଲ୍ଲା ଗସ୍ତ ଅବସରରେ ଜିରାଙ୍ଗସ୍ଥିତ ପ୍ରସିଦ୍ଧ ବୌଦ୍ଧ ମଠ ପରିଦର୍ଶନ କରିବା ସହ ପବିତ୍ର ମହେନ୍ଦ୍ରଗିରି ପର୍ବତରେ ଆୟୋଜିତ ମହେନ୍ଦ୍ରଗିରି ମେଳାରେ ଯୋଗଦେଇଥିଲେ। ଏହି ଅବସରରେ ସେ ବିଶ୍ୱଶାନ୍ତି, ସାମାଜିକ ସମ୍ପ୍ରୀତି ଓ ସମସ୍ତଙ୍କ କଲ୍ୟାଣ ପାଇଁ ପ୍ରାର୍ଥନା କରିଥିଲେ। ପ୍ରଥମେ ରାଜ୍ୟପାଳ ଜିରାଙ୍ଗସ୍ଥିତ ବୌଦ୍ଧ ମଠରେ ପହଞ୍ଚି ଭଗବାନ ବୁଦ୍ଧଙ୍କୁ ପୂଜାର୍ଚ୍ଚନା କରିଥିଲେ। ମଠର ସାଧୁସନ୍ଥ ଓ ସ୍ଥାନୀୟ ବାସିନ୍ଦାମାନେ ତାଙ୍କୁ ପାରମ୍ପରିକ ଢଙ୍ଗରେ ସ୍ୱାଗତ ଜଣାଇଥିଲେ। ପରିଦର୍ଶନ ସମୟରେ ରାଜ୍ୟପାଳ ମଠର ସଦସ୍ୟ ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ଓ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ଭିଏତନାମରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଭାରତକୁ ଆଣିବାରେ ନିଜର ଭୂମିକାକୁ ସ୍ମରଣ କରି ରାଜ୍ୟପାଳ କହିଥିଲେ ଯେ, ଜିରାଙ୍ଗ ବୌଦ୍ଧ ମଠ ପରିଦର୍ଶନ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଅନୁଭୂତି। ସେ ମଠର ସାଧୁସନ୍ଥମାନଙ୍କ ଭକ୍ତି, କରୁଣା, ସମ୍ପ୍ରୀତି ଓ ଆଧ୍ୟାତ୍ମିକ ମୂଲ୍ୟବୋଧ ପ୍ରତି ନିଷ୍ଠାକୁ ଭୂୟସୀ ପ୍ରଶଂସା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଶାନ୍ତି, ☞ପୃଷ୍ଠା-୨

- ❖ ବୁଦ୍ଧଙ୍କ ଆଦର୍ଶ ପ୍ରଚାରରେ ମଠର ଭୂମିକା ପ୍ରଶଂସନୀୟ
- ❖ ମହେନ୍ଦ୍ରଗିରି ମେଳାରେ ଯୋଗଦାନ
- ❖ 'ମହେନ୍ଦ୍ରଗିରି ଓଡ଼ିଶାର ଆଧ୍ୟାତ୍ମିକ ଗୌରବ'



# IIT ଭୁବନେଶ୍ୱର ସହ ହାତ ମିଳାଇଲା ଓଡ଼ିଶା ଜୀବିକା ମିଶନ

ଭୁବନେଶ୍ୱର, ୮/୬- ଓଡ଼ିଶାର ଗ୍ରାମୀଣ ମହିଳା ଉଦ୍ୟୋଗୀଙ୍କୁ ଆତ୍ମନିର୍ଭର ଓ ପ୍ରତିଯୋଗିତାମୂଳକ ବ୍ୟବସାୟ ଜଗତରେ ସଫଳ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବା ଲକ୍ଷ୍ୟରେ ଓଡ଼ିଶା ଜୀବିକା ମିଶନ ଓ ଆଇଆଇଟି ଭୁବନେଶ୍ୱର ମଧ୍ୟରେ ଏକ ଐତିହାସିକ ବୁଝାମଣାପତ୍ର (MoU) ସ୍ୱାକ୍ଷରିତ ହୋଇଛି। ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନରେ ଆୟୋଜିତ ଏକ ବିଶେଷ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ବିନିମୟ କରାଯାଇଥିଲା। ଏହି ସହଯୋଗ ମାଧ୍ୟମରେ ଗ୍ରାମୀଣ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ (SHG) ସଦସ୍ୟା ଏବଂ ମହିଳା ଉଦ୍ୟୋଗୀମାନଙ୍କୁ ଉନ୍ନତ ବ୍ୟବସାୟିକ ପରାମର୍ଶ, ପ୍ରାଯୁକ୍ତିକ ସହାୟତା, ଉତ୍ପାଦ ବିକାଶ, ବ୍ରାଣ୍ଡିଂ, ବଜାର ସଂଯୋଗ ଓ ଆର୍ଥିକ ସୁବିଧା ପ୍ରଦାନ କରାଯିବ। ଏହା ଦ୍ୱାରା ଗ୍ରାମୀଣ ମହିଳାମାନଙ୍କ ଉଦ୍ୟୋଗକୁ ଏକ ନୂଆ ପରିଚୟ ମିଳିବା ସହ ସେମାନଙ୍କ ଉତ୍ପାଦ ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ପହଞ୍ଚିବାର ସୁଯୋଗ ସୃଷ୍ଟି ହେବ। ଜାତୀୟ ଗ୍ରାମୀଣ ଜୀବିକା ମିଶନ (NRLM) ଅଧୀନରେ ଚାଲୁଥିବା ଷ୍ଟାର୍ଟ-ଅପ୍ ଭିଲେଜ୍ ଏଣ୍ଟରପ୍ରେନ୍ୟୁରଶିପ୍ ପ୍ରୋଗ୍ରାମ (SVEP) ଅନ୍ତର୍ଗତ ଏହି ଇନ୍‌କ୍ୟୁବେସନ୍ ପ୍ରକଳ୍ପ ଆରମ୍ଭ କରାଯାଉଛି। ଆଗାମୀ ତିନି ବର୍ଷ ମଧ୍ୟରେ ଅତି କମରେ ୧୫୦ଟି ବିକାଶମୁଖୀ ଗ୍ରାମୀଣ ଉଦ୍ୟୋଗକୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସହାୟତା ଯୋଗାଇ ଦିଆଯିବ। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ଭାରତ ସରକାରଙ୍କ ଗ୍ରାମୀଣ ☞ପୃଷ୍ଠା-୨



- ● 'ଲକ୍ଷପତି ଦିଦି'ରୁ 'ମହାଲକ୍ଷପତି ଦିଦି' ସୃଷ୍ଟି ଦିଗରେ ବଡ଼ ପଦକ୍ଷେପ: ଉପମୁଖ୍ୟମନ୍ତ୍ରୀ
- ● ୧୦.୭୦କୋଟି ଟଙ୍କାର ମେଗା ଇନ୍‌କ୍ୟୁବେସନ୍ ପ୍ରକଳ୍ପ
- ● ୩ ବର୍ଷରେ ୧୫୦ ଗ୍ରାମୀଣ ଉଦ୍ୟୋଗକୁ ମିଳିବ ପ୍ରାଯୁକ୍ତିକ, ବ୍ୟବସାୟିକ ଓ ବଜାର ସହାୟତା

## ୧୭ ବର୍ଷ ଅପେକ୍ଷାର ଅନ୍ତ

# ମିଲିଂ ଦର ବୃଦ୍ଧିରେ ରାଇସ୍ ମିଲର ଖୁସି

### ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ସ୍ୱାଗତ ଜଣାଇଲେ ଅଲ୍ ଓଡ଼ିଶା ରାଇସ୍ ମିଲର୍ସ ମହାସଂଘ

ଭୁବନେଶ୍ୱର, ୮/୬- ଦୀର୍ଘ ପ୍ରାୟ ୧୭ ବର୍ଷ ପରେ ରାଜ୍ୟ ସରକାର ଚାଉଳ ମିଲିଂ ଦର ବୃଦ୍ଧି କରିଥିବାରୁ ରାଜ୍ୟର ରାଇସ୍ ମିଲରମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ଚାଷୀଙ୍କ ସ୍ୱାର୍ଥ ସୁରକ୍ଷା, ସୁବ୍ୟବସ୍ଥିତ ଧାନ ସଂଗ୍ରହ ଏବଂ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ମୋହନ ସରକାର ନେଇଥିବା ଏହି ନିଷ୍ପତ୍ତିକୁ ଅଲ ଓଡ଼ିଶା ରାଇସ୍ ମିଲର୍ସ ମହାସଂଘ ସ୍ୱାଗତ କରିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟ ସରକାର ଚାଷୀଙ୍କ କଲ୍ୟାଣକୁ ସର୍ବାଧିକ ପ୍ରାଥମିକତା ଦେଇ ବିଭିନ୍ନ ପଦକ୍ଷେପ ନେଉଥିବା ବେଳେ, ଚଳିତ ଖରିଫ ଋତୁ ପୂର୍ବରୁ ଚାଉଳ ମିଲିଂ ଦର ବୃଦ୍ଧି ନିଷ୍ପତ୍ତି ଏକ ଐତିହାସିକ ପଦକ୍ଷେପ ଭାବେ ବିବେଚିତ ହେଉଛି। ରାଜ୍ୟ ସରକାରଙ୍କ ନୂତନ ନିଷ୍ପତ୍ତି ଅନୁସାରେ ଉଷୁନା ଚାଉଳର ମିଲିଂ ଦର କ୍ୱିଣ୍ଟାଲ ପିଛା ୨୦ ଟଙ୍କାରୁ ବୃଦ୍ଧି ପାଇ ୪୦ ଟଙ୍କା କରାଯାଇଥିବା ବେଳେ ଅରୁଆ ଚାଉଳର ମିଲିଂ ଦର ୧୦ ଟଙ୍କାରୁ ବୃଦ୍ଧି ପାଇ ୨୦ ଟଙ୍କା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ୨୦୦୮-୦୯ ମସିହାରେ ଏହି ମିଲିଂ ଦର ନିର୍ଦ୍ଧାରଣ ହୋଇଥିଲା ଏବଂ ତାହା ପରେ ଏହାର ସଂଶୋଧନ ହୋଇନଥିଲା।





ଫଳରେ ବିଦ୍ୟୁତ, ଇନ୍ଧନ, ପରିବହନ, ଶ୍ରମିକ ମଜୁରୀ ଓ ଅନ୍ୟାନ୍ୟ ପରିଚାଳନା ଖର୍ଚ୍ଚ ବୃଦ୍ଧି ପାଇଥିଲେ ମଧ୍ୟ ମିଲରମାନେ ପୁରୁଣା ଦରରେ କାର୍ଯ୍ୟ କରିବାକୁ ବାଧ୍ୟ ହେଉଥିଲେ। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ଦୀର୍ଘଦିନ ଧରି ମିଲରମାନଙ୍କ ପକ୍ଷରୁ ମିଲିଂ ଦର ବୃଦ୍ଧି ପାଇଁ ଦାବି ଉଠିଆସୁଥିଲା। ସରକାରଙ୍କ ଏହି ନିଷ୍ପତ୍ତି ମିଲରମାନଙ୍କ ଆର୍ଥିକ ଚାପ ହ୍ରାସ କରିବା ସହିତ ଧାନ ଉଠାଣ, ପ୍ରକ୍ରିୟାକରଣ ଏବଂ ଚାଉଳ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବ। ଏହା ଦ୍ୱାରା ଆଗାମୀ ଧାନ ସଂଗ୍ରହ ଋତୁରେ ଚାଷୀମାନଙ୍କଠାରୁ ବିନା ବାଧାରେ ଏବଂ ସୁରୁଖୁରୁରେ ଧାନ ସଂଗ୍ରହ ସମ୍ଭବ ହେବ ବୋଲି ଆଶା ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଅଲ ଓଡ଼ିଶା ରାଇସ୍ ମିଲର୍ସ ମହାସଂଘର ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଆବାସିକ କାର୍ଯ୍ୟାଳୟରେ ସାକ୍ଷାତ କରି ରାଜ୍ୟ ସରକାରଙ୍କ ଏହି ଚାଷୀହିତୈଷୀ ଓ ମିଲର-ବନ୍ଧୁ ନିଷ୍ପତ୍ତି ପାଇଁ କୃତଜ୍ଞତା ଜଣାଇଥିଲେ। ମହାସଂଘର ସଭାପତି ମହେଶ କୁମାର ବନସଲ କହିଥିଲେ ଯେ, ଏହି ନିଷ୍ପତ୍ତି କେବଳ ରାଇସ୍ ମିଲରମାନଙ୍କ ପାଇଁ ନୁହେଁ, ବରଂ ଲକ୍ଷ ଲକ୍ଷ ଚାଷୀଙ୍କ ସ୍ୱାର୍ଥ ସହ ଜଡ଼ିତ। ଏହା ଦ୍ୱାରା ଧାନ ସଂଗ୍ରହ ପ୍ରକ୍ରିୟା ଅଧିକ ଗତିଶୀଳ ହେବ ଏବଂ ଖାଦ୍ୟଶସ୍ୟ ☞ପୃଷ୍ଠା-୨

- ▲ ସୁରୁଖୁରୁରେ ଧାନ ସଂଗ୍ରହ ନେଇ ବଢ଼ିଲା ଆଶା
- ▲ ଉଷୁନା ଚାଉଳ : ୨୦ ଟଙ୍କା ରୁ ୪୦ ଟଙ୍କା (କ୍ୱିଣ୍ଟାଲ ପିଛା)
- ▲ ଅରୁଆ ଚାଉଳ : ୧୦ ଟଙ୍କା ରୁ ୨୦ ଟଙ୍କା (କ୍ୱିଣ୍ଟାଲ ପିଛା)




ମଙ୍ଗଳବାର ୦୯।୦୬।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ୪୩୦ କୋଟିର ବିକାଶ...

୨୮୨ କୋଟି ଟଙ୍କାର ୨୧ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ୧୪୯ କୋଟି ଟଙ୍କାର ୧୮ଟି ପ୍ରକଳ୍ପର ଉଦ୍‌ଘାଟନ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ୮୩ଟି ପାନୀୟ ଜଳ ପ୍ରକଳ୍ପର ଲୋକାର୍ପଣ । ଏହି ପାନୀୟ ଜଳ ପ୍ରକଳ୍ପଗୁଡ଼ିକ ଦ୍ୱାରା ଜିଲ୍ଲାର ଅନେକ ଗ୍ରାମରେ ଦୀର୍ଘ ଦିନର ପିଇବା ପାଣି ସମସ୍ୟାର ସମାଧାନ ହେବ ବୋଲି ସରକାର ଆଶା ବ୍ୟକ୍ତ କରିଛନ୍ତି। ମେଡିକାଲ କଲେଜର ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ, ‘‘ଡାକ୍ତରୀ କେବଳ ଜୀବିକା ନୁହେଁ, ଏହା ଏକ ପବିତ୍ର ଈଶ୍ୱରୀୟ ବ୍ରତ। ସମାଜ ଡାକ୍ତରଙ୍କୁ ଭଗବାନଙ୍କ ଦ୍ୱିତୀୟ ରୂପ ଭାବେ ଦେଖେ। ମୁମୂର୍ଷୁ ରୋଗୀର ଆଖିରୁ ଲୁହ ପୋଛିବା ହିଁ ଜଣେ ଚିକିତ୍ସକଙ୍କ ସବୁଠାରୁ ବଡ଼ ସଫଳତା।’’ ସେ ଆହୁରି କହିଥିଲେ, ‘‘ଆଧୁନିକ ଯନ୍ତ୍ରପାତି ରୋଗୀର ଶାରୀରିକ ଅବସ୍ଥା ଜାଣିପାରେ, କିନ୍ତୁ ତାଙ୍କ କଷ୍ଟକୁ ଅନୁଭବ କରିପାରେ ନାହିଁ। ଡାକ୍ତରଙ୍କ କାରୁଣ୍ୟ, ସହାନୁଭୂତି ଓ ମଧୁର ବ୍ୟବହାର ହିଁ ରୋଗୀଙ୍କ ପ୍ରକୃତ ଚିକିତ୍ସା।’’ ଜନଜାତି ଅଧ୍ୟୁଷିତ ମୟୂରଭଞ୍ଜର ମାଟିରୁ ଭବିଷ୍ୟତର ଡାକ୍ତରମାନଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ ଯେ, ପାଠପଢ଼ା ଶେଷ ପରେ ସେମାନେ ସମାଜର ଶେଷ ଧାଡ଼ିରେ ଥିବା ଗରିବ, ଦଳିତ, ଜନଜାତି ଓ ଦୁର୍ଗମ ଅଞ୍ଚଳର ଲୋକଙ୍କ ସେବାକୁ ନିଜର ପ୍ରଥମ କର୍ତ୍ତବ୍ୟ ଭାବେ ଗ୍ରହଣ କରନ୍ତୁ। ‘‘ସେବା ହିଁ ପରମ ଧର୍ମ’’ ମନ୍ତ୍ରକୁ ଦୋହରାଇ ସେ କହିଥିଲେ ଯେ ବିଜ୍ଞାନ ଓ କାରୁଣ୍ୟର ସମନ୍ୱୟ ହିଁ ପ୍ରକୃତ ଡାକ୍ତରୀ ଶିକ୍ଷାର ପରିଚୟ।

### ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ...

ଜୁଆ ଆସର ବସୁଥିବା ନେଇ ଗୁପ୍ତ ସୂଚନା ମିଳିଥିଲା। ଏହା ପରେ ବରିଷ୍ଠ ପୋଲିସ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଯୋଜନାବଦ୍ଧ ଭାବେ ଚଢ଼ାଉ କରାଯାଇଥିଲା। ଅଚାନକ ପୋଲିସ ପହଞ୍ଚିବାରୁ ଜୁଆଡ଼ିମାନଙ୍କ ମଧ୍ୟରେ ହଡ଼କମ୍ପ ସୃଷ୍ଟି ହୋଇଥିଲା। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଗିରଫ ଅଭିଯୁକ୍ତମାନଙ୍କ ବିରୋଧରେ ପୂର୍ବରୁ ମଧ୍ୟ ଜୁଆ ସମ୍ବନ୍ଧୀୟ ଏକାଧିକ ମାମଲା ରହିଛି। ବଣ୍ଡାମୁଣ୍ଡା ଓ ବିସ୍ରା ଥାନା ଅଞ୍ଚଳରେ ମଧ୍ୟ ସେମାନଙ୍କ ସମ୍ପୃକ୍ତି ଥିବା ନେଇ ପୋଲିସ ତଦନ୍ତରେ ସୂଚନା ମିଳିଛି। ଏହି ଆନ୍ତଃରାଜ୍ୟ ଜୁଆ ଗ୍ୟାଙ୍ଗ ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କ ଭୂମିକା, ଆର୍ଥିକ କାରବାର ଏବଂ ନେଟୱର୍କ ସମ୍ପର୍କରେ ପୋଲିସ ଗଭୀର ତଦନ୍ତ ଚଳାଇଛି। ଆଗାମୀ ଦିନରେ ଏହି ମାମଲାରେ ଆଉ କିଛି ଗିରଫଦାରୀ ହୋଇପାରେ ବୋଲି ସୂଚନା ମିଳିଛି। ଓଡ଼ିଶା ପୋଲିସ ସ୍ପଷ୍ଟ କରିଛି ଯେ, ରାଜ୍ୟରେ ଜୁଆ, ଅପରାଧ ଓ ଅନ୍ୟାନ୍ୟ ବେଆଇନ କାର୍ଯ୍ୟକଳାପ ବିରୋଧରେ ସେମାନଙ୍କ ଅଭିଯାନ ଭବିଷ୍ୟତରେ ମଧ୍ୟ ଜାରି ରହିବ। ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କୌଣସି ପ୍ରକାର କୋହଳ ନ ଦେଖାଇ କଠୋର ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

### IIT ଭୁବନେଶ୍ୱର ସହ...

ବିକାଶ ମନ୍ତ୍ରାଳୟ ପକ୍ଷରୁ ୧୦.୭୦ କୋଟି ଟଙ୍କା ବ୍ୟୟ ଅନୁମୋଦନ କରାଯାଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୯୯ ଲକ୍ଷ ଟଙ୍କା ଆଇଆଇଟି ଭୁବନେଶ୍ୱରକୁ ମଞ୍ଜୁର କରାଯାଇଛି। ଏହି ଇନ୍‌କ୍ୟୁବେସନ୍ ପ୍ରକ୍ରିୟା ଅଧୀନରେ ଚିହ୍ନଟ ହୋଇଥିବା ଏସଏଚଜି ଉଦ୍ୟୋଗଗୁଡ଼ିକୁ ଉଦ୍ୟମ ପଞ୍ଜୀକରଣ, ଗୁଣବତ୍ତା ପ୍ରମାଣପତ୍ର, ଆଇନଗତ ଅନୁପାଳନ, ଆର୍ଥିକ ପରାମର୍ଶ ଓ ବଜାର ସଂଯୋଗ ଭଳି କ୍ଷେତ୍ରରେ ସମ୍ପୂର୍ଣ୍ଣ ସହଯୋଗ ମିଳିବ। ଏହା ସହିତ ରାଜ୍ୟର ସ୍ୱତନ୍ତ୍ର ଓ ପାରମ୍ପରିକ ଉତ୍ପାଦଗୁଡ଼ିକର ଏକ ବିଶେଷ ପରିଚୟ ସୃଷ୍ଟି ପାଇଁ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ପ୍ୟାଟେଣ୍ଟ, ଉତ୍ପାଦ ଡିଜାଇନ୍ ଓ ପ୍ରକ୍ରିୟା ପ୍ରମାଣପତ୍ର ହାସଲ କରିବାରେ ସହଯୋଗ ପ୍ରଦାନ କରାଯିବ। କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ରାଜ୍ୟ ସରକାର ମହିଳାମାନଙ୍କୁ କେବଳ ରୋଜଗାରକ୍ଷମ କରିବାକୁ ନୁହେଁ, ବରଂ ସେମାନଙ୍କୁ ସଫଳ ଓ ସ୍ୱାବଲମ୍ବୀ ଉଦ୍ୟୋଗୀ ଭାବେ ଗଢ଼ି ତୋଳିବାକୁ ସଂକଳ୍ପବଦ୍ଧ। ସେ କହିଥିଲେ, ‘‘ଆଇଆଇଟି ଭୁବନେଶ୍ୱର ପରି ଏକ ପ୍ରତିଷ୍ଠିତ ସଂସ୍ଥା ସହ ଏହି ସହଭାଗିତା ଆମ ଏସଏଚଜି ମହିଳାମାନଙ୍କ ପାଇଁ ନୂଆ ସମ୍ଭାବନାର ଦ୍ୱାର ଖୋଲିଛି। ବୈଷୟିକ ପରାମର୍ଶ ଓ ଉନ୍ନତ ପ୍ରଶିକ୍ଷଣ ମାଧ୍ୟମରେ ସେମାନେ ନିଜ ଉତ୍ପାଦକୁ ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇପାରିବେ। ଏହା ‘ବିକଶିତ ଓଡ଼ିଶା’ ଗଠନ ଦିଗରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ।’’ ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ମହାଲକ୍ଷପତି ଦିଦିମାନଙ୍କ ସହ ଆଲୋଚନା କରି ସେମାନଙ୍କ ସଂଘର୍ଷ, ସଫଳତା ଓ ଉଦ୍ୟୋଗୀ ଯାତ୍ରାର ଅନୁଭୂତି ଶୁଣିଥିଲେ। ସରକାରଙ୍କ ମତରେ ଏହି ପଦକ୍ଷେପ ମହିଳା ଉଦ୍ୟୋଗୀମାନଙ୍କୁ ନୂତନ ସୁଯୋଗ ସହ ଯୋଡ଼ିବା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ‘ବିକଶିତ ଭାରତ’ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ‘ବିକଶିତ ଓଡ଼ିଶା’ ସ୍ୱପ୍ନ ସାକାର କରିବାରେ ଏକ ପ୍ରଭାବଶାଳୀ ଭୂମିକା ନିର୍ବାହ କରିବ। କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର-ତଥା-ଶାସନ ସଚିବ ମାନସୀ ନିମ୍ଭାଲ, ମିଶନ ଶକ୍ତି ନିର୍ଦ୍ଦେଶିକା ଡ. ମୋନିକା ପ୍ରିୟଦର୍ଶିନୀ, ଓଡ଼ିଶା ଜୀବିକା ମିଶନର ବରିଷ୍ଠ ଅଧିକାରୀ, ଆଇଆଇଟି ଭୁବନେଶ୍ୱରର କର୍ମକର୍ତ୍ତା, ଲକ୍ଷପତି ଦିଦି ଓ ମହାଲକ୍ଷପତି ଦିଦିମାନେ ଉପସ୍ଥିତ ଥିଲେ। ରାଜ୍ୟର ସମସ୍ତ ଜିଲ୍ଲାର ଅଧିକାରୀ ଏବଂ SHG ସଦସ୍ୟାମାନେ ଭର୍ଚୁଆଲ୍ ମାଧ୍ୟମରେ ଯୋଗଦେଇଥିଲେ।

### ଜିରାଙ୍ଗ ବୌଦ୍ଧ ମଠ...

ସାଂସ୍କୃତିକ ବୁଝାମଣା ଓ ମାନବିକ ମୂଲ୍ୟବୋଧର ପ୍ରଚାରରେ ଜିରାଙ୍ଗ ବୌଦ୍ଧ ମଠର ଅବଦାନ ଅତୁଳନୀୟ। ଭବିଷ୍ୟତ ପିଢ଼ି ପାଇଁ ଭଗବାନ ବୁଦ୍ଧଙ୍କ ଉପଦେଶକୁ ଜୀବନ୍ତ ରଖିବାରେ ସାଧୁସନ୍ଥମାନଙ୍କ ଉତ୍ସର୍ଗ ସମଗ୍ର ସମାଜ ପାଇଁ ପ୍ରେରଣାଦାୟକ ବୋଲି ସେ ମତ ପ୍ରକାଶ କରିଥିଲେ। ପୂର୍ବାହ୍ନରେ ରାଜ୍ୟପାଳ ପବିତ୍ର ମହେନ୍ଦ୍ରଗିରି ପର୍ବତରେ ଆୟୋଜିତ ପ୍ରସିଦ୍ଧ ମହେନ୍ଦ୍ରଗିରି ମେଳାରେ ଯୋଗଦେଇ ମହାଯଜ୍ଞରେ ସାମିଲ ହୋଇଥିଲେ। ଏହା ସହ ସେ ଐତିହାସିକ କୁନ୍ତୀ ମନ୍ଦିରରେ ପୂଜାର୍ଚ୍ଚନା କରି ରାଜ୍ୟବାସୀଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ। ମହେନ୍ଦ୍ରଗିରି ପର୍ବତକୁ ଓଡ଼ିଶାର ସ୍ଥାୟୀ ଆଧାତ୍ମିକ ଉତ୍ତରାଧିକାରର ପ୍ରତୀକ ଭାବେ ବର୍ଣ୍ଣନା କରି ରାଜ୍ୟପାଳ କହିଥିଲେ ଯେ, ଏହି ପବିତ୍ର ପର୍ବତ ଶତାବ୍ଦୀ ଧରି ଧର୍ମ, ଭକ୍ତି, ସଂସ୍କୃତି ଓ ସାମାଜିକ ଐକ୍ୟର ବାର୍ତ୍ତା ପ୍ରସାର କରିଆସୁଛି। ମହେନ୍ଦ୍ରଗିରି କେବଳ ଏକ ଧାର୍ମିକ ସ୍ଥଳ ନୁହେଁ, ବରଂ ଓଡ଼ିଶାର ଆଧାତ୍ମିକ ଚେତନାର ଏକ ଜୀବନ୍ତ ପ୍ରତୀକ ବୋଲି ସେ କହିଥିଲେ। ରାଜ୍ୟପାଳଙ୍କ ଏହି ଗଜପତି ଗସ୍ତ ସମୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣି ବିଭାଗର ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ।

### ମିଲିଂ ଦର ବୃଦ୍ଧିରେ...

ପରିଚାଳନା ବ୍ୟବସ୍ଥା ଅଧିକ କାର୍ଯ୍ୟକ୍ଷମ ହେବ। ଏହି ସାକ୍ଷାତକାର ସମୟରେ ମହାସଂଘର ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ, ଉପସଭାପତି ନୀତେଶ ବନସଲ, ସଚ୍ଚିଦାନନ୍ଦ ଚୌଧୁରୀ, ଶୁଭ୍ରଜିତ ସାହୁ, ନବୀନ ଅଗ୍ରୱାଲ, କୋଷାଧ୍ୟକ୍ଷ ସୂର୍ଯ୍ୟନାରାୟଣ ସେନାପତି ଓ ସଂଗଠନର ଅନ୍ୟାନ୍ୟ ବରିଷ୍ଠ ପଦାଧିକାରୀ ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ। ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ସ୍ମାରକପତ୍ର ପ୍ରଦାନ କରି ଧନ୍ୟବାଦ ଜଣାଇଥିଲେ।

### ରାଜ୍ୟ କ୍ୟାବିନେଟରେ ୫...

ତଟ ବିକାଶ ଯୋଜନା’ ଅଧୀନରେ ୫୦୦ କୋଟି ଟଙ୍କା ବ୍ୟୟକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ଯୋଜନା ଅନ୍ତର୍ଗତ ସମ୍ବଲପୁରର ମହାନଦୀ ତଟ କଟକର ମହାନଦୀ କୂଳ ଭୁବନେଶ୍ୱରର ଦୟା ଓ ଗଙ୍ଗୁଆ ନଦୀ ତଟ ରାଉରକେଲାର ବ୍ରାହ୍ମଣୀ ନଦୀ (ବେଦବ୍ୟାସ) ର ବିକାଶ ଓ ସୌନ୍ଦର୍ଯ୍ୟକରଣ କରାଯିବ। ସମ୍ବଲପୁରକୁ ବଡ଼ ଭେଟି: ‘ଅଯୋଧ୍ୟା ସାଗର’ ଓ ସମଲେଶ୍ୱରୀ ଆଳତି ଘାଟ କ୍ୟାବିନେଟ୍‌ର ସବୁଠାରୁ ଚର୍ଚ୍ଚିତ ନିଷ୍ପତ୍ତି ହେଉଛି ସମ୍ବଲପୁର ପାଇଁ ‘ଅଯୋଧ୍ୟା ସାଗର’ ପ୍ରକଳ୍ପ। ମହାନଦୀ ଜଳାଶୟକୁ ଆଧାର କରି ଏହି ମେଗା ପ୍ରକଳ୍ପ ପାଇଁ ୪୪୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ସହିତ ମା’ ସମଲେଶ୍ୱରୀ ମନ୍ଦିର ନିକଟରେ ବାରାଣସୀ ଢାଞ୍ଚାରେ ଏକ ଭବ୍ୟ ‘ଆଳତି ଘାଟ’ ନିର୍ମାଣ କରାଯିବ। ଏହା ପର୍ଯ୍ୟଟନକୁ ନୂଆ ଉଚ୍ଚତାକୁ ନେବା ସହ ଧାର୍ମିକ ଓ ସାଂସ୍କୃତିକ ଆକର୍ଷଣର କେନ୍ଦ୍ର ପାଲଟିବ ବୋଲି ଆଶା କରାଯାଉଛି। ରାଜଧାନୀ ଭୁବନେଶ୍ୱରର ନାଗରିକଙ୍କ ପାଇଁ ମଧ୍ୟ କ୍ୟାବିନେଟ୍ ବଡ଼ ନିଷ୍ପତ୍ତି ନେଇଛି। TP-1, TP-2 ଓ TP-୩ ଅଞ୍ଚଳରେ ୨୪ ଘଣ୍ଟିଆ ଜଳ ଯୋଗାଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ପାଇଁ ୧୧୨.୩୧ କୋଟି ଟଙ୍କାର ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହା ଦ୍ୱାରା ରାଜଧାନୀରେ ନିରବଚ୍ଛିନ୍ନ ଓ ଉନ୍ନତମାନର ପାନୀୟ ଜଳ ଯୋଗାଣ ସୁନିଶ୍ଚିତ ହେବ। ଗଙ୍ଗୁଆ ନାଳର ହେବ କାୟାକଳ୍ପ ଦୂଷଣ ଯୋଗୁଁ ଚିନ୍ତାର କାରଣ ପାଲଟିଥିବା ଗଙ୍ଗୁଆ ନାଳର ଜଳ ବିଶୋଧନ ଓ ପୁନରୁଦ୍ଧାର ପାଇଁ ୧୦୮.୯୦ କୋଟି ଟଙ୍କାର ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି ଦେଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ରାଜଧାନୀର ପରିବେଶ ସୁରକ୍ଷା ସହ ଜଳ ପ୍ରଦୂଷଣ ନିୟନ୍ତ୍ରଣରେ ବଡ଼ ସଫଳତା ମିଳିବ। ନୟାଗଡ଼ ଜିଲ୍ଲାର ଚାଷୀଙ୍କ ଦୀର୍ଘ ଦିନର ଦାବି ପୂରଣ କରି ବୃତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ୧୯୪ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ହଜାର ହଜାର ଏକର ଚାଷ ଜମି ଜଳସେଚନ ସୁବିଧା ପାଇବ ଏବଂ କୃଷି ଉତ୍ପାଦନ ବୃଦ୍ଧି ପାଇବ। ରାଜ୍ୟର ପର୍ଯ୍ୟଟନ ଶିଳ୍ପକୁ ବିଶ୍ୱସ୍ତରୀୟ କରିବା ଲକ୍ଷ୍ୟରେ କ୍ୟାବିନେଟ୍ ଏକ ଦୀର୍ଘମିଆଦୀ ନୀତିକୁ ଅନୁମୋଦନ କରିଛି। ଏହା ଅନୁସାରେ ୨୦୪୭ ସୁଦ୍ଧା ରାଜ୍ୟରେ ୨୫,୦୦୦ ନୂଆ ପର୍ଯ୍ୟଟନ ରୁମ୍ ସୃଷ୍ଟି କରାଯିବ। ଏହା ଦ୍ୱାରା ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ସହ ରୋଜଗାର ସୃଷ୍ଟି ଓ ପର୍ଯ୍ୟଟନ ଅର୍ଥନୀତିକୁ ନୂଆ ଗତି ମିଳିବ।

# ଦେବସ୍ନାନ ପୂର୍ଣ୍ଣିମା ଓ ଅଲାରନାଥ ଦର୍ଶନ ପ୍ରସ୍ତୁତି ବୈଠକ



ପୁରୀ, ୮।୬(ଅକ୍ଷର ଓଡ଼ିଶା):ଆସନ୍ତା ଜୁନ ୨୯ରେ ଚଳିତ ବର୍ଷର ଦେବସ୍ନାନ ପୂର୍ଣ୍ଣିମା । ପ୍ରତ୍ୟେକ ମନ୍ତ୍ରସ୍ନାନ କରିଥିବା ମହାପ୍ରଭୁ ସ୍ନାନ ପୂର୍ଣ୍ଣିମାରେ ଜଳସ୍ନାନ କରିବା ପରେ ଆଣସରରେ ରହିବେ। ଫଳରେ ଦେବସ୍ନାନ ପୂର୍ଣ୍ଣିମା ପରଦିନ ଠାରୁ ବ୍ରହ୍ମଗିରି ସ୍ଥିତ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ ଆରମ୍ଭ ହୋଇଯିବ ।ଉଭୟ କାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ଏକ ବୈଠକ ସଦଭାବନା ସଭାଗୃହ ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧକ୍ଷତା କରି ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା କହିଥିଲେ ଯେ ମହାପ୍ରଭୁଙ୍କ ଉଭୟ ସ୍ନାନଯାତ୍ରା ଓ ଅନବସର ସମୟରେ ଅଲାରନାଥଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନଙ୍କ ଭିଡର ଆଶା କରାଯାଉଛି ।ତେଣୁ ଉଭୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ଶୃଙ୍ଖଳିତ ତଥା ସୁଚାରୁ ରୂପେ ପରିଚାଳନା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି କହିଥିଲେ ।ପୂର୍ବରୁ ଚଳିତ ସ୍ନାନ ଯାତ୍ରା ଓ ରଥଯାତ୍ରାକୁ ସୁଚାରୁ ରୂପେ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ମହାପ୍ରଭୁ ଅଲାରନାଥଙ୍କ ଦର୍ଶନ, ନୀତି କାନ୍ତି,ଶ୍ରଦ୍ଧାଳୁମାନଙ୍କ ସୁରକ୍ଷା, ସୁରକ୍ଷିତ ଦର୍ଶନ ଓ ସମସ୍ତ ବ୍ୟବସ୍ଥାକୁ ସୁନିୟନ୍ତ୍ରିତ କରିବାକୁ ଜିଲ୍ଲାପାଳ ବୈଠକରେ ପରାମର୍ଶ ଦେଇଥିଲେ ।ପରିଚାଳନା କମିଟି ସଦସ୍ୟ ଓ ଅଲାରନାଥ ମନ୍ଦିରର ସେବାୟତମାନଙ୍କ ଅଭିଜ୍ଞତା, ଅନୁଭବ ଓ ପରାମର୍ଶ ଅନୁସାରେ ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ଉପଜିଲ୍ଲାପାଳଙ୍କ ତତ୍ୱାବଧାନରେ ଅଲାରନାଥ ମନ୍ଦିରର ସ୍ଥିତି,ଆବଶ୍ୟକତାକୁ ଅନୁଧାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସମସ୍ତ ବିଭାଗ ସେମାନଙ୍କ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ ।ପରସ୍ପର ମଧ୍ୟରେ ସୁସମନ୍ୱୟ ଓ ସହଯୋଗ ରଖି କାର୍ଯ୍ୟ କଲେ ଅଧିକ ଶୃଙ୍ଖଳିତ ଭାବେ ଏହା ସମ୍ପନ୍ନ ହେବ ବୋଲି ଉଲ୍ଲେଖ କରି ଯେଉଁ ବିଭାଗର ଯାହା ଦାୟିତ୍ୱ ଅତ୍ୟନ୍ତ ନିଷ୍ଠା ଓ ସେବା ମନୋଭାବ ନେଇ ସେମାନେ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ଅନୁମୋଦିତ ନୀତି କାନ୍ତି ଅନୁଯାୟୀ ସଠିକ ଭାବେ ମହାପ୍ରଭୁଙ୍କ ନୀତି ପରିଚାଳନା କରାଯିବ ।ଏଥିପ୍ରତି ଶ୍ରୀମନ୍ଦିର ପ୍ରଶାସନ ଉପଯୁକ୍ତ ପଦକ୍ଷେପ ନେବେ ।ସେହିପରି ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ବିଦ୍ୟୁତ ଯୋଗାଣ,ପରିବହନ ବ୍ୟବସ୍ଥା, ରେଳଯାତ୍ରା ଓ ଯାତ୍ରୀ ସୁବିଧା,ରାସ୍ତା ଘାଟ ମରାମତି ଓ ଉନ୍ନତି କରଣ,ପାର୍କିଂ ସ୍ଥଳ, ଶାନ୍ତି ଶୃଙ୍ଖଳା ରକ୍ଷା, ସୂଚନା ଓ ପ୍ରସାରଣ ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ, ବିପର୍ଯ୍ୟୟ ପରିଚାଳନା , ସ୍ୱେଚ୍ଛାସେବୀ ନିୟୋଜନ, ଅଗ୍ନି ନିର୍ବାପକ ଓ ଜଳ ସିଞ୍ଚନ ବ୍ୟବସ୍ଥା,ଟେଲିଫୋନ ସେବା, ଆଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯିବା ସହ ସମ୍ପୃକ୍ତ ବିଭାଗମାନେ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।ବୈଠକରେ ଏସପି ପ୍ରତୀକ ସିଂ, ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା,ଶ୍ରୀମନ୍ଦିର ପରିଚାଳନା କମିଟିର ସଦସ୍ୟ, ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଉପଜିଲ୍ଲାପାଳ ରାଜ କିଶୋର ଜେନା,ଶ୍ରୀମନ୍ଦିର କମାଣ୍ଡାଣ୍ଟ ତାପସ ଦାସ,ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ ଓ ଜିଲ୍ଲା ସ୍ତରୀୟ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।ଶେଷରେ ଅତିରିକ୍ତ ଜିଲ୍ଲାପାଳ ,(ରାଜସ୍ୱ)ଡ ଶରତ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅସ୍ତରଙ୍ଗରେ ବ୍ଲକସ୍ତରୀୟ ଜନ ଶୁଣାଣୀ

ଅସ୍ତରଙ୍ଗ ୦୮/୬(ଅକ୍ଷର ଓଡ଼ିଶା) ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିବିଶେଷ ବାହାରେ ନିଜର ନାମ ପଞ୍ଜିକରଣ କରି ଅଭିଯୋଗ କରିଥିଲେ । ମାତ୍ର ୩୬ ଟି ଅଭିଯୋଗ ଗ୍ରହଣ ହୋଇଥିଲା ବେଳେ କରି ତାକୁ ତର୍ଜମା କରିବା ସହ ଜଣ ଜଣକୁ ବ୍ୟକ୍ତିଗତ ଭାବେ ଡାକି ଅଭିଯୋଗ ଶୁଣିବା ଓ ଆବଶ୍ୟକ ସ୍ଥଳେ ସମାଧାନ ପାଇଁ ବିଭାଗୀୟ ଉପରିସ୍ଥ ଅଧିକାରୀଙ୍କୁ ଏହାକୁ ହସ୍ତାନ୍ତର କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଭିଯୋଗ ଶୁଣାଣି କରିଥିଲେ ।ଅଭିଯୋଗ ମଧ୍ୟରେ ଭତ୍ତା,ପାନୀୟ ଜଳ ସମସ୍ୟା,ଶିକ୍ଷା,ସ୍ୱାସ୍ଥ୍ୟ,ଉନ୍ନୟମୂଳକ କାର୍ଯ୍ୟ,ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ,ଅବକାରୀ,ମିଶନ ଶକ୍ତି,ସମ୍ପନିତ୍ୱ ମହିଳା ଶିଶୁ ବିକାଶ , ଜଳସେଚନ ବିଭାଗ ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବା, ପରିବହନ ବିଭାଗ ସମେତ ଅନ୍ୟାନ୍ୟ ସମସ୍ୟାକୁ ଭିତିକରି ଲୋକମାନେ ଅଭିଯୋଗ କରିଛନ୍ତି ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଞ୍ଚାୟତ ସମିତି ଅଧକ୍ଷା ଆରତୀ ନାୟକ,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା, ନିମାପଡା ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ ,ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି,ଜିଲ୍ଲା ଓ ବ୍ଲକସ୍ତରୀୟ ବିଭାଗର ପଦାଧିକାରୀ ଅଧିକାରୀମାନେ ଯୋଗଦେଇଥିଲେ । ସବୁଠାରୁ ବଡ଼କଥା ହେଲା ଅଭିଯୋଗ ଶୁଣାଣି କାର୍ଯ୍ୟ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ହୋଇଥିଲା ବେଳେ ଏଥର ଅଭିଯୋଗ ସଂଖ୍ୟା କମିଛି । ସକାଳୁଆ ଅଫିସ୍ ,ପ୍ରବଳ ଗୁଳୁଗୁଳି , ବାରମ୍ବାର ଅଭିଯୋଗ କରି ସମାଧାନ ନହେବା, ଜନଶୁଣାଣୀରେ ଜିଲ୍ଲାପାଳ ଓ ଏସପିଙ୍କ ଅନୁପସ୍ଥିତ ଦେଖି ବହୁ ଲୋକ ଅଭିଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଆସୁଛନ୍ତି ।

## ନାରାୟଣ ପାଟଣାରେ ଗ୍ରାମଦୋୟ ସଚେତନତା କାର୍ଯ୍ୟକ୍ରମ



ଲକ୍ଷ୍ମୀପୁର ୦୮/୦୬ (ଅକ୍ଷର ଓଡିଶା )କୋରାପୁଟ ଜିଲ୍ଲା ନାରାୟଣ ପାଟଣା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିକ୍ରମ ଦୋରାଙ୍କ ଅଧକ୍ଷତାରେ ତେନ୍ତୁଳି ପଦର ଗ୍ରାମ ପଞ୍ଚାୟତ ଠାରେ ଗ୍ରାମଦୋୟ ସଚେତନ କାର୍ଯ୍ୟକ୍ରମ ସନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ ମୂଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରବିନ୍ଦ୍ର ଶିରିକା, ଜିଲ୍ଲା ପରିଷଦ ସଭ୍ୟା ରାସ୍ତା ଶିରିକା, ସମିତି ସଭ୍ୟ ସୁରେଶ ଶିରିକା, ସମସ୍ତ ବିଭାଗୀୟ ଅଧିକାରୀ, ଗଣମାଧ୍ୟମ, ସମସ୍ତ ଜନସାଧାରଣ ଯୋଗ ଦେଇଥିଲେ। ଏହି ଗ୍ରାମଦୋୟ ଯୋଜନାରେ ତେନ୍ତୁଳି ପଦର ଗ୍ରାମ ପଞ୍ଚାୟତର ଚାରିଗୋଟି ଗ୍ରାମ ତଥା କନକା,କୁମୁଡାସିଲ,ପିପଲପଦର, ତେନ୍ତୁଳି ପଦର ଗ୍ରାମ ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇ ଥିବା ବେଳେ ଏହା ଓ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ସ୍ୱତନ୍ତ୍ର ବିକାଶ ମୂଳକ କାର୍ଯ୍ୟକ୍ରମ ଅଟେ ।ମାଓ ପ୍ରଭାବିତ ଅଞ୍ଚଳରେ ରହୁଥିବା ଲୋକଙ୍କ ସାମାଜିକ ଓ ଆର୍ଥିକ ବ୍ୟବସ୍ଥାରେ ସୁଧାର ଆଣିବା ଓ ସରକାରୀ ଯୋଜନା ଗୁଡିକୁ ଶତପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚାଇ ବିକାଶ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ ।ସରକାରଙ୍କ ୨୧ ଟି ବିଭାଗର ୪୦ ରୁ ଅଧିକ ଜନ କଲ୍ୟାଣକାରୀ ଯୋଜନାକୁ ଏକାଠି କରି ସରକାରୀ ସୁବିଧା ଯେପରିକି ରାସ୍ତା ଘାଟ, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଦ୍ୟୁତ, ଶିକ୍ଷା, ଏବଂ ବେଙ୍କିଙ୍ଗ ସେବା ଗ୍ରାମାଞ୍ଚଳରେ ଯେପରି ଶତପ୍ରତିଶତ ପହଞ୍ଚିବ ତାହା ଏହି ଗ୍ରାମଦୋୟ ଯୋଜନା ମାଧ୍ୟମରେ ସୁନିଶ୍ଚିତ କରାଯାଇଛି । ଅଧକ୍ଷ ଶ୍ରୀ ତ୍ରିନାଥ ନିଜ ଅଭିଭାଷଣ ମାଧ୍ୟମରେ ସରକାରଙ୍କ ସମସ୍ତ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇ ଥିଲେ ।ଉକ୍ତ କାର୍ଯ୍ୟକ୍ରମରେ ମଞ୍ଜୁର ହେଇଥିବା ହିତାଧିକାରୀମାନଙ୍କୁ ମଶାରୀ,ସ୍ୱାସ୍ଥ୍ୟ କାର୍ଡ,ଜବ୍ କାର୍ଡ, ଭତ୍ତା କାର୍ଡ,ଲେବର କାର୍ଡ,ଚାରିଗୋଟି ଗ୍ରାମର ଯୁବକମାନଙ୍କୁ ଖେଳକୁଦ ପ୍ରତି ପ୍ରତ୍ୟେକଙ୍କୁ ୫୦ ହଜାର ଟଙ୍କା ମୂଲ୍ୟର ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା ।ପଞ୍ଚାୟତ ନିର୍ବାହୀ ଅଧିକାରୀ ରମେଶ ତୁଳ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନାରାୟଣପାଟଣା ଥାନା ତରଫରୁ ପୋଲିସ କର୍ମୀ ଙ୍କୁ ନିୟୋଜିତ କରାଯାଇଥିଲା।

## ମାନେଶ୍ୱର ବ୍ଲକରେ ଯୁଗ୍ମ ଜନଶୁଣାଣୀ



ସମ୍ବଲପୁର, ୮।୬ (ଦେବେନ୍ଦ୍ର ମିଶ୍ର) ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ ପରିସରରେ ଆଜି ଯୁଗ୍ମ ଜନ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଓ ଅତିରିକ୍ତ ଏସ ପି ଅଜୟ କୁମାର ମିଶ୍ର ଯୋଗ ଦେଇ ଜନ ଶୁଣାଣୀ କରିଥିଲେ। ଏହି ଜନ ଶୁଣାଣୀ ରେ ୪୩ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା, ଯାହାକୁ ସମାଧାନ କରାଯାଇଥିଲା। ଜମିଜମା ବାବଦ, ଆଧାର କାର୍ଡ ସଂଶୋଧନ, ଆର୍ଥିକ ସହାୟିତା ଓ ବାସଗୃହ ବଣ୍ଟନ ଯୋଜନା ସମ୍ବନ୍ଧୀୟ ରହିଥିଲା ।୬ଜଣଙ୍କୁ ଆଧାର କାର୍ଡ, ୨ଜଣ ଙ୍କୁ ହୁଇଲ ଚେୟାର, ୩ଜଣଙ୍କୁ ମଧୁବାବୁ ପେନସନ ଯୋଜନା ବଣ୍ଟନ କରାଯାଇଥିଲା ।ଜନ ଶୁଣାଣୀ କୁ ଆସିଥିବା ୪୭ଟି ଆବେଦନ ଉପରେ ବିଚାର କରାଯାଇ ସଂପୃକ୍ତ ବିଭାଗ ଗୁଡିକୁ ଏହା ଉପରେ କାର୍ଯ୍ୟ କରିବାକୁ ଜିଲ୍ଲପାଳ ନିର୍ଦ୍ଦେଶ ଦେଇଥିଲେ। ୪ଟି ସାମୁହିକ ଅଭିଯୋଗ ଯଥା ଭିକମପୁର ରାସ୍ତାର କଂକ୍ରିଟ କରଣ, ସାହସପୁର ରେ ସୋଲାର ଲାଇଟ ସଂଯୋଗ, ବଡେମୁରା ଓ ପୁଟିଆପାଲି ଗ୍ରାମରେ ୨ଟି ନଳ କୂଅ ଖନନ ଉପରେ ବିଚାର କରାଯାଇଥିଲା ।ଏହି ଜନ ଶୁଣାଣୀ ରେ ସମ୍ବଲପୁର ଜିଲ୍ଲା ପରିଷଦ ସି ଡି ଓ ତଥା ଇ ଓ ପ୍ରସନ୍ନ କୁମାର ପାତ୍ର, ଉପ ଜିଲ୍ଲାପାଳ ପୁଷ୍ପାଞ୍ଜଳି ପଣ୍ଡା, ମାନେଶ୍ୱର ବ୍ଲକ ବି ଡି ଓ ଚିତ୍ତରଞ୍ଜନ ମଲ୍ଲିକ ଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ୨ କଲରାପତରିଆ ଚମଡା ଜବତ, ୨ ଗିରଫ



ପାରଳାଖେମୁଣ୍ଡି, ୮/୬(ତାରିଣୀ ପ୍ରସାଦ ପଣ୍ଡା): ଗଜପତି ଜିଲ୍ଲାର କୌଣସି ଏକ ଜଙ୍ଗଲରୁ କଲରାପତରିଆ ବାଘ ଶିକାର କରି ବ୍ରହ୍ମପୁର ସହର ଦେଇ ରାଜ୍ୟ ବାହାରକୁ ଚାଲାଣ ପାଇଁ ଉଦ୍ୟମ କରିଥିବା ବେଳେ ପୋଲିସ ଦ୍ୱାରା ଧରା ପଡିଥିବା ସୂଚନା ମିଳିଛି. ସେମାନଙ୍କ ଠାରୁ ୨ ଗୋଟି କଲରାପତରିଆ ବାଘର ଚମଡା ସହ ହାତ ତିଆରି ୨ ଗୋଟି ବୋମା ଓ ଗୋଟିଏ କାତି ଜବତ ହୋଇଛି. ଏହି ଘଟଣାରେ ପୋଲିସ ଗଜପତି ଜିଲ୍ଲାର ରାମଗିରି ଥାନା ପରିସରରେ ଥିବା ବଡ଼ ଗାଁର କେଶବ ଜମାଦାର (୩୫) ଏବଂ ଗଞ୍ଜାମ ଜିଲ୍ଲା ଜରଡ଼ା ଥାନା ଅଞ୍ଚଳର ଗୁରତାଲ ଗ୍ରାମର ବୀର ଜମାଦାର (୪୫)ଙ୍କୁ ପୋଲିସ ଗିରଫ କରିଛନ୍ତି. ଘଟଣାରୁ ପ୍ରକାଶ ଯେ, ଏହି ୨ ଜଣ ଗତକାଲି ଗଞ୍ଜାମ ଜିଲ୍ଲାର ଗୁରୁତାଲ ଗ୍ରାମ ନିକଟସ୍ଥ ଜଙ୍ଗଲ ଦେଇ ବାଘ ଚମଡା ଚୋରାଚାଲାଣ କରୁଥିବା ନେଇ ପ୍ରାପ୍ତ ସୂଚନାରୁ ବ୍ରହ୍ମପୁର ପୋଲିସ ପୂର୍ବରୁ ପ୍ରସ୍ତୁତ ରହି ଏହି ୨ ଜଣଙ୍କୁ କୌଶଳକ୍ରମେ ଗିରଫ କରିବାରେ ସଫଳ ହୋଇଥିଲେ।

## ଦାନଗଦୀ ତହସିଲର ପାର୍କିଙ୍ଗ ସ୍ଥାନ ଜବରଦଖଲ

ଯାଜପୁର(ଅକ୍ଷର ଓଡ଼ିଶା) : ସରକାରଙ୍କ ନିୟମ ଆଇନ ସବୁ ଚୁଲିକୁ ଗଲାଣି, ଦାନଗଦୀ ତହସିଲ ଫାଟକ ରୁ ସୋଲେଇ ଗାଁ ଭିତରକୁ ମାତ୍ର ପଚାଶ ମିଟର ଗଲେ ବାମ ପାର୍ଶ୍ୱରେ ସରକାରୀ ଜମି ଜବରଦଖଲ କରି ଘର ଭଡା କରି ବେପାର କରିବା ପାଇଁ ନିର୍ମାଣ ଚାଲିଛି କୋଠାଘର, ନିର୍ଭୟରେ କାହା ଛତ୍ର ଛାୟା ତଳେ ପାଖାପାଖି ୧୦ ଗୁଣ୍ଠ ଜାଗାରେ ନିର୍ମାଣ ଚାଲିଛି ଘର, ସେହି ଜାଗାଟିରେ ଦାନଗଦୀ ତହସିଲ ଅଫିସର ପାର୍କିଙ୍ଗ ପାଇଁ ଚିହ୍ନଟ ହୋଇଥିବା ବେଳେ କିପରି ଜଣେ ଏହାକୁ ବ୍ୟକ୍ତିଗତ ଘର ନିର୍ମାଣ ପାଇଁ ଦଖଲ କଲା ତାହା ବୁଦ୍ଧିଜୀବୀ ଙ୍କୁ ଚକିତ କରିଛି, ନୂଆ ସରକାରଙ୍କର ରାଜସ୍ୱ ମନ୍ତ୍ରୀ ଙ୍କର ଆଇନ କଥା କୌଣସି କାମରେ ଲାଗୁନାହିଁ, ଦାନଗଦୀ ତହସିଲ ଅଧୀନରେ ଏପରି ଜବର ଦଖଲ ବୃଦ୍ଧି ପାଇଁ ଦାୟୀ କିଏ.. ? ଆଗକୁ ଆଉ ସରକାରୀ ଅଫିସ କି ପାର୍କିଙ୍ଗ ପାଇଁ ଜାଗା ଗୁଣ୍ଠେ ରହିବ ନାହଁ, ରାତାରାତି ଦ୍ରୁତ ଗତିରେ ଗୃହ ନିର୍ମାଣ କାହିଁକି ଏତେ ତରବରିଆ ଚାଲିଛି ?ତେଣୁ ଏହାକୁ ତହସିଲ ପ୍ରଶାସନ ତୁରନ୍ତ ତଦନ୍ତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବୀ ହେଉଛି।

## ଟାଟା ପାୱାର କାର୍ଯ୍ୟାଳୟ ଘେରାଉ

ଉମରକୋଟ ୮/୬/(ଅକ୍ଷର ଓଡିଶା ) ବିଦ୍ୟୁତ ସମସ୍ୟାକୁ ନେଇ ତେଜିଛି ରାଜନୀତି। ଅଘୋଷିତ ବିଦ୍ୟୁତ କାଟ, ସ୍ମାର୍ଟ ମିଟର, ଅତ୍ୟଧିକ ବିଦ୍ୟୁତ ବିଲ୍ ଓ ବିପଦସଙ୍କୁଳ ବିଦ୍ୟୁତ ତାର ବଦଳ ଦାବିରେ ଆଜି ଉମରକୋଟ ବିଜେଡି ପକ୍ଷରୁ ଟାଟା ପାୱାର କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶତାଧିକ କର୍ମୀ ଓ ନେତା ରାଲିରେ ସାମିଲ ହୋଇ ସରକାରଙ୍କ ନିକଟରେ ୪ ଦଫା ଦାବି ଉପସ୍ଥାପନ କରିଥିଲେ ।ପ୍ରତିବାଦ ସଭାରେ ବିଜେଡି ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ପୂର୍ବତନ ବିଧାୟକ ସୁଭାଷ ଗଣ୍ଡଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ। ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ଜୋରଦାର କରାଯିବ ବୋଲି ଚେତାବନୀ ଦେଇଛନ୍ତି ପ୍ରଦୀପ ମାଝୀ ।ଅନ୍ୟପଟେ, ଟାଟା ପାୱାର ପକ୍ଷରୁ ନିର୍ବାହୀ ଯନ୍ତ୍ରୀ ସରୂପ ପାତ୍ର କହିଛନ୍ତି ଯେ, ଗ୍ରାହକଙ୍କ ସମସ୍ୟାର ସମାଧାନ ପାଇଁ ବିଭାଗ ପ୍ରତିବଦ୍ଧ ରହିଛି ଏବଂ ଅଭିଯୋଗଗୁଡ଼ିକର ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ନିଆଯିବ।

## ବୁଥସ୍ତରୀୟ ଅଧିକାରୀ ମାନଙ୍କୁ ହାଣ୍ଡସନ ପ୍ରଶିକ୍ଷଣ ଶିବିର



ଆସିକା, ୮/୬- (ଅକ୍ଷର ଓଡ଼ିଶା)- ଆସିକା ପଂଚାୟତ ସମିତି ସଭା ଗୃହରେ ବ୍ଲକ ସ୍ତରୀୟ ଅଧିକାରୀ ଓ ସୁପରଭାଇଜର ମାନଙ୍କୁ ହାଣ୍ଡସନ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଉପଜିଲ୍ଲାପାଳ ତୁଳୀ ଆତ୍ମା ପ୍ରଧାନ, ବିଡ଼ିଓ ରାଜେନ୍ଦ୍ର କୁମାର ନାହାକ, ତହସିଲଦାର ସଂଗୀତା ସେନ, ଅତିରିକ୍ତ ତହସିଲଦାର ଅମରେଶ ସାବତ, ପ୍ରମୁଖ ଉପସ୍ଥିତ ରହିଥିଲେ । ଚଳିତ ନିର୍ଭୁଲ ଭୋଟର ତାଲିକା ନିମନ୍ତେ ସତ ପ୍ରତିଶତ ଫର୍ମ ବଣ୍ଟନ କରିଥିବା ୧୦ ଜଣ ବି ଏଲ ଓ ଙ୍କୁ ସମ୍ମାନିତ କରି ଉତ୍ସାହିତ କରିଥିଲେ । ଏଥି ସହିତ ସୁପରଭାଇଜର ମାନେ କିଭଳି ଶୀଘ୍ର ଭୋଟର ମାନଙ୍କୁ ଡିଜିଟାଲ କରିବା ଉପରେ ଗୁରୁତ୍ୱ ଦେବେ ସେଥିପାଇଁ ଆଜି ଏକ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ରାମନାଥ ପଟନାୟକ, ଶୁଭେନ୍ଦୁ ଶେଖର ଜେନା,ଶିବ ଶଙ୍କର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ ।

# OJEE-୨୦୨୬ ଫଳାଫଳ ପ୍ରକାଶ

## ବି.ଫାର୍ମାରେ ଶୁଭ୍ରାଂଶୁ ଟପ୍ପର, MBAରେ ତ୍ରିବିକ୍ରମ ଓ MCAରେ ନରେନଙ୍କ ବାଜିମାତ

ଭୁବନେଶ୍ୱର, ୮/୬- ଓଡ଼ିଶାର ବୈଷୟିକ ଓ ବୃତ୍ତିଗତ ଶିକ୍ଷା କ୍ଷେତ୍ରର ସବୁଠାରୁ ବଡ଼ ପ୍ରବେଶିକା ପରୀକ୍ଷା ଓଡ଼ିଶା ଜଏଣ୍ଟ ଏଣ୍ଟ୍ରାନ୍ସ ଏଗ୍‌ଜାମିନେସନ୍ (OJEE)-୨୦୨୬ ର ଫଳାଫଳ ରବିବାର ପ୍ରକାଶ ପାଇଛି। ରାଜ୍ୟର ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପରୀକ୍ଷାଫଳ ପୁସ୍ତିକାର ଉନ୍ମୋଚନ କରି ଫଳାଫଳ ଘୋଷଣା କରିଥିଲେ। ଚଳିତ ବର୍ଷର OJEE ପରୀକ୍ଷାରେ ବି.ଫାର୍ମା (B.Pharm) ବିଭାଗରେ ଶୁଭ୍ରାଂଶୁ ସୁତାର ଶୀର୍ଷ ସ୍ଥାନ ଅଧିକାର କରି ସର୍ବୋଚ୍ଚ ସଫଳତା ହାସଲ କରିଛନ୍ତି। ସେହିପରି ଗଇଇରେ ତ୍ରିବିକ୍ରମ ପ୍ରଧାନ ଏବଂ ଗଉଇ/ଏମ୍.ଏସ୍.ସି (କମ୍ପ୍ୟୁଟର ସାଇନ୍ସ)ରେ ନରେନ ପାତ୍ର ଟପ୍ପର ହୋଇଛନ୍ତି। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନରେ ଚାଲୁଥିବା ୧୬ଟି ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ନାମଲେଖା ପାଇଁ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ B.CAT, LE-Tech (Diploma), LE-Tech (B.Sc), B.Pharm, MBA, MCA, Integrated MBA, LE-Pharm, M.Pharm, M.Arch, M.Plan, M.Tech, Basic B.Sc Nursing, Post Basic B.Sc Nursing, M.Sc Nursing ଏବଂ Post Diploma Nursing ପାଠ୍ୟକ୍ରମ ସାମିଲ ଥିଲା। ସମସ୍ତ ପରୀକ୍ଷା କମ୍ପ୍ୟୁଟର ଆଧାରିତ (CBT) ପଦ୍ଧତିରେ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ଓଡ଼ିଶାର ସମସ୍ତ ୩୦ଟି ଜିଲ୍ଲା ସହିତ ରାଜ୍ୟ ବାହାରେ କୋଲକାତା, ପାଟନା ଓ ରାଞ୍ଚିରେ ମୋଟ ୯୯ଟି ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଥିଲା। ପରୀକ୍ଷା ପାଇଁ ୧,୦୩,୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବାବେଳେ ୯୨,୬୨୮ ଜଣ ପରୀକ୍ଷାର୍ଥୀ ପରୀକ୍ଷାରେ ଅଂଶଗ୍ରହଣ କରିଥିଲେ। ଏହାର ଉପସ୍ଥାନ ହାର ୮୯.୫୫ ପ୍ରତିଶତ ରହିଛି। ନର୍ସିଙ୍ଗ ପାଠ୍ୟକ୍ରମକୁ ବାଦ ଦେଲେ, ଅନ୍ୟ ପାଠ୍ୟକ୍ରମରେ ୬୨,୬୯୧ ଜଣ ପରୀକ୍ଷାର୍ଥୀଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି।

# ମା ପାଇଁ ଗଛଟିଏ ଯୋଜନାରେ ଅନିୟମିତତା
# ରକ୍ଷଣାବେକ୍ଷଣ ପାଇଁ ଭୁଲିଗଲେ ବ୍ଲକ ପ୍ରଶାସନ



ପରଜଙ୍ଗ,୮ |୬(ଅକ୍ଷର ଓଡ଼ିଶା): ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତ ମାନଙ୍କରେ ପାଞ୍ଚ ଶହ ବୃକ୍ଷ ରୋପଣ କରାଯିବାର ଧାର୍ଯ୍ୟ କରାଯାଇଥିଲା। ବୃକ୍ଷ ରୋପଣ, ରକ୍ଷଣାବେକ୍ଷଣ ନିମନ୍ତେ ପଞ୍ଚାୟତ ପ୍ରତି ୧.୨ ଲକ୍ଷ ଟଙ୍କା ଅଟକଳ ବ୍ୟୟବରାଦ କରାଯାଇ ମହାତ୍ମାଗାନ୍ଧୀ କର୍ମ ନିଯୁକ୍ତି ଯୋଜନା ରେ ଅର୍ଥ ପୈଠ ହେବାର ସ୍ଥିର ହେଇଥିଲା। ସେହି ଅନୁଯାୟୀ ପରଜଙ୍ଗ ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତ ପଞ୍ଚାୟତ ମାନଙ୍କରେ ଏହି କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ ଅନୁଷ୍ଠିତ ହୋଇଯାଇଛି। ଆମ୍ବପଳାଶ ପଞ୍ଚାୟତର ବାଲିଝୁରି ସାହି ପୂର୍ବ ରାସ୍ତା କଡ଼ରେ ଫଳକ ନିର୍ମାଣ ହୋଇଥିବା ବେଳେ କୈଣସି ଲେଖା ନଥାଇ କିଛି ବୃକ୍ଷ ରୋପଣ କରାଯାଇଛି। ମାତ୍ର ରକ୍ଷଣାବେକ୍ଷଣ ପାଇଁ କିଛି ବ୍ୟବସ୍ଥା ନଥିବାରୁ ଅନେକ ରୋପିତ ବୃକ୍ଷ ନଷ୍ଟ ହୋଇଗଲାଣି। ବଡଝରା ପଞ୍ଚାୟତ ପକ୍ଷରୁ ରେଙ୍ଗାଳି ବାମ ପାର୍ଶ୍ୱ କେନାଲ ହୁଡ଼ାରେ ବୃକ୍ଷ ରୋପିତ ହୋଇଥିଲା ଏବଂ ପିଟିରି ଗ୍ରାମ ଶ୍ମଶାନ ରାସ୍ତା କଡ଼ରେ ମଧ୍ୟ ବୃକ୍ଷ ରୋପିତ କରାଯାଇ ଫୋଟ ଉଠାଇ ନଥିପତ୍ର ସଜବାଜ କରି ବ୍ଲକ ପ୍ରଶାସନ ଅଧିକାରୀ ମାନଙ୍କୁ ନେଇ ସରକାରୀ ଅର୍ଥ ଆତ୍ମସାତ ହୋଇଥିବା ବେଳେ ରୋପିତ ବୃକ୍ଷ ର ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ 'ମା ପାଇଁ ଗଛଟିଏ' ଲଗାଇବା ପାଇଁ ଧାର୍ଯ୍ୟ କରି ରୋପିତ ବାବଦରେ ବ୍ଲକ ପ୍ରଶାସନ ପକ୍ଷରୁ ଅର୍ଥ ଯୋଗାଇ ଦେଉଥିବା ବେଳେ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ ଓ ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ଙ୍କ ଉଦାସୀନତା ଯୋଗୁଁ ସରକାରୀ ତହବିଲ ଅର୍ଥକୁ ଆତ୍ମସାତ ହେଉଥିବା ଅଭିଯୋଗ ହେଉଛି। ଏଥିପ୍ରତି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ରୋପିତ ବୃକ୍ଷ ର ରକ୍ଷଣାବେକ୍ଷଣ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ପରିବେଶବିତ୍ ମାନେ ମତପ୍ରକାଶ କରିଛନ୍ତି।

# ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

ଖଜୁରିଆକଟା ୭/୬(ନୀଳକଣ୍ଠ ଦାସ)ଆଜି ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଆଜି ସକାଳ ଘ ୧୧,୧୦,ସମୟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ ମନ୍ତ୍ରୀ ସାଂସଦ ଓ ବିଧାୟକମାନଙ୍କ ଉପସ୍ଥିତ ଭର୍ଚୁଆଲ ମାଧ୍ୟମରେ ଓଡ଼ିଶାର ବିଭିନ୍ନ ବ୍ଲକ ରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ର ୨ୟ ପର୍ଯ୍ୟାୟରେ ୨୦୪ ଗୋଟି ବିଦ୍ୟାଳୟ ର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ସେଥି ମଧ୍ୟରୁ ଓଡ଼ାପଡ଼ା ବ୍ଲକ ରେ ୩ ଗୋଟି ବିଦ୍ୟାଳୟ ରହିଛି। ଧଳପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଅଶୋକ କୁମାର ପଣ୍ଡା ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି, ସମ୍ମାନୀତ ଅତିଥି ରୂପେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ସମିତି ସଭ୍ୟା ଶ୍ରୀମତୀ ସୁମତୀ ନାଏକ, ବିଦ୍ୟାଳୟ ର ଆଲୁମିନିୟମ କମିଟି ସଭାପତି ଗିରିଶ ଚନ୍ଦ୍ର ଦାସ ବିଧାୟିକା ଙ୍କ ପ୍ରତିନିଧି ସତ୍ୟ ରଂଜନ ମିଶ୍ର ସାଂସଦ ଙ୍କ ପ୍ରତିନିଧି ଶ୍ରୀମତୀ



ମଂଜୁଲତା ସାହୁ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ଦାସ ଶିକ୍ଷା କମିଟି ସଭାପତି ଶ୍ରୀମତୀ ମାନସୀ ମହାଭୋଇ ଙ୍କ ସହିତ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଯୋଗ ଦେଇଥିଲେ। ସେହିପରି କାଶିଆଡିହ ସ୍ଥିତ ଲୋକନାଥ ସରକାର ଉଚ୍ଚବିଦ୍ୟାଳୟ ଠାରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀମତୀ ପୁଷ୍ପାଞ୍ଜଳି ଦଳେଇ ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଓଡ଼ାପଡ଼ା ତହସିଲଦାର ମନୋଜ କୁମାର ମାଝୀ କାଶିଆଡିହ ସରପଞ୍ଚ ଶ୍ରୀମତୀ ମିନତୀ ରାଉତ ସମିତି ସଭ୍ୟା ଶ୍ରୀମତୀ ରଂଜିତା ମାଝୀ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ। ସେହିପରି ମଙ୍ଗଳପୁର ସ୍ଥିତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ଠାରେ ଥିବା ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ,ନିତା ବେହେରା ଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ଶ୍ରୀମତୀ କାନନବାଳା ରାଉତ ବିଧାୟିକା ଙ୍କ ପ୍ରତିନିଧି ସହଦେବ ପୃଷ୍ଟି, ସମିତି ସଭ୍ୟା ଶ୍ରୀମତୀ ଅନିତା ପଟ୍ଟନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପୌଲସ୍ତ କୁମାର ସାହୁ ଓ ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଦେଇଥିଲେ ।

# ଡିୟୁଟିରେ ଥିବା ସମୟରେ ଚାଲିଗଲା ହାବିଲଦାରଙ୍କ ଜୀବନ

କାମାକ୍ଷାନଗର:୮/୬(ସୁମନ୍ତ ଜେନା) କାମାକ୍ଷାନଗର ଉପକାରାଗାର ରେ ଅଘଟଣ । ଡିୟୁଟି ରେ ଥିବା ସମୟରେ ଉପକାରାଗାର ହାବିଲଦାର ଙ୍କ ମୃତ୍ୟୁ କ୍ଷ ମୃତ ହାବିଲଦାର ଜଣକ ହେଲେ ଶିରୀଶ ଚନ୍ଦ୍ର ନାୟକ । ସୂଚନା ଅନୁସାରେ ଶିରୀଶ ଆଜି ଉପକାରାଗାର ଭିତରେ ଡିୟୁଟି କରୁଥିବା ବେଳେ ଅପରାହ୍ନ ସମୟରେ ହଟାତ ଅସୁସ୍ଥ ଅନୁଭବ କରିଥିଲେ । ତାଙ୍କ ପାଟି ରୁ ଫେଣ ବାହାରୁଥିବା ବେଳେ ଏହାଦେଖି ପାଖରେ ଥିବା କର୍ମଚାରୀ ତୁରନ୍ତ ଆମ୍ବୁଲାନ୍ସ ସହ ଯୋଗାଯୋଗ କରାଇ ଶିରୀଶ ଙ୍କୁ କାମାକ୍ଷାନଗର ମେଡିକାଲ ରେ ଭର୍ତ୍ତି କରାଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ । ତେବେ କେଉଁ ପରିସ୍ଥିତି ରେ ତାଙ୍କର ମୃତ୍ୟୁ ହେଲା ତାହା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ଅଧିକ ତଦନ୍ତ ଆରମ୍ଭ କରିଛି ।

## ଗୋଠ ଗାଁ ବିଲରୁ ଶବ ଉଦ୍ଧାର
## ଅଂଶୁଘାତରେ ମୃତ୍ୟୁ ଘଟିଥିବା ଆଶଙ୍କା

ପାତ୍ରପୁର ,୦୮/୦୬/(ଅକ୍ଷର ଓଡିଶା ), ଜରଡ଼ା ଥାନା ଅନ୍ତର୍ଗତ ଗୋଠଗାଁ ନିକଟରେ ଜଣେ ବ୍ୟକ୍ତିଙ୍କ ମୃତ ଦେହକୁ ଉଦ୍ଧାର କରିଛି ଜରଡ଼ା ଥାନା ପୋଲିସ । ମୃତ ବ୍ୟକ୍ତି ଜଣକ ହେଲେ ପାତ୍ରପୁର ବ୍ଲକ ଖରଣିପଡା ପଞ୍ଚାୟତ ଅନ୍ତର୍ଗତ ଚୈତନ୍ୟ ଚନ୍ଦ୍ର ପୁର( ଶାସନ) ଗ୍ରାମର ତାରିଣୀ ପାଢ଼ୀ (୫୬)। ସୂଚନା ମୁତାବକ ତାରିଣୀ ଗତ ଦୁଇ ଦିନ ହେବ ନିଜ ଭଉଣୀ ଘର ସୁନ୍ଦରଡ଼ା ଗ୍ରାମକୁ ଯାଇଥିବା ବେଳେ ଗତ କାଲି ଅପରାହ୍ନରେ ଚାଲି ଚାଲି ନିଜ ଗ୍ରାମ ଶାସନ ଫେରୁଥିଲେ। ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାସ୍ତାରେ ଅଂଶୁଘାତରେ ଟଳି ପଡ଼ି ମୃତ୍ୟୁ ଘଟିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଆଶଙ୍କା ସୃଷ୍ଟ ହୋଇଛି। ସୋମବାର ଗୋଠଗାଁର କିଛି ଲୋକ ସେହି ରାସ୍ତାରେ ଯାଉଥିବା ବେଳେ ତାରିଣୀଙ୍କ ମୃତ ଦେହକୁ ଦେଖି ତୁରନ୍ତ ଜରଡା ପୋଲିସକୁ ଖବର ଦେଇଥିଲେ। ତାରିଣୀ ର ମୃତ୍ୟୁ ଅଂଶୁଘାତ ଜନିତ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ ଖବର ପାଇ ଜରଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଜରଡା ଥାନା ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡିକାଲ ପଠାଇଥିବା ନେଇ ଜରଡା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି।

# ହିନ୍ଦୋଳରେ ବଜ୍ରାଘାତ ନେଲା ୨ଜୀବନ



ହିନ୍ଦୋଳ/ଖଜୁରିଆକଟା/ଖଜୁରିଆକଟା ୮/୬(ନୀଳକଣ୍ଠ ଦାସ)(ଅଜୟ କୁମାର ଭଞ୍ଜ )(ନୀଳକଣ୍ଠ ଦାସ)ଢେଙ୍କାନାଳଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀରେ ବଜ୍ରାଘାତରେ ଚାଲିଗଲା ଦୁଇଟି ଅମୁଲ୍ୟ ଜୀବନ। ଖବରରୁ ପ୍ରକାଶ ହିନ୍ଦୋଳବ୍ଲକ/ଥାନା ବାଉଁଶପୋଖରୀ ପଞ୍ଚାୟତ ବନ୍ଧାଭୂଇଁରେ ଏକ ଅଭାବନୀୟ ଘଟଣା କ୍ରମେ ୨ ଜଣ ଙ୍କର ମୃତ୍ୟୁ ହୋଇଛି। ଆଜି ଅପରାହ୍ନ ପ୍ରାୟ ଦୁଇଟା ତିରିଶ ମିନିଟ ସମୟରେ ଗ୍ରାମ ର ଗଣେଶ୍ୱର ସାହୁ (୬୪) ଓ ତାଙ୍କ ଭାଉଜ ସୁବାସିନୀ ସାହୁ (୬୨) ଆମ୍ବ ଗୋଟେଇବାକୁ ଯାଇ ଥିବା ସମୟରେ ହଠାତ ବିଜୁଳି ଘଡଘଡି ମାରିଥିଲା ଏହି ସମୟରେ ସେମାନେ ଏକ ଗଛମୂଳକ୍ୱର ରହିଥିବା ସମୟରେ ସେ ଗଛକୁ ବଜ୍ର ମାରିଥିଲା ଉକ୍ତ ,ଜ୍ରା ଘାତରେ ଗଛ ମୂଳେ ଥିବା ଉଭୟ ଦିଅର ଭାଉଜ ଟଳି ପଡ଼ିଥିଲେ।ଖବରପାଇ ସ୍ଥାନୀୟ ବାଉଁଶପୋଖରୀ ସରପଞ୍ଚ ରଞ୍ଜିତ ଅମାନ୍ତ ଓ କିଛି ଗ୍ରାମବାସୀ ଉଭୟଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି ସ୍ଥାନୀୟ ହିନ୍ଦୋଳ ଡାକ୍ତରଖାନାକୁ ନେଇଥିଲେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିବା ପରେ ଉଭୟଙ୍କ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଛି କ୍ଷ ଗ୍ରାମ ସ୍ମଶାନ ରେ ଅନ୍ତେଷ୍ଟି କ୍ରିୟା କରାଯାଇଥିଲା । ତେବେ ଗଣେଶ୍ୱର ଓ ସୁଭାଷିନୀ ଙ୍କ ଅକାଳ ବିୟୋଗରେ ଢେଙ୍କାନାଳର ପୂର୍ବତନ ସାଂସଦ ମହେଶ ସାହୁ ଗଭୀର ଶୋକପ୍ରକାଶ କରିବାସହ ମୃତକଙ୍କ ପରିବାରଙ୍କୁ ଆବଶ୍ୟକ କ୍ଷତିପୂରଣ ଓ ସରକାରୀ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି।ଉଭୟଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ସରପଞ୍ଚ ରଞ୍ଜିତ ଅମାନ୍ତ ଓ ଅଞ୍ଚଳବାସି ମଧ୍ୟ କ୍ଷତିପୂରଣ ଦାବି କରିଛନ୍ତି ।

# ପ୍ରଥମ 'ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ' ଉଦ୍‌ଘାଟିତ

ଖଜୁରିଆକଟା /ହିନ୍ଦୋଳ-୮/୬(ଅଜୟ କୁମାର ଭଞ୍ଜ )(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନମଣ୍ଡଳୀ ହିନ୍ଦୋଳ ବ୍ଲକରେ ହେଲା ପ୍ରଥମ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ। ହିନ୍ଦୋଳ ଉପଖଣ୍ଡ ବ୍ଲକର ରାସୋଳ ପଂଚାୟତ ନୂଆପାଟଣା ଉ ପ୍ରା ଆଜିଠାରୁ ପରିବର୍ତ୍ତିତ ହୋଇ ହେଲେ ପଣ୍ଡିତ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ।ଆଜି ରାଜ୍ୟସରକାର ୨୦୪ଟି ବିଦ୍ୟାଳୟକୁ ପରିବର୍ତ୍ତିତ ଢାଞ୍ଚାରେ ଗଢିବାକୁ କରିଥିବା ପ୍ରାୟସରେ ସାମିଲ ହେଲା ହିନ୍ଦୋଳ ବ୍ଲକରେ ଏହି ଏକମାତ୍ର ସ୍କୁଲ ଯାହାକୁ ଆଜି ମୁଖ୍ୟମନ୍ତ୍ରୀ ଭରଚୁଆଲ ମାଧ୍ୟମରେ ଶିଳାନ୍ୟାସ କରିଛନ୍ତି। ଏହାଦ୍ୱାରା ଏହି ଅଂଚଳରେ ଛାତ୍ରଛାତ୍ରୀ ମାନେ ଉତ୍ତମ ଶିକ୍ଷା ସହ ଶୈକ୍ଷିକ ବାତାବରଣ, ଡିଜିଟାଲ ପଦ୍ଧତିରେ ଶିକ୍ଷା ସହ ଅନେକ ଗୁଣବତା ସହ ସମସ୍ତ ସୁବିଧା ଉପଲବ୍ଧ ହୋଇପାରିବ ବୋଲି ପ୍ରକାଶ କରିଛନ୍ତି।ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଥିବା ବର୍ଣାଢ୍ୟ ପରିବେଶ ମଧ୍ୟରେ ମୁଖ୍ୟ ଅତିଥି ଭାବେ ହିନ୍ଦୋଳ ଉପଜିଲ୍ଲାପାଳ ପ୍ରଭାସ କୁମାର ବେହୁରା, ତହସିଲଦାର ଦିଲ୍ଲୀପ କୁମାର ସେଠୀ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ହରିହର ଦେହୁରି,୩ଜଣ ଏବିଓ ଲଳିତ କୁମାର ସେଠୀ, ସଞ୍ଜୟ ନାୟକ ଏବଂ ପ୍ରକାଶ ପ୍ରଧାନ, ସ୍କୁଲ ପ୍ରଧାନ ଶିକ୍ଷୟତ୍ରୀ ମାଳତୀ ଜେନା, ସମସ୍ତ ସିଆରସିସି,ବହୁ ଶିକ୍ଷକ ଶିକ୍ଷୟତ୍ରୀ, ଅଭିଭାବକ ଏବଂ ପଣ୍ଡିତ ଗୋଦାବରୀ ଆଦର୍ଶ ସ୍କୁଲ କମିଟି ସଭାପତି ରବି ନାରାୟଣ ପୃଷ୍ଟି, ସମ୍ପାଦକ ଅଖିଳ କୁମାର ପୃଷ୍ଟି, କୋଷାଧକ୍ଷ କାହ୍ନୁ ଚରଣ ପୃଷ୍ଟି ବରିଷ୍ଠ ଅଧାପକ ରମେଶ ସାହୁ. ଉଭୟ



ନୂଆପାଟଣା ଏବଂ ମୁଣ୍ଡିଆପଶି ଗାଁର ସଭାପତି ସମ୍ପାଦକ,କମିଟି ସ୍ୱତନ୍ତ୍ର ସଦସ୍ୟ ସାମ୍ବାଦିକ ବିକ୍ରମ ସାହୁ,ସାଂସଦ ଓ ବିଧାୟିକାଙ୍କ ପ୍ରତିନିଧିଙ୍କ ସହ ସ୍ଥାନୀୟ ସରପଞ୍ଚ ପ୍ରମୁଖ ଯୋଗ ଦେବା ସହ ସମସ୍ତଙ୍କୁ ପୁଷ୍ପ ଗୁଚ୍ଛ ସହ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା।ଏହି ସ୍କୁଲପାଇଁ ସରକାର ପ୍ରାୟ ଆଠକୋଟି ଟଙ୍କା ବ୍ୟୟକରି ମାଗଣାରେ ଖାଇବା ରହିବା ସହିତ ସମସ୍ତ ସୁବିଧା ଯୋଗାଇ ଦେବେ ବୋଲି ଉପଜିଲ୍ଲାପାଳ କହିଛନ୍ତି।ଚଳିତ ବର୍ଷ ଏହି ସ୍କୁଲ ଗୃହ ନିର୍ମାଣ କରିବା ପରେ ଆସନ୍ତା ଶିକ୍ଷା ବର୍ଷ ଠାରୁ ପିଲା ପଢ଼ ପଢି ପାରିବେ ବୋଲି ସୂଚନା ଦେଇଛନ୍ତି।

# 'ସଂଯୋଗୀ ସ୍ରଷ୍ଟା ସୃଜନୀ ସମ୍ମାନ' ପାଇଲେ ଅଶୋକ ପତି



ଗଁଦିଆ ୮/୬(ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଗଡ଼ଖଙ୍କିରା ଗ୍ରାମର ବିଶିଷ୍ଟ କବି, ଶିକ୍ଷାବିତ୍ ତଥା ସମାଜସେବୀ ଅଶୋକ କୁମାର ପତିଙ୍କୁ କେନ୍ଦୁଝର ଘଟଗାଁ ସ୍ଥିତ ମାନସପୀଠ ଆନୁକୂଲ୍ୟରେ ପ୍ରତିଷ୍ଠିତ 'ସଂଯୋଗୀ ସ୍ରଷ୍ଟା ସୃଜନୀ ସମ୍ମାନ'ରେ ସମ୍ମାନିତ କରାଯାଇଛି।ରାଜ୍ୟସ୍ତରୀୟ ଏହି ଭବ୍ୟ ସମାରୋହରେ ଓଡ଼ିଶାର ୩୦ଟି ଜିଲ୍ଲାରୁ ମୋଟ ୧୫୭ ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ଏକମାତ୍ର ପ୍ରତିନିଧି ଭାବେ ପତିଙ୍କୁ ଏହି ଗୌରବ ମିଳିଛି। ଶ୍ରୀଜଗନ୍ନାଥ ସଂସ୍କୃତି ଏବଂ ସାହିତ୍ୟ କ୍ଷେତ୍ରରେ ତାଙ୍କର ନିରବଚ୍ଛିନ୍ନ ଅବଦାନ ପାଇଁ ଏହି ସଫଳତା ମିଳିଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ମା' କାମନେଶ୍ୱରୀ ଓ ବାମନେଶ୍ୱର ମହାଦେବଙ୍କ ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ସମ୍ପନ୍ନ

ଗଁଦିଆ ୦୭/୦୬ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ମନ୍ଦାର ପଞ୍ଚାୟତ ଅନ୍ତର୍ଗତ ଓରସିଂହା ଗ୍ରାମରେ ଏକ ପବିତ୍ର ଓ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା' କାମନେଶ୍ୱରୀ ଓ ପ୍ରଭୁ ବାମନେଶ୍ୱର ମହାଦେବଙ୍କ ଷଷ୍ଠ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରବିବାର ଦିନ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ସମଗ୍ର ଓରସିଂହା ଓ ଆଖପାଖ ଅଞ୍ଚଳରେ ଏକ ଭକ୍ତିମୟ



ଜାଗରଣ ଦେଖିବାକୁ ମିଳିଥିଲା। ଏହି ମହୋତ୍ସବ ଅବସରରେ ମନ୍ଦିର ପରିସରରେ ଶାସ୍ତ୍ରୀୟ ରୀତିନୀତି ଅନୁଯାୟୀ ଭବ୍ୟ କଳସ ଶୋଭାଯାତ୍ରା, ବିଶ୍ୱଶାନ୍ତି ମହାଯଜ୍ଞ ଓ ହୋମାଦି କାର୍ଯ୍ୟକ୍ରମ ସୁସମ୍ପନ୍ନ ହୋଇଥିଲା। ଏହା ସହିତ ସନ୍ଧ୍ୟାରେ ଶ୍ରଦ୍ଧାଳୁଙ୍କୁ ମନ୍ତ୍ରମୁଗ୍ଧ କରିବା ପାଇଁ ଏକ ଭବ୍ୟ ଭଜନ ସମାରୋହର ଆୟୋଜନ କରାଯାଇଥିଲା। ଉତ୍ସବରେ ହଜାର ହଜାର ଭକ୍ତଙ୍କ ପାଇଁ ମହାପ୍ରସାଦ ସେବନର ସୁବ୍ୟବସ୍ଥା କରାଯାଇଥିଲା। ଏହି ପବିତ୍ର ଯଜ୍ଞ କର୍ମରେ ଶ୍ରୀ ଚୈତନ୍ୟ ଦାସ ଓ ମମି ଦାସ ମୁଖ୍ୟ କର୍ତ୍ତା-କର୍ତ୍ତ୍ରୀ ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ପ୍ରତିଷ୍ଠାତା ଶ୍ରୀକାନ୍ତ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏହି ମହୋତ୍ସବକୁ ସଫଳ କରିବାରେ ମନ୍ଦାର ଉଚ୍ଚ ବିଦ୍ୟାଳୟର ୧୯୯୭ ବ୍ୟାଚ୍ ?ର ପୁରାତନ ବିଦ୍ୟାର୍ଥୀମାନେ ପ୍ରଶଂସନୀୟ ଓ ସକ୍ରିୟ ସହଯୋଗ କରିଥିଲେ। ଏହି ଅବସରରେ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷଙ୍କୁ ମନ୍ଦିର କମିଟି ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସର୍ବାଙ୍ଗସୁନ୍ଦର କରିବାରେ ପୂର୍ବତନ ସରପଞ୍ଚ ଦିଲ୍ଲୀପ କୁମାର ସାହୁ, ବିପିନ ପାତ୍ର, ବିଭୂତି ବେହେରା, ରବି ନାରାୟଣ ସାହୁ, ଅଭୟ ବୋଇତାଇ, ସୁରେଶ ସାହୁ ଏବଂ ଚୁଗୁଲୀ ଦାସ ପ୍ରମୁଖ ସକ୍ରିୟ ଭୂମିକା ନିଭାଇଥିଲେ। ସେହିପରି ମନ୍ଦିର କାର୍ଯ୍ୟକର୍ତ୍ତା ପ୍ରଶାନ୍ତ ସାହୁ, ସୂର୍ଯ୍ୟକାନ୍ତ ସାହୁ, ସୁଜିତ ସାହୁ, ସତ୍ୟଜିତ ସାହୁ, ଆର୍ତ୍ତବନ୍ଧୁ ତରାଇ ଏବଂ ଭାରତୀୟ ଜନତା ଯୁବ ମୋର୍ଚ୍ଚା ଗଁଦିଆ ବ୍ଲକ ସଭାପତି ଲକ୍ଷ୍ମୀଧର ରାଉତ ପ୍ରମୁଖ ଉପସ୍ଥିତ ରହି ସମସ୍ତ ବ୍ୟବସ୍ଥାକୁ ଶୃଙ୍ଖଳିତ କରିଥିଲେ। ପ୍ରଭୁ ବାମନେଶ୍ୱର ଓ ମା' କାମନେଶ୍ୱରୀଙ୍କ କୃପାରୁ ସମଗ୍ର ଅଞ୍ଚଳର ମଙ୍ଗଳ ହେଉ ବୋଲି ଗ୍ରାମବାସୀ କାମନା କରିଛନ୍ତି।

# ରାସ୍ତାରେ ଯାଉଥିବା ବେଳେ ବିଦ୍ୟୁତ କର୍ମଚାରୀଙ୍କୁ ହାଣିଲେ ଦୁର୍ବୃତ୍ତ



କାମାକ୍ଷାନଗର:୮/୬(ସୁମନ୍ତ ଜେନା) କାମାକ୍ଷାନଗର ଥାନା ଚୁଳିଆ ଗ୍ରାମ ନିକଟରେ ରାସ୍ତାରେ ଯାଉଥିବା ବେଳେ ଦିନ ଦ୍ୱିପ୍ରହର ସମୟରେ ବିଦ୍ୟୁତ କର୍ମଚାରୀ ଙ୍କୁ ହାଣିଲେ ଦୁର୍ବୃତ୍ତ । ଗୁରୁତର ଅବସ୍ଥା ରେ କାମାକ୍ଷାନଗର ମେଡିକାଲ ରେ ଭର୍ତ୍ତି । ଗୁରୁତର ଜଣକ ଭୁବନ ର ରାକେଶ କୁମାର ଦାସ । ସୂଚନା ଅନୁସାରେ ରାକେଶ ମେରାମଣ୍ଡଳୀ ରେ ବିଦ୍ୟୁତ ବିଭାଗ ରେ କାର୍ଯ୍ୟ କରୁଥିବା ବେଳେ ଆଜି ସେ ନିଜ ଘର ଭୁବନ ରୁ ଏକ ବାଇକ ଯୋଗେ ମେରାମଣ୍ଡଳୀ ଠାରେ ଥିବା ନିଜ କାର୍ଯ୍ୟାଳୟ କୁ ଯାଉଥିଲେ । ମାତ୍ର ଯିବା ସମୟରେ କାମାକ୍ଷାନଗର ଥାନା ଚୁଳିଆ ଗ୍ରାମ ନିକଟରେ ହଟାତ ଚାରି, ପାଞ୍ଚ ଜଣ ଦୁର୍ବୃତ୍ତ ରାକେଶ ଙ୍କୁ ସାଙ୍ଗବଦ୍ଧ ଆକ୍ରମଣ କରିବା ସହ ଧାରୁଆ ଅସ୍ତ୍ର ରେ ହାଣି ପକାଇଥିଲେ । ରାକେଶ ଗୁରୁତର ଭାବେ ରାସ୍ତାରେ ପଡିରହିଥିବା ବେଳେ ଦୁର୍ବୃତ୍ତ ମାନେ ରାକେଶ ଙ୍କ ନିକଟ ରୁ ନଗଦ ଦୁଇ ହଜାର ଟଙ୍କା ଓ ଅନ୍ୟ କିଛି ସାମଗ୍ରୀ ଲୁଟି ନେଇଛନ୍ତି । ଖବର ପାଇ କିଛି ସ୍ଥାନୀୟ ଲୋକ ପୋଲିସ କୁ ସୂଚନା ଦେବା ସହ ରାକେଶ ଙ୍କୁ କାମାକ୍ଷାନଗର ମେଡିକାଲ ରେ ଭର୍ତ୍ତି କରାଇଥିଲେ । ରାକେଶ ଙ୍କ ମୁଣ୍ଡ, ଗୋଡ଼ ଓ ଶରୀର ର ବିଭିନ୍ନ ସ୍ଥାନ ରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ବେଳେ ମେଡିକାଲ ରେ ତାଙ୍କର ପ୍ରାରମ୍ଭିକ ଚିକିତ୍ସା ଜାରି ରହିଛି । ଖବର ପାଇ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଥିବା ବେଳେ ଦୁର୍ବୃତ୍ତ ମାନେ କାହିଁକି ରାକେଶ ଙ୍କୁ ହାଣିଲେ ତାହା ଜଣା ପଡ଼ିନାହିଁ ।

# ଗଁଦିଆରେ କାଳବୈଶାଖୀର ତାଣ୍ଡବ
# ସନ୍ତୁସରାରେ ଘର ଉପରେ ପଡ଼ିଲା ବିରାଟ ଗଛ

ଗଁଦିଆ, ୦୮/୦୬ (ବେତୁଜୀ ପ୍ରସାଦ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ଅଞ୍ଚଳରେ ଆଜି ଅପରାହ୍ନରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ହଠାତ୍ ? ପ୍ରବଳ ଝଡ଼ପବନ



ସାଙ୍ଗକୁ ଘଡ଼ଘଡ଼ି ଏବଂ ମୁଷଳଧାରାରେ ବର୍ଷା ହେବା ଫଳରେ ସମଗ୍ର ଅଞ୍ଚଳରେ ଜନଜୀବନ କିଛି ସମୟ ପାଇଁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଥିଲା। ଏହି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ବ୍ଲକର ବିଭିନ୍ନ ସ୍ଥାନରେ ଗଛଲତା ଭାଙ୍ଗି ପଡ଼ିଥିବା ବେଳେ ଏକ ବଡ଼ଧରଣର ଅଘଟଣ ସାମ୍ନାକୁ ଆସିଛି। ମିଳିଥିବା ସୂଚନା ମୁତାବକ, ଗଁଦିଆ ବ୍ଲକ ସନ୍ତୁସରା ଗ୍ରାମର ବୋଧିମନ୍ତ ପ୍ରଧାନଙ୍କ ଆଜବେଷ୍ଟସ ଓ ଟାଇଲି ଘର ଉପରେ ଏକ ବିରାଟ ଗଛ ଭାଙ୍ଗି ପଡ଼ିଛି। ଗଛଟି ପଡ଼ିବା ଫଳରେ ଘରର ଚାଳ ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି ଏବଂ ବହୁଳ ମାତ୍ରାରେ ଆସବାବପତ୍ର ନଷ୍ଟ ହୋଇଛି। ତେବେ ସୁଖର କଥା ଏହି ଯେ, ଦୁର୍ଘଟଣା ସମୟରେ ଘରର ଅଗଣା କିମ୍ବା ବାଟଘରେ ପରିବାରର କୌଣସି ସଦସ୍ୟ ଉପସ୍ଥିତ ନଥିଲେ, ଯାହା ଫଳରେ ଏକ ବଡ଼ ବିପଦରୁ ଧନଜୀବନ ରକ୍ଷା ପାଇଯାଇଛି ଏବଂ କେହି ଆହତ ହୋଇନାହାନ୍ତି। ଘଟଣା ସମ୍ପର୍କରେ ଖବର ପାଇ ଗଁଦିଆ ଅଗ୍ନିଶମ ବାହିନୀ ତୁରନ୍ତ ତତ୍ପରତା ପ୍ରକାଶ କରିଥିଲା। ଅଗ୍ନିଶମ କର୍ମଚାରୀ ଦିଲୀପ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସଙ୍ଗେ ସଙ୍ଗେ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି। ଅଗ୍ନିଶମ ବାହିନୀ କଟର ସାହାଯ୍ୟରେ ଗଛକୁ କାଟି ଘର ଉପରୁ ସଫା କରୁଥିବା ଦେଖିବାକୁ ମିଳିଛି। ଏପଟେ ଘର ଭାଙ୍ଗିଯିବା ଏବଂ ଗଛ ଘେରି ରହିବା ଯୋଗୁଁ ବର୍ତ୍ତମାନ ସୁଦ୍ଧା ଉକ୍ତ ପରିବାରଟି ନିଜ ଘର ଭିତରେ ଏକ ପ୍ରକାର ବନ୍ଦୀ ଅବସ୍ଥାରେ ରହିଥିବା ଜଣାପଡ଼ିଛି।

# କଣ୍ଟିଲୋ ଗାନ୍ଧୀ ପାର୍କ ପ୍ରତିମୂର୍ତ୍ତି ସୁରକ୍ଷା ଦିଗରେ ଦୃଷ୍ଟି ନାହିଁ

କଣ୍ଟିଲୋ,୮/୬: (ଅକ୍ଷର ଓଡ଼ିଶା)ଯେଉଁଠି ଦେଶର ମହାପୁରୁଷ ମାନଙ୍କୁ ଯେଉଁଭଳି ସମ୍ମାନ ପ୍ରଦର୍ଶନ କରାଯାଏ। ସେହି ଅଞ୍ଚଳ ର ଗୌରବ ସେହିଭଳି ପ୍ରତିଭାତିତ ହୋଇଥାଏ।କଣ୍ଟିଲୋ ଗ୍ରାମ ପଞ୍ଚାୟତ ସମ୍ମୁଖ ରେ ଥିବା ଗାନ୍ଧୀ ପାର୍କ ମଧ୍ୟରେ ପ୍ରତିଷ୍ଠା ହୋଇଥିବା ଜାତିର ଜନକ ରୂପେ ଅଭିହିତ ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ଖୋଲା ଆକାଶ ତଳେ ଦୟନୀୟ ଅବସ୍ଥାରେ ରହିଥିଲେ ହେଁ ଏଥିପ୍ରତି ଦୃଷ୍ଟି ଦିଆନଯିବା ପରିତାପର ବିଷୟ ବୋଲି ମତ ପ୍ରକାଶ ପାଉଛି।ପାର୍କ ଆରମ୍ଭ ରୁ ଏକ ୫ଫୁଟ ଉଚ୍ଚ କଂକ୍ରିଟ ଖମ୍ବ ଉପରେ ଉକ୍ତ ପ୍ରତିମୂର୍ତ୍ତି ଖୋଲା ଆକାଶ ତଳେ ରହିଛି।ଏବେ ପାର୍କ ଉନ୍ନତି କରଣ ପାଇଁ ମାଟି ପୋତା ଯାଇଛି ମାତ୍ର ଗାନ୍ଧୀ ପ୍ରତିମୂର୍ତ୍ତି ରକ୍ଷଣ ବେକ୍ଷଣ ଦିଗରେ ଦୃଷ୍ଟି ଦିଆଯାଇନାହିଁ। ଫଳରେ ଅସନ୍ତୋଷ ପ୍ରକାଶ ପାଇଛି।ଦୀର୍ଘ ଦିନ ଧରି ଅବହେଳିତ ହୋଇ ପଡି ରହିବା ପରେ ଗାନ୍ଧୀ ପାର୍କକୁ ପୂର୍ଣ୍ଣାଙ୍ଗ ରୂପ ଦେବା ପାଇଁ ପଦକ୍ଷେପ ନିଆଯାଇଛି। ଜଳସମ୍ପଦ ବିଭାଗ ପକ୍ଷରୁ ପ୍ରାୟ ୩୦ଲକ୍ଷ ବ୍ୟୟ ବରାଦ ରେ ଉନ୍ନତିକରଣ କାର୍ଯ୍ୟ ଜାରିରହିଛି।ତେବେ ସମ୍ପୃକ୍ତ ଠିକା ସଂସ୍ଥା ର ମନମାନି ଯୋଗୁଁ ପାର୍କ ନିର୍ମାଣ ଅଞ୍ଚଳ ବାସୀଙ୍କ ପାଇଁ ଖୁସି ପରିବର୍ତ୍ତେ ବର୍ଷା ଋତୁ ରେ ଦୁର୍ଦ୍ଦଶା ଆଣିଦେବ ବୋଲି ଅଭିଯୋଗ କରିଛନ୍ତି।ସେମାନଙ୍କ କହିବାନୁଯାୟୀ,ନିକଟସ୍ଥ ବାପୁଜୀ ନଗର, ବଟେଶ୍ୱର ମନ୍ଦିର, ତଥା ଅଞ୍ଚଳ ରୁ ନିର୍ଗତ ବର୍ଷା ଜଳ ପାର୍କ ମଧ୍ୟରେ ଯାଇଥିବା ଡ୍ରେନ ମଧ୍ୟରେ ମାଳବନ୍ଧ ନିକଟ ସ୍ୱିସ ଗେଟ ଜରିଆରେ ନିଷ୍କାସନ ହୋଇ ମହାନଦୀ ରେ ମିଶିଥାଏ। ବର୍ଷା ଦିନେ ଏହିସ୍ଥାନରେ ଜଳ





ନିଷ୍କାସନ ସମସ୍ୟା ଦ୍ୱିଗୁଣିତ ହୋଇଥାଏ।ବଟେଶ୍ୱର ମନ୍ଦିର ଓ ବାପୁଜୀ ନଗର ଛକ, ବଟେଶ୍ୱର ମନ୍ଦିର ପରିସରରୁ ବର୍ଷା ଦିନେ ଗ୍ରାମ ନିର୍ଗତ ବର୍ଷା ଜଳ ନିଷ୍କାସନ ହୋଇନପାରି ଦିନ ଦିନ ଧରି ଉକ୍ତ ଅଞ୍ଚଳ ଜଳାର୍ଣ୍ଣବ ହୋଇପଡେ। ବର୍ତ୍ତମାନ ପାର୍କ ନିର୍ମାଣ ପାଇଁ ଗାନ୍ଧୀ ପାର୍କ ପରିସରରେ ମାଟି ପକାଯାଇ ରାସ୍ତା ଠାରୁ ପ୍ରାୟ ୩, ୪ଫୁଟ ଉଚ୍ଚ କରାଯାଇଛି।ପାର୍କ ମଧ୍ୟରେ ଥିବା ମହାତ୍ମା ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତି ୫ଫୁଟ ଉଚ୍ଚ ଖମ୍ବ ପୋତି ଦିଆଯାଇଛି। ଏଥିସହ ପଡିଆ ମଧ୍ୟରେ ଯାଇଥିବା ଡ୍ରେନ ନିର୍ମାଣ ଦିଗରେ ଦୃଷ୍ଟି ଦିଆଯାଇନାହିଁ।ଡ୍ରେନ ପୋତି ଦିଆଯାଇଥିବାରୁ ଏବେ ଉକ୍ତ ଅଞ୍ଚଳ କିଭଳି ଜଳ ନିଷ୍କାସନ ହେବ ଏନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ମାତ୍ର ସମ୍ପୃକ୍ତ ଠିକାଦାର ଅଞ୍ଚଳ ବାସୀ ଙ୍କ କଥାକୁ ଭ୍ରୁକ୍ଷେପ ନକରି ପଡ଼ିଆ ରେ ମାଟି ବିଛାଇବା କାର୍ଯ୍ୟ ଶେଷ କରିଛନ୍ତି।ଏବଂ ଏଥିପାଇଁ ପ୍ରାୟ ୩୦ଲକ୍ଷ ବିଲ ହୋଇଥିବା ସୂଚନା ମିଳିଛି।ଏସମ୍ପର୍କ ରେ ବିଭାଗୀୟ ଯନ୍ତ୍ରୀ ରାମମୋହନ ବେହେରା ଙ୍କୁ ପଚାରିବାରେ ସେ ପ୍ରସ୍ତାବିତ ପାର୍କ ପ୍ରକଳ୍ପ ରେ ଡ୍ରେନ ନାହିଁ, ଡ୍ରେନ ପାଇଁ ବିଡ଼ିଓ ଙ୍କୁ ଅବଗତ କରାଯାଇଛି ବୋଲି କହିଛନ୍ତି।




**ଚୌଧୁରୀ ରମାକାନ୍ତ ଦାସ**
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧


## ମୁଖ୍ୟ ସମ୍ପାଦକଙ୍କ କଲମରୁ

## ପିଏମ୍ ସ୍ୱନିଧି: କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ସଶକ୍ତିକରଣ

ଏକ ଆକଳନ ଅନୁଯାୟୀ, ୨୦୫୦ ମସିହା ସୁଦ୍ଧା ଦେଶର ପ୍ରାୟ ୫୦ ପ୍ରତିଶତ ଜନସଂଖ୍ୟା ସହରାଞ୍ଚଳରେ ବାସ କରିବେ। ବର୍ତ୍ତମାନ ସମୟରେ, ସହରୀ କାର୍ଯ୍ୟବଳର ପ୍ରାୟ ୬୬ ପ୍ରତିଶତ ଲୋକ ଅଣସଂଗଠିତ କ୍ଷେତ୍ରରେ ନିୟୋଜିତ ଅଛନ୍ତି, ଯାହା ସହରୀ ଅର୍ଥନୀତିର ଏକ ପ୍ରମୁଖ ସ୍ତମ୍ଭ ସଦୃଶ। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକଙ୍କ ମଧ୍ୟରେ ଷ୍ଟ୍ରିଟ୍ ଭେଣ୍ଡର ବା ରାସ୍ତାକଡ଼ର ବ୍ୟବସାୟୀମାନେ ଏକ ବିଶେଷ ଭୂମିକା ଗ୍ରହଣ କରିଛନ୍ତି। ଫଳ, ପନିପରିବା, ଚା', ଜଳଖିଆ, ପୋଷାକ ଏବଂ ଅନ୍ୟାନ୍ୟ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରୁଥିବା ଏହି ଲକ୍ଷ ଲକ୍ଷ ବ୍ୟବସାୟୀ କେବଳ ଯେ ନାଗରିକମାନଙ୍କ ଜୀବନଯାତ୍ରାକୁ ସହଜ କରୁଛନ୍ତି ତାହା ନୁହେଁ, ବରଂ ସହରୀ ଅର୍ଥନୀତିକୁ ମଧ୍ୟ ସମୃଦ୍ଧ କରିବାରେ ବହୁଳ ମାତ୍ରାରେ ସହଯୋଗ କରୁଛନ୍ତି।

ସେମାନଙ୍କର ଏଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ସତ୍ତ୍ୱେ, ରାସ୍ତାକଡ଼ର ଏହି ବିକ୍ରେତାମାନେ ପାରମ୍ପରିକ ଭାବରେ ଏପର୍ଯ୍ୟନ୍ତ ଆନୁଷ୍ଠାନିକ ବ୍ୟାଙ୍କିଙ୍ଗ ଏବଂ ଋଣ ସୁବିଧାର ସୀମିତ ପ୍ରବେଶ ସୁଯୋଗ ପାଇଥିଲେ। କ୍ରେଡିଟ୍ ଇତିହାସର ଅନୁପସ୍ଥିତିରେ ସେମାନେ ପ୍ରାୟତଃ ଉଚ୍ଚ ସୁଧ ହାରରେ ଆର୍ଥିକ ଅନୌପଚାରିକ ଉତ୍ସ ଉପରେ ନିର୍ଭରଶୀଳ ଥିଲେ, ଯାହା ଫଳରେ ସେମାନଙ୍କ ଉପାର୍ଜନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଋଣ ପରିଶୋଧରେ ହିଁ ବ୍ୟୟ ହେଉଥିଲା। ୨୦୨୦ ମସିହାରେ କୋଭିଡ୍-୧୯ ବୈଶ୍ୱିକ ମହାମାରୀ ସେମାନଙ୍କର ଚ୍ୟାଲେଞ୍ଜକୁ ଆହୁରି ତୀବ୍ର କରିଦେଇଥିଲା, ଯାହା ସେମାନଙ୍କ ବ୍ୟବସାୟକୁ ଗୁରୁତର ଭାବରେ ପ୍ରଭାବିତ କରିଥିଲା।

ଏହି ଅଭୂତପୂର୍ବ ଅସୁବିଧାର ସ୍ଥାୟୀ ସମାଧାନ ନିମନ୍ତେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ପଥପାର୍ଶ୍ୱ ବିକ୍ରେତାଙ୍କ ଆତ୍ମନିର୍ଭର ନିଧି (ପି ଏମ.- ସ୍ୱନିଧି) ଯୋଜନା ୨୦୨୦ ମସିହା ଜୁନ୍ ମାସରେ ଆରମ୍ଭ କରାଯାଇଥିଲା। ଏହା ଷ୍ଟ୍ରିଟ୍ ବିକ୍ରେତାଙ୍କ ପାଇଁ ଭାରତର ପ୍ରଥମ ବ୍ୟାପକ କ୍ଷୁଦ୍ର- ଋଣ ଯୋଜନା, ଯାହା ସେମାନଙ୍କୁ ପ୍ରଥମ ଥର ପାଇଁ ଆନୁଷ୍ଠାନିକ ଆର୍ଥିକ ସୁବିଧା ନିମନ୍ତେ ସରଳ, ମର୍ଯ୍ୟାଦାପୂର୍ଣ୍ଣ ଏବଂ ସଂସ୍ଥାଗତ ପ୍ରବେଶର ସୁଯୋଗ ପ୍ରଦାନ କରିଥିଲା। ଏହି ଯୋଜନା ଅଧୀନରେ, ବ୍ୟାଙ୍କ ଏବଂ ଆର୍ଥିକ ପ୍ରତିଷ୍ଠାନଗୁଡ଼ିକ ୧୫,୦୦୦ ଟଙ୍କା, ୨୫,୦୦୦ ଟଙ୍କା ଏବଂ ୫୦,୦୦୦ ଟଙ୍କା ତିନୋଟି ପର୍ଯ୍ୟାୟରେ କୋଲାଟରାଲ -ମୁକ୍ତ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରନ୍ତି। ସମୟାନୁସାରେ ପରିଶୋଧକୁ ଉତ୍ସାହିତ କରିବା ନିମନ୍ତେ, ସମୟାନୁସାରେ ସେମାନଙ୍କର ଋଣ ପରିଶୋଧ କରୁଥିବା ହିତାଧିକାରୀମାନେ ୭% ସୁଧ ସବସିଡି ମଧ୍ୟ ପାଇଥାଆନ୍ତି। ଗତ ଛଅ ବର୍ଷ ମଧ୍ୟରେ, ପି.ଏମ.- ସ୍ୱନିଧି ଯୋଜନା ପ୍ରାୟ ୭୬ ଲକ୍ଷ ଷ୍ଟ୍ରିଟ୍ ବିକ୍ରେତାଙ୍କୁ ଏଭଳି ଲାଭ ପ୍ରଦାନ କରିଆସୁଛି ଏବଂ ଏହାର ତିନୋଟି ଋଣ ଚକ୍ରରେ ଏବେ ସୁଦ୍ଧା ୧୭,୮୦୦ କୋଟି ଟଙ୍କାରୁ ଅଧିକ ଋଣ ପ୍ରଦାନ କରାଯାଇ ପାରିଛି।

# ମାନବତାବାଦୀ କବି ଗୋପବନ୍ଧୁ

ଗୋପବନ୍ଧୁ ଦାସ ଓଡ଼ିଶାର ଜଣେ ମହାନ କବି, ସାହିତ୍ୟିକ, ସମାଜସେବୀ, ସାମ୍ବାଦିକ ଏବଂ ସାଧୀନତା ସଂଗ୍ରାମୀ ଥିଲେ। ସେ କେବଳ ରାଜନୀତି କିମ୍ବା ସମାଜସେବାରେ ନୁହେଁ, ଓଡ଼ିଆ ସାହିତ୍ୟରେ ମଧ୍ୟ ଅମୂଲ୍ୟ ଅବଦାନ ରଖିଥିଲେ। ତାଙ୍କ କବିତାଗୁଡ଼ିକରେ ଦେଶପ୍ରେମ, ମାନବତା, ତ୍ୟାଗ, ସେବା, ଆଧ୍ୟାତ୍ମିକତା ଏବଂ ସମାଜ ସଂସ୍କାରର ଭାବନା ପ୍ରକାଶ ପାଇଛି। ସେ ଜନସାଧାରଣଙ୍କ ଦୁଃଖ, ଦାରିଦ୍ର୍ୟ ଓ ଅସହାୟତାକୁ ନିକଟରୁ ଦେଖିଥିଲେ ଏବଂ ସେହି ଅନୁଭୂତି ତାଙ୍କ କବିତାରେ ପ୍ରତିଫଳିତ ହୋଇଛି। ସେ କେବଳ କବି ନୁହେଁ, ଜଣେ ସମାଜସେବୀ, ଦେଶପ୍ରେମୀ ଓ ମାନବତାବାଦୀ ଥିଲେ। ତେଣୁ ତାଙ୍କ କବିତାରେ ଜୀବନ ଓ ଆଦର୍ଶର ଛାପ ଦେଖିବାକୁ ମିଳେ।

ଗୋପବନ୍ଧୁଙ୍କ କବିତାର ପ୍ରମୁଖ ସ୍ୱର ହେଉଛି ଦେଶପ୍ରେମ। ସେ ଦେଶ ପାଇଁ ତ୍ୟାଗ, ବଳିଦାନ ଓ ସେବାର ବାର୍ତ୍ତା ଦେଇଛନ୍ତି।ତାଙ୍କ କବିତାରେ ମଣିଷର ଦୁଃଖ, ଦାରିଦ୍ର୍ୟ ଓ କଷ୍ଟ ପ୍ରତି ଗଭୀର ସହାନୁଭୂତି ରହିଛି। ସେ ମାନବସେବାକୁ ସର୍ବୋଚ୍ଚ ଧର୍ମ ବୋଲି ମାନୁଥିଲେ। ଅନ୍ଧବିଶ୍ୱାସ, କୁସଂସ୍କାର, ଅଶିକ୍ଷା ଓ ସାମାଜିକ ଅନ୍ୟାୟ ବିରୋଧରେ ସେ କବିତା ମାଧ୍ୟମରେ ସଚେତନତା ସୃଷ୍ଟି କରିଛନ୍ତି। ତାଙ୍କ କବିତାରେ ଶିକ୍ଷାକୁ ଜାତିର ଉନ୍ନତିର ମୂଳ ଆଧାର ବୋଲି ଦର୍ଶାଯାଇଛି।ଧର୍ମ, ସତ୍ୟ, ତ୍ୟାଗ, ନିଷ୍ଠା ଓ ନୈତିକ ମୂଲ୍ୟବୋଧ ତାଙ୍କ କବିତାରେ ପ୍ରମୁଖ ସ୍ଥାନ ପାଇଛି। ଗୋ-ମାହାତ୍ମ୍ୟ ପରି କାବ୍ୟରେ ଗ୍ରାମୀଣ ଅର୍ଥନୀତି, କୃଷି ଓ ଗୋପାଳନର ଗୁରୁତ୍ୱ ପ୍ରକାଶ ପାଇଛି। କାରା କବିତା ପରି ରଚନାରେ ନିଜ ସ୍ୱାର୍ଥକୁ ତ୍ୟାଗ କରି ଦେଶ ଓ ସମାଜ ପାଇଁ ଜୀବନ ଉତ୍ସର୍ଗ କରିବାର ଆଦର୍ଶ ଦେଖାଯାଏ। ଗୋପବନ୍ଧୁ ଦାସଙ୍କ କବିତାରେ ଦେଶପ୍ରେମ, ମାନବତା, ସମାଜସେବା, ଶିକ୍ଷା, ନୈତିକତା, ତ୍ୟାଗ ଓ ଲୋକକଲ୍ୟାଣର ଭାବନା ପ୍ରତିଫଳିତ ହୋଇଛି। ତାଙ୍କ କବିତା କେବଳ ସାହିତ୍ୟ ନୁହେଁ, ଏକ ଆଦର୍ଶ ଜୀବନର ପଥପ୍ରଦର୍ଶକ ଭାବେ ମଧ୍ୟ ପରିଗଣିତ।

''ଅବକାଶ ଚିନ୍ତା'' ଗୋପବନ୍ଧୁଙ୍କ ଏକ ଚିନ୍ତନଶୀଳ କବିତା। ଏହି କବିତାରେ କବି ନିଜ ଜୀବନ, ସମାଜ ଏବଂ ଦେଶର ଅବସ୍ଥା ସମ୍ପର୍କରେ ଗଭୀର ଭାବନା ପ୍ରକାଶ କରିଛନ୍ତି।କବି ମନେ କରନ୍ତି ଯେ ମଣିଷ ଜୀବନ କେବଳ ଭୋଗବିଳାସ ପାଇଁ ନୁହେଁ। ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ସମାଜ ଓ ଦେଶର କଲ୍ୟାଣ। ମଣିଷ ନିଜର ସମୟକୁ ସଦୁପଯୋଗ କରିବା ଉଚିତ ଏବଂ ଅନ୍ୟମାନଙ୍କ ଉପକାର ପାଇଁ କାର୍ଯ୍ୟ କରିବା ଉଚିତ।ଏହି କବିତାର ମୁଖ୍ୟ ବାର୍ତ୍ତା ହେଉଛି ଆତ୍ମସମୀକ୍ଷା ଏବଂ ଜୀବନର ସଦୁପଯୋଗ।

'ବନ୍ଦୀର ଆତ୍ମକଥା' ଗୋପବନ୍ଧୁଙ୍କର ସବୁଠାରୁ ଲୋକପ୍ରିୟ କବିତାମାନଙ୍କ ମଧ୍ୟରୁ ଗୋଟିଏ। ଏଥିରେ ଜଣେ ବନ୍ଦୀର ଜୀବନ କାହାଣୀ ବର୍ଣ୍ଣିତ ହୋଇଛି। ବନ୍ଦୀ କାରାଗାର ଭିତରେ ରହି ସ୍ୱାଧୀନତାର ମୂଲ୍ୟ ବୁଝିପାରେ। ସେ ନିଜ ଭୁଲ ପାଇଁ ଅନୁତାପ କରେ ଏବଂ ମୁକ୍ତ ଜୀବନ ପାଇଁ ଆକାଂକ୍ଷା କରେ। କବି ଏହି ବନ୍ଦୀର ମାଧ୍ୟମରେ ସ୍ୱାଧୀନତାର ଗୁରୁତ୍ୱ ଏବଂ ମାନବ ଜୀବନର ମୂଲ୍ୟକୁ ଉପସ୍ଥାପନ କରିଛନ୍ତି।

ଏହି କବିତା ଆମକୁ ଶିଖାଏ ଯେ ସ୍ୱାଧୀନତା ମଣିଷର ସବୁଠାରୁ ବଡ଼ ସମ୍ପଦ। ''ରେଳ ଉପରେ'' କବିତାରେ କବି ରେଳଯାତ୍ରା ସମୟରେ ଦେଖିଥିବା ବିଭିନ୍ନ ଦୃଶ୍ୟ ଏବଂ ସାମାଜିକ ଅବସ୍ଥାର ବର୍ଣ୍ଣନା କରିଛନ୍ତି। ଯାତ୍ରା ସମୟରେ ସେ ଗରିବ, ଧନୀ, ଶିକ୍ଷିତ ଓ ଅଶିକ୍ଷିତ ଲୋକଙ୍କ ଜୀବନକୁ ଦେଖନ୍ତି। ସମାଜରେ ଥିବା ଅସମାନତା, ଦାରିଦ୍ର୍ୟ ଓ ଅନ୍ୟାୟ ପ୍ରତି ସେ ଚିନ୍ତା ପ୍ରକାଶ କରନ୍ତି।ଏହି କବିତା ମାଧ୍ୟମରେ ସେ ସମାଜରେ ସମାନତା ଏବଂ




**ସାଗତିକା ସାହୁ**
ଅଧ୍ୟାପିକା, ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟ, ତୁମୁଡିବନ୍ଧ, କନ୍ଧମାଳ


ମାନବିକତା ସ୍ଥାପନର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ''ଗୋ-ମାହାତ୍ମ୍ୟ'' କବିତାରେ ଗୋମାତାର ମହତ୍ତ୍ୱ ବର୍ଣ୍ଣିତ ହୋଇଛି। ଗୋପବନ୍ଧୁ ଗାଇକୁ ଭାରତୀୟ କୃଷି, ଅର୍ଥନୀତି ଏବଂ ସଂସ୍କୃତିର ଏକ ମୁଖ୍ୟ ଆଧାର ଭାବେ ଦେଖିଥିଲେ। ଗାଇ ମଣିଷକୁ କ୍ଷୀର, ଗୋବର, ଗୋମୂତ୍ର ଓ କୃଷିକାର୍ଯ୍ୟରେ ସହାୟତାଯୋଗାଇଥାଏ।କବି ଗୋସେବା ଓ ଗୋରକ୍ଷାର ଆବଶ୍ୟକତା ଉପରେ ଜୋର ଦେଇଛନ୍ତି। ଏହି କବିତା ଭାରତୀୟ ଗ୍ରାମୀଣ ଜୀବନ ସହ ଜଡ଼ିତ।

''ଧର୍ମପଦ'' କବିତା ଓଡ଼ିଶାର ଗୌରବମୟ ଇତିହାସ ସହ ଜଡିତ। କୋଣାର୍କ ସୂର୍ଯ୍ୟମନ୍ଦିର ନିର୍ମାଣ ସମୟରେ ଜଣେ ବାଳକ ଧର୍ମପଦ ନିଜ ବୁଦ୍ଧି ଓ କୌଶଳ ଦ୍ୱାରା ମନ୍ଦିରର ଶେଷ କାମ ସମ୍ପୂର୍ଣ୍ଣ କରିଥିଲେ। କିନ୍ତୁ କାରିଗରମାନଙ୍କୁ ବଞ୍ଚାଇବା ପାଇଁ ସେ ନିଜ ଜୀବନ ବଳିଦାନ ଦେଇଥିଲେ।ଏହି କବିତାରେ ତ୍ୟାଗ, ବୀରତ୍ୱ, କର୍ତ୍ତବ୍ୟନିଷ୍ଠା ଓ ଦେଶପ୍ରେମର ଭାବନା ପ୍ରକାଶ ପାଇଛି।ଯ

ଗୋପବନ୍ଧୁ ଦାସ ସାଧୀନତା ଆନ୍ଦୋଳନରେ ଭାଗ ନେବା କାରଣରୁ କାରାଗାରକୁ ଯାଇଥିଲେ। କାରାଗାରରେ ଥିବା ସମୟରେ ସେୟ ଅନେକ କବିତା ଲେଖିଥିଲେ।ଏହି କବିତାଗୁଡ଼ିକରେ ତାଙ୍କର ଦେଶପ୍ରେମ, ଆତ୍ମତ୍ୟାଗ ଏବଂ ସାଧୀନତା ପ୍ରତି ଗଭୀର ଆକାଂକ୍ଷା ପ୍ରକାଶ ପାଇଛି। କାରାଗାରର କଷ୍ଟ ମଧ୍ୟରେ ମଧ୍ୟ ସେ ଦେଶର ଭବିଷ୍ୟତ ବିଷୟରେ ଆଶାବାଦୀ ଥିଲେ। ଏହି କବିତାଗୁଡ଼ିକ ଜାତୀୟ ଚେତନାର ଉତ୍କୃଷ୍ଟ ଉଦାହରଣ। ଗୋପବନ୍ଧୁଙ୍କ ଅଧିକାଂଶ କବିତାରେ ମାତୃଭୂମି ପ୍ରତି ଅଗାଧ ପ୍ରେମ ଦେଖିବାକୁ ମିଳେ। ସେ ଚାହୁଁଥିଲେ ଓଡ଼ିଶା ଓ ଭାରତ ଉନ୍ନତିର ପଥରେ ଆଗକୁ ବଢୁ।ତାଙ୍କ କବିତା ଯୁବପିଢ଼ୀଙ୍କୁ ଦେଶସେବା ପାଇଁ ପ୍ରେରଣା ଦେଇଥାଏ। ସେ ନିଜ ଜୀବନରେ ଯାହା ଆଦର୍ଶ ପାଳନ କରିଥିଲେ, ତାହାକୁ କବିତାରେ ମଧ୍ୟ ପ୍ରକାଶ କରିଥିଲେ। ଗୋପବନ୍ଧୁଙ୍କ କବିତାରେ ମାନବସେବାର ଭାବନା ବହୁତ ପ୍ରବଳ। ସେ ଦୁଃଖୀ, ଗରିବ ଓ ଅସହାୟ ଲୋକଙ୍କ ସେବାକୁ ସର୍ବୋଚ୍ଚ ଧର୍ମ ବୋଲି ମନେ କରୁଥିଲେ। ତାଙ୍କ କବିତା ଆମକୁ ଶିଖାଏ ଯେ ଜାତି, ଧର୍ମ, ବର୍ଣ୍ଣ ଓ ଭାଷାର ଭେଦଭାବ ଭୁଲି ସମସ୍ତଙ୍କୁ ଭଲପାଇବା ଉଚିତ। ତାଙ୍କ କବିତାରେ ସରଳତା, ଦେଶପ୍ରେମ, ମାନବି କତା, ନୈତିକତା, ଆଧ୍ୟାତ୍ମିକତା ସ୍ପଷ୍ଟ ଭାବରେ ପରିଲକ୍ଷିତ ହୁଏ। ଉତ୍କଳମଣି ଗୋପବନ୍ଧୁ ଦାସଙ୍କ କବିତାଗୁଡ଼ିକ କେବଳ ସାହିତ୍ୟ ନୁହେଁ, ବରଂ ଜୀବନର ଶିକ୍ଷା। ତାଙ୍କ ରଚନାରେ ଦେଶପ୍ରେମ, ତ୍ୟାଗ, ସେବା, ମାନବତା ଓ ନୈତିକତାର ମହାନ ବାର୍ତ୍ତା ନିହିତ ଅଛି। ''ଅବକାଶ ଚିନ୍ତା'', ''ବନ୍ଦୀର ଆତ୍ମକଥା'', ''ରେଳ ଉପରେ'', ''ଗୋ-ମାହାତ୍ମ୍ୟ'', ''ଧର୍ମପଦ'' ଏବଂ ''କାରା କବିତା'' ଭଳି ରଚନାମାନେ ଓଡ଼ିଆ ସାହିତ୍ୟର ଅମୂଲ୍ୟ ସମ୍ପଦ। ସେଗୁଡ଼ିକ ଆଜି ମଧ୍ୟ ପାଠକଙ୍କୁ ସତ୍ୟ, ସେବା ଓ ଦେଶପ୍ରେମର ପଥରେ ଚାଲିବାକୁ ପ୍ରେରଣା ଦେଇଥାଏ।

# ମନର ବାଣୀ ଆକାଶବାଣୀ




**ଅଧ୍ୟାପକ ରାଜେଶ ରାୟ**
ଜୟପୁର, ୬୩୭୧୫୫୫୯୪୦


'ଆକାଶବାଣୀ' ଏହି ଶବ୍ଦଟି ସାମ୍ନାକୁ ଆସିଲେ ମନରେ ଉଙ୍କିମାରେ ଶିକ୍ଷା ଓ ମନୋରଞ୍ଜନର ପରସକୁ ଗୁଣ୍ଠୁ ଗୁଣ୍ଠୁ ହୋଇ ବାଣ୍ଟୁଥିବା ଆଦ୍ୟ ଗଣଯୋଗାଯୋଗର ଅନନ୍ୟ ସୃଷ୍ଟି ରେଡ଼ିଓର କଥା। ପ୍ରଯୁକ୍ତିବିଦ୍ୟାର ସ୍ରୋତରେ ବର୍ତ୍ତମାନ ଆଧୁନିକ ଯନ୍ତ୍ରପାତି ଯେତେ ବିକାଶ କରୁଥିଲେ ମଧ ରେଡ଼ିଓ ଏକ ବିଶ୍ୱସନୀୟ ଏବଂ ଲୋକାଦୃତ ଗଣମାଧମ ରୂପେ ଆଜିବି ନିଜର କାର୍ଯ୍ୟକୁ ସମ୍ପାଦନ କରୁଛି। ଏହା ସତ ଯେ ବିବର୍ତ୍ତନର ଚକ୍ରରେ ବାନ୍ଧି ହୋଇ ରେଡ଼ିଓର ରୂପରେଖ ବଦଳିଛି। ଆଉ ସେ ପୁରୁଣା କାଠବାକ୍ସର ଚାରିକାନ୍ଥ ଭିତରେ ରେଡ଼ିଓ ଆବଦ୍ଧ ହୋଇ ନାହିଁ ବରଂ ନିଜର ମୁକ୍ତ ଡେଣା ଝାଡ଼ି ପ୍ରଯୁକ୍ତିବିଦ୍ୟାର ବିଶାଳ କ୍ଷେତ୍ରରେ ପାଦ ଥାପିଛି। ମୋବାଇଲ୍ ଫୋନର ଆପ୍ ଯୋଗେ ଏବେ ଆମେ ରେଡ଼ିଓକୁ FM ( frequency modulation ) ମାଧମରେ ଆମେ ଶୁଣି ପାରୁଛୁ। ବିଶ୍ୱର ଯେକୌଣସି ସ୍ଥାନରେ ଏବେ ରେଡ଼ିଓ ପହଞ୍ଚି ପାରୁଛି। ଅତୀତର ପୃଷ୍ଠାକୁ ଓଲଟାଇଲେ ଆମେ ଦେଖିବା ଯେ ୧୮୮୬ ରୁ ୧୮୮୮ ମଧରେ ପ୍ରଖ୍ୟାତ ବୈଜ୍ଞାନିକ ହେନରିଚ୍ ରୁଡୋଲ୍‌ଫ ହର୍ଜଙ୍କ ବୈଦୁତିକ ଚୁମ୍ବକୀୟ ତରଙ୍ଗ ପରୀକ୍ଷଣ ଏବଂ ୧୯୦୧ ମସିହାରେ ଇଟାଲୀର ବୈଜ୍ଞାନିକ ଜି. ମାର୍କୋନୀଙ୍କ ଉଦ୍ୟମରେ ଗଢ଼ା ହୋଇଥିବା ଯନ୍ତ୍ରଦ୍ ?ାରା ପ୍ରଥମେ ତାରବିହୀନ ବା ବେତାର ବାର୍ତ୍ତା ପ୍ରେରଣ କରାଯାଇଥିଲା। ସେଇଠୁ ହିଁ ରେଡ଼ିଓର ଜନ୍ମ। ୧୯୦୬ ମସିହାରେ ରେଜିନାଲଡ୍ ଫେସେନଡେନଙ୍କ ଦ୍ ?ାରା ପ୍ରଥମେ ମଣିଷର ସ୍ୱର ରେଡ଼ିଓ ଯୋଗେ ପ୍ରସାରିତ ହୋଇଥିଲା। ଭାରତରେ ସର୍ବପ୍ରଥମେ ୧୯୨୩ ମସିହାରେ 'ରେଡ଼ିଓ କ୍ଲବ ଅଫ୍ ବମ୍ବେ' ନାମରେ ରେଡ଼ିଓ ପ୍ରବେଶ କଲା। ୧୯୩୬ ମସିହାରେ ଅଲ୍ ଇଣ୍ଡିଆ ରେଡ଼ିଓ ଏବଂ ୧୯୫୬ ମସିହାରେ ଆକାଶବାଣୀ ଭାବେ ଜନମାନସରେ ରେଡ଼ିଓ ଆଦୃତ ଲାଭ କଲା। ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋରଙ୍କ ମାନସ ସନ୍ତାନ ହେଉଛି ଆକାଶବାଣୀ ଯାହାର ଆକ୍ଷରିକ ଅର୍ଥ ଆକାଶରୁ ଭାସି ଆସୁଥିବା ବାଣୀ। ରେଡ଼ିଓ ଆକାଶର ଉଜ୍ଜଳ ନକ୍ଷତ୍ର ଭାବେ ଆକାଶବାଣୀ ନିଜର ଚମକକୁ ବାଣ୍ଟି ମନର କଥାକୁ ଖୁବ୍ ସୁନ୍ଦର ଭାବେ ପରିପ୍ରକାଶ କରୁଛି। ୨୦୨୫-୨୬ ର ତଥ୍ୟ ଅନୁଯାୟୀ ଆକାଶବାଣୀ ଭାରତର ୯୮ ପ୍ରତିଶତ ଲୋକଙ୍କ ପାଖରେ ପହଞ୍ଚିଛି ଏବଂ ଭାରତ ଛଡା ୧୦୦ରୁ ଊର୍ଦ୍ଧ୍ୱର ଦେଶରେ ମଧ ଏହା କାର୍ଯ୍ୟକ୍ରମ ପ୍ରସାରଣ କରୁଛି। ଭାରତରେ ଏବେ ଆକାଶବାଣୀର ୫୯୧ ଟି କେନ୍ଦ୍ର କାମ କରିବା ସହ ୨୩ ଟି ଭାଷା ଏବଂ ୧୪୬ଟି ଉପଭାଷାରେ ଏହା ଶ୍ରୋତାଙ୍କ ମନ ପସନ୍ଦର ବିଭିନ୍ନ କାର୍ଯ୍ୟକ୍ରମକୁ ଭେଟି ଦେଉଛି। ଅନବରତ ସେବା ଯୋଗାଇ ଚାହୁଁ ଚାହୁଁ ଆକାଶବାଣୀ ଆଜି ୯୦ ବର୍ଷରେ ପାଦ ଥାପିଛି ସତ କିନ୍ତୁ ଅନେକ ଗୁଡ଼ିଏ ଚ୍ୟାଲେଞ୍ଜ ମଧରେ ଏବେ ତାର ଭବିଷ୍ୟତ ଗତି କରୁଛି। ବଡ଼ କଥା ହେଲା ବର୍ତ୍ତମାନ ରେଡ଼ିଓକୁ ଶୁଣୁଥିବା ଶ୍ରୋତାଙ୍କ ସଂଖ୍ୟା ଅତି ନଗଣ୍ୟ ସ୍ଥିତିରେ ରହିଛି ! ଦୁଃଖର ସହ ଏଠି କହିବାକୁ ପଡୁଛି ଯେ କିଛି ସୀମିତ ଶ୍ରୋତାଙ୍କୁ ନେଇ ବର୍ତ୍ତମାନ ଆକାଶବାଣୀର ପ୍ରତିଟି କେନ୍ଦ୍ର ପରିଚାଳିତ ହେଉଛି। ଯୁବ ଶ୍ରୋତାଙ୍କ ସଂଖ୍ୟା ନ କହିଲେ ଭଲ। ସମୟ , ଶବ୍ଦ ଓ ସ୍ୱରକୁ ସର୍ବଦା ପ୍ରାଧାନ୍ୟ ଦେଇଥାଏ ଆକାଶବାଣୀ। ଉଦଘୋଷକ ଏବଂ ଉଦଘୋଷିକାମାନେ ଯେଉଁ ଶୁଦ୍ଧ ଶୈଳୀରେ କାର୍ଯ୍ୟକ୍ରମ ଉପସ୍ଥାପନା କରନ୍ତି ତାହା ବେଶ୍ ରୁଚିକର ଏବଂ ଉଚ୍ଚକୋଟିର କିନ୍ତୁ ସମୟ ସହ ତାଳ ଦେଇ ତଥା ବର୍ତ୍ତମାନ ପିଢ଼ିର ଭାବନାକୁ ବୁଝି ସେହି ଚିରାଚରିତ ଢଙ୍ଗରେ ପରିବର୍ତ୍ତନ ଆସିବାର ଯଥେଷ୍ଟ ଆବଶ୍ୟକତା ରହିଛି। ରେଡ଼ିଓର ଏକ ଆକର୍ଷଣୀୟ ଏବଂ ପ୍ରଭାବୀ କାର୍ଯ୍ୟକ୍ରମ ହେଉଛି ଲାଇଭ ଫୋନ ଇନ୍ ଯେଉଁଥିରେ ଶ୍ରୋତାମାନେ ସିଧାସଳଖ ଯୋଡ଼ି ହୋଇ ନିଜ ମନର କଥା ରଖନ୍ତି କିନ୍ତୁ ଆକାଶବାଣୀ ପରି ପୁରାତନ ଏବଂ ସର୍ବାଧିକ ଲୋକଙ୍କ ପାଖେ ପହଞ୍ଚିଥିବା ଗଣମାଧମରେ ଏବେ ଅନୁଷ୍ଠିତ ହେଉଥିବା ଫୋନ ଇନ୍ କାର୍ଯ୍ୟକ୍ରମ କିଛି ନିର୍ଦ୍ଦିଷ୍ଟ ଶ୍ରୋତାଙ୍କୁ ନେଇକି ଗତି କରୁଛି। ଯେଉଁଠି ସାମାଜିକ ଗଣମାଧମ ଏବଂ ଅତ୍ୟାଧୁନିକ ମନୋରଞ୍ଜନର ମାଧମକୁ ଆମେ ପ୍ରାଧାନ୍ୟ ଦେଉଛୁ ସେଠାରେ ଆକାଶବାଣୀ ପରି ବିଶ୍ୱସନୀୟ ଏବଂ ସଠିକ୍ ସୂଚନା ଦେଉଥିବା ମାଧମକୁ ନଜର ଅନ୍ଦାଜ କରୁଛେ। ଆକାଶବାଣୀରେ ଆପଣ ଏବେବି ପାଲା, ଦାସ କାଠିଆ , ଲୋକଗୀତ , ପୁରାଣ, ଓ ନାଟକ ପରି ସଂସ୍କୃତି ସମ୍ପନ୍ନ କାର୍ଯ୍ୟକ୍ରମ ଶୁଣି ପାରୁଛନ୍ତି ଯାହା ଅନ୍ୟ ଗଣମାଧମରେ ଉପଲବ୍ଧ ନାହିଁ। ଖୁବ୍ କମ୍ କର୍ମଚାରୀ ମାନଙ୍କୁ ନେଇ ଆକାଶବାଣୀର ବିଭିନ୍ନ କେନ୍ଦ୍ର ଏବେ ପରିଚାଳିତ ହେଉଛି। ସ୍ଥାୟୀ ନିଯୁକ୍ତି ସଂଖ୍ୟା କମି ଅସ୍ଥାୟୀ ଭାବେ ଲୋକଙ୍କୁ ଆକାଶବାଣୀରେ କାମ କରିବା ପାଇଁ ସୁଯୋଗ ମିଳୁଛି, ଏହାମଧ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଭାବେ ଦଣ୍ଡାୟମାନ। ପ୍ରଯୁକ୍ତିବିଦ୍ୟାର ଶ୍ରେଷ୍ଠ ଉପହାର ଭାବେ ବର୍ତ୍ତମାନ ମୁଣ୍ଡ ଟେକିଥିବା କୃତ୍ରିମ ବୁଦ୍ଧିମତାକୁ ଆକାଶବାଣୀର ବିକାଶ ନିମନ୍ତେ ବ୍ୟବହାର କରିବା ପାଇଁ ଯୋଜନା ପ୍ରସ୍ତୁତ କରିବାର ଯଥେଷ୍ଟ ଆବଶ୍ୟକତା ରହିଛି। ଏବେବି ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଲୋକେ ପ୍ରଥମେ ଆକାଶବାଣୀକୁ ଖୋଜନ୍ତି ତେଣୁ ଏହାର ଉପସ୍ଥିତି ସଦା ଚିର ସବୁଜ। ଆକାଶବାଣୀର ଆଜି ଶୁଭ ଜନ୍ମଦିନ। ରେଡ଼ିଓକୁ ଭଲ ପାଉଥିବା ଏବଂ ରେଡିଓରେ କାମ କରୁଥିବା ଜଣେ ବ୍ୟକ୍ତି ଭାବେ ମୋର ଅନ୍ତରାତ୍ମା ଆକାଶବାଣୀ ପ୍ରତି ସମର୍ପିତ ଏବଂ ଆଗାମୀ ଦିନରେ କିପରି ଏହା ନିଜର ସମସ୍ତ ଉଦ୍ଦେଶ୍ୟକୁ ପୂର୍ଣ୍ଣ କରିବ ସେଥିନିମନ୍ତେ ସମସ୍ତଙ୍କୁ ବିନମ୍ର ଅନୁରୋଧ କରୁଛି। ଗଣମାଧମର ଆଧୁନିକ ପରିପନ୍ଥୀ ଗୁଡ଼ିକ ଛାତିରେ ହାତ ବାଡ଼େଇ, ଅଣନିଃଶ୍ୱାସୀ ହୋଇ ଯେତେ ଚିତ୍କାର କରୁଥିଲେ ମଧ ଆକାଶବାଣୀ ସତ୍ୟ ଏବଂ ବିକାଶର ଗାଥାକୁ ସର୍ବଦା ଶ୍ରୋତାଙ୍କ ମନରେ ଯୋଡୁଥିବ ଏଥିରେ ଦ୍ୱିରୁକ୍ତି ନାହିଁ।

# ଯୁଗ ପ୍ରବର୍ତ୍ତକ ରାଧାନାଥ

ପ୍ରାଚୀନ ଉତ୍କଳରେ ବହୁ ସାରସ୍ୱତ ସାଧକଙ୍କର ଆବିର୍ଭାବ ଘଟି ଉତ୍କଳ ସାହିତ୍ୟାକାଶର କମନୀୟ ପରିବେଶକୁ ଆହୁରି ଋଦ୍ଧିମନ୍ତ କରିବାର ପ୍ରୟାସ କରିଛନ୍ତି। ଦେଶରେ ବ୍ରିଟିଶ ସଭ୍ୟତା ଏବଂ ଇଂରାଜୀ ଶିକ୍ଷାର ପ୍ରଚାର ପ୍ରସାର ସହିତ ପଡୋଶୀ ବଙ୍ଗୀୟମାନଙ୍କର ଯେତିକି ପ୍ରଭାବ ଦୃଷ୍ଟିଗୋଚର ହେଉଥିଲା ସେତିକି ପ୍ରାଦୁର୍ଭାବ ମଧ୍ୟ ସାହିତ୍ୟରେ ଲକ୍ଷ୍ୟ କରାଯାଇଥିଲା। ଏହାକୁ ସେତେବେଳେ ଫକୀରମୋହନ ଓ ରାଧାନାଥ ରାୟ ନିଜ ସାହିତ୍ୟ ସୃଷ୍ଟି ବଳରେ ପରୋକ୍ଷ ଓ ପ୍ରତ୍ୟକ୍ଷ ଭାବରେ ପ୍ରବଳ ବିରୋଧ କରିଥିଲେ। ପଦ୍ୟ ସାହିତ୍ୟରେ ରାଧାନାଥ ଏଭଳି ଏକ ସୃଜନଶକ୍ତି ପ୍ରୟୋଗ କରିଛନ୍ତି ଯାହା ହୋଇନଥିଲେ ବୋଧହୁଏ ଓଡ଼ିଆ ସାହିତ୍ୟ ଜଗତର ଗତି ଆହୁରି ପଚାଶ ଷାଠିଏ ବର୍ଷ ପଛକୁ ଠେଲିହୋଇ ଯାଇଥା'ନ୍ତା। ସେ ଦୃଷ୍ଟିରୁ ସମସୃଷ୍ଟିର ବ୍ୟତିକ୍ରମ, ସମକାଳର ବିସ୍ମୟ ରାଧାନାଥ ଆଧୁନିକ ସ୍ରଷ୍ଟାର ନମସ୍ୟ

ଏହି ଯୁଗ ପ୍ରବର୍ତ୍ତକ ସାରସ୍ୱତ ସାଧକ ଓଡ଼ିଶାର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ସୋର ସ୍ଥିତ କେଦାରପୁର ଗ୍ରାମରେ ୨୮ ସେପ୍ଟେମ୍ବର ୧୮୪୮ ଖ୍ରୀଷ୍ଟାବ୍ଦରେ ପିତା ସୁନ୍ଦର ନାରାୟଣ ରାୟ ଓ ମାତା ତାରିଣୀ ଦେବୀଙ୍କ କୋଳ ମଣ୍ଡନ କରିଥିଲେ। ପିତା ସୁନ୍ଦର ନାରାୟଣ ଥିଲେ ଦକ୍ଷିଣ ଭାରତୀୟ ଓ ତାଙ୍କର ପୂର୍ବପୁରୁଷ ମେଦିନିପୁର ଅନ୍ତର୍ଗତ ରାଧାନାଥ ନଗର ଗ୍ରାମରୁ ଓଡିଶାକୁ ଆସିଥିଲେ। ତାଙ୍କର ବଂଶଗତ ଉପାଧିଥିଲା ଦେ। ପିତା ସୁନ୍ଦର ନାରାୟଣ ବାଲେଶ୍ୱର କଲେକ୍ଟୋରେଟରେ ସଦର କାନୁନଗୋ ଭାବେ କାର୍ଯ୍ୟରତ ଥିଲେ। ଅତି ଶୈଶବରୁ ରାଧାନାଥଙ୍କ ମାତୃବିୟୋଗ ଘଟିଥିଲା। ପିଲାବେଳୁ ଅତ୍ୟନ୍ତ ରୋଗାକ୍ରାନ୍ତ ହୋଇପଡିଥିବାରୁ ପାଠପଢାରେ ଅନେକ ବାଧା ସୃଷ୍ଟି ହୋଇଥିଲା। ମାଟିବଂଶ ଅବଧାନଙ୍କ ପାଖରୁ ଶିକ୍ଷା ସମାପ୍ତକରି ସୋରଠାରେ ଥିବା ଭର୍ଣ୍ଣାକୁଲାର ସ୍କୁଲରେ ଅଧ୍ୟୟନ କରିଥିଲେ। ୧୮୬୩ ଖ୍ରୀଷ୍ଟାବ୍ଦରେ ପ୍ରଥମ ଶ୍ରେଣୀରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ କଲିକତାର ପ୍ରେସିଡ଼େନସି କଲେଜରେ ଏଫ୍ .ଏ . ପଢିବାପାଇଁ ଯାତ୍ରାକଲେ। ମାତ୍ର ସେଠାରେ ତାଙ୍କର ସ୍ୱାସ୍ଥ୍ୟରେ ଅବନତି ଓ ଆର୍ଥିକ ଦୁର୍ଗତିପାଇଁ ଉଚ୍ଚଶିକ୍ଷାର ଆଶା ପରିତ୍ୟାଗକରି ବାଲେଶ୍ୱରକୁ ଫେରିଆସିଥିଲେ। ଏହାପରେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ସେ ମାସିକ ଟ. ୩୦ /- ଦରମାରେ ତୃତୀୟ ଶିକ୍ଷକ ଭାବରେ ନିୟୋଜିତ ହେଲେ। ୧୮୬୮ ମସିହାରେ ପୁରୀ ଜିଲ୍ଲା ସ୍କୁଲରେ ଦ୍ୱିତୀୟ ଶିକ୍ଷକ ଭାବରେ ଯୋଗଦାନ କଲେ। ଭକ୍ତକବି ମଧୁସୂଦନ ରାଓ ଏହି ସ୍କୁଲରେ ରାଧାନାଥଙ୍କ ଛାତ୍ର ଥିଲେ। ୧୮୭୦ ମସିହାରେ ବାଲେଶ୍ୱର ଜିଲ୍ଲା ରେମୁଣା ଗ୍ରାମର ଆଦିତ୍ୟ ବଂଶର ଚନ୍ଦ୍ରମୋହନ ଆଦିତ୍ୟଙ୍କ କନ୍ୟା ପରଶମଣିଙ୍କ ସହିତ ରାଧାନାଥଙ୍କ ବିବାହ ସଂପନ୍ନ ହୋଇଥିଲା। ପୁରୀରୁ ବଙ୍ଗ ପ୍ରଦେଶ ଅନ୍ତର୍ଗତ ବାଙ୍କୁଡା ସ୍କୁଲ୍ ଏବଂ ସେଠାରୁ ୧୮୭୬ ରେ ବାଲେଶ୍ୱର ଜିଲ୍ଲାର ଡେପୁଟୀ ସ୍କୁଲ ଇନ୍ସପେକ୍ଟର ପଦରେ ନିଯୁକ୍ତ ହୋଇ ଓଡିଶା ପ୍ରତ୍ୟାବର୍ତ୍ତନ କରିଥିଲେ। ମଧୁସୂଦନ ରାଓ ସେତେବେଳେ ବାଲେଶ୍ୱର ଜିଲ୍ଲା ସ୍କୁଲର ଦ୍ୱିତୀୟ ଶିକ୍ଷକ ଏବଂ ଫକୀରମୋହନ ସେନାପତି ଥିଲେ ବାଲେଶ୍ୱର ବାସିନ୍ଦା। ଏହି ତିନିଜଣ ମନସ୍ୱୀଙ୍କ ଚିନ୍ତାଧାରାର ମଧୁର ସମନ୍ୱୟରେ ଆଧୁନିକ ଓଡ଼ିଆ ସାହିତ୍ୟରେ ନବକଳେବର ହୋଇଥିଲା। ମଧୁସୂଦନ ଓ ରାଧାନାଥଙ୍କ ମିଳିତ ଉଦ୍ୟମରେ ଏହି ସମୟରେ ଆତ୍ମପ୍ରକାଶ କଲା ପ୍ରଥମ କବିତା ସଙ୍କଳନ 'କବିତାବଳୀ'। ଏହିଠାରୁ ହିଁ ରାଧାନାଥଙ୍କ ବାସ୍ତବ ସାହିତ୍ୟିକ ଜୀବନର ଅୟମାରମ୍ଭ ହେଲା।

ବାଲେଶ୍ୱର ଜିଲ୍ଲାରେ ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ଡେପୁଟୀ ଇନ୍ସପେକ୍ଟର ରହିବାପରେ ଓଡିଶାର ଜଏଣ୍ଟ ଇନ୍ସପେକ୍ଟର ପଦକୁ ଉନ୍ନୀତ ହୋଇଥିଲେ। ଏହି ସମୟରେ ସେ ବଙ୍ଗଳା ଭାଷାରେ ମଧ୍ୟ ଲେଖାଲେଖି ଆରମ୍ଭକରି ଭୂଦେବ ମୁଖୋପାଧ୍ୟାୟଙ୍କୁ ଭେଟି ଦେଇଥିଲେ 'ଲେଖାବଳୀ' ନାମକ ଏକ କବିତା। ଭୂଦେବଙ୍କ ପ୍ରେରଣାରେ ହିଁ ସେ ଓଡିଆ ଭାଷାରେ ଲେଖାଲେଖି କରିବାପାଇଁ ଉତ୍ସାହିତ ହୋଇଥିଲେ। ଜଏଣ୍ଟ ଇନ୍‌ସପେକ୍ଟର ଭାବରେ ଓଡିଶାର ବିଭିନ୍ନ ଅଞ୍ଚଳ ବୁଲିବାର ସୁଯୋଗପାଇ ଓଡିଶାର ପ୍ରକୃତି ଓ ପରିବେଶ ସହିତ ପରିଚିତ ହୋଇଥିଲେ। ଏହି ସାରସ୍ୱତ ସାଧକ ସର୍ବଦା ମଶିଣାରେ ବସି ଏକ କାଠବାକ୍ସ ଉପରେ ଲେଖାଲେଖି କରୁଥିଲେ। ତାଙ୍କର ରଚନା ମଧ୍ୟରେ ସେ ଦର୍ଶନୀୟ ସ୍ଥାନ, ନଦୀ, ପୁଷ୍କରିଣୀ, ବୃକ୍ଷଲତା ଆଦି ପ୍ରାକୃତିକ ଦୃଶ୍ୟ ଓ ଐତିହାସିକ ବିଷୟବସ୍ତୁକୁ ପ୍ରାଧାନ୍ୟ ଦେଉଥିଲେ।

୧୮୮୨ ଖ୍ରୀଷ୍ଟାବ୍ଦରେ ରାଧାନାଥ ଇନ୍ସପେକ୍ଟର ପଦବୀକୁ ଉନ୍ନୀତ ହୋଇଥିଲେ। ୧୮୯୬ ମସିହାରେ ରାଧାନାଥଙ୍କ ସାହିତ୍ୟ ସେବା ଓ ଉତ୍କଳରେ ଶିକ୍ଷାର ବିସ୍ତାର ପ୍ରତି ଥିବା ସ୍ପୃହାର ପୁରସ୍କାର ସ୍ୱରୂପ ବ୍ରିଟିଶ ସରକାର ତାଙ୍କୁ ' ରାୟ ବାହାଦୂର ' ଉପାଧିରେ ଭୂଷିତ କରିଥିଲେ। ପରିଶେଷରେ ୧୯୦୩ ମସିହାରେ ଅବସର ନେଇଥିଲେ ସରକାରୀ ଚାକିରି ଜୀବନରୁ ୧୯୦୮ ମସିହା ବେଳକୁ କଟକରୁ ଫେରିଆସିଲା ପରେ ସାମାନ୍ୟ ଆକ୍ରାନ୍ତ ହୋଇ ସେହିବର୍ଷ ଅପ୍ରେଲ ୦୭ ତାରିଖରେ ମାତ୍ର ୫୯ ବର୍ଷ ବୟସରେ ସ୍ୱର୍ଗ ପଥର ଯାତ୍ରୀ ହୋଇଥିଲେ ରାଧାନାଥ।

ଉତ୍କଳର ପ୍ରାକୃତିକ ଦୃଶ୍ୟ ବର୍ଣ୍ଣନା ତାଙ୍କୁ ଅମରକରି ତାଙ୍କ ରଚନାର




**ପ୍ରଶାନ୍ତ କୁମାର ନାୟକ**
ୟୁନିଟ୍-୫, ଭୁବନେଶ୍ୱର
ଫୋ- ୮୨୪୯୬୫୦୪୧୪


ମାଧୁର୍ଯ୍ୟ, ପଦଲାଳିତ୍ୟ, ସାରଲ୍ୟ ଓ ସୁରୁଚି ପାଠକମାନଙ୍କୁ ବିମୁଗ୍ଧ କରିପକାଏ। ଚରିତ୍ର ଚିତ୍ରଣରେ ସେ କୃତିତ୍ୱ ଲାଭ କରିଥିଲେ। ସଂସ୍କୃତ ଓ ଇଂରାଜୀ ସାହିତ୍ୟରେ ତାଙ୍କର ପାଣ୍ଡିତ୍ୟ ଥିଲା। ପୁତ୍ର ଶଶିଭୂଷଣ ରାୟ ନିଜ ପିତାଙ୍କ ଗ୍ରନ୍ଥାବଳୀ ପ୍ରକାଶିତ କରିଛନ୍ତି। ପ୍ରାଥମିକ ଜୀବନରେ ବଙ୍ଗଳାରେ ଲେଖାଲେଖି କରି ପରବର୍ତ୍ତୀ ସମୟରେ ଓଡ଼ିଆ ଭାଷାରେ ଏକାଧିକ କାବ୍ୟ କବିତା ରଚନାକରି ଓଡ଼ିଆ ସାହିତ୍ୟରେ ଏକ ନୂତନ ଯୁଗର ପ୍ରବର୍ତ୍ତନ କରିଥିଲେ। ସେଥିପାଇଁ ତାଙ୍କୁ ଯୁଗ ପ୍ରବର୍ତ୍ତକ ଭାବରେ ଅଭିହିତ କରାଯାଏ। ଓଡ଼ିଆ ସାହିତ୍ୟରେ ଊନବିଂଶ ଶତାବ୍ଦୀର ଅର୍ଦ୍ଧାଧିକ କାଳ ପର୍ଯ୍ୟନ୍ତ କାବ୍ୟଯୁଗ ଓ ସଙ୍ଗୀତ ଯୁଗର ପ୍ରଭାବ ଅପ୍ରତିହତ ଥିଲା। କିନ୍ତୁ ଏହି ସମୟରେ ପାଶ୍ଚାତ୍ୟ ଶିକ୍ଷା, ସଭ୍ୟତା, ଶାସନ ଓ ସଂସ୍କୃତିର ସଂସର୍ଗ ଚିନ୍ତନ ରାଜ୍ୟରେ ନୂତନ ମାର୍ଗ ଉନ୍ମୋଚନ କରିଥିଲା। ପ୍ରଚଳିତ ସାହିତ୍ୟିକ ସ୍ରୋତରେ ନୂତନ ଆଲୋଡନ ସୃଷ୍ଟି ହୋଇଥିଲା। ଓଡିଶାର ଦୀର୍ଘକାଳର ସାହିତ୍ୟିକ ପରମ୍ପରାରେ ଅବସାନ ଘଟାଇ ରାଧାନାଥ ରାୟ ଏକ ଭିନ୍ନ ଏବଂ ନୂତନ ଧାରାର ପ୍ରବର୍ତ୍ତନ କରିଥିଲେ। ଏହି ଦୃଷ୍ଟିରୁ ରାଧାନାଥଙ୍କୁ ଓଡ଼ିଆ ସାହିତ୍ୟରେ ଆଧୁନିକ ଯୁଗର ବାର୍ତ୍ତାବହ ବୋଲି କୁହାଯାଏ। ତାଙ୍କର ଖଣ୍ଡିଏ ଗଦ୍ୟ ଉପନ୍ୟାସ ଓ 'ବିବେକୀ' ନାମରେ ପ୍ରବନ୍ଧ ଏବଂ କେତେଗୁଡିଏ ପାଠ୍ୟପୁସ୍ତକ ଛଡା ଆଉ ସବୁ ରଚନା ପଦ୍ୟରେ କରିଛନ୍ତି। ୧୮୭୩ ମସିହାରେ ପ୍ରକାଶିତ 'ବିବେକୀ' ତାଙ୍କର ପ୍ରଥମ ଓଡ଼ିଆ ସୃଷ୍ଟି। ଏହା ତାଙ୍କର ପ୍ରକୃଷ୍ଟ ଗଦ୍ୟ ରଚନାର ଶକ୍ତିଶାଳୀ ଉଦାହରଣ ଅଟେ। ଏହି ପ୍ରବନ୍ଧରେ ଅତି ନିଖୁଣ ଭାବରେ କବିଙ୍କର ମୌଳିକ ଭାବ ଓ ଦାର୍ଶନିକ ଚିନ୍ତାଧାରାର ପରିପ୍ରକାଶ ଘଟିଛି। ଓଡ଼ିଆ ପ୍ରବନ୍ଧ ସାହିତ୍ୟରେ ଏହା ଏକ ଗୌରବମୟ ସୃଷ୍ଟି ଭାବରେ ପରିଚିତ। 'ଇତାଲୀୟ ଯୁବା' କବିବରଙ୍କ ଏକ ବିଦେଶୀ ଗଳ୍ପର ରୂପାନ୍ତର। ରାଧାନାଥଙ୍କ ଗଦ୍ୟ ରଚନା କ୍ଷେତ୍ରରେ ଏହାଏକ ଅମଳିନ କୃତି। ଏହା ୧୮୭୩ ମସିହାରେ ପ୍ରଥମେ 'ଉତ୍କଳ ଦର୍ପଣ' ପତ୍ରିକାରେ ପ୍ରକାଶ ପାଇଥିଲା। ଏହା ଏକ ପ୍ରେମ ମୂଳକ ଗଳ୍ପ। ଏଥିରେ ପାଶ୍ଚାତ୍ୟ ପ୍ରଣୟ କାହାଣୀ ରୂପ ନେଇଛି। ରାଧାନାଥଙ୍କ ପ୍ରାଚ୍ୟ ପାଶ୍ଚାତ୍ୟ ସମନ୍ୱୟ ମୂଳକ ଯେଉଁ ଛଅଗୋଟି କାବ୍ୟ ରଚନା କରିଥିଲେ, ତନ୍ମଧ୍ୟରୁ ' କେଦାରଗୌରୀ 'ଅନ୍ୟତମ। ପ୍ରାଚ୍ୟ ପାଶ୍ଚାତ୍ୟ ସାହିତ୍ୟର କଳଗତ ସୁଷମାରେ ଏହା ମହିମା ମଣ୍ଡିତ ହୋଇଛି। ରାଧାନାଥ ଗ୍ରୀକ କବି ଓଭିଡଙ୍କ ଗୋଟିଏ ଗଳ୍ପ ' The legend of thise of Babylon' ଅବଘମ୍ବନରେ ରଚିତ ସେକ୍ସପିଅରଙ୍କ Mid Summer Nights Dream ନାଟକ Vramus And thisbe ଅବଲମ୍ବନରେ ଏହା ରଚି। ଭୁବନେଶ୍ୱରର କେଦାରଗୌରୀ ଉପାଖ୍ୟାନ ଏଥିରେ ପ୍ରକାଶ ପାଇଛି।

ତାଙ୍କର କବିତାଗୁଡ଼ିକ ମଧ୍ୟରେ ତୁଳସୀ ସ୍ତବକ, ଯଯାତିକେଶରୀ , ଉର୍ବଶୀ , ଦଶରଥ ବିୟୋଗ , ଭାରତ ଗୀତିକା , ଧବଳେଶ୍ୱର ସ୍ତୋତ୍ରମ୍, ସାବିତ୍ରୀ ଚରିତ୍ର, ତିନିବନ୍ଧୁ, ବନ୍ଦନା ନିବେଦନ , ପ୍ରତାପରୁଦ୍ର, ଶ୍ମଶାନ ଦୃଶ୍ୟ ,ଏକାଗ୍ରତା, ଦୁର୍ଯ୍ୟୋଧନର ରକ୍ତନଦୀ ସନ୍ତରଣ ଓ ଚିଲିକାରେ ଶୟନର ଦୃଶ୍ୟ ଇତ୍ୟାଦି ଅନ୍ୟତମ। ଗ୍ରନ୍ଥାବଳୀ ମଧ୍ୟରେ ସଂସ୍କୃତ ମେଘଦୂତର ପଦାନୁବାଦ, ସ୍କୁଲପାଠ,କବିତାବଳୀ,ପାର୍ବତୀ, ମହାଯାତ୍ରା , ଦରବାର , ଚିଲିକା , ରାମାୟଣ, ଗେଲୁ ଟକିଂ ଓ ଗେଲୁ ଇଟିଂ ଇତ୍ୟାଦି ଉଲ୍ଲେଖଯୋଗ୍ୟ। କବି ରାଧାନାଥ ରୀତିଯୁଗୀୟ କାବ୍ୟ ଧାରାରୁ ଓଡ଼ିଆ ସାହିତ୍ୟକୁ ବନ୍ଧନମୁକ୍ତ କରି ପାଶ୍ଚାତ୍ୟ କାବ୍ୟଧାରା ଅନୁସରଣରେ ଏକ ନବ କାବ୍ୟଧାରା ସୃଷ୍ଟି କରିଥିଲେ।

ପାଶ୍ଚାତ୍ୟ ଶିକ୍ଷା, ଭାଷା ସଙ୍କଟ, ନଅଙ୍କ ଦୁର୍ଭିକ୍ଷ, ସଂସ୍କାର ଆନ୍ଦୋଳନ ଓ ଜାତୀୟ ଜୀବନର ଆତ୍ମ- ଜାଗରଣ ମଧ୍ୟରୁ ଆଧୁନିକ ଓଡ଼ିଆ ସାହିତ୍ୟର ହେଲା ନବ ଜନ୍ମ, ଯାହାର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ରାଧାନାଥ ରାୟ। ରାଜ ଦରବାରର ସାହିତ୍ୟ ବଦଳରେ ଧୂଳିଧୂସରିତ ଜନପଦକୁ ସାହିତ୍ୟ ଭାବରେ ବନ୍ଦନା କରିଥିଲେ ରାଧାନାଥ। ତେଣୁ ତାଙ୍କ ନାମ ଅନୁସାରେ ଆଧୁନିକ ଓଡ଼ିଆ ସାହିତ୍ୟର ଆଦ୍ୟ ପର୍ଯ୍ୟାୟକୁ ମଧ୍ୟ ନାମିତ କରାଯାଇଛି।



ମଙ୍ଗଳବାର ୯।୬।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

## ରାଇକିଆ ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ରାଇକିଆ, ୮।୬ (ଜଗଦୀଶ ଦାଶ): କନ୍ଧମାଳ ଜିଲ୍ଲା ରାଇକିଆ ପୂଜା କମିଟି ତରଫରୁ ଆସନ୍ତା ଶୀତଳ ଷଷ୍ଠୀ ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ବନ ଦୁର୍ଗା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଅଛି । କମିଟି ସଭାପତି ସତ୍ୟବାନ ପାତ୍ରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ବୈଠକ ରେ ଦୁଇ ଦିନ ବ୍ୟାପି ଅୟୋଜନ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କ ରେ ଆଲୋଚନା କରାଯିବା ସହ କମିଟି ସଦସ୍ୟଙ୍କ ମତାମତ ନିଆ ଯାଇଥିଲା । ୧୮ ତାରିଖ ରେ ଶିବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କମିଟି ସଦସ୍ୟ ଙ୍କ ପ୍ରସ୍ତାବ କ୍ରମେ ବର ପିତା ଭାବେ ସନ୍ତୋଷ ଲେଙ୍କା ଏବଂ କନ୍ୟାପିତା ଭାବେ ବାବୁଲା ପଟ୍ଟନାୟକ ଦାୟିତ୍ୱ ନିର୍ବାହ କରିବେ । ବରଯାତ୍ରୀ ଶୋଭାଯାତ୍ରା ଆର ଏମ୍ ସି ଠାରୁ ବାହାରି ଶିବ ମନ୍ଦିର ନିକଟରେ ପହଞ୍ଚିବ । ୧୯ତାରିଖ ସନ୍ଧ୍ୟା ରେ ନଗର ପରିକ୍ରମା କାର୍ଯ୍ୟକ୍ରମ ରହିଛି । ବୈଠକରେ ସାଧାରଣ ସଂପାଦକ ସନ୍ତୋଷକୁମାର ଲେଙ୍କା, କୋଷାଧକ୍ଷ ସୁରେନ୍ଦ୍ର ପଣ୍ଡା, ସୁଶୀଳ ତ୍ରିପାଠୀ, ଅରବିନ୍ଦ ଲେଙ୍କା, ଚିଣ୍ଟୁ ପାଣିଗ୍ରାହୀ, ପ୍ରକାଶ ପଣ୍ଡା ନାରାୟଣ ପାତ୍ର , ପୂଜାରୀ କାଳୁ ଚରଣ ଶତପଥୀ ଏବଂ ଗଣେଶ ମହାପାତ୍ର ଙ୍କ ସମେତ ସମସ୍ତ ସଦସ୍ୟ ମାନେ ଯୋଗ ଦେଇଥିଲେ ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



ଗୋପ,୮।୬(ସନ୍ତୋଷ କୁମାର ଭୋଳ): ଗୋପ ପିଏମଶ୍ରୀ ନିଗମାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଆଡ଼ମ୍ବରପୂର୍ଣ ଭାବେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଶିକ୍ଷା କ୍ଷେତ୍ରର ରୂପାନ୍ତରଣ ଅଭିଯାନ ଅନ୍ତର୍ଗତ ଏହି ବିଦ୍ୟାଳୟ ନିର୍ମାଣ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଇଁ ଆଧୁନିକ ଶିକ୍ଷା ବ୍ୟବସ୍ଥାର ଏକ ନୂତନ ଦିଗନ୍ତ ଖୋଲିବ ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ପୁରୀ ଜିଲ୍ଲାର ଆର୍ଥିକ ପରାମର୍ଶଦାତା ବିଚିତ୍ରାନନ୍ଦ ଜେନା ମୁଖ୍ୟ ଅତିଥି, ଗୋପ ବ୍ଲକ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକ ମୁଖ୍ୟବକ୍ତା ଏବଂ ଗୋପ ବ୍ଲକ ଉପାଧ୍ୟକ୍ଷ ଧକ୍ଷ ବନରଞ୍ଜନ ପଟ୍ଟନାୟକ, ଜଗତସିଂହପୁର ସାଂସଦଙ୍କ ଗୋପ ବ୍ଲକ ପ୍ରତିନିଧି ସୁଶାନ୍ତ କୁମାର ସ୍ୱାଇଁ ଓ ପୁରାତନ ଛାତ୍ର ବିଭୁଦତ୍ତ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ବିଜୟିନୀ ଶତପଥୀ ସଭାପତିତ୍ୱ କରିଥିବା ବେଳେ ସୁବାସ ଚନ୍ଦ୍ର ପ୍ରଧାନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ।

## ମା ମଙ୍ଗଳଙ୍କ ମନ୍ଦିର ରନ୍ ମୁଦ ଉତ୍ସବ



ସାଲେପୁର,୮।୬ (ମନୋଜ ସାମଲ): ସାଲେପୁର, ବଟେଶ୍ୱର ଗ୍ରାମର ବହୁ ପ୍ରତିକ୍ଷିତ ଉତ୍ତର ବଟେଶ୍ୱର ଥିବା ମା ମଙ୍ଗଳା ମନ୍ଦିର ରନ୍ ମୁଦ ଉତ୍ସବ ପାଳନ ହୋଇଯାଇଛି । ସାଲେପୁର ଅଞ୍ଚଳର ଯୁବ ସମଜସେବୀ ଓ ଚଟାର୍ଡ ଆକାଉଣ୍ଟାଣ୍ଡ ଗୋଲଖ ଚନ୍ଦ୍ର ପରିଡାଙ୍କ ସହେତାରେ, ଏହି ମା ମଙ୍ଗଳାଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବା ସହ ରନ୍ ମୁଦି କାର୍ଯ୍ୟକ୍ରମ ଶେଷ ହୋଇଯାଇଛି । ମାଙ୍କର ସତନ୍ତ୍ର ପୂଜାର୍ଚ୍ଚନା ଓ ବେଶ ସହ ହୋମ ଝଂଜ୍ଞ ସଂପନ ହୋଇଥିଲା । ବହୁତ ଖରା ସତ୍ୱେ ବହୁ ଶ୍ରଦ୍ଧାଳୁ ଏହି କାର୍ଯ୍ୟକ୍ରମ ରେ ଭଗନେଇଥିଲେ ।ଏହି ମାଙ୍କ ପୂଜାରେ ଜ୍ଞନ ରଞ୍ଜନ ପ୍ରଧାନ,ଗୀତାଞ୍ଜଳି ପ୍ରଧାନ,ହୃସିକେଶ ବେହେରା ପ୍ରଶାନ୍ତ ସାମଲ,ପାର୍ଥ ସାରଥୀ ଭୂଇଁଆ,ସାମ୍ବାଦିକ ହୃସିକେଶ ମଲ୍ଲିକ,ଦିଲ୍ଲୀପ ମଲ୍ଲିକ,ମନୋଜ କୁମାର ସାମଲ, ମନୋଜ ମହାନ୍ତି,ତୁଷାର ମଲ୍ଲିକ,ରମାକାନ୍ତ ମଲ୍ଲିକ,ସରୋଜ ପଣ୍ଡା,ବଳରାମ ମଲ୍ଲିକ, ଚକ୍ରଧର ସାମଲ, କାଳନ୍ଦୀ ମଲ୍ଲିକ,ମାଧବ ସେଠି, କୁନୀଲତା ସାହୁ,ପୁଷ୍ପଲତା ସାମଲ,ଛବି ଅପା,ଅମୁଲ୍ୟ ସାମଲ, ତପନ ସେଠି,ରଂଜିତ ସାମଲ ଙ୍କ ସମତେ ଉତ୍ତର ବଟେଶ୍ୱର ଗ୍ରାମବାସୀ ଏହି ଆଧାତ୍ମିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ,ସମାଜ ସେବି ଅଲେଖ ଚନ୍ଦ୍ର ପରିଡା ଙ୍କ ସମେତ ବହୁ ବିଶିଷ୍ଟ ବେକ୍ତି ଯୋଗ ଦେଇ ମା ଙ୍କ କୃପା ଲାଭ କରିଥିଲେ ।

## ଫୁଲବାଣୀରେ ପ୍ରଶାସନ ପକ୍ଷରୁ ଆମ୍ବ ମେଳା



ବାଲିଗୁଡା ୭/୬(ବିଭୂତି ଲହରିଆ) ଗ୍ରାମାଞ୍ଚଳର ଆମ୍ବ ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା, ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଦୂର କରିବା ଏବଂ ଉପଭୋକ୍ତାମାନଙ୍କୁ ୧୦୦ ପ୍ରତିଶତ ପ୍ରାକୃତିକ ଭାବେ ପାଚିଥିବା ସତେଜ ଆମ୍ବ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଓରମାସ, କନ୍ଧମାଳ ପକ୍ଷରୁ ସ୍ଥାନୀୟ ଜିଲ୍ଲା ସ୍ୱୟଂ ସହାୟିକା ଗୋଷ୍ଠୀ କେନ୍ଦ୍ର, ପଞ୍ଚାୟତ ସମିତି କାର୍ଯ୍ୟାଳୟ ନିକଟ, ଫୁଲବାଣୀ ଠାରେ ଏକ ଆମ୍ବ ମେଳାର ଆୟୋଜନ କରାଯାଇଛି ।ଏହି ଆମ୍ବ ମେଳାକୁ କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଉଦ୍ଘାଟନ କରିଥିଲେ । ଏହି ଅବସରରେ କନ୍ଧମାଳ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ଶମ୍ଭୁନାଥ ନନ୍ଦୀ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ, କନ୍ଧମାଳ ଗୁଣ୍ଡିଚା ବେହେରା ଏବଂ ଫୁଲବାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସୌମ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ । ଓରମାସ ଦ୍ୱାରା ଗଠିତ ତିନୋଟି କୃଷକ ଉତ୍ପାଦକ ସଂଗଠନ ମେଳାରେ ଅଂଶଗ୍ରହଣ କରିଛନ୍ତି । ଏହି ଆମ୍ବ ଚାଷୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ଯଥା ଆଖୁରସ, ତୋତାପୁରୀ, ଅମ୍ରପାଲୀ, ଦଶେରୀ, ବାଇଗଣପଲ୍ଲୀ, ଲଙ୍ଗଡ଼ା ଓ ମଲ୍ଲିକା ପ୍ରଭୃତି ମେଳାରେ ବିକ୍ରୟ କରୁଛନ୍ତି । ଏହି ମେଳା ମାଧ୍ୟମରେ ଚାଷୀମାନେ ସେମାନଙ୍କ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ ଏବଂ ସ୍ଥାନୀୟ ଉପଭୋକ୍ତାମାନେ ଏକ ସ୍ଥାନରେ ବିଭିନ୍ନ ଚାହିଦା ସମ୍ପନ୍ନ ଆମ୍ବ କିଣିବାର ସୁବିଧା ପାଇବେ । ଏହା ସହିତ ମଧ୍ୟସ୍ଥଙ୍କ ଭୂମିକାକୁ ହ୍ରାସ କରି ଗ୍ରାମୀଣ ଚାଷୀମାନଙ୍କ ଆୟ ବୃଦ୍ଧି ଏବଂ ଉପଭୋକ୍ତାଙ୍କୁ ସିଧାସଳଖ ଫାର୍ମରୁ ସତେଜ ଓ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ ଯୋଗାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ । ଏହି ଆମ୍ବ ମେଳା ୦୬ ଜୁନ ୨୦୨୬ ଠାରୁ ୧୫ ଜୁନ ୨୦୨୬ ପର୍ଯ୍ୟନ୍ତ ଚାଲିବ । ଜିଲ୍ଲାବାସୀଙ୍କୁ ଏହି ମେଳା ପରିଦର୍ଶନ କରି ସ୍ଥାନୀୟ ଚାଷୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଉତ୍ତମ ଗୁଣବତ୍ତାର ଆମ୍ବ କ୍ରୟ କରିବାକୁ ଓରମାସ, କନ୍ଧମାଳ ପକ୍ଷରୁ ଅନୁରୋଧ କରାଯାଇଛି ।

## ଲୋକଙ୍କୁ ମିଳୁନି, ରାସ୍ତାରେ ବୋହୁଛି

# ପାନୀୟ ଜଳ



ଆଠଗଡ, ୮।୬ (ଅକ୍ଷର ଓଡ଼ିଶା): ଖରାଦିନେ ପ୍ରବଳ ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଲୋକଙ୍କୁ ମିଳୁନି କିନ୍ତୁ ରାସ୍ତାରେ ବୋହୁଛି ମେଗା ପାନୀୟ ଜଳ ପାଇପ ଫାଟି ରାସ୍ତାରେ ବୋହୁଛି ପିଇବା ପାଣି ପ୍ରାୟ ୧୦ଦିନ ହେବ ୫ପଞ୍ଚାୟତର ୪୦ ରୁ ଅଧିକ ଗ୍ରାମ ପିଇବା ପାଣି ରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି ।

ସୂଚନାରୁ ପ୍ରକାଶ ଯେ ନରସିଂହପୁରରୁ କମଳାଡ଼ିହ ବାଲିପୁଟ ପର୍ଯ୍ୟନ୍ତ ଯାଇଥିବା ମେଗା ପାନୀୟ ଜଳ ଯୋଗାଣ ପାଇପ ସରଧାପୁର ଠାରୁ ବାଲିପୁଟ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ମୁଖ୍ୟ ପାଣି ପାଇପ୍ ଫାଟି ଯିବାରୁ ୫ଟି ପଞ୍ଚାୟତର ୪୦ ରୁ ଅଧିକ ପିଇବା ପାଣିରୁ ବଞ୍ଚିତ ହେଉଛନ୍ତି ।

ପୂର୍ବରୁ ବାଲିସାହି ଠାରେ ମୁଖ୍ୟ ପାଣି ପାଇପ୍ ଫାଟି ଯିବାରୁ ୭ ଟି ପଞ୍ଚାୟତ ର ପ୍ରାୟ ୬୦ରୁ ଅଧିକ ଗାଁ ପିଇବା ପାଣିରୁ ବାରମ୍ୱାର ବଞ୍ଚିତ ହୋଇଥିବା ବେଳେ ବାଲିସାହି ଠାରୁ ବାଲିପୁଟ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରୁଥିବା ପୂର୍ତ୍ତ ବିଭାଗ ନିର୍ମାଣ କାର୍ଯ୍ୟ କରୁଥିବା ଠିକାସଂସ୍ଥା ବିଭିନ୍ନ ସ୍ଥାନରୁ ମନଇଚ୍ଛା ପାଣି ପାଇପ୍ ତାଡ଼ି ରାସ୍ତା ନିର୍ମାଣ କରୁଥିବାରୁ ସରଧାପୁର ଠାରୁ ବାଲିପୁଟ ପର୍ଯ୍ୟନ୍ତ ପ୍ରାୟ ୩୦ ରୁ ଅଧିକ ସ୍ଥାନରେ ପାଣି ପାଇପ୍ ଫାଟି ଯାଇଥିବାରୁ ପ୍ରାୟ ୧୦ ଦିନ ହେଲାଣି ସରଧାପୁର,ଯୋଡୁମୁ, ବସନ୍ତପୁର, ରେଗଡ଼ା, କମଳାଡିହ ୫ଟି ପଞ୍ଚାୟତ ପ୍ରାୟ ୪୦ ରୁ ୫୦ଟି ଗାଁରେ ମେଗା ପାନୀୟଜଳ ଯୋଗାଣ ବନ୍ଦ ରହିଛି ଯାହା ଫଳରେ ପ୍ରବଳ ଖରାରେ ପାନୀୟ ଜଳ ବନ୍ଦ ରହିଥିବାରୁ ଲୋକମାନେ ପିଇବା ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।

ଏନେଇ ଗ୍ରାମ୍ୟ ଜଳଯୋଗାଣ ବିଭାଗ ଯନ୍ତ୍ରୀ ପୂଜାରାଣୀ ନାୟକ ଙ୍କୁ ପଚାରିବାରୁ ପୂର୍ତ୍ତ ବିଭାଗ ପକ୍ଷରୁ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ବାଲିସାହି ଠାରୁ ବାଲିପୁଟ ପର୍ଯ୍ୟନ୍ତ ବାରମ୍ୱାର ପାଣି ପାଇପ ଲାଇନ କଟୁଛି ଯାହା ଫଳରେ ସମସ୍ୟା ସୃଷ୍ଟି ହେଉଛି । ଯଦିଓ ପାଇପ ମରାମତି କାର୍ଯ୍ୟ କରିବା ପାଇଁ ୩ଟି ଟିମରେ ୩୫ ଜଣ ସଦସ୍ୟ ଅଛନ୍ତି । କିନ୍ତୁ ପ୍ରତିଦିନ ବିଭିନ୍ନ ସ୍ଥାନରେ ପାଇପ ଲାଇନ କଟୁଥିବାରୁ ଏଭଳି ସମସ୍ୟା ସୃଷ୍ଟି ହେଉଛି । ପୂର୍ତ୍ତ ବିଭାଗ ମଧ୍ୟ ମନଇଚ୍ଛା ପାଇପ ଲାଇନ କାଟି ଦେଉଥିବାରୁ ଏଭଳି ସମସ୍ୟା ମଧ୍ୟ ସୃଷ୍ଟି ହେଉଛି ବୋଲି ଯନ୍ତ୍ରୀ ପୂଜାରାଣୀ ନାୟକ କହିଛନ୍ତି । ଏନେଇ ପୂର୍ତ୍ତ ବିଭାଗ ଯନ୍ତ୍ରୀବିନୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଏନେଇ ଗ୍ରାମ୍ୟ ଉନ୍ନୟନ ପାନୀୟ ଜଳ ଯୋଗାଣ ବିଭାଗକୁ ଏସ୍ଟିମେଣ୍ଟ କରିକି ତୁରନ୍ତ ରିପୋର୍ଟ ଦେବା ପାଇଁ ବାରମ୍ୱାର କହିଥିଲେ ମଧ୍ୟ ସେମାନେ ଶୁଣୁ ନାହାନ୍ତି । ୩କୋଟି ୭୫ ଲକ୍ଷର ଏକ ଏସ୍ଟିମେଣ୍ଟ କରିଛନ୍ତି । ଯାହାକୁ ଆମ ସକ୍ଷମ ବାହାରେ ଆଉ ଏକ ଏସ୍ଟିମେଣ୍ଟ ଦେବାକୁ କୁହାଯାଇଛି ବୋଲି ଯନ୍ତ୍ରୀ ବିନୟ ରଞ୍ଜନ ପଣ୍ଡା କହିଛନ୍ତି ।ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ ତୁରନ୍ତ ପାଇପ ମରାମତି କରି ପାନୀୟ ଜଳ ଯୋଗାଇ ଦେବାକୁ ଦାବୀ ହେଉଛି ।

## ୧୧ କେଭି ବିଦ୍ୟୁତ୍ ତାରରେ ଫାଁଶ ପକାଇ ବନ୍ୟଜନ୍ତୁ ଶିକାର

ଦେବଗଡ, ୮।୬ (ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ପଳସମା ବିଟ୍ ଅଞ୍ଚଳରେ ୧୧ କେଭି ବିଦ୍ୟୁତ୍ ସରବରାହ ଲାଇନରୁ ହୁକିଙ୍ଗ୍ କରି ଜିଆଇ ତାର ମାଧ୍ୟମରେ ବନ୍ୟଜନ୍ତୁ ଶିକାର କରାଯାଉଥିବା ଏକ ଚାଞ୍ଚଲ୍ୟକର ଘଟଣା ପଦାକୁ ଆସିଛି । ଏହି ବିଦ୍ୟୁତ୍ ଫାଶରେ ପଡ଼ି ଏକ ବାର୍ହାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି । ସୂଚନା ଅନୁସାରେ, ଶନିବାର ସନ୍ଧ୍ୟାରେ ପଳସମାରୁ ବାଘବର ଓ ବେଲମୁଣ୍ଡା ଅଞ୍ଚଳକୁ ଯାଇଥିବା ୧୧ କେଭି ବିଦ୍ୟୁତ୍ ଲାଇନରେ ବାରମ୍ବାର ବିଦ୍ୟୁତ୍ ସରବରାହ ବ୍ୟାହତ ହେଉଥିଲା । ଏହାର କାରଣ ଖୋଜିବା ପାଇଁ ଟାଟା ପାଓ୍ୱାର କର୍ମଚାରୀମାନେ ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ସମୟରେ ପଳସମା ଗାଁ ନିକଟସ୍ଥ ପାହାଡ଼ ପାର୍ଶ୍ୱ ଦେଇ ଯାଇଥିବା ୧୧ କେଭି ବିଦ୍ୟୁତ୍ ଖୁଣ୍ଟରୁ ବେଆଇନ ଭାବେ ହୁକିଙ୍ଗ୍ କରାଯାଇଥିବା ଚିହ୍ନଟ ହୋଇଥିଲା । ଏନେଇ ଟାଟା ପାଓ୍ୱାର କର୍ମଚାରୀମାନେ ବାଘବର ଗ୍ରାମବାସୀ ଓ ବନ ବିଭାଗକୁ ସୂଚନା ଦେଇଥିଲେ । ପରେ ଗ୍ରାମବାସୀ ଏବଂ ବନ ବିଭାଗ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜିଆଇ ତାର ଜବତ କରି ଖୋଲୁଥିବା ବେଳେ ପାହାଡ଼ର ଅନ୍ୟ ପାର୍ଶ୍ୱରେ ପ୍ରାୟ ଏକ କିଲୋମିଟର ଦୂରରେ ଏକ ବାର୍ହା ବିଦ୍ୟୁତ୍ ଫାଶରେ ପଡ଼ି ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ । ଖବର ପାଇ ପଳସମା ଫରେଷ୍ଟର ହେମନ୍ତ ବାରିହା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଘଟଣାରେ ସଂପୃକ୍ତ ଶିକାରୀମାନଙ୍କୁ ଚିହ୍ନଟ କରାଯାଉଥିବା ବେଳେ ଖୁବ୍ ଶୀଘ୍ର ଦୋଷୀମାନେ ଧରାପଡ଼ିବେ ବୋଲି ଫରେଷ୍ଟର ହେମନ୍ତ ବାରିହା ସୂଚନା ଦେଇଛନ୍ତି । ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ଫାଶ ବ୍ୟବହାର ଭଳି ବିପଜ୍ଜନକ ଓ ବେଆଇନ କାର୍ଯ୍ୟକଳାପ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକାଶ ପାଇଛି । ବନ ବିଭାଗ ପକ୍ଷରୁ ଏଭଳି ଘଟଣା ରୋକିବା ପାଇଁ କଡ଼ା ପଦକ୍ଷେପ ନେବାକୁ ଦାବି ହେଉଛି ।

## କିନାରୀଗାଁରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ବ୍ରାହ୍ମଣୀଗାଁ ଟିମ୍‌ର ବିଜୟ





ଦାରିଙ୍ଗବାଡି, ୮।୬ (ମୃତ୍ୟୁଞ୍ଜୟ ପ୍ରଧାନ) କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ବ୍ରାହ୍ମଣୀଗାଁ ପଞ୍ଚାୟତ ର କିନାରୀ ଗାଁ ଠାରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇ ଥିଲା, ଏହା ମଇ ମାସ ୧୪ତାରିଖ ରୁ ଆରମ୍ଭ ହୋଇ ଜୁନ୍ ମାସ ୭ତାରିଖ ପର୍ଯ୍ୟନ୍ତ ଚାଲିଥିଲା । ରବିବାର ଦିନ କନ୍ଧମାଳ । ଜିଲ୍ଲା ବ୍ରାହ୍ମଣୀଗାଁ ଓ ଗଜପତି ଜିଲ୍ଲାର ଦମାଦୁଆ ଟିମ୍ ସହ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା , ଏଥିରେ ବ୍ରାହ୍ମଣୀଗାଁ ଟିମ୍ ବିଜୟୀ ହୋଇଥିଲେ । ୧୨ଓଭର ଖେଳ ରେ ୭ଓ୍ୱିକେଟ୍ ବିନିମୟରେ ବ୍ରାହ୍ମଣୀଗାଁ ଟିମ୍ ୧୧୧ ରନ ସଂଗ୍ରହ କରି ବିଜୟ ହୋଇଥିବା ବେଳେ, ଦାମାଦୁଆ ଟିମ୍ ୧୨ଓଭର୍ ଖେଳି ୮ ଓ୍ୱିକେଟ୍ ବିନିମୟ ରେ ୧୦୬ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲେ ।ଏହାପରେ ଖେଳ ପଡ଼ିଆ ମଧ୍ୟରେ ପୁରସ୍କାର ବିତରଣୀ ସଭା ର ଆୟୋଜନ କରାଯାଇ ଥିଲା ଏଥିରେ ମୁଖ୍ୟ ଅତିଥି ଭାବେ ଘୁ ଉଦୟଗିରି ନିର୍ବାଚନ ମଣ୍ଡଳୀ ର ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ପ୍ରଧାନ ଯୋଗ ଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବେ ବ୍ରାହ୍ମଣୀଗାଁ ସରପଞ୍ଚ ସଂଯୁକ୍ତା ମଲ୍ଲିକ, ସମିତି ସଭ୍ୟା ଜଲିତା ମାଝୀ, ଗଦାପୁର ସରପଞ୍ଚ କୁମାରୀ ମଲ୍ଲିକ , ସିଆଙ୍ଗବାଲି ସରପଞ୍ଚ ଆନ୍ଦ୍ରିକ୍ ପ୍ରଧାନ,ବିଧାୟକ ପ୍ରତିନିଧି ପ୍ରମୋଦ କୁମାର ଦିଗାଲ, କଂଗ୍ରେସ୍ ବ୍ଲକ୍ ସଭାପତି ଯିରିମିୟ ପ୍ରଧାନ,ବ୍ରାହ୍ମଣୀଗାଁ ବିଜେପି ମଣ୍ଡଳ ସଭାପତି ଗଣେଷ ଡାକୁଆ, ସଧାରଣ ସମ୍ପାଦକ ଶ୍ୟାମ ମହାକୁଡ଼ , ସମେତ ଅନ୍ୟାନ୍ୟ ଅତିଥି ମାନେ ଯୋଗ ଦେଇଥିଲେ । ଅତିଥି ମାନଙ୍କ ଦ୍ ?ାରା ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଏହି ଟୁର୍ଣ୍ଣାମେଣ୍ଟ ର ଶ୍ରେଷ୍ଠ ଖେଳାଳୀ ଭାବେ ବ୍ରାହ୍ମଣୀଗାଁ ଟିମ୍ ର ସହନ ସଭା ସୁନ୍ଦର ଏବଂ ଶ୍ରେଷ୍ଠ ବୋଲର ଓ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ରାହୁଲ ସଭା ସୁନ୍ଦର ଙ୍କୁ ପ୍ରଦାନ କରାଯାଇ ଥିଲା । ଦମାଦୂଆ ଟିମ୍ ର ଶ୍ରୀକାନ୍ତ ନାୟକ ଙ୍କୁ ଉତ୍ତମ ବ୍ୟାଟ୍ସ ମ୍ୟାନ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଶାନ୍ତି ଶୃଙ୍ଖଳା ରକ୍ଷା କାରି ଟିମ୍ ଭାବେ ଦାମାଦୂଆ ଟିମ୍ କୁ ପୁରସ୍କୃତ କରାଯାଇ ଥିଲା ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ କମିଟି ସଭାପତି ଅଶୋକ ବେହେର ଦଳେଇ, ସମ୍ପାଦକ କୁନାଲ ଦିଗାଲ ଙ୍କ ନେତୃତ୍ୱ ରେ ଅଜିତ ବେହେର ଦଳେଇ, ଅକ୍ଷୟ କୁମାର ପାତ୍ର, ଭାଗି ପାତ୍ର, ଆଲୋକ ଦନା ବିଶୋୟୀ, ଗୋଲକ ଦନା ବିଶୋୟୀ ସମେତ ଗ୍ରାମର ଯୁବ ବର୍ଗ, ସ୍ୱୟଂ ସହାୟିକା ମହିଳା ଓ ଗ୍ରାମବାସୀ ମାନେ ସାମିଲ ହୋଇ ଟୁର୍ଣ୍ଣାମେଣ୍ଟ ପରିଚାଳନା ରେ ସହଯୋଗ କରିଥିଲେ । ବ୍ରାହ୍ମଣୀଗାଁ ପୋଲିସ୍ ଟିମ୍ ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ ।

## ମୁଖ୍ୟମନ୍ତ୍ରୀ ଟ୍ରଫି ଯୁ-୧୪ ଫୁଟବଲ୍

# ନବରଙ୍ଗପୁରର ବାଳକ-ବାଳିକା ଦଳ ଯୋନାଲ ଚାମ୍ପିଅନ



ନବରଙ୍ଗପୁର, ୮।୬ (ଅକ୍ଷର ଓଡ଼ିଶା): ବ୍ରହ୍ମପୁରସ୍ଥିତ ମହାତ୍ମା ଗାନ୍ଧୀ ଷ୍ଟାଡିୟମ୍‌ରେ ଆୟୋଜିତ ଯୁ-୧୪ ଅନ୍ତଃଜିଲ୍ଲା ଫୁଟବଲ୍ ଚାମ୍ପିଅନସିପ୍ 'ମୁଖ୍ୟମନ୍ତ୍ରୀ ଟ୍ରଫି୨୦୨୬'ଋରେ ନବରଙ୍ଗପୁର ଜିଲ୍ଲାର ବାଳକ ଓ ବାଳିକା ଦଳ ଚମତ୍କାର ପ୍ରଦର୍ଶନ କରି ଯୋନାଲ ଚାମ୍ପିଅନ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ପ୍ରତିଯୋଗିତାରେ ନବରଙ୍ଗପୁର ବାଳକ ଦଳ କନ୍ଧମାଳ ଜିଲ୍ଲାକୁ ୨-୦ ଗୋଲ୍‌ରେ ପରାସ୍ତ କରି ବିଜୟୀ ହୋଇଥିବା ବେଳେ ବାଳିକା ଦଳ ଗଜପତି ଜିଲ୍ଲାକୁ ୬-୦ ଗୋଲ୍‌ର ବୃହତ୍ ବ୍ୟବଧାନରେ ହରାଇ ଯୋନାଲ ଚାମ୍ପିଅନ ମୁକୁଟ ହାସଲ କରିଛି ।

ବାଳିକା ଦଳ ପକ୍ଷରୁ ପୂର୍ଣ୍ଣିମା ଗଣ୍ଡ, ଉତ୍ତମା ମାଝୀ, ଚାନ୍ଦିନୀ ଗଣ୍ଡ ଓ ରଶ୍ମିତା ଗଣ୍ଡ ପ୍ରତ୍ୟେକ ଗୋଟିଏ ଲେଖାଏଁ ଗୋଲ୍ ସ୍କୋର କରିଥିବା ବେଳେ ଭାରତୀ ଖରା ଦୁଇଟି ଗୋଲ୍ କରି ଦଳର ବିଜୟରେ ମୁଖ୍ୟ ଭୂମିକା ନିଭାଇଥିଲେ । ସେହିପରି ବାଳକ ଦଳ ପକ୍ଷରୁ ମୋହନ ସାନ୍ତା ଓ ହରିଶ୍ଚନ୍ଦ୍ର ବାଘ ଗୋଟିଏ ଲେଖାଏଁ ଗୋଲ୍ କରି ବିଜୟ ସୁନିଶ୍ଚିତ କରିଥିଲେ । ଦଳର କୋଚ୍ ଭାବେ ସପନ ବୈରାଗୀ, ଫିରୋଜ ହିଆଲ ଓ ଲାଲୁ ହରିଜନ ଦାୟିତ୍ୱ ତୁଲାଇଥିବା ବେଳେ ମ୍ୟାନେଜର ଭାବେ ଶଶାଙ୍କ ଶେଖର ବେହେରା ଓ ଦୁର୍ଯ୍ୟ ହରିଜନ ସଫଳତାର ସହ ଦାୟିତ୍ୱ ନିର୍ବାହ କରୁଛନ୍ତି । ଉଭୟ ଦଳର ଏହି ଉଲ୍ଲେଖନୀୟ ସଫଳତା ନବରଙ୍ଗପୁର ଜିଲ୍ଲାକୁ ରାଜ୍ୟ କ୍ରୀଡ଼ା ମାନଚିତ୍ରରେ ଏକ ନୂତନ ପରିଚୟ ଦେଇଛି । ଏହି ସଫଳତା ପରେ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ, ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, କ୍ରୀଡ଼ା ସଂଘର ସମସ୍ତ ପଦାଧିକାରୀ ଓ ସଦସ୍ୟମାନେ ଉଭୟ ଦଳକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । ସେହିପରି 'ଆମେ ନବରଙ୍ଗପୁରିଆ' ପରିବାର ପକ୍ଷରୁ ମଧ୍ୟ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି ।

## ଗୁରୁ ଭଗବାନ ସାହୁ ମହୋତ୍ସବର ଦ୍ୱିତୀୟ ପ୍ରସ୍ତୁତୀ ବୈଠକ



ସମ୍ବଲପୁର ୮।୬(ଅକ୍ଷର ଓଡିଶ): ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ପକ୍ଷରୁ ସ୍ଥାନୀୟ ଏ ଇ ମିସନ ସ୍କୁଲ ଠାରେ କୃଷ୍ଣ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଲୁଲୁ ରବିନ ଦାସଙ୍କ ଆବାହକତ୍ୱରେ ଅନୁଷ୍ଠିତ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଶ୍ରୀ ଦଧିବାବନ ଶତପଥୀଙ୍କ ସଭାପତିତ୍ୱରେ ଉପ ସଭାପତି ସର୍ଦ୍ଦାର ପ୍ରିତମ ସିଂହଙ୍କ ସଂଯୋଜନାରେ ସମ୍ପାଦକ ତୁଳସୀ ଚରଣ ଦାଶ ବିବରଣୀ ପାଠ କରିଥିଲେ ! ଆସନ୍ତା ଜୁନ ୨୮ ତାରିଖ ଦିନ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ଜୟନ୍ତୀ ମହୋତ୍ସବ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଏବଂ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି କମିଟି ମିଳିତ ଆନୁକୂଲ୍ୟରେ ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲ ଠାରେ ସକାଳ ୧୦ ଘଣ୍ଟା ସମୟରେ ପାଳନ କରାଯିବ ! ମୂଖ୍ୟ ଅତିଥି ମାନ୍ୟବର ବରଗଡ଼ ବିଧାୟକ ଶ୍ରୀ ଅଶ୍ୱିନୀ ଷଡ଼ଙ୍ଗୀ ,ସମ୍ମାନିତ ଅତିଥି ବରଗଡ଼ ମୁନସିପାଲଟି ପୌରାଧକ୍ଷା ଶ୍ରୀମତୀ କଳ୍ପନା ମାଝୀ, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ କବି ଲକ୍ଷ୍ମୀ ନାରାୟଣ ହୋତା ଯୋଗଦାନ କରିବେ ! ଏହି ଅବସରରେ ଆନ୍ତର୍ଜାତିୟ ସଞ୍ଚାର ଗାୟକ ବାହାକ ଅଲେଖ ସାହୁ(୮୫) ଏବଂ ବୟୋଜ୍ୟେଷ୍ଠ ଦଣ୍ଡ ନୃତ୍ୟ ଗୁରୁ ବିଶ୍ୱମ୍ଭର ଷାଣ୍ଢ ଚିହା(୮୨)ଙ୍କୁ ଗୁରୁ ଭଗବାନ ସାହୁ ରାଜ୍ୟସ୍ତରୀୟ ସ୍ମୃତି ସମ୍ମାନ ପ୍ରଦାନ କରାଯିବ । ଗୁରୁ ଭଗବାନ ସାହୁଙ୍କ ସ୍ମୃତି ରକ୍ଷା ପାଇଁ କାର୍ଯ୍ୟ କରିଆସୁଥିବା ଇବ ସାହିତ୍ୟ ପରିବାର ସୁନ୍ଦରଗଡ଼, ପଶ୍ଚିମାଞ୍ଚଳ ଏକତା ମଞ୍ଚ ଝାରସୁଗୁଡ଼ା, ଗୁରୁ ଭଗବାନ ସାହୁ କଳା ନିକେତନ ବଲାଙ୍ଗିର ,ଜନ କଲ୍ୟାଣ କୁଳିତା ସମାଜ ଅତାବିରା ବ୍ଲକ , ଶବ୍ଦନୃତ୍ୟ ଆଦି ଗୁରୁ ଭଜମନ ଦାସ କଳା ପରିଷଦ କୁଟାସିଂହା ବଲାଙ୍ଗିର, ସଚେତନ ହେମା ଢୋଲବନ୍ଧ ପଦ୍ମପୁର, ମାଁ ଚରଦେଇ ଲୋକ ମହୋତ୍ସବ କମିଟି ବିନିକା, ଆମର୍ ସାହିତ୍ୟ ସେବା ସାଂସ୍କୃତିକ ଅନୁଷ୍ଠାନ ପଦ୍ମପୁରକୁ ସମ୍ମାନୀତ କରାଯିବା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାକୁ ନିଷ୍ପତ୍ତି ନିଆଯାଇଛି ।

# ରାସ୍ତା ନାହିଁ: ରୋଗୀଙ୍କୁ ଖଟିଆରେ ନେଲେ



ଫିରିଙ୍ଗିଆ, ଫୁଲବାଣୀ, ୮।୬(ମନୋଜ ସାହୁ): ଡିଜିଟାଲ ଯୁଗରେ ଦେଶ ଦ୍ରୁତ ଗତିରେ ଆଗକୁ ବଢୁଥିବା ବେଳେ ଆଜି ମଧ୍ୟ ଦୁର୍ଗମ ଆଦିବାସୀ ଅଞ୍ଚଳରେ ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି । ଏହାର ଏକ ଜ୍ ?ଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଘୁ.ଉଦୟଗିରି ବ୍ଲକ ଅନ୍ତର୍ଗତ ମାଳିକାପୋଡ଼ି ପଞ୍ଚାୟତର ଲାଏରଏଜୁ ଗ୍ରାମରେ । ରାସ୍ତା ଅଭାବରୁ ପୁଣି ଜଣେ ଅସୁସ୍ଥ ମହିଳାଙ୍କୁ ଖଟିଆରେ ବୋହି ପ୍ରାୟ ଅଢେଇ କିଲୋମିଟର ଦୁର୍ଗମ ପାହାଡ଼ିଆ ରାସ୍ତା ଅତିକ୍ରମ କରି ଚିକିତ୍ସା ପାଇଁ ନେବାକୁ ପଡ଼ିଛି । ସୂଚନା ଅନୁଯାୟୀ, ଗ୍ରାମର ସୁରଥ ପ୍ରଧାନଙ୍କ ସ୍ତ୍ରୀ ରୂପିନା ପ୍ରଧାନ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ଚିକିତ୍ସାଳୟକୁ ନେବା ପାଇଁ ଗ୍ରାମକୁ ରାସ୍ତା ନଥିବାରୁ ଆମ୍ବୁଲାନ୍ସ ପହଞ୍ଚି ପାରିନଥିଲା । ଫଳରେ ପରିବାର ସଦସ୍ୟ ଓ ଗ୍ରାମବାସୀମାନେ ମିଳିତ ଭାବେ ତାଙ୍କୁ ଖଟିଆରେ ବୋହି ପ୍ରାୟ ଅଢେଇ କିଲୋମିଟର ପାହାଡ଼ିଆ ଘାଟି ରାସ୍ତା ଅତିକ୍ରମ କରି ମୁଖ୍ୟ ରାସ୍ତାକୁ ଆଣିଥିଲେ । ପରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା ।

ପୀଡ଼ିତାଙ୍କ ସ୍ୱାମୀ ସୁରଥ ପ୍ରଧାନ କହିଛନ୍ତି ଯେ, ଗ୍ରାମରେ କେହି ଅସୁସ୍ଥ ହେଲେ କିମ୍ବା ଜରୁରୀ ପରିସ୍ଥିତି ଉପୁଜିଲେ ଖଟିଆରେ ବୋହି ଆଣିବା ହିଁ ଏକମାତ୍ର ଉପାୟ । ବହୁବାର ପ୍ରଶାସନ ଓ ସରକାରଙ୍କ ନିକଟରେ ରାସ୍ତା ନିର୍ମାଣ ପାଇଁ ଦାବି କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ । ଏନେଇ ମାଳିକାପାଡ଼ି ସରପଞ୍ଚ ଝରଣା ପ୍ରଧାନ କହିଛନ୍ତି ଯେ, ରାସ୍ତା ନିର୍ମାଣ ପାଇଁ ବ୍ଲକ ପ୍ରଶାସନଙ୍କୁ ପ୍ରସ୍ତାବ ପଠାଯାଇଛି । ଅନୁମୋଦନ ମିଳିବା ପରେ କାର୍ଯ୍ୟ ଆରମ୍ଭ ହେବ । ତେବେ ଦୀର୍ଘଦିନ ଧରି ମୌଳିକ ସୁବିଧାରୁ ବଞ୍ଚିତ ଲାଏରଏଜୁ ଗ୍ରାମବାସୀ ଶୀଘ୍ର ରାସ୍ତା ନିର୍ମାଣ କରି ସେମାନଙ୍କ ଦୁର୍ଦ୍ଦଶା ଦୂର କରିବାକୁ ସରକାରଙ୍କ ନିକଟରେ ଦାବି ଜଣାଇଛନ୍ତି ।

## ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ବିଧାୟକ ଓ ଜିଲ୍ଲାପାଳ

ସୁବର୍ଣ୍ଣପୁର:୮।୬(ସଂଗ୍ରାମ ମହାପାତ୍ର): ସୁବର୍ଣ୍ଣପୁର ଜିଲ୍ଲାର ସୋନପୁର ବ୍ଲକ ସ୍ଥିତ ଡୁଙ୍ଗୁରିପାଲିରେ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟରେ ଏବଂ ବିନିକା ବ୍ଲକ ଅନ୍ତର୍ଗତ ଶଙ୍କରାସ୍ଥିତ ବ୍ରଜବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିନିକାରେ ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବେଳେ ଡୁଙ୍ଗୁରିପାଲି ସ୍ଥିତ କୁଶଳେଶ୍ୱର ଉଚ୍ଚ ବିଦ୍ୟାଳୟ ରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲପାଳ ଡ଼ ନୃପରାଜ ସାହୁ ଯୋଗ ଦେଇ ଏହି କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳୀନା ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଳ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀ, ମିଶନ ଶକ୍ତିର ମହିଳା ସଦସ୍ୟା, ଗ୍ରାମବାସୀ ଏବଂ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ରଣପୁରର ସ୍ୱାଭିମାନର ପ୍ରତୀକ ପ୍ରଭାବତୀ

ଅକ୍ଷର
AKHYARA ODISHA ଓଡ଼ିଶା





ପ୍ରଶାନ୍ତ କୁମାର ଦାସ
ପୁରୁଣା ସହର,
ନୟାଗଡ଼,୬୩୭୨୮୯୩୨୯୩

ଇତିହାସ କୁହେ ପ୍ରଭାବତୀ ନିଜ ବେଶ ବଦଳାଇ ପୁରୁଷ ରାଜ କୁମାର ବେଶରେ ଯୁଦ୍ଧରେ ପ୍ରବେଶ କରିଥିଲେ। ନିଜର କିଛି ବିଶ୍ୱସ୍ତ ସୈନ୍ୟ ମାନଙ୍କ ମାଧ୍ୟମରେ ରାଣୀ ପ୍ରଚାର କରିଥିଲେ ଯେ, ସେ ହେଉଛନ୍ତି ଓଡ଼ିଶା ମହାରାଜଙ୍କ କୁମାର ଅର୍ଥାତ ଯୁବରାଜ। ପିତା ମହାରାଜାଙ୍କ ନିର୍ଦ୍ଦେଶରେ ତାଙ୍କ ପ୍ରତିନିଧି ଭାବରେ ସେ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି । ଏହା କରିବାର ମୂଳ କାରଣ ଥିଲା,ନିଜ ସୈନ୍ୟମାନଙ୍କୁ ଉତ୍ସାହିତ କରିବା ଏବଂ ଶତ୍ରୁସେନାନୀଙ୍କୁ ସହଜରେ ପରାଜିତ କରିପାରିବା ...

## ନୟାଗଡ଼ ଜିଲ୍ଲା, ରଣପୁର ଗଡଜାତର ସ୍ୱାଭିମାନର ପ୍ରତୀକ ବିରଙ୍ଗନା ରାଣୀ ପ୍ରଭାବତୀଙ୍କ ବିରତ୍ୱର ଗାଥା

ଓଡ଼ିଶା ବୌଦ୍ଧ ଧର୍ମ ଅନୁଗାମୀ ଭୌମ ବଂଶର ଅବସାନ ତଥା କେଶରୀ ବଂଶର ଶାସନ ଆରମ୍ଭ ସମୟର ଘଟଣା ହୋଇପାରେ। ଭୁବନେଶ୍ୱରର ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କ ମନ୍ଦିର ନିର୍ମାତା ଆଜିର କଟକ ସହର ତଥା ଆମ ଇଷ୍ଟ ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କୁ ପାତାଳି କ୍ଷେତ୍ରରୁ ଆଣି ଶ୍ରୀକ୍ଷେତ୍ର ପୁରୀ ଧାମରେ ପୁନଃ ପ୍ରତିଷ୍ଠା କରିଥିବା କେଶରୀ ବଂଶଙ୍କ ଶାସନ ସମୟ କୁ ( ଖ୍ରୀ:- ୭୮୦-୧୦୭୭)ଙ୍କ ଶାସନ ମଧ୍ୟରେ ହୋଇଥିବା ଏକ ଘଟଣା। କଟକ କାଠଯୋଡ଼ି ବନ୍ଧ ନିର୍ମାତା ମହାରାଜା ମରକତ କେଶରୀ (ଖ୍ରୀ: ୯୫୩-୯୬୩)ଥିଲେ ତତ୍କାଳୀନ ଉତ୍କଳ ଅଧିଶ୍ୱର ଏବଂ ସେ ସମୟରେ ରଣପୁରଗଡ଼ର ୮୦ତମ ରାଜା ଥିଲେ ପଦ୍ମନାଭ ସିଂହ। ଏହି ରାଜାଙ୍କ ୪୫ ବର୍ଷ ଶାସନ ଏହାଙ୍କ ଉପରାନ୍ତେ ତାଙ୍କ ପୁତ୍ର ଅଚ୍ୟୁତ ସିଂହଙ୍କ ଶାସନ ୩୨ ବର୍ଷ, ଶାସନ ସମୟର ଘଟଣା ଏ ଅର୍ଥାତ ଓଡିଶା ମହାରାଜା ସୁବର୍ଣ୍ଣକେଶରୀଙ୍କ ଶାସନ ସମୟ ହୋଇପାରେ, ସେ ସମୟରେ ରଣପୁର ଗଡ଼ର ଯୁବରାଜ ଥିଲେ ଗଦାଧର ସିଂହ। କିନ୍ତୁ କିଛି ଲେଖକଙ୍କ ମତରେ ଗଦାଧର ସିଂହ ରଣପୁରର ରାଜା ଥିବା ସମୟରେ ଯେ ଘଟଣାଟି ହୋଇଥିଲା। କିଛି ଐତିହାସିକ ମାନଙ୍କ ମତରେ ସେସମୟରେ ଶ୍ରୀଜଗନ୍ନାଥ ମନ୍ଦିର ନିର୍ମାତା ଓଡିଶାରେ ଗଙ୍ଗ ବଂଶ ମହାରାଜ ମାନଙ୍କ ଶାସନ ଚାଲିଥିଲା । ଓଡ଼ିଶା ଇତିହାସକାର ଡକ୍ଟର ହରେକୃଷ୍ଣ ମେହେତାବଙ୍କ ଓଡିଶା ଇତିହାସ କୁହେ ପ୍ରବଳ ପ୍ରତାପୀ କେଶରୀ ସଦୃଶ୍ୟ ପରାକ୍ରମୀ ସୋମ୍ୟ ବଂଶୀ ମାନଙ୍କ ଶେଷ ଶାସକ ମସ୍ୟକେଶରୀ ଏବଂ ସୁବର୍ଣ୍ଣକେଶରୀଙ୍କ ଶାସନ ବେଳକୁ ଓଡ଼ିଶା କ୍ଷଣଙ୍କ ପାଇଁ ଦୁର୍ବଳ ଶାସକ ଦେଖିଥିଲା କିନ୍ତୁ ସଠିକ ସମୟରେ ଚୋଡ଼ଗଙ୍ଗ ଦେବ ଦକ୍ଷିଣରୁ ଆସି ଓଡ଼ିଶା ଅଧିକାର କରି ରାଜ୍ୟର ଭାଗ୍ୟ ବଦଳାଇ ଦେଇଥିଲେ । କିନ୍ତୁ ଗଙ୍ଗ ବଂଶ ରାଜା ମାନଙ୍କ ଶାସନ ସମୟରେ ରାଜ୍ୟକୁ ବୈଦେଶିକ ଆକ୍ରମଣ ନଥିଲା କହିଲେ ଚଳେ। କେଶରୀ ବଂଶ ଶେଷ ଶାସକ ସମୟରେ ପଡୋଶୀ ବଙ୍ଗ ବିହାର ଆଦିର କିଛି ମୁସଲମାନ ଶାସକ ଓଡିଶା ଉପରେ କୁ ଦୃଷ୍ଟି ପକାଇଥିବାର ଓଡିଶା ଇତିହାସ କୁହେ । ଏତେବ ଏହି ଘଟଣାଟି ସେଇ ସମୟରେ ହୋଇପାରିଥାଏ ବୋଲି କୁହାଯାଇପାରେ । ଯାହା ଆମେ ନିମ୍ନରେ ଆଲୋଚନା କରୁଛୁ।

ଘଟଣାଟି ଥିଲା ବୀରାଙ୍ଗନା ଝାନ୍ସୀ ରାଣୀ ଲକ୍ଷ୍ମୀବାଇ / ବାଙ୍କୀ ରାଣୀ ଶୁକଦେବୀଙ୍କ ବୀରତ୍ୱଗାଥାର ଶହଶହ ବର୍ଷ ପୂର୍ବରୁ । ରଣପୁର ଇତିହାସ କୁହେ ଆଜକୁ ପ୍ରାୟ ୧୦୦୦ ବର୍ଷ ତଳେ ରଣପୁର ଗଡ଼ଜାତରେ ଯେପରି ଏକ କ୍ଷତ୍ରୀୟ ନାରୀଙ୍କ ଆବିର୍ଭାବ ହୋଇଥିଲା ଯିଏ କିଛି ହାତଗଣତି ସୈନ୍ୟମାନଙ୍କ ସହାୟତାରେ ବିରାଟ ବିଦେଶୀ ମୁସଲମାନ ସେନାଙ୍କ ସହ ଯୁଦ୍ଧ କରି ସେମାନଙ୍କୁ ପରାସ୍ତର ସ୍ୱାଦ ଚଖାଇବାରେ ସକ୍ଷମ ହୋଇଥିଲେ । ଯିଏ ରଣପୁର ତଥା ଓଡିଶା ଗଡ଼ଜାତ ଇତିହାସରେ ବିରଙ୍ଗନା ରାଣୀ ପ୍ରଭାବତୀ ନାମରେ ପ୍ରସିଦ୍ଧ ହୋଇଥିଲେ।

ଇତିହାସ କୁହେ ରଣପୁର ରାଇଜର ଯୁବରାଜ ପଦରେ ଯେତେବେଳେ ଗଦାଧର ସିଂହ ଥିଲେ ସେ ନିଜ ଅସୀମ ବିରତ୍ୱର ପରିଚୟ ଦେଇ ଆଜିର ବିହାର ରାଜ୍ୟର ଧଳଭୂମି (ପୂର୍ବେ ଏହା ଓଡିଶା ମହାରାଜଙ୍କ ଅଧୀନରେ ଏକ ସାମନ୍ତ ରାଜ୍ୟ ଥିଲା) ନରେଶଙ୍କ ଜେମାମଣି ପ୍ରଭାବତୀଙ୍କୁ ବିବାହ କରି ନିଜ ସୈନ୍ୟସାମନ୍ତଙ୍କ ସହ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କରୁଥିଲେ। ଯାତ୍ରା ସମୟରେ କପିଶା ନଦୀ କୂଳରେ କିଛି ସମୟ ବିଶ୍ରାମ ନେଉଥିବା ସମୟରେ ରାଜା ଶୁଣିବାକୁ ପାଇଲେ ବିଦେଶୀ ପଠାଣଙ୍କ ଶାସିତ ବଙ୍ଗ ଦେଶର ମୁସଲିମ ସେନାବାହିନୀ ଓଡ଼ିଶା ରାଜ୍ୟ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି । ରାଜା ଏହା ଜାଣି ଚିନ୍ତାରେ ପଡ଼ିଥିଲେ ଏବଂ ସେ ଉକ୍ତ ସମ୍ବାଦଟିକୁ କଟକ ଅଧିଶ୍ୱରଙ୍କୁ ଜଣାଇବା ନିମନ୍ତେ ଉଚିତ ମଣି ରାଜା ଘୋଡ଼ା ସାରୀ ହୋଇ କିଛି ସୈନ୍ୟଙ୍କ ସହ କଟକ ଅଭିମୁଖେ ବାହାରି ପଡ଼ିଥିଲେ। ଯୁବରାଣୀଙ୍କ ସୁରକ୍ଷା ନିମିତ୍ତ କିଛି ସୈନ୍ୟ ସେଠାରେ ଛାଡିଦେଇ ଗଲେ।

ସ୍ୱାମୀ ଏବଂ ଓଡ଼ିଶା ମହାରାଜଙ୍କର ଫେରିବା ବିଳମ୍ବ ଦେଖି ରାଣୀ ପ୍ରଭାବତୀଙ୍କ ମନ ବିଚଳିତ ହେବାରେ ଲାଗିଲା। ସେ ଚିନ୍ତା କଲେ ଆଉ ବିଳମ୍ବ କରିବା ଠିକ ହେବ ନାହିଁ। ଯେ ସମୟରେ ଜଣେ ବୀର କ୍ଷତ୍ରିୟାଣୀଙ୍କ ପ୍ରଥମ କର୍ତ୍ତବ୍ୟ ଶତ୍ରୁ ଦେଶରେ ପାଦ ଦେବା ପୂର୍ବରୁ ତାକୁ ଆକ୍ରମଣ କରି ବିତାଡିତ କରିବା ଉଚିତ । ରାଣୀ ପ୍ରଭାବତୀ ଏହା ଚିନ୍ତା କରି ନିଜ ସୁରକ୍ଷା ନିମିତ୍ତ ସେଠାରେ ଥିବା ସେହି ହାତ ଗଣତି ସୈନ୍ୟ ଏବଂ ସେ ସ୍ଥାନରେ ନିୟୋଜିତ ଥିବା ଓଡିଶା ମହାରାଜଙ୍କ ସୈନ୍ୟ ତଥା



ରାଣୀ ମା, ବସନ୍ତମଞ୍ଜରୀ ଦେବୀ

ସ୍ଥାନୀୟ ଅଧିବାସୀଙ୍କ ସହ ମିଶି ଯୁଦ୍ଧ ଆରମ୍ଭିଥିଲେ ।

ଇତିହାସ କୁହେ ପ୍ରଭାବତୀ ନିଜ ବେଶ ବଦଳାଇ ପୁରୁଷ ରାଜ କୁମାର ବେଶରେ ଯୁଦ୍ଧରେ ପ୍ରବେଶ କରିଥିଲେ । ନିଜର କିଛି ବିଶ୍ୱସ୍ତ ସୈନ୍ୟ ମାନଙ୍କ ମାଧ୍ୟମରେ ରାଣୀ ପ୍ରଚାର କରିଥିଲେ ଯେ, ସେ ହେଉଛନ୍ତି ଓଡ଼ିଶା ମହାରାଜଙ୍କ କୁମାର ଅର୍ଥାତ ଯୁବରାଜ। ପିତା ମହାରାଜାଙ୍କ ନିର୍ଦ୍ଦେଶରେ ତାଙ୍କ ପ୍ରତିନିଧି ଭାବରେ ସେ ଯୁଦ୍ଧରେ ଅବତୀର୍ଣ୍ଣ ହୋଇଛନ୍ତି । ଏହା କରିବାର ମୂଳ କାରଣ ଥିଲା,ନିଜ ସୈନ୍ୟମାନଙ୍କୁ ଉତ୍ସାହିତ କରିବା ଏବଂ ଶତ୍ରୁସେନାନୀଙ୍କୁ ସହଜରେ ପରାଜିତ କରିପାରିବା ।

'ଯୁବରାଜଙ୍କ ଯୁଦ୍ଧର ନେତୃତ୍ୱ ନେବା ଅର୍ଥାତ ସୈନ୍ୟ ମାନଙ୍କ ମନବଳ ଦ୍ୱିଗୁଣିତ ହେବା ସ୍ୱାଭାବିକ'। ରାଣୀ ପ୍ରଭାବତିଙ୍କ ପ୍ରଚଣ୍ଡ ଆକ୍ରମଣରେ ବଙ୍ଗର ପଠାଣ ସେନା ଛତ୍ରଭଙ୍ଗ ଦେଲେ। ଶତ୍ରୁ ପକ୍ଷ ସେନାପତିଙ୍କ ମୃତ୍ୟୁ ଘଟିଲା । ଠିକ ସେତିକିବେଳେ ଓଡିଶା ମହାରାଜା, ରଣପୁର ଛାମୁଙ୍କ ସହ ନିଜ ବିରାଟ ସୈନ୍ୟ ବାହିନୀ ନେଇ ସେଠାରେ ଉପସ୍ଥିତ ହୋଇଥିଲେ । କିନ୍ତୁ ସେଠାରେ ପହଂଚି ସେ ଦେଖନ୍ତେ ଉକ୍ତ ସୈନ୍ୟମାନେ ବିଜୟ ଉତ୍ସବରେ ବ୍ୟସ୍ତ। ସମସ୍ତଙ୍କ ସ୍ୱରରେ ଗୋଟିଏ କଥା 'ଓଡ଼ିଶା ଯୁବରାଜଙ୍କ ଜୟ ହେଉ, ଜୟ ହେଉ' । ରାଜା ଏହାଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ। କିନ୍ତୁ ପରେ ଏହାର ସତ୍ୟାସତ୍ୟ ଜାଣି ବହୁତ ଆନନ୍ଦ ହେବା ସହ ରଣପୁର ରାଣୀ ତଥା ବୀରଭୂମି ଜେମାଙ୍କ ଭୁରିଭୁରି ପ୍ରଶଂସା କରିଥିଲେ। ଯୁଦ୍ଧ ବିଜୟ ପରେ ସମସ୍ତେ ମିଶି କଟକ ଫେରିଥିଲେ । ଏହାପରେ ମହାରାଜ ରଣପୁର ରାଜକୁମାର ଗଦାଧର ସିଂହ ଏବଂ ଭାବି ରାଣୀ ପ୍ରଭାବତୀଙ୍କୁ କଟକ ନଅରକୁ ନିମନ୍ତ୍ରଣ କରି ଉଚିତ ସମ୍ମାନ କରିଥିଲେ। ରଣପୁର ଇତିହାସରେ ଦୁଇଜଣ ରାଣୀ ଯିଏ ନିଜ ମାତୃଭୂମିର ସ୍ୱାଭିମାନ ନିମନ୍ତେ ଏପରି କିଛି କାର୍ଯ୍ୟ କରିଯାଇଛନ୍ତି ଯେ,ଯେଉଁ କାର୍ଯ୍ୟ ନିମନ୍ତେ ସେ ଆଜି ପ୍ରତେକ ରଣପୁର ନୁହେଁ ସାରା ଓଡିଶାବାସୀଙ୍କ ଆଗରେ ଚିର ସ୍ମରଣୀୟ ହୋଇରହିଁଛନ୍ତି।

ପ୍ରଥମ ଟି ହେଉଛନ୍ତି ରାଣୀ ପ୍ରଭାବତୀ, ଯାହାଙ୍କ ବୀରତ୍ୱ ସମ୍ପର୍କରେ ଆମେ ତଥ୍ୟ ଉପସ୍ଥାପନା କରିଛେ । ଏବଂ ଦ୍ୱିତୀୟ ଜଣଙ୍କ ହେଉଛନ୍ତି ଗଡ଼ର ଶେଷ ପାଟମହିସୀ (ରାଣୀ ମା) ବସନ୍ତ ମଞ୍ଜରୀ ଦେବୀ। ( ଖ୍ରୀ:-୧୯୫୨ ୧୯୬୧) ଯିଏ ରଣପୁର ନୁହେଁ ସାରା ଓଡିଶା ବାସୀଙ୍କ ନିରାମୟ ସୁଖ ସ୍ୱାସ୍ଥ୍ୟ ତଥା ଯକ୍ଷ୍ମା ରୋଗର ସିକିତ୍ସା ପାଇଁ ଚାନ୍ଦପୁର ସ୍ଥିତ ନିଜର ବିରାଟ ନଅରଟିକୁ ଓଡିଶା ସରକାରଙ୍କୁ ଦାନ ସୂତ୍ରରେ ପ୍ରଦାନ କରିଦେଇଛନ୍ତି । ଯାହାଙ୍କ ପ୍ରଜାପ୍ରିୟର ଉପହାର ସ୍ୱରୂପ ରଣପୁର ବାସୀ ତାଙ୍କୁ ଦେଶ ସ୍ୱାଧୀନତା ପରେ ନିଜ ଅଞ୍ଚଳର ଲୋକପ୍ରତିନିଧି ରୂପେ ଦୁଇ ଦୁଇ ଥର ଚୟନ କରିବା ସହ ରାଜ୍ୟ ଶାସନରେ ସ୍ୱାସ୍ଥ୍ୟ ବିଭାଗୀୟ ମନ୍ତ୍ରୀ ରୂପେ ଗୁରୁ ଦାଇତ୍ୱ ଦେଇଥିଲେ।



## ସେମିଳିଗୁଡାରେ ମିଳିତ ଜନଶୁଣାଣିଶିବିର ଅନୁଷ୍ଠିତ




କୋରାପୁଟ୮/୬(କଇନ ଗରଡ଼ା) କୋରାପୁଟର ସେମିଳିଗୁଡା ଠାରେ ଜ଼ିଲ୍ଲାସ୍ତରୀୟ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଜ଼ିଲ୍ଲାପାଳ ମନୋଜ ସତ୍ୟଵାନ ମହାଜନଙ୍କ ଉପସ୍ଥିତି ରେ ଏହି ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି।ଶିବିରରେ ମୋଟ ୩୬ ଗୋଟି ଅଭିଯୋଗର ଶୁଣାଣି ହୋଇଥିଲା, ଯେଉଁଥିରେ ୨୫ଟି ଗୋଷ୍ଠୀଗତ ଓ ୧୧ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ସୂଚନା ରୁ ଜଣାପଡିଛି। ସେଥିମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡ଼ିକୁ ଯଥାଶୀଘ୍ର ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ବେଣୁଧର ଶବର, ଉପ ଜିଲ୍ଲାପାଳ ପ୍ରେମଲାଲ ହିଆଲଙ୍କ ସମେତ ଜ଼ିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଓ ସେମିଳିଗୁଡା ବ୍ଲକ ସମସ୍ତ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସାରୁ ଗ୍ରାମରେ ମିଳିତ ଜନଶୁଣାଣୀ ଅନୁଷ୍ଠିତ



ହିଞ୍ଜିଳିକାଟୁ,୮/୬(ଅବନି କାନ୍ତ ପଟ୍ଟନାୟକ)ସୋମବାର ଦିନ ହିଞ୍ଜିଳିକାଟୁ ବ୍ଲକ ସାରୁ ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମ ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରୀକା ଷଡ଼ଙ୍ଗୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଆଜର କାର୍ଯ୍ୟକ୍ରମକୁ ସାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବୟିଷ୍ଟମ ମଣ୍ଡଳ ପରିଚାଳନା କରି ଥିବାବେଳେ , ସିଡ଼ିପିଓ ବିଜୟଲକ୍ଷ୍ମୀ ପାଢ଼ି,ଅତିରିକ୍ତ ତହସିଲଦାର ପୁରୁଷୋତ୍ତମ ବେଣୀୟା, ଏବିଡ଼ିଓ ଅରୁଣ କୁମାର ପ୍ରଧାନ,ହିଞ୍ଜିଳି ଥାନା ଏସଆଇ ସୁରେଶ କୁମାର ସାହୁ ଯୋଗ ଦେଇ ଲୋକଙ୍କ ସମସ୍ୟା ଶୁଣିଥିଲେ ଆଜିର ଜନ ଶୁଣାଣିରେ ସମୁଦାୟ ୨୪ଟି ଅଭିଯୋଗପତ୍ର ଗ୍ରହଣ ହୋଇଥିବା ବିଡ଼ିଓ ସାଗରୀକା ଷଡ଼ଙ୍ଗୀ ସୂଚନା ଦେଇଛନ୍ତି ।

## ରାସ୍ତା ଉପରକୁ ଢଳି ରହିଛି ବିଦ୍ୟୁତ୍ ଖୁଣ୍ଟ ,ଯାତାୟତରେ ସୃଷ୍ଟି କରୁଛି ସମସ୍ୟା



ବୁଗୁଡ଼ା : ୦୮/୦୬/(ଅକ୍ଷର ଓଡିଶା ) : ଗତ ୩ ତାରିଖ ଅପରାହ୍ନରେ ବୁଗୁଡ଼ା ସହରରେ କାଳବୈଶାଖି ତାଣ୍ଡବ ରଚିଥିଲା। ସହର ମଧ୍ୟରେ ଥିବା ଅନେକ ଗଛ ଭାଙ୍ଗିରୁଜି ରାସ୍ତା ଅବରୋଧ ହୋଇଥିଲା ଏବଂ ଅନେକ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିବା ସହ ତାର ଛିଣ୍ଡି ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଠପ୍ ହୋଇଯାଇଥିଲା। ସେହି କାଳବୈଶାଖି ତାଣ୍ଡବ କାଳରେ ଶକ୍ତିନଗର କେନାଲ ସାହିରେ ଅନେକ ଗଛ ସହ ଏକ ବତୀଖୁଣ୍ଟ ଉପୁଡି ଯାଇ ସାମନାରେ ଥିବା ଘର ଉପରେ ପଡିବା ସହ ରାସ୍ତା ଉପରକୁ ଢଳି ରହିଥିଲା । ପର ମୁହୂର୍ତ୍ତରେ ଉପୁଡି ପଡିଥିବା ଗଛ ଗଛଗୁଡ଼ିକୁ ଦମକଳବାହିନୀ କାଟି ରାସ୍ତା ସଫା କରିଥିଲା ବେଳେ ରାସ୍ତା ଉପରକୁ ଢଳି ରହିଥିବା ବିଦ୍ୟୁତ୍ ଖୁଣ୍ଟକୁ ସଜାଡିବାକୁ ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ କରାଯାଇନଥିଲା । ଯାହା ଫଳରେ ଲୋକଙ୍କ ଯାତାୟାତରେ ଅସୁବିଧାର କାରଣ ପାଲଟିଛି।

## ଭଲଭ ବସକୁ ଟେକା ପଥର ମାଡ ମାତାଲ ଯୁବକଙ୍କ ବର୍ବର କାଣ୍ଡ

କୋରାପୁଟ ୮/୬(କଇନ ଗରଡ଼ା) ସରକାରୀ ଭୋଲଭ ବସ ଉପରେ ଟେକା ପଥର ମାଡ କଲେ ମାତାଳ ଯୁବକ। ବସ ର ସମ୍ମୁଖ କାଚ ଭାଙ୍ଗିଯାଇଛି।ଏଭଳି ଘଟଣା ଦେଖିବାକୁ ମିଳିଛି ସେମିଳିଗୁଡା ବିଶାଖାପାଟଣା ଜାତୀୟ ରାଜପଥର ଦାମନଯୋଡ଼ି ଛକ ଠାରେ। ବିଳମ୍ବିତ ରାତି ଦୁଇ ଟା ସମୟର ଏହି ଘଟଣା ଘଟିଥିବା ଜଣାପଡିଛି କ୍ଷ ବସ ରେ ରହିଥିବା କୌଣସି ଯାତ୍ରୀଙ୍କ କ୍ଷୟକ୍ଷତି ହୋଇ ନ ଥିବା ସୂଚନା ମିଳିଛି । ମାତାଲ୍ ଯୁବକ କାହିଁକି ଏମିତି ବସ ଉପରେ ଆକ୍ରମଣ କଲେ ତାହା ନେଇ ସେମିଳିଗୁଡା ପୁଲିସ ଅଧିକ ତଦନ୍ତ କରୁଛି । ଭଲୋବ ବସଟି ଭବାନୀପାଟଣା ରୁ ବିଶାଖାପାଟଣା ଅଭିମୁଖେ ଯାଉଥିଲା।

## ତାଣ୍ଡବ ରଚିଲା କାଳବୈଶାଖି

# ୧୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଲା, ବିଦ୍ୟୁତ୍ ବିଚ୍ଛିନ୍ନ, ଶତାଧିକ ଗଛ ଭାଙ୍ଗିଲା

ନୟାଗଡ଼ ୦୮/୦୬(ଅକ୍ଷର ଓଡ଼ିଶା) :- ନୟାଗଡ଼ ଜିଲ୍ଲା ସଦରଥାନା ଅନ୍ତର୍ଗତ ବାଲୁଗାଁ ଓ କ୍ରିଦାଶପୁର ପଞ୍ଚାୟତରେ କାଳବୈଶାଖି ତାଣ୍ଡବ ରଚିଥିବା ଦେଖାଯାଇଛି । ଆଜି ଅପରାହ୍ନ ୩ ଘଟିକା ସମୟରେ ଅଚାନକ ବାତ୍ୟା ଭଳି ବର୍ଷା ପବନ ହୋଇଥିଲା । ପବନର ବେଗ ଘଣ୍ଟା ପ୍ରତି ଶହେ କିମିରୁ ଉର୍ଦ୍ଧ୍ୱ ରହିଥିବା ଅନୁମାନ କରାଯାଉଛି । ଏହି କାଳବୈଶାଖିରେ ଉଭୟ ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଛି । କ୍ରିଦାଶପୁର ପଞ୍ଚାୟତ ଅନ୍ତର୍ଗତ ଜେମାଦେଇପୁର ପ୍ୟାକ୍ସ ଅଫିସ ଓ ଗୋଦାମ ଗୃହ ଘର ଅଧାରୁ ଭାଙ୍ଗି ଗହୀରରେ ପଡ଼ିଛି । ସେହିଭଳି ଭାବେ କ୍ରିଦାଶପୁର ପଞ୍ଚାୟତ ଡିମିରିପାଟଣା ଗ୍ରାମର ଅକୃର ଦାଶଙ୍କ ଘର ଉପରେ ଏକ ବଡ଼ ଆମ୍ବଗଛ ଭାଙ୍ଗି ପଡ଼ିଛି । ଏହା ଦ୍ୱାରା କିଶୋରଙ୍କ ଘର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ସେହିଭଳି ଭାବେ କ୍ରିଦାଶପୁର ପ୍ରାଥମିକ ବିଦ୍ୟାଳୟ ନିକଟରେ ଏକ ଗଛ ଭାଙ୍ଗି କ୍ୟାବିନ୍ ଭାଙ୍ଗିଥିବା ଦେଖାଯାଇଛି । ବାଲୁଗାଁ ପଞ୍ଚାୟତ କଣ୍ଟାବଣିଆ ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏହି ଗ୍ରାମ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଭାଙ୍ଗି ପଡ଼ିଥିବା ବେଳେ ୧୦ରୁ ଉର୍ଦ୍ଧ୍ୱ ଲୋକଙ୍କ ଘର ଭାଙ୍ଗିଛି । ଆଜବେଷ୍ଟ ସବୁ ଉଡ଼ାଇ



ନେବା ସହ ବ୍ୟାପକ କ୍ଷୟକ୍ଷତି ହୋଇଛି । ଉକ୍ତ ଗ୍ରାମର ଶତ୍ରୁଘ୍ନ ଜେନା, ଜଳଧର ଜେନା, ମାଟିଆ ପ୍ରଧାନ, ବିନୋଦ ପ୍ରଧାନ, ଇଶ୍ୱର ନାୟକ ପ୍ରହଲ୍ଲାଦ ଜେନା, ଭାଗିରଥି ଜେନା, ପ୍ରମୋଦ ନାୟକ, ରମେଶ ଜେନାଙ୍କ ଘର ଭାଙ୍ଗିବା ସହ ଅନେକ କ୍ଷୟକ୍ଷତି ହୋଇଛି । ବାଲୁଗାଁ ମହିପୁର ରାସ୍ତାରେ ଶତାଧିକ ଗଛ ଭାଙ୍ଗିଥିବା ଦେଖିବାକୁ ମିଳିଛି । ସଦରଥାନା ପୁଲିସ ଟିମ୍ ଏବଂ ଅଗ୍ନିଶମ ବାହିନୀ ଗଛ କାଟି ରାସ୍ତା ସଫା କରିଥିବା ଦେଖିବାକୁ ମିଳିଛି । ଉଭୟ ପଞ୍ଚାୟତର ସରପଞ୍ଚ ଘଟଣାସ୍ଥଳକୁ ଯାଇ ଲୋକଙ୍କ ସହ ଆଲୋଚନା କରି ପ୍ରଶାସନକୁ ଘଟଣା ସମ୍ପର୍କରେ ଅବଗତ କରିଛନ୍ତି । କିଭଳି କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ମିଳିବ, ସେ ନେଇ ପ୍ରୟାସ ଜାରି ରହିଥିବା ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ କହିଛନ୍ତି ।

## ଆଠମଲ୍ଲିକରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

# ୧୦୦ ମାମଲାରୁ ବିଚାର, ୬ଟ ତତ୍କାଳ ସମାଧାନ



ଆଠମଲ୍ଲିକ, ୦୮/୦୬ (ଅକ୍ଷର ଓଡ଼ିଶା)ଆଠମଲ୍ଲିକ ବ୍ଲକ ପଞ୍ଚାୟତ ସମିତି ସଭାଘର ପରିସରରେ ଅନୁଗୋଳ ଜିଲ୍ଲାପାଳ ଅବ୍ଦାଲ ଏମ୍. ଅଖତରଙ୍କ ଅଧକ୍ଷତାରେ ଏକ ବୃହତ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି ଜନଶୁଣାଣିରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଧାରଣ ଲୋକଙ୍କ ସମସ୍ୟା ଓ ଦାବିଗୁଡ଼ିକୁ ଜିଲ୍ଲାପାଳ ଧୈର୍ଯ୍ୟର ସହ ଶୁଣି ସମ୍ପୃକ୍ତ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୦୦ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୯୨ଟି ବ୍ୟକ୍ତିଗତ, ୩ଟି ସାମୂହିକ, ୨ଟି ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠି ସମ୍ବନ୍ଧୀୟ ଏବଂ ୩ଟି ରେଡକ୍ରସ ପାଣ୍ଠି ଆବେଦନ ଥିଲା।ଗ୍ରହଣ କରାଯାଇଥିବା ଅଭିଯୋଗ ମଧ୍ୟରୁ ୬ଟି ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଘଟଣାସ୍ଥଳରେ ହିଁ ତତ୍କାଳ ସମାଧାନ କରାଯାଇଥିଲା। ଏହା ସହ ଗରିବ ଓ ଅସହାୟ ହିତାଧିକାରୀମାନଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୨୨,୫୦୦ ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର ଓ ବଣ୍ଟନ କରାଯାଇଥିଲା।ଏହି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅନୁଗୋଳ ଏସ୍‌ପି ରାହୁଲ ଜୈନ, ଆଠମଲ୍ଲିକ ଉପ-ଜିଲ୍ଲାପାଳ ଉପେନ୍ଦ୍ର ଲୁହା, ତହସିଲଦାର ପ୍ରସନ୍ନ ଟେଟେ ଓ ବିଡ଼ିଓ ଟିଟସ୍ ମହାନନ୍ଦିଆଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯାଇ ଶୀଘ୍ର ଓ ସ୍ଥାୟୀ ସମାଧାନ ପାଇଁ ଜିଲ୍ଲାପାଳ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନର ଏହି ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

## ଫରଙ୍ଗ ଗ୍ରାମପଞ୍ଚାୟତରେ ବ୍ଲକ ଅଧକ୍ଷଙ୍କ ଅଧକ୍ଷତାରେ ଜନଶୁଣାଣି ଶିବିର

# ୧୧୯ଟି ଅଭିଯୋଗ ମଧ୍ୟରୁ ୪୧ଟିର ତତ୍କାଳ ସମାଧାନ

ଗୋଲାମୁଣ୍ଡା,୮ ।୬(ଅକ୍ଷର ଓଡ଼ିଶା ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ଫରଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ଏକ ବିଶାଳ ଜନ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ସମୀକ୍ଷା ଓ ପ୍ରତ୍ୟକ୍ଷ ନେତୃତ୍ୱରେ ଏହି ଶିବିର ପରିଚାଳିତ ହୋଇଥିଲା। ଶିବିରରେ ବିଭିନ୍ନ ସରକାରୀ ଯୋଜନା ବିଷୟରେ ଜନସାଧାରଣଙ୍କୁ ସଚେତନ କରାଯିବା ସହ ସେମାନଙ୍କ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପ୍ରୟାସ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧକ୍ଷ ବିନ୍ଦୁ ମହାନନ୍ଦଙ୍କ ସମେତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ତ୍ରିପୁର ମହାନନ୍ଦ, ସ୍ଥାନୀୟ ସରପଞ୍ଚ ହୀରାବତୀ ଭୋଇ ଏବଂ ସମିତି ସଭ୍ୟା ଅପର୍ଣ୍ଣା ବାରିକ, ରାଜସ୍ୱ ନିରୀକ୍ଷକ କ୍ଷମାନିଧି ନାଏକ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦ୍ରହାସ୍ୟ ବିହାରୀ,ଗ୍ରାମୀଣ ଆବାସ ବ୍ଲକ୍ ପ୍ରୋଜେକ୍ଟ କୋଅର୍ଡିନେଟର ମଧୁ ସାହୁ ଏବଂ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଯନ୍ତ୍ରୀ ରିତାରାଣୀ କିଷାନ,ସହକାରୀ ମତ୍ସ୍ୟ ଅଧିକାରୀ ବନ୍ଦନା ରାନୀ




ପଣ୍ଡା ଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ। ଏହି ଶିବିରରେ ସମୁଦାୟ ୧୧୯ଟି ବ୍ୟକ୍ତିଗତ ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥି ମଧ୍ୟରୁ ୪୧ଟି ଅଭିଯୋଗର ଶିବିର ସ୍ଥଳରେ ହିଁ ତତ୍କାଳ ସମାଧାନ କରାଯାଇଛି। ଗ୍ରାମୀଣ ଆବାସ ଗୃହ ପାଇଁ ସର୍ବାଧିକ ୮୮ଟି ଆବେଦନ ମିଳିଛି। ବାର୍ଦ୍ଧକ୍ୟ ଭତ୍ତା ପାଇଁ ୨୨ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଛି। ଏହି ଅବସରରେ ଏକ ମାନବିକତାର ଚିତ୍ର ଦେଖିବାକୁ ମିଳିଥିଲା। 'ବିନ୍ଦୁମିନା ସେବା ଫାଉଣ୍ଡେସନ' ତରଫରୁ ଫରଙ୍ଗ ଗ୍ରାମର ଜଣେ ଅନାଥ (ବାପା, ମାଁ ନଥିବା) ଦିବ୍ୟାଙ୍ଗ ଯୁବକ ଅମରେଶ ବାଗ (୩୨) ଙ୍କୁ ଆର୍ଥିକ ସହଯୋଗ ପ୍ରଦାନ କରାଯାଇଥିଲା। ଫାଉଣ୍ଡେସନର ଏହି ସେବା କାର୍ଯ୍ୟକୁ ସ୍ଥାନୀୟ ପ୍ରଶାସନ ଓ ଅଞ୍ଚଳବାସୀ ଉଚ୍ଚ ପ୍ରଶଂସା କରିଛନ୍ତି।

## କୋରୁକୋଣ୍ଡା ଗ୍ରାମ ପଞ୍ଚାୟତରେ ମିଳିତ ଜନ ଅଭିଯୋଗ ଶୁଣାଣୀ ଓ ସମାଧାନ ଶିବିର ଅନୁଷ୍ଠିତ



ମାଲକାନଗିରି, ୮/୬/(ପ୍ରଦୀପ ରାଉଳ)ଜନସାଧାରଣଙ୍କ ଦୀର୍ଘଦିନର ସମସ୍ୟା ଗୁଡ଼ିକର ସମାଧାନ ଏବଂ ପ୍ରଶାସନିକ ସେବାକୁ ଲୋକଙ୍କ ନିକଟତର କରିବା ଉଦ୍ଦେଶ୍ୟରେ କୋରୁକୋଣ୍ଡା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ମିଳିତ ଜନ ଅଭିଯୋଗ ଶୁଣାଣୀ ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଚ୍ଚସ୍ତରୀୟ ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍, ବନଖଣ୍ଡ ଅଧିକାରୀ ସାଇ କିରଣ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଏବଂ ବ୍ଲକ ଚେୟାରମ୍ୟାନ ଜିତୁ ବୁରୁଡି ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ବିଭିନ୍ନ ଅଭିଯୋଗର ପ୍ରତ୍ୟକ୍ଷ ଶୁଣାଣୀ କରିଥିଲେ। କୋରୁକୋଣ୍ଡା ବ୍ଲକ ଉନ୍ନୟନ ଅଧିକାରୀ ଅମୂଲ୍ୟ ସାହୁ ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିବା ବେଳେ ଆସିଷ୍ଟାଣ୍ଟ କଲେକ୍ଟର ପ୍ରୀତମ ଦେବତା ଶିବିର ପରିଚାଳନାରେ ସହଯୋଗ କରିଥିଲେ।ଏହି ସ୍ୱତନ୍ତ୍ର ସମାଧାନ ଶିବିରରେ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା, ସରକାରୀ ସହାୟତା, ଜମିଜମା ବିବାଦ, ରାସନ କାର୍ଡ, ଗମନାଗମନ, ପାନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଗୁଡ଼ିକର ସମାଧାନ ପାଇଁ ସ୍ଥାନୀୟ ଲୋକଙ୍କ ପକ୍ଷରୁ ମୋଟ ୭୦ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ଭତ୍ତା, ବାସଗୃହ ଓ ଚିକିତ୍ସା ସହାୟତା ସମ୍ପର୍କିତ ୩୫ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ଗ୍ରାମର ରାସ୍ତାଘାଟ, ବିଜୁଳି ଓ ସାମୂହିକ ବିକାଶକୁ ନେଇ ଆଉ ୩୫ଟି ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ଆବେଦନ ଆସିଥିଲା। ପ୍ରଶାସନ ପକ୍ଷରୁ କେତେକ ସମ୍ବେଦନଶୀଳ ମାମଲାର ସ୍ଥଳଭାଗରେ ତୁରନ୍ତ ଫେସଲା କରାଯିବା ସହ ବାକି ସମସ୍ୟା ଗୁଡ଼ିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା।

## କମ୍ ମଥା ବ୍ରିଜ୍ ପାଇଁ ଯାତାୟାତରେ ନାହିଁନଥିବା ଅସୁବିଧା

ପଦ୍ମପୁର ୦୮/୦୬(ଅକ୍ଷର ଓଡ଼ିଶା) : ପାଇକମାଲ–ଝାରବନ୍ଧ ମୁଖ୍ୟ ସଡ଼କର ରାଣୀଝରଣ ବ୍ରିଜ୍‌ର କମ୍ ମଥା ଓ ଅସମ୍ପୂର୍ଣ୍ଣ କାର୍ଯ୍ୟ ଯୋଗୁଁ ସାଧାରଣ ଲୋକେ ନାହିଁନଥିବା ଯାତାୟାତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସଡ଼କଟି ଝାରବନ୍ଧ ଓ ପାଇକମାଲ ଅଞ୍ଚଳର ଜୀବନରେଖା ଭାବେ ପରିଚିତ। ପ୍ରତିଦିନ ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ରାସ୍ତା ଦେଇ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଯାତ୍ରୀମାନଙ୍କର ଯାତାୟାତ ହୋଇଥାଏ।ଜିଲ୍ଲା ସଦର ମହକୁମାକୁ ଯିବା ପାଇଁ ଏହା ଏକମାତ୍ର ପ୍ରମୁଖ ରାସ୍ତା ହୋଇଥିବା ବେଳେ ଉପଖଣ୍ଡ ଚିକିତ୍ସାଳୟ ଓ ଜିଲ୍ଲା ଚିକିତ୍ସାଳୟକୁ ଯିବାକୁ ମଧ୍ୟ ଏହି ସଡ଼କ ଉପରେ ଲୋକେ ନିର୍ଭରଶୀଳ। ବର୍ଷା ଋତୁ ନିକଟବର୍ତ୍ତୀ ହୋଇଥିବା ବେଳେ ବ୍ରିଜ୍‌ର କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବାରୁ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।ଅଞ୍ଚଳବାସୀ ଓ ବୁଦ୍ଧିଜୀବୀମାନେ ଶୀଘ୍ର ବ୍ରିଜ୍ କାର୍ଯ୍ୟ ସମ୍ପୂର୍ଣ୍ଣ କରି ସମସ୍ୟାର ସ୍ଥାୟୀ ସମାଧାନ କରିବା ପାଇଁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ବର୍ଷା ଋତୁ ପୂର୍ବରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ ନ କରାଗଲେ ଲୋକଙ୍କ ଦୁର୍ଭୋଗ ଆହୁରି ବଢ଼ିପାରେ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି।

## ଗୋଛାପଡା ଥାନାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ଫିରିଙ୍ଗିଆ୦୮/୦୬(ଅକ୍ଷର ଓଡ଼ିଶା) ରାଜ୍ୟ ସରକାରଙ୍କ ଗୃହ ବିଭାଗ ତରଫରୁ ପୁଣି ଥରେ ଥାନାନାଧିକାରୀ ମାନଙ୍କ ସ୍ତରରେ ଅଦାଲବଦଲ କରାଯାଇଥିବା ବେଳେ ଏହି ପରିପେକ୍ଷୀରେ କନ୍ଧମାଳ ଜିଲ୍ଲାରେ ମଧ କିଛି ଥାନା ଅଧିକାରୀ ଙ୍କ ବଦଳି କରାଯାଇଛି ଓ ତେବେ କନ୍ଧମାଳ ଜିଲ୍ଲାର ଗୋଛାପଡା ଥାନାରେ କିଛିଦିନ ପୂର୍ବରୁ ଥାନା ଅଧିକାରୀ ଭାବରେ ଯୋଗଦାନ କରିଥିବା ସଂଜିତ କୁମାର ବେହେରା ଙ୍କୁ ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ନଗର ଥାନାକୁ ବଦଳି କରାଯାଇଥିବା ବେଳେ ଜିଲ୍ଲାର ତୁମିଡ଼ିବନ୍ଧ ଥାନାରେ କାର୍ଯ୍ୟରତ ଥିବା ଶୁଭ୍ରଜିତ ସାମନ୍ତରାୟ ଙ୍କୁ ଗୋଛାପଡା ଥାନାରେ ନୂତନ ଥାନା ଅଧିକାରୀ ଭାବରେ ଦାୟିତ୍ୱ ଦିଆଯାଇଛି ଓ ତେବେ ଶନିବାର ଶ୍ରୀ ସାମନ୍ତୟେ ଗୋଛାପଡା ଥାନାରେ ଦାୟିତ୍ୱ ଗ୍ରହଣ କଲାପରେ ତାଙ୍କୁ ଥାନା ତରଫରୁ ସ୍ୱାଗତ କରାଯାଇଥିଲା ଓ ଥାନାରେ ଯୋଗଦେବା ପରେ ବିଶେଷ କରି ଅଂଚଳରୁ ଗଞ୍ଜେଇ କରବର ଓ ଚୋର ମଦ କରବାର ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ଅଂଚଳର ଆଇନ ଶୃଙ୍କଳା ପରିସ୍ଥିତି ଉପରେ କଡା ନଜର ରଖିବା ସହ ଅପରାଧ ନିୟନ୍ତ୍ରଣ କରିବାପାଇଁ ପ୍ରୟାସ ଜାରି ରହିବ ବୋଲି କହିବା ସହ ଅଂଚଳବାସୀ ଙ୍କ ସହଯୋଗ ମଧ କାମନା କରିଛନ୍ତି ।

## ଜୁନାଗଡ଼ରେ ମାରୱାଡ଼ି ଯୁବା ମଞ୍ଚ ପକ୍ଷରୁ ରକ୍ତଦାନ ଶିବିର: ୨୭ ୟୁନିଟ୍ ରକ୍ତ ସଂଗ୍ରହ



କଳାହାଣ୍ଡି , ୦୮/୦୬ (ଅକ୍ଷର ଓଡିଶା )ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚ ଆନୁକୂଲ୍ୟରେ ମାରୱାଡ଼ି ଯୁବା ମଞ୍ଚ ଜୁନାଗଡ଼ ଶାଖା ପକ୍ଷରୁ ସୋମବାର ସ୍ଥାନୀୟ ଅଗ୍ରସେନ ଭବନରେ 'ମହା ରକ୍ତଦାନ ଅଭିଯାନ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମଗଡ଼ ରକ୍ତ ଭଣ୍ଡାରର କର୍ମଚାରୀମାନେ ଶିବିରରେ ଉପସ୍ଥିତ ରହି ମୋଟ ୨୭ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ। ୫ରୁ ୧୪ ଜୁନ୍ ପର୍ଯ୍ୟନ୍ତ ଚାଲିଥିବା ଏହି ଅଭିଯାନ ଅଧୀନରେ ଆଜିର ଶିବିର ଆୟୋଜିତ ହୋଇଥିଲା। ଶିବିରରେ ସୃଜନ ସଖା, ମହିଳା ମଞ୍ଚ ଓ ମାରୱାଡ଼ି ସମ୍ମିଳନ ଜୁନାଗଡ଼ ଶାଖା ସକ୍ରିୟ ସହଯୋଗ କରିଥିଲେ। ଗୋପାଳ ମିତ୍ତଲ ଶିବିର ପରିଚାଳନାରେ ସହଯୋଗ କରିଥିଲେ।ମାରୱାଡ଼ି ଯୁବା ମଞ୍ଚ ଜୁନାଗଡ଼ ଶାଖା ସଭାପତି ତୁଷାର ଖେମକା, ସମ୍ପାଦକ ସ୍ୱରାଜ ଇଣ୍ଡିଆନ୍ ଓ ରକ୍ତଦାନ ସଂଯୋଜକ ସାହିଲ ଅଗ୍ରୱାଲଙ୍କ ତତ୍ତ୍ୱାବଧାନରେ ଶିବିର ପରିଚାଳିତ ହୋଇଥିଲା। ବ୍ଲଡ ଡୋନେସନ କନଭେନର ପ୍ରଣବ ଗୋଏଲ ଓ ମେଡିକାଲ ଇକ୍ୟୁପମେଣ୍ଟ କନଭେନର ଶ୍ରୀ ଶଶୀରାଜ ଅଗ୍ରୱାଲ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।ଶିବିରରେ ଯୁବକ, ଯୁବତୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।

## ଜୁନାଗଡ଼ରେ ରୋଷେୟା ସେବାୟତ ସଙ୍ଘର ବ୍ଲକ ସ୍ତରୀୟ ବାର୍ଷିକ ସଭା

# ସମସ୍ୟା ସମାଧାନ ନହେଲେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ




କଳାହାଣ୍ଡି , ୦୮/୦୬(ଅକ୍ଷର ଓଡିଶା ) କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସ୍ଥିତ କୁରୁଗୁଡା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ରବିବାର ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ବିଭାଗର ରୋଷେୟା ସେବାୟତ ସଙ୍ଘ ପକ୍ଷରୁ ବ୍ଲକ ସ୍ତରୀୟ ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ରୋଷେୟା ସେବାୟତ ସଙ୍ଘର ଉପ ସଭାପତି ତଥା କଳାହାଣ୍ଡି ଜିଲ୍ଲା ରୋଷେୟା ସେବାୟତ ସଙ୍ଘର ଜିଲ୍ଲା ପ୍ରତିନିଧି ନିରାକାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜୁନାଗଡ଼ ବ୍ଲକ ସଭାପତି ଭୂପେନ୍ଦ୍ର ମାଝୀ, ସମ୍ପାଦିକା ଜିରା ମାଝୀ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ତଥା ଲାଞ୍ଜିଗଡ ବ୍ଲକ ସମ୍ପାଦକ ଖିରାଷ୍ଟି ଯୁଆଡ଼ଙ୍କ ସମେତ ବିଭିନ୍ନ ବ୍ଲକରୁ ସଙ୍ଘର ସଦସ୍ୟମାନେ ବହୁ ସଂଖ୍ୟାରେ ଯୋଗଦାନ କରିଥିଲେ।ସଭାରେ ରୋଷେୟା ସେବାୟତମାନଙ୍କୁ କାର୍ଯ୍ୟରେ ନିୟମିତ କରିବା, ୨୪ଘଣ୍ଟା କାର୍ଯ୍ୟରେ ନିୟୋଜିତ ଥିବାରୁ ୨୪ଘଣ୍ଟାର ପାଉଣା ପ୍ରଦାନ କରିବା ସହ ଅନ୍ୟାନ୍ୟ ସମସ୍ୟା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ସମସ୍ୟା ସମ୍ପର୍କରେ ସରକାର ତଥା ପ୍ରଶାସନକୁ ବାରମ୍ବାର ଅବଗତ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନଥିବା ସଙ୍ଘ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ଜିଲ୍ଲା ଓ ରାଜ୍ୟ ସ୍ତରରେ ଧାରଣା ଦେବା ପରେ ମଧ ସମସ୍ୟାର ସମାଧାନ ହୋଇନାହିଁ।ଆଗାମୀ ଦିନରେ ଯଦି ସମସ୍ୟାର ସମାଧାନ ନହୁଏ, ତେବେ ରାଜ୍ୟ ରୋଷେୟା ସେବାୟତ ସଙ୍ଘ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ ହେବ ବୋଲି ସଙ୍ଘ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଭୋଟର ତାଲିକାରୁ ନାମ ନ କଟିବାକୁ ସଚେତନତା

# ଦେଢ଼ କିଲୋମିଟର ପଦଯାତ୍ରାରେ ଉପଜିଲାପାଳ




କେସିଙ୍ଗା, .୮/୬:( ସୁଜୟ ନଙ୍ଗାଳତି ) ୨୦୨୬ ପାଇଁ ଭୋଟର ତାଲିକାରୁ ସ୍ୱତନ୍ତ୍ର ସଂଘନ ସାଂଶୋଧନ (ଏସ୍ଆଇଆର-୨୦୨୬) କାର୍ଯ୍ୟକ୍ରମକୁ ସଫଳ କରିବା ସହ ଯୋଗ୍ୟ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ୍ ପଡ଼ିବାକୁ ରୋକିବା ଉଦ୍ଦେଶ୍ୟରେ କଳାହାଣ୍ଡି ଉପଜିଲାପାଳ ପ୍ରଭାତ କୁମାର ପରିଡାଙ୍କ ନିଆରା ପଦକ୍ଷେପ ଚର୍ଚ୍ଚାର ବିଷୟ ପାଲଟିଛି। ରବିବାର ସେ କେସିଙ୍ଗା ସହରରେ ପ୍ରାୟ ଦେଢ଼ କିଲୋମିଟର ପଦଯାତ୍ରା କରି ସାଧାରଣ ଲୋକଙ୍କୁ ଏସ୍ଆଇଆର ସମ୍ପର୍କରେ ସଚେତନ କରିଥିଲେ।ବଲାଙ୍ଗିର ଛକରୁ ଆରମ୍ଭ ହୋଇଥିବା ଏହି ସଚେତନତା ପଦଯାତ୍ରା ଆମ୍ବେଦକର ଛକ ପର୍ଯ୍ୟନ୍ତ ଚାଲିଥିଲା। ପଥଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟା, ନାମ ଯାଞ୍ଚ ଓ ଆବଶ୍ୟକ ଦସ୍ତାବେଜ ସମ୍ପର୍କରେ ଅବଗତ କରାଯାଇଥିଲା।ପରବର୍ତ୍ତୀ ସମୟରେ ଏନ୍ଏସି କାର୍ଯ୍ୟାଳୟରେ ପହଞ୍ଚି ଉପଜିଲାପାଳ ଶ୍ରୀ ପରିଡା ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ ଯେ, କେସିଙ୍ଗା ବ୍ଲକ ଅଞ୍ଚଳରେ ଏସ୍ଆଇଆର କାର୍ଯ୍ୟର ପ୍ରାୟ ୭୦ ପ୍ରତିଶତ ସମ୍ପନ୍ନ ହୋଇସାରିଛି। ବ୍ଲକ ଓ ଏନ୍ଏସିରସମସ୍ତ କର୍ମଚାରୀ ଏହି କାର୍ଯ୍ୟକୁ ଗୁରୁତ୍ୱର ସହ ଆଗେଇ ନେଉଥିବା ସେ କହିଥିଲେ।ଏହି ସଚେତନତା କାର୍ଯ୍ୟକ୍ରମରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ, ତହସିଲଦାର ପ୍ରଶାନ୍ତି ପ୍ରଧାନ, ସିଡିପିଓ ସସ୍ମିତା ମିଶ୍ର, ଏବିଡିଓ ସିଦ୍ଧେଶ୍ୱର ମେହେରଙ୍କ ସମେତ ଏନ୍‌ସିସି ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟର ଶିକ୍ଷାର୍ଥୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ସାମିଲ ହୋଇଥିଲେ। ସହରରେ ଆୟୋଜିତ ଏହି ପଦଯାତ୍ରା ଭୋଟର ସଚେତନତା କ୍ଷେତ୍ରରେ ଏକ ସକାରାତ୍ମକ ବାର୍ତ୍ତା ପ୍ରଦାନ କରିଛି।

## ଲାଇଫ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ମାଗଣା ଚିକିତ୍ସା ଶିବିର

କୁଚିଣ୍ଡା,୦୮ ।୦୬(ଚତୁର୍ଭୁଜ ଜୟପୁରିଆ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ସାମ୍ବାଦିକ ଭବନ ଠାରେ ସମ୍ବଲପୁର ଲାଇଫ କେୟାର ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ପରିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି।ଏହି ଶିବିର ରେ ସ୍ତ୍ରୀ ପ୍ରସୁତି ବିଭାଗ,ଅସ୍ଥି ଶଲ୍ୟ, ଶଲ୍ୟ ଚିକିତ୍ସା ଏବଂ ଭେଷଜ ଇତ୍ୟାଦି ଚିକିତ୍ସା କରାଯାଇଥିଲା। ଏଥିରେ ଡାକ୍ତର ପ୍ରଭାସ ଦେବତା,ତପନ କର୍ମାକର,ସୁମିତ କୌସିକ,ଶିବାନୀ ବୈଦ୍ୟ ପ୍ରମୁଖ ଡାକ୍ତର ମାନେ ଚିକିତ୍ସା କରିଥିଲେ। ଏହି ଶିବିରର ଉଦଯୋଗ କର୍ତ୍ତା ଭାବେ କୃଷ୍ଣ ସୁଦାମା ପାଣିଗ୍ରାହୀ, ବିଜ୍ଞାନ ମିର୍ଦ୍ଧା, ଲିଙ୍କନ ସାହୁ ରହିଥିବାବେଳେ,ସମାଜ ସେବୀ କାର୍ତ୍ତିକ ମିସ୍ତ୍ରୀ ସହଯୋଗ କରିଥିଲେ।

ମଙ୍ଗଳବାର ୦୯।୦୬।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା

# ଦଳ ସମାଜର ମହାସଭା ଅନୁଷ୍ଠିତ



ବଲାଙ୍ଗିର୦୮/୦୬ (ଦେବେନ୍ଦ୍ର)ବଲାଙ୍ଗୀର ଜିଲ୍ଲାର ଦଳ ସମାଜର ୧୧୭ ଗୋଟି ଗ୍ରାମ କମିଟିର କର୍ମକର୍ତ୍ତା, ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଏବଂ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ। ଏଥିରେ ସର୍ବ ସହମତି କ୍ରମେ ଲୋକନାଥ କୁଅଁର ସଭାପତି ଓ ଉପସଭାପତି ଭାବେ ସୁଦାମ ଚରଣ ଭୋଇ ଓ ସମ୍ପାଦକ ଭାବେ ଦୀପକ କୁଅଁର ଓ ସହ ସମ୍ପାଦକ ଭାବେ ସୁରେଶ ଭୋଇ ମନୋନୀତ ହୋଇଛନ୍ତି । କୋଷାଧ୍ୟକ୍ଷ ଭାବେ ଋଷମନ ମଲ୍ଲିକ ମନୋନୀତି ହୋଇଛନ୍ତି ।ଏହି ମହାସଭାକୁ ପ୍ରତାପ ଚନ୍ଦ୍ର କୁଅଁର (ପ୍ରଧାନ ଶିକ୍ଷକ, ଦାବରି) ସୁଚାରୁ ଭାବରେ ପରିଚାଳନା କରିଥିଲେ।ସଭାରେ ଶିକ୍ଷାବିତ୍ ଓ ସମାଜର ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରୁ ଗୟାଶଙ୍କର ଝାଙ୍କର, ଶ୍ରୀ ପବିତ୍ର କୁଅଁର, ମଣ୍ଟୁ ଭୋଇ, କିରଣ କୁଅଁର, ଦୌଲବର୍ଦ୍ଧନ ମଲ୍ଲିକ, ଟିକେଶ୍ୱର ମଲ୍ଲିକ, କୈଳାଶ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ସମାଜର ଭଦ୍ରବ୍ୟକ୍ତି ରୁମାଲ ମାଝୀ, ରାଜା ଥନାପତି, ପ୍ରେମ ଝାଙ୍କର, ତୁଲାରାମ ମଲ୍ଲିକ, ମୈତ୍ର ଭୋଇ, କେଦାର ଭୋଇ ଏବଂ ରୁଦ୍ର ପୁଝାରୀ ପ୍ରମୁଖ ଯୋଗଦାନ କରି ସଭାକୁ ସଫଳ ମଣ୍ଡିତ କରିଥିଲେ।

# ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କ ବିରୋଧରେ ଜିଲାପାଳଙ୍କୁ ଅଭିଯୋଗ ପତ୍ର

କୋରାପୁଟ୦୮/୦୬(ଅକ୍ଷର ଓଡ଼ିଶା) :ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡାମଙ୍କ ବିରୋଧରେ କ୍ଷମତାର ଅପବ୍ୟବହାର ଓ ପଞ୍ଚାୟତରାଜ ବ୍ୟବସ୍ଥାରେ ଅଯଥା ହସ୍ତକ୍ଷେପ କରୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଏହି ସମସ୍ୟାର ସମାଧାନ ପାଇଁ ସେମିଳିଗୁଡ଼ା ବ୍ଲକର ସମସ୍ତ ସମିତି ସଭ୍ୟ/ସଭ୍ୟା ଓ ସରପଞ୍ଚମାନେ ଏକାଠି ହୋଇ କୋରାପୁଟ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଓଡ଼ିଶା ପଞ୍ଚାୟତ ସମିତି ଆଇନ ୧୯୬୧ ଏବଂ ଓଡ଼ିଶା ଗ୍ରାମପଞ୍ଚାୟତ ଆଇନ ୧୯୬୪ ର ନିୟମକୁ ଅମାନ୍ୟ କରି ବିଧାୟକ ନିଜର କ୍ଷମତା ପ୍ରଦର୍ଶନ କରୁଛନ୍ତି। ୱାର୍ଡ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦଙ୍କ କ୍ଷମତାକୁ ସଙ୍କୁଚିତ କରି ନିଜ ପଦବୀର କ୍ଷମତା ପ୍ରୟୋଗ କରୁଥିବା ନେଇ ପ୍ରତିନିଧିମାନେ ଦର୍ଶାଇଛନ୍ତି। ପଞ୍ଚାୟତର ନିର୍ବାଚିତ ପ୍ରତିନିଧିମାନେ ପଲ୍ଲୀସଭା ଓ ଗ୍ରାମସଭା ମାଧ୍ୟମରେ ପ୍ରକଳ୍ପ ଚୟନ କରି ଅନୁମୋଦନ କରୁଥିବା ବେଳେ, ବିଧାୟକ ସେମାନଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରୁଛନ୍ତି। ସେ ନିଜର ପ୍ରତିନିଧି, ବ୍ଲକ କଂଗ୍ରେସ ସଭାପତି ତଥା କଂଗ୍ରେସ କର୍ମୀଙ୍କ ମାଧ୍ୟମରେ ମନମୁଖୀ ଭାବେ କାର୍ଯ୍ୟ ପରିଚାଳନା କରୁଥିବା ଅଭିଯୋଗ ଆଣିଛନ୍ତି ସମସ୍ତ ୧୭ ଗୋଟି ପଞ୍ଚାୟତର ଜନ ପ୍ରତିନିଧିମାନେ । ଏ ସମ୍ପର୍କରେ ପୂର୍ବରୁ ସେମିଳିଗୁଡ଼ା ବ୍ଲକ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ବିଧାୟକଙ୍କ ସହ ଏକ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ବିଧାୟକ ପଞ୍ଚାୟତ କାର୍ଯ୍ୟରେ ହସ୍ତକ୍ଷେପ ନକରିବା ପାଇଁ ସେଠାରେ ସହମତି ପ୍ରକାଶ କରିଥିଲେ । ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ଆଲୋଚନା ସତ୍ତ୍ୱେ ବର୍ତ୍ତମାନ ଡିଏମଏଫ ଡିଏମ୍‌ଏଫ୍ ପ୍ରକଳ୍ପ



ଅନୁମୋଦନ ମିଳିବା ପରେ ବିଧାୟକ ପୁନର୍ବାର ନିଜ କର୍ମୀ ଓ ପ୍ରତିନିଧିଙ୍କ ମାଧ୍ୟମରେ ସୁପାରିଶ କରାଇ ଗ୍ରାମାଞ୍ଚଳର ଭାଇଚାରା ଓ ଏକତା ନଷ୍ଟ କରିବାକୁ ଚେଷ୍ଟା କରୁଛନ୍ତି। ଏନେଇ ବ୍ଲକର ନିର୍ବାଚିତ ପଞ୍ଚାୟତ ସମିତି ପ୍ରତିନିଧି ଓ ଦୁଧାରୀ ଗ୍ରାମପଞ୍ଚାୟତ ସରପଞ୍ଚ ମାଧବ ନନ୍ଦୀବାଲିଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇଛି କି ବିଧାୟକଙ୍କ ଦ୍ୱାରା ହୋଇଥିବା ଡିଏମ୍‌ଏଫ୍ ପ୍ରକଳ୍ପର ସୁପାରିଶକୁ ତୁରନ୍ତ ପ୍ରତ୍ୟାହାର କରାଯାଉ। ଏଥିସହ ଯଦି ପ୍ରଶାସନ ଏହି ବିଷୟ ପ୍ରତି ଦୃଷ୍ଟି ଦେଇ ତୁରନ୍ତ କୌଣସି ପଦକ୍ଷେପ ନନିଏ, ତେବେ ଆଗାମୀ ଦିନରେ ସମସ୍ତ ପଞ୍ଚାୟତ ପ୍ରତିନିଧି ସାମୂହିକ ଇସ୍ତଫା ଦେବା ସହ ବ୍ଲକ ସମ୍ମୁଖରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ ୨୦୨୬' ସଚେତନତା କାର୍ଯ୍ୟକ୍ରମ

ବ୍ରହ୍ମପୁର: ୦୮।୦୬ ( ଶମ୍ଭୁ ଶେଖର ମିଶ୍ର ) ବ୍ରହ୍ମପୁରରେ ଥିବା ଗଞ୍ଜାମ ଲକ୍ଷ୍ୟ ନିକେତନରେ 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ ୨୦୨୬' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥି ରେ ଅଥିତି ରୂପେ ସାମିଲ ହେଲେ ବ୍ରହ୍ମପୁର ଉପ-ଜିଲ୍ଲାପାଳ ଓ ପ୍ରଶାସନିକ ଅଧିକାରୀ । ବ୍ରହ୍ମପୁର ସ୍ଥିତ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗଞ୍ଜାମ ଲକ୍ଷ୍ୟ ନିକେତନ ପରିସରରେ 'ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍' ୨୦୨୬ ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ଭୋଟର ସଚେତନତା କାର୍ଯ୍ୟକ୍ରମ ଆଜି ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପ-ଜିଲ୍ଲାପାଳ (ସବ୍-କଲେକ୍ଟର), ଅତିରିକ୍ତ ଉପ-ଜିଲ୍ଲାପାଳ, ବ୍ରହ୍ମପୁର ତହସିଲଦାର ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।ଏହି ଅବସରରେ ଉପସ୍ଥିତ ପ୍ରଶାସନିକ ଅଧିକାରୀମାନେ ଜିଏଲଏନ୍ ର ଛାତ୍ରଛାତ୍ରୀମାନଙ୍କ ସହ ସ୍ପେସାଲ ଇଣ୍ଟେନସିଭ୍ ରିଭିଜନ୍ ପ୍ରକ୍ରିୟା ଉପରେ ସିଧାସଳଖ ଆଲୋଚନା କରିଥିଲେ।

# ୨୩ କେଜି ଗଞ୍ଜେଇ ସହ ସ୍କୁଟି ଜବତ ୩ ଜଣଙ୍କୁ କୋର୍ଟ ଚାଲାଣ

ଦାରିଙ୍ଗବାଡ଼ି :୮/୬(ମୃତ୍ୟୁଞ୍ଜୟ ପ୍ରଧାନ)ଦାରିଙ୍ଗବାଡି ଥାନା ପୋଲିସ ପକ୍ଷରୁ କୋଣସି ସୂତ୍ରରୁ ସୂଚନା ପାଇ ଚଡାଉ କରି ୨୩ କେଜି ଗଞ୍ଜେଇ ସହ ଗଞ୍ଜେଇ ନେଉଥିବା ସ୍କୁଟି ଜବତ କରିବା ସହ ଚାଲାଣ ୩ଜଣ ଚାଲାଣ କାରିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନା ସୂଚନା ଦେଇଛନ୍ତି । ସୂଚନା ମୁତାବକ ଗତକାଲି ସନ୍ଧ୍ୟା ସମୟରେ କର୍ଣ୍ଣାଟକ ରାଜ୍ୟ ବେଙ୍ଗୁଲୁର ଜିଲ୍ଲା ୟେଶବନ୍ତପୁର ଥାନା ଅଞ୍ଚଳର ସହିଫ ଅଲି ଖାନ(୩୧) ଓ ଉକ୍ତ ଜିଲ୍ଲା ହେବାଲ ଥାନା ଅଞ୍ଚଳର ମୁଜୀର ଅହମଦ(୨୭) ଏକ ହଳଦିଆ ରଙ୍ଗ ସ୍କୁଟି ନଂ -ଓଡି ୦୭ ଏଇ ୦୯୨୭ ରେ ୨୩ କେଜି ଗଞ୍ଜେଇ ଦାରିଙ୍ଗବାଡ଼ି ରୁ ବ୍ରହ୍ମପୁର ଅଭିମୁଖେ ନେଇ ଯାଉଥିଲେ। ଦାରିଙ୍ଗବାଡ଼ି ଥାନା ପୋଲିସ ସୂଚନା ପାଇ ବାଇମାଳା ଗେଟରେ ସ୍କୁଟିକୁ ଅଟକାଇ ତଦନ୍ତ କରି ଗଞ୍ଜେଇ ସହ ସ୍କୁଟି ଓ ଦୁଇଟି ମୋବାଇଲ ଜବତ କରିଥିଲେ। ଏହା ପରେ କେଉଁ ଲୋକ ଠାରୁ ଗଞ୍ଜେଇ କିଣି ନେଉ ଥିଲେ ଏହାର ସୂଚନା ଦେଇଥିଲେ। ସୂଚନା ପ୍ରକାରେ ଦାରିଙ୍ଗବାଡି ଥାନା ଅନ୍ତର୍ଗତ କାଡେସପାଟା ଗ୍ରାମର ଦୁର୍ଗା ପ୍ରଧାନ(୬୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

# ମିଲ୍ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗ, ଅଭିଯୁକ୍ତ ଫେରାର

ବୁଗୁଡା : ୦୮/୦୬/(ଅକ୍ଷର ଓଡିଶା ) : ବୁଗୁଡ଼ା ଥାନା ଅନ୍ତର୍ଗତ ଗୋଳିଆ ଗ୍ରାମରେ ଜନୈକ ରାଇସ୍ ମିଲ୍ ମାଲିକ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିବା ନେଇ ଅଭିଯୋଗ ହୋଇଥିବା ଜଣାଯାଇଛି । ଆକ୍ରମଣରେ ଆହତ ମିଲ୍ ମାଲିକ ଜଣକ ହେଲେ ସତ୍ତୁସୋଲ ଗ୍ରାମର ମହେନ୍ଦ୍ର କୁମାର ଦୋରା ଏବଂ ଆକ୍ରମଣକାରୀ ବାପ ଓ ପୁଅ ଦୁହେଁ ହେଲେ ସୁରେନ୍ଦ୍ର ଖଟେଇ ଓ ହରିଓଁ ଖଟେଇ। ଏ ନେଇ ପୋଲିସ ଥାନାରେ କେସ୍ ନଂ ୨୮୭/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି। ପ୍ରକାଶ ଯେ, ରବିବାର ଅପରାହ୍ନରେ ମହେନ୍ଦ୍ର ଖାଲି ଟ୍ରକ ଧରି ନିଜ ରାଇସ୍ ମିଲରୁ ଚାଉଳ ଆଣିବା ପାଇଁ ସତ୍ତୁସୋଲ ଗାଁକୁ ଯାଉଥିଲେ। ଗୋଳିଆ ଗାଁ ପଟରୁ ସତ୍ତୁସୋଲ ଗ୍ରାମାଭିମୁଖେ ଯାଇଥିବା ରାସ୍ତାକୁ ମଡାଇ ସୁରେନ୍ଦ୍ରଙ୍କ ସିମେଣ୍ଟ ମିକ୍ସର ମେସିନଟି ରହିଥିଲା । ତାହାକୁ ରାସ୍ତା ଉପରୁ ହଟାଇବାକୁ ନେଇ ମହେନ୍ଦ୍ର ଓ ସୁରେନ୍ଦ୍ରଙ୍କ ମଧ୍ୟରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା। ଏଥିରେ ଗ୍ରାମର କେତେକ ଭଦ୍ରଲୋକ ହସ୍ତକ୍ଷେପ କରିବା ଫଳରେ ରାସ୍ତା ଉପରୁ ମିକ୍ସର ମେସିନ ହଟିଥିଲା ଏବଂ ଟ୍ରକ ସତ୍ତୁସୋଲ ଗାଁକୁ ଯାଇଥିଲା। ସେଠାରୁ କୌଣସି କାମରେ ମହେନ୍ଦ୍ର ଗୋଳିଆ ଗାଁକୁ ଆସୁଥିବା ବେଳେ ବାପ ସୁରେନ୍ଦ୍ର ଓ ପୁଅ ହରିଓଁ ଉଭୟେ ତାଙ୍କୁ ଅଟକାଇ ଆକ୍ରମଣ କରିଥିଲେ ଏବଂ ମାରି ଦେବାକୁ ଧମକ ଦେଇ କାତି ଧରି ଗୋଡାଇ ଥିଲେ। ଆକ୍ରମଣରେ ମହେନ୍ଦ୍ରଙ୍କ ମୁଣ୍ଡରେ ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା ଏବଂ ସେ ଚିକିତ୍ସା ପାଇଁ ବୁଗୁଡ଼ା ମେଡିକାଲରେ ଭର୍ତ୍ତି ହୋଇଥିଲେ।

# ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର



ଯାଜପୁର ୦୮/୦୬(ଅକ୍ଷର ଓଡ଼ିଶା) : ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୭୨ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୫୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୧୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପ ଆରକ୍ଷୀ ଅଧିକ୍ଷକ, ଯାଜପୁର ରୋଡ, ଅତିରିକ୍ତ ଜିଲ୍ଲାପାଳ, ଶ୍ରୀ ଯୁଧିଷ୍ଠିର ନାଏକ, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର , ଦର୍ପଣ ମାନସ କୁମାର ତ୍ରିପାଠୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।ଏହା ପରେ ଜିଲ୍ଲାପାଳ ଅମ୍ବର କୁମାର କର ବଡ଼ଚଣା ବ୍ଲକ ଗସ୍ତ କରି ବଡ଼ଚଣା ପଞ୍ଚାୟତ ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମାଳିଆ ପୋଖରୀ ଏବଂ ଏହାର ଆଖପାଖ ଅଞ୍ଚଳ ପରିଦର୍ଶନ କରିଥିଲେ। ପୋଖରୀ ମଧ୍ୟରେ ଅବସ୍ଥିତ ମନ୍ଦିରର ପୁନଃଉଦ୍ଧାର, ସୌନ୍ଦର୍ଯ୍ୟକରଣ ଓ ସମଗ୍ର ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତି ସମ୍ପର୍କରେ ସେ ମାନ୍ୟବର ବଡ଼ଚଣା ବିଧାୟକ ଶ୍ରୀ ଅମର କୁମାର ନାୟକଙ୍କ ଉପସ୍ଥିତିରେ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ପରିଦର୍ଶନ ସମୟରେ ପୋଖରୀ ଓ ମନ୍ଦିର ପରିସରକୁ ଏକ ଆକର୍ଷଣୀୟ ଐତିହ୍ୟ ଓ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।ଏହି ଗସ୍ତ ଅବସରରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ, ତହସିଲଦାର, ଦର୍ପଣଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବହୁ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକଙ୍କ ଯୋଗଦାନ

ବିଞ୍ଝାରପୁର, ୮/୬/ (ଅକ୍ଷର ଓଡିଶା ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମ ପଞ୍ଚାୟତସ୍ଥିତ ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଜି ନୂତନ ପ୍ରଧାନ ଶିକ୍ଷକ ଭାବେ ଅନାଦି ଚରଣ ଯେନା ଯୋଗଦାନ କରିଛନ୍ତି। ଏହି ଅବସରରେ ଅରେଇ, ଘଣ୍ଟିଆଳି, ଚିକଣା ଓ ଗୁହାଳି ପଞ୍ଚାୟତର ବହୁ ଗ୍ରାମବାସୀ ବିଦ୍ୟାଳୟରେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ ଜଣାଇଥିଲେ।ସୂଚନାଯୋଗ୍ୟ ଯେ, ଗତ ମେ ୨୯ ତାରିଖରେ ଅନାଦି ଚରଣ ଯେନା ପ୍ରଧାନ ଶିକ୍ଷକ ଭାବେ ଯୋଗଦାନ କରିବାକୁ ଆସିଥିବା ବେଳେ କେତେକ ଗ୍ରାମବାସୀ ତାଙ୍କ ଯୋଗଦାନକୁ ବିରୋଧ କରିଥିଲେ। ଫଳରେ ସେ ବିଦ୍ୟାଳୟ ପରିସରକୁ ପ୍ରବେଶ କରିପାରିନଥିଲେ ଏବଂ ବାଧ୍ୟ ହୋଇ ଫେରିଯାଇଥିଲେ।ତେବେ କିଛି ଦିନର ବ୍ୟବଧାନ ପରେ ବିଦ୍ୟାଳୟର ଶିକ୍ଷାଗତ ଉନ୍ନତି ଏବଂ ସୁପରିଚାଳନାକୁ ଦୃଷ୍ଟିରେ ରଖି ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକମାନେ ଏକତ୍ରିତ ହୋଇଥିଲେ।ଏହାପରେ ଅଞ୍ଚଳବାସୀମାନେ ନୂତନ ପ୍ରଧାନ ଶିକ୍ଷକ ଅନାଦି ଚରଣ ଯେନାଙ୍କୁ ସ୍ୱାଗତ ଜଣାଇ ବିଦ୍ୟାଳୟରେ ଯୋଗଦାନ କରାଇଥିଲେ। ସେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆସନରେ ବସି ଦାୟିତ୍ୱ ଗ୍ରହଣ କରିଥିଲେ।ନୂତନ ପ୍ରଧାନ ଶିକ୍ଷକ ଶ୍ରୀ ଯେନା କହିଛନ୍ତି ଯେ, ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ଏକ ପୁରାତନ ଏବଂ ଅଞ୍ଚଳର ଗୌରବମୟ ଶିକ୍ଷାନୁଷ୍ଠାନ। ବିଦ୍ୟାଳୟର ଶିକ୍ଷାର ମାନ ବୃଦ୍ଧି, ଶୃଙ୍ଖଳା ରକ୍ଷା ଓ ସର୍ବାଙ୍ଗୀଣ ବିକାଶ ପାଇଁ ସେ ଯତ୍ନବାନ ହୋଇ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

# ସମ୍ବଲପୁରୀ ଦରପନ ପକ୍ଷରୁ ପରିବେଶ ସଚେତନତା କାର୍ଯ୍ୟକ୍ରମ

ସମ୍ବଲପୁର ୦୮/୦୬(ଅକ୍ଷର ଓଡ଼ିଶା) ସମ୍ବଲପୁରୀ ଦରପନ ଅନୁଷ୍ଠାନ ପକ୍ଷରୁ ଜେଲଛକ ସ୍ଥିତ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରା ରେ ଶନିବାର ପରିବେଶ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁରୀ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ତିଆରି ହେଉଥିବା ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାକୁ ସବୁଜ ସୁନ୍ଦର କରିବା ପାଇଁ ଏହି ଅବସରରେ ସଂକଳ୍ପ ନିଆଯାଇଥିଲା। ଏହି ଅବସରରେ ସଦସ୍ୟ ମାନେ ଡେରା ପରିସରକୁ ସଫା କରିଥିଲେ। ବର୍ଷା ଆରମ୍ଭରେ ଡେରା ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସ୍ଥିର କରାଯାଇଥିଲା। ଡେରା ରେ ପ୍ରଶିକ୍ଷଣ ନେଉଥିବା ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ୍ ର ଦୁଇଜଣ ଛାତ୍ରୀ ସର୍ମିଳ ସାହୁ ଏବଂ ଶୀବାଂଶୀ ତ୍ରିପାଠୀ ଜୁନିୟର ନେସନାଲ କିକ୍ ବକ୍ସିଂ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବାରୁ ଉଭୟଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ



ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ଦରପନ ର ସମ୍ପାଦକ ଭବାନୀଶ ଭୋଇ ଙ୍କ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀ ସମାଜ ର ସହ ସଂଚାଳକ ଅଶୋକ ତ୍ରିପାଠୀ, ଗୋପବନ୍ଧୁ ସେନାପତି, ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ୍ ର ସମ୍ପାଦକ ତଥା କୋଚ ସୁବ୍ରତ ପ୍ରଧାନ, ସମ୍ବଲପୁରୀ ନୃତ୍ୟ ଗୁରୁ ରଂଜିତ ସାହୁ, ପଶ୍ଚିମାଞ୍ଚଳ ଏକତା ମଞ୍ଚ ର ଲଳିତା ଭୋଇ, ଭୂମିସୁତା ମେହେର, ରାହୁଲ ଗୁପ୍ତା, ପ୍ରେମ ସାହାଣୀ, ଲଳିତ ମୋହନ ବେବର୍ତ୍ତା, ହେମନ୍ତ ତ୍ରିପାଠୀ ଙ୍କ ସମେତ ଜିଲ୍ଲା କିକ୍ ବକ୍ସିଂ ଆସୋସିଏସନ୍ ସମ୍ବଲପୁର ର ଛାତ୍ର ଛାତ୍ରୀ, ସମ୍ବଲପୁରୀ ଡେରା ନିଃଶୁଳ୍କ ସମ୍ବଲପୁରୀ ପ୍ରଶିକ୍ଷଣ କେନ୍ଦ୍ର ର ପ୍ରଶିକ୍ଷାର୍ଥୀ, ଭାରତୀ ସମାଜ ଏବଂ ପଶ୍ଚିମାଞ୍ଚଳ ଏକତା ମଞ୍ଚ ର ସଦସ୍ୟ ସଦସ୍ୟା ମାନେ ସାମିଲ ହୋଇଥିଲେ।

# ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଲାଳାବତୀଙ୍କ ପାଖରେ ପହଞ୍ଚିଲା ବ୍ଲକ ପ୍ରଶାସନ



ଯାଜପୁର୮/୬(ଅକ୍ଷର ଓଡ଼ିଶା) ଦାନଗଦୀ ବ୍ଲକ ଅନ୍ତର୍ଗତ ଗୋବର୍ଦ୍ଧନପୁର ପଞ୍ଚାୟତର ଫୁଲଝର ଗ୍ରାମର ଅସହାୟ ଲାଳାବତୀ ପୂର୍ତ୍ତୀଙ୍କ ଖବର ପ୍ରସାରିତ ପରେ ସମବାୟ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସୋମବାର ପୂର୍ବାହ୍ନରେ ବ୍ଲକର ମଣ୍ଡଳ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର ସେଠୀ, ଅତିରିକ୍ତ ବିଡିଓ ସଂଯୁକ୍ତା ସାହୁ ଏମ୍.ଆଇ ମହାଶ୍ୱେତା ଦାସ, ଆର ଆଇ ଗୋବର୍ଦ୍ଧନ ପୁର ସ୍ଥାନୀୟ ସରପଞ୍ଚ ଶୁକଦେବ ମହାନ୍ତି ସମିତିସଭ୍ୟ ପ୍ରଶାନ୍ତ ସାହୁ ତାଙ୍କ ଘରକୁ ମୁଖ୍ୟ ରାସ୍ତା ରୁ ପାଦଚଲା ରାସ୍ତାରେ ଚାଲି ଚାଲି ଯାଇ ତାଙ୍କ ଘରେ ପହଞ୍ଚି ଭୂଲରେ କଟିଯାଇଥିବା ରେସନ୍ କାର୍ଡଟି ପୁନର୍ବାର ନୂତନ ରେସନକାର୍ଡ ସହିତ ୫୦କେଜି ଚାଉଳ ଲାଳାବତୀକୁ ପ୍ରଦାନ କରିଥିଲେ ତତ୍‌ସହିତ ଭଙ୍ଗା ଘର ଉପରେ ନୂତନ ଦରିପାଲ ଦିଆଯାଇଥିଲା ତାଙ୍କର ଅନ୍ତୋଦୟ ଯୋଜନାରେ ଏକ ସ୍ଥାୟୀ ଘର ଓ ଭତ୍ତା ଦେବା ପାଇଁ ବିଡିଓ ଶ୍ରୀଯୁକ୍ତ ସେଠୀ ପ୍ରତିଶୃତି ଦେଇଥିଲେ । ସାଧାରଣ ଜନତାର ଖାଦ୍ୟ, ବସ୍ତ୍ର ଓ ବାସଗୃହ ଏହି ମୌଳିକ ଅଧିକାର କିପରି ସମସ୍ତଙ୍କ ପାଖରେ ପହଞ୍ଚେଇବାର ସେ ଦିଗରେ ପ୍ରଶାସନ ନିଶ୍ଚୟ ଦୃଷ୍ଟି ଦେବ ଏପରି ଅନେକ ଲୋକ ସମାଜରେ ଅବହେଳିତ ଉପେକ୍ଷିତ ଲୋକେ ଅଛନ୍ତି ପଞ୍ଚାୟତର ଜନପ୍ରତିନିଧି ସରକାରଙ୍କ ଦୃଷ୍ଟି ଆକର୍ଷଣ କଲେ ଶୀଘ୍ର ସମାଧାନ ହୋଇପାରନ୍ତା । ଲାଳା ବତୀ ପୂର୍ତ୍ତୀ ରେସନକାର୍ଡ ପାଇଲା ପରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିବା ବେଳେ ଭତ୍ତା ଓ ସ୍ଥାୟୀ ଘରଖଣ୍ଡେ ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।

# ଅନୁଗୋଳରୁ ଲଣ୍ଡନ ଉଡ଼ିଲା ଅମରପୋଲି ଆମ୍ବ ସଫଳତାର ନୂଆ ଫର୍ଦ୍ଦ ଯୋଡ଼ିଲେ ମହିଳା ଚାଷୀ



ଅନୁଗୋଳ, ୦୮/୦୬ (ଅକ୍ଷର ଓଡ଼ିଶା): ଅନୁଗୋଳ ଜିଲ୍ଲାର କୃଷି ଇତିହାସରେ ଯୋଡ଼ି ହୋଇଛି ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ସ୍ଥାନୀୟ ଅଞ୍ଚଳର ସୁସ୍ୱାଦୁ 'ଅମରପୋଲି' ଆମ୍ବ ଏବେ ବିଦେଶ ମାଟିରେ ନିଜର ବାସ୍ନା ବିଛେଇବାକୁ ପ୍ରସ୍ତୁତ ହୋଇଛି। ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଆନୁକୂଲ୍ୟ ରେ ପରିଚାଳିତ କୃଷି ଉତ୍ପାଦନ ସମୂହ କାର୍ଯ୍ୟକ୍ରମ ମାଧ୍ୟମରେ ଅନୁଗୋଳରୁ ସୁଦୂର ଲଣ୍ଡନକୁ ଆମ୍ବ ରପ୍ତାନି କରାଯାଇଛି। କିଶୋରନଗର ସେବା ଏବଂ 'ପ୍ରଦାନ' ସଂସ୍ଥାର ମିଳିତ ସହଯୋଗରେ ଏହି ଆନ୍ତର୍ଜାତୀୟ ବାଣିଜ୍ୟ ସମ୍ଭବ ହୋଇପାରିଛି।

ଏହି ସଫଳତା ପଛରେ ରହିଛି ଜଇଗଡ଼ ମହିଳା ଫାର୍ମର ପ୍ରଡ୍ୟୁସର କମ୍ପାନୀ ଲିମିଟେଡ଼ର ମହିଳା ସଦସ୍ୟ ମାନଙ୍କର ଅକ୍ଳାନ୍ତ ପରିଶ୍ରମ। ବିଶେଷ କରି ବାଲିଆମ୍ବ ଗ୍ରାମର ମହିଳା ଚାଷୀ ଭୁଲି ସାହୁ ଓ ସ୍ୱର୍ଣ୍ଣପ୍ରଭା ଙ୍କ ବାଗାନରୁ ୭.୬୦ କୁଇଣ୍ଟାଲ ଉଚ୍ଚ ଗୁଣମାନର ଅମରପୋଲି ଆମ୍ବ ସଂଗ୍ରହ କରାଯାଇ ରପ୍ତାନି କରାଯାଇଛି। ଏହି ପଦକ୍ଷେପ ଜିଲ୍ଲାର ମହିଳା ଚାଷୀମାନଙ୍କୁ ଆର୍ଥିକ ଭାବେ ସ୍ୱାବଲମ୍ବୀ କରିବା ସହ ଅନୁଗୋଳର କୃଷି କ୍ଷେତ୍ରକୁ ବିଶ୍ୱ ଦରବାରରେ ଏକ ନୂଆ ପରିଚୟ ଦେଇଛି। ଏହି ମହତ ପ୍ରୟାସ ପାଇଁ ଉଦ୍ୟାନ ବିଭାଗ, ମିଶନ ଶକ୍ତି, ପାଲାଡିୟମ ଓ ସେବା ସଂସ୍ଥାର ସମନ୍ୱିତ ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ପ୍ରଶଂସା କରାଯାଉଛି। ଭବିଷ୍ୟତରେ ଜିଲ୍ଲାର ଅନ୍ୟାନ୍ୟ କୃଷିଜାତ ସାମଗ୍ରୀ ବିଦେଶ ବଜାରକୁ ରପ୍ତାନି ହେବ ବୋଲି ଆଶା ପ୍ରକାଶ ପାଇଛି।

# ନିଖୋଜ ମହିଳାଙ୍କ ଶବ ଉଦ୍ଧାର

ନନ୍ଦପୁର, ୦୮/୦୬(ଶ୍ରୀରାମ ଖରା )ଗତ କାଲି ସନ୍ଧ୍ୟା ରେ ନନ୍ଦପୁର ବ୍ଲକ ଭେଜା ପଞ୍ଚାୟତ ହଞ୍ଜର ଗ୍ରାମର ସହଦେବ ପାଙ୍ଗିଙ୍କ ସ୍ତ୍ରୀ ଗୌରିମଣି ପାଙ୍ଗି(୫୯) ଙ୍କ ଥିବାରୁ ହଞ୍ଜର ଗ୍ରାମକୁ ପ୍ରବାହିତ ହେଉଥିବା ଗାରାଡ଼ି ନଦୀ ରେ ବୁଡି ମୃତ୍ୟୁ ହୋଇଥିବା ଖବର ମିଳିଛି। ସହଦେବ ଙ୍କ ଏତଲା ଅନୁସାରେ ତାଙ୍କ ସ୍ତ୍ରୀ ଗୌରିମଣୀ ଗତକାଲି ଶନିବାର ରାତ୍ର ୮ଟା ସମୟରେ ଶୌଚ ନିମନ୍ତେ ନଦୀକୁ ଆସିଥିଲେ। ବହୁ ସମୟ ଧରି ଘରକୁ ନ ଫେରିବାରୁ ଘର ଲୋକେ ଏଣେ ତେଣେ ଖୋଜା ଖୋଜି କରିବା ସହ ସମ୍ପର୍କୀୟ ଓ ଆତ୍ମୀୟ ମାନଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ହେଲେ ତାଙ୍କର କୌଣସି ଖୋଜ୍ ଖବର ମିଳି ନଥିଲା। ଆଜି ରବିବାର ତାଙ୍କ ମର ଶରୀର ନଦୀରେ ଭାସୁଥିବା ଖବର ପାଇ ତୁରନ୍ତ ନନ୍ଦପୁର ଅଗ୍ନିଶମ ବାହିନୀ ଙ୍କୁ ଖବର କରିବା ସହ ପୋଲିସ କୁ ଲିଖିତ ଏତଲା ଦେଇଥିଲେ। ଖବର ପାଇ ଉଭୟ ନନ୍ଦପୁର ଓ ପାଡୁଆ ପୋଲିସ ତଥା ପାଡୁଆ ଥାନା ଆଇ, ଆଇ,ସି ଟୁନା ପୀଡି କା ସହ ନନ୍ଦପୁର ଥାନା ଏ ଏସ ଆଇ ଗୁପ୍ତେଶ୍ୱର ଗୌଡ ଉପସ୍ଥିତି ରେ ନନ୍ଦପୁର ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉଦ୍ଧାର କରାଯାଇଥିଲା। ସନ୍ଧ୍ୟା ହେଉଥିବାରୁ ଆସନ୍ତା କାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଉକ୍ତ ଘଟଣାକୁ ନେଇ ପାଡୁଆ ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରି ଏସଆଇ ସୁରେନ୍ଦ୍ର କୁମାର ସେଠୀ ଅଧିକ ତଦନ୍ତ ଜାରି ରଖିଛନ୍ତି।

# ମୁନିସିପାଲିଟି ଜମି ଜବରଦଖଲ କରି ଷ୍ଟିଲଗେଟ ଲଗାଇ ରାସ୍ତା ଅବରୋଧ କରିବା ଅଭିଯୋଗ

କେନ୍ଦ୍ରାପଡ଼ା ୦୮/୦୬(ଅକ୍ଷର ଓଡ଼ିଶା) କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ଭବନ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହେଉଥିବା ଜିଲ୍ଲାପାଳ ଏବଂ ଏସପିଙ୍କ ମିଳିତ ଜନଶୁଣାଣୀ ଶିବିରରେ କମାରଖଣ୍ଡି ଗ୍ରାମର ଯଶୋବନ୍ତ ବେହେରାଙ୍କ ଝିଅ ସରସ୍ୱତୀ ବେହେରା(୫୭) ନାମକ ଜୈନିକ ଦଳିତ ଗରିବ ଅସହାୟ ସ୍ୱାମୀ ପରିତିକ୍ତ ମହିଳା ଇଚ୍ଛାପୁର ଶ୍ୟାମଗୁଡ଼ିଆ ଠାରେ ତାଙ୍କ ନାମରେ ଥିବା ଏକ ଡ଼ିସିମିଲ କିଣା ଜାଗା ଉପରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ତାଙ୍କ ନାମରେ ମିଳିଥିବା ଘର କରିବା ପାଇଁ ସରକାରଙ୍କ ପକ୍ଷରୁ ୱାର୍କ ଅର୍ଡର ପାଇଥିଲେ ମଧ୍ୟ ସେହି ଶ୍ୟାମଗୁଡ଼ିଆ ଗ୍ରାମର ଚନ୍ଦ୍ରଭାନୁ ଦାସଙ୍କ ପୁଅ ସୁନୀଲ କୁମାର ଦାସ ନାମକ ଔଷଧ ଦୋକାନୀ ବା ବେପାରୀ ତାଙ୍କ ଜାଗା ଆଗରେ ଥିବା ମୁନିସିପାଲିଟି ରାସ୍ତାକୁ ଜୋର ଜବରଦସ୍ତ ଅବରୋଧ କରି ରଖିବା ସାଙ୍ଗେ ସାଙ୍ଗେ ଏକ ଷ୍ଟିଲବାଡ଼ ବସାଇ ଟିଣର ଗେଟ ଲଗାଇ ଖାଲି ସାରସ୍ୱତୀ ନୁହେଁ କୌଣସି ଲୋକଙ୍କୁ ମଧ୍ୟ ଯାତାୟାତ କରିବା ନିମନ୍ତେ ବାଟ ନଛାଡିବାରୁ ସରସ୍ୱତୀ ଘର କରି ନପାରି, ନିରୁପାୟ ହୋଇ ଶେଷରେ ସରକାରଙ୍କ ଠାରୁ ପାଇଥିବା ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ନିମନ୍ତେ ୱାର୍କ ଅର୍ଡର ହାତରେ ଧରି



ପୌରକାର୍ଯ୍ୟାଳୟ ଠାରୁ ଟାଉନ ଥାନା ପରିସର ଓ ତହସିଲ କାର୍ଯ୍ୟାଳୟ ପ୍ରଯ୍ୟନ୍ତ ନ୍ୟାୟ ଟିକକ ପାଇଁ ବାରମ୍ବର ଦୌଡ଼ି ଦୌଡ଼ି ନୟାନ୍ତ ହେବାପରେ ଆଜି ପୂର୍ବାହ୍ନରେ ଜିଲ୍ଲାପାଳ ଏବଂ ଏସପିଙ୍କୁ ତାଙ୍କ ମିଳିତ ଜଣାଶୁଣାଣୀ ଶିବିରରେ ଭେଟି ଏକ ଲିଖିତ ଅଭିଯୋଗ ପତ୍ରଦ୍ୱାରା ଜଣାଇଛନ୍ତି ଯେ - ଯଦି ତୁରନ୍ତ ଜିଲ୍ଲା ପ୍ରଶାସନ ତାଙ୍କ କଥା ୭ଦିନ ମଧ୍ୟରେ କିଛି ନବୁଝନ୍ତି କିମ୍ବା ତାଙ୍କ ଦୁଃଖ ନଶୁଣନ୍ତି ତେବେ ସେ ଆଗାମୀ ଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାଦେବା ସାଙ୍ଗେ ସାଙ୍ଗେ ଆମରଣ ଅନଶନ କରିବେ, ରାଜ ରାସ୍ତାକୁ ଓହ୍ଲେଇବେ ଦରକାର ପଡିଲେ ମଧ୍ୟ ସେ ଭୁବନେଶ୍ୱର ଯାଇ ମୁଖ୍ୟ ମନ୍ତ୍ରୀଙ୍କୁ ଭେଟି ନିଜର ଦୁଃଖ କାହାଣୀ ଜଣାଇବେ ବୋଲି ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି । ତେବେ ଏଠି ଖାଲି ଯାହା ଦେଖିବାକୁ ବାକି ରହିଲା ସ୍ଥାନୀୟ ତହସିଲଦାର, ପୌରନିର୍ବାହୀ ଅଧିକାରୀ, ପୌରଅଧ୍ୟକ୍ଷାଙ୍କ ସମେତ ଖୋଦ ନିଯେ ଜିଲ୍ଲାପାଳ ସାରସ୍ୱତୀ ଭଳି ଜଣେ ସ୍ୱାମୀ ପରିତିକ୍ତ ଅସହାୟ ଗରିବ ମହିଳାଙ୍କୁ ନ୍ୟାୟ ଯୋଗାଇ ଦେବାରେ କେତେ ସଫଳ ହେଉଛନ୍ତି ।

ଅକ୍ଷର
AKHYARA ODISHA ଓଡ଼ିଶା

# କାଦୁଅଡିହା ନୋଡାଲ ଉ.ପ୍ରା. ସ୍କୁଲ୍‌ର ଭିତ୍ତିପ୍ରସ୍ତର ସ୍ଥାପନ



ହରିଚନ୍ଦନପୁର,୮/୬ (ଶୂନ୍ୟରଞ୍ଜନ ଘଣା ): ବିଦ୍ୟାର୍ଥୀ ମାନଙ୍କ ପାଠପଢ଼ାର ମୂଳଦୁଆକୁ ସଶକ୍ତ କରିବା ପାଇଁ ରବିବାର ମୁଖ୍ୟମନ୍ତ୍ରୀ ଦ୍ୱିତୀୟ ପର୍ଯ୍ୟାୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଶୁଭାରମ୍ଭକରିଛନ୍ତି। ଏଥିରେ କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ମନୋହରପୁର ପଂଚାୟତର ସରକାରୀ ନୋଡାଲ ଉ.ପ୍ରା. ସ୍କୁଲର ସାମିଲ ରହିଛି। ଏହି ପରିପ୍ରେକ୍ଷୀରେ ହରିଚନ୍ଦନପୁର ବ୍ଲକ ମନୋହରପୁର ପଞ୍ଚାୟତର ସରକାରୀ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କାଦୁଅଡିହାରେ ଆୟୋଜିତ ଶୁଭଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ତେଲକୋଇ ନିର୍ବାଚନମଣ୍ଡଳୀ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଡାକ୍ତର ଫକୀର ମୋହନ ନାଏକ, ସ୍ୱତନ୍ତ୍ର ଅତିଥି ଭାବେ ବିଡିଓ ହରିଚନ୍ଦନପୁର ମଳୟ କୁମାର ନାୟକ, ତହସିଲଦାର ହରିଚନ୍ଦନପୁର ହିମାଂଶୁ ଶେଖର ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରୁଦ୍ର ନାରାୟଣ ସାମଲ, ଜିଲ୍ଲା ବିଜ୍ଞାନ ଅଧିଦର୍ଶକ ପରମେଶ୍ୱର ମହାନ୍ତ,ଗୋଷ୍ଠୀ ଶିକ୍ଷାଧିକାରୀ ହରିଚନ୍ଦନପୁର ଚିନ୍ମୟ କୁମାର ରାଉତ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧ ବିଜୟ କୁମାର ସାହୁ, ବିଧାୟକଙ୍କ ପ୍ରତିନିଧି ଶିରିଷ କୁମାର ସାହୁ, ଥାନାଧିକାରିଣୀ ମିତାଲୀ ମଧୁଲିତା ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।ଏହି ଅବସରରେ ମୁଖ୍ୟ ଅତିଥି ଡାକ୍ତର ନାୟକ କହିଥିଲେ ଯେ ଏହି ଯୋଜନାରେ ପିଲାମାନଙ୍କୁ ଗୁଣାତ୍ମକ ମାନର ଶିକ୍ଷା ମିଳିବା ସହିତ ପ୍ରାଥମିକ ଶିକ୍ଷା ଭିତ୍ତିଭୂମି ସୁଦୃଢ ହେବ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ୍ତ କୁମାର ସାହୁ ନିମନ୍ତ୍ରିତ ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସହକାରୀ ଯନ୍ତ୍ରୀ କମଳଲୋଚନ ଭୋଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ମାଧବାନନ୍ଦ ସାହୁ, ଦିଲ୍ଲୀପ କୁମାର ସାହୁ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି, ସଦସ୍ୟ, ଅଭିଭାବକ, ଯୁବଗୋଷ୍ଠୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ସଂଯୋଗୀ ସାହିତ୍ୟ ସଂସଦର ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ସମାରୋହ



କେନ୍ଦୁଝର/ଘଟଗାଁ:୦୮/୦୬(ଦିଲ୍ଲୀପ କୁମାର ସାହୁ) - ଓଡ଼ିଶାରଅଗ୍ରଣୀ ସାହିତ୍ୟାନୁଷ୍ଠାନ ଘଟଗାଁସ୍ଥିତ ସଂଯୋଗୀ ସାହିତ୍ୟ ସଂସଦ କୁଣ୍ଡାପିଠାର ରାଜ୍ୟ ସ୍ତରୀୟ ବାର୍ଷିକ ଉତ୍ସବ ଓ ବନ୍ଧୁ ମିଳନ ସମାରୋହ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି କ୍ଷ ସାହିତ୍ୟ ସଂସଦର ପ୍ରତିଷ୍ଠାତା ତଥା ସଭାପତି ଉପେନ୍ଦ୍ର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଜଗସିଂହପୁର ଜିଲ୍ଲାର କବି,ସଂଗଠକ , ସମାଜସେବୀ ତଥା ସଂପାଦକ ଡ଼ ବସନ୍ତ ମଞ୍ଜରୀ ଦାଶ ମୁଖ୍ୟ ଅତିଥି , ଜ୍ୟୋତି ବିହାର ବିଶ୍ୱ ବିଦ୍ୟାଳୟ ବୁର୍ଲା , ସମ୍ବଲପୁରର ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଅଧାପିକା ଡ଼ ସୁନିତୀ ଦେବତା ମୁଖ୍ୟ ବକ୍ତା, କେନ୍ଦୁଝର ମିଳନୀ ସାହିତ୍ୟ ସଂସଦର ସଭାପତି ତଥା ବରିଷ୍ଠ ସାହିତ୍ୟିକ ଦେବାଶିଷ ଚକ୍ରବର୍ତ୍ତୀ, ମାଲକାନଗିରିର ଯୁବ କବି ଦିଗମ୍ବର ବେହେରା ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇ ଓଡ଼ିଆ ଭାଷା, ସଂସ୍କୃତି ,ପରମ୍ପରା ଓ ଐତିହ୍ୟ ଉପରେ ଆଲୋକପାତ କରିବା ସହିତ ସଂଯୋଗୀ ସାହିତ୍ୟ ସଂସଦର ଅଭିନବ କାର୍ଯ୍ୟକ୍ରମ ଆସ କିଛି ଶିଖିବା ଓ ଶିଖାଇବା ତଥା ଆସ କିଛି ଜାଣିବା ଓ ଜଣାଇବା ମାଧ୍ୟମରେ କର୍ମଶାଳା ଆୟୋଜନକୁ ଭୂରି ଭୂରି ପ୍ରଶଂସା କରିଥିଲେ କ୍ଷ ମଞ୍ଚ ସଂଯୋଜନା କରିଥିଲେ ନୟାଗଡ଼ ଜିଲ୍ଲାର ଯୁବ କବି ଲିସନ ମହାନ୍ତି ଓ ଜଗତସିଂହପୁର ଜିଲ୍ଲାର ଯୁବ କବି ତପନ କୁମାର ବେହେରା କ୍ଷ ଏହି ଅବସରରେ ଅନୁଷ୍ଠାନ ଦ୍ୱାରା ପ୍ରକାଶିତ ଓଡ଼ିଶାର ବିଭିନ୍ନ ଅଂଚଳରୁ ସ୍ରଷ୍ଟାଙ୍କ ୧୨ ଖଣ୍ଡ ସଂକ୍ଷିପ୍ତ କାବ୍ୟ ଅନ୍ତାକ୍ଷରୀ ପୁସ୍ତକ ଅତିଥି ମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା କ୍ଷ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ କୃତି ସାରସ୍ୱତ ସ୍ରଷ୍ଟା ମାନଙ୍କ ମଧ୍ୟରୁ ୨୩ ଜଣ କୃତୀ ସାରସ୍ୱତ ସ୍ରଷ୍ଟା ଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ମାନସ ପାଠ କେନ୍ଦୁଝର ତରଫରୁ ପ୍ରସ୍ତୁତ ଅଭିନବ ଅଭିନନ୍ଦନିକା ଗ୍ରନ୍ଥ ସ୍ରଷ୍ଟା ସ୍ରୋତସ୍ୱିନୀ ଲୋକାର୍ପଣ କରି ସଂସଦର ସମ୍ପାଦକ ବାବୁଲାଲ ପଲେଇଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା କ୍ଷ ବଲାଙ୍ଗୀର ଜିଲ୍ଲାର ମଞ୍ଚ କଳାକାର କଂସ ମହାରାଜ ଅକ୍ଷୟ କୁମାର ଭୋଇ ଓ ତାଙ୍କ ସାଥୀଙ୍କ ଦ୍ୱାରା କ୍ଷୁଦ୍ର ନାଟକ ପରିବେଶଣରେ ଉପସ୍ଥିତ କବି ଲେଖକ ବିମୋହିତ ହୋଇଥିଲେ କ୍ଷ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ ଦୁଇଶହ ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ତଥା ଶୁଭେଚ୍ଛୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଦସ୍ୟ ସନ୍ତୋଷ କୁମାର ପତି, ହୃଷିକେଶ ଦାସ, ଡମ୍ବରୁଧର ମହାନ୍ତ, କସ୍ତୁରୀ ଚରଣ ରାଉତ,ପୁଷ୍ପକ କୁମାର ବେହେରା, ପ୍ରିୟଦର୍ଶିନୀ ବାରିକ, ଦିବ୍ୟା ଭାରତୀ ପଲେଇ, ପରିନିତା ବେହେରା, ନରେନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

## ସମ୍ବର୍ଦ୍ଧିତ ହେଲେ ସାମ୍ବାଦିକ ସଞ୍ଜୟ



କେନ୍ଦୁଝର/ଘଟଗାଁ:୦୮/୦୬(ଦିଲ୍ଲୀପ କୁମାର ସାହୁ) - ରାଜ୍ୟର ସୁନାମଧନ୍ୟ ଅଗ୍ରଣୀ ସଂଯୋଗୀ ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ ବାର୍ଷିକଉତ୍ସବ ଘଟଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି କାର୍ଯ୍ୟକ୍ରମ ସାହିତ୍ୟ ସଂସଦର ସଭାପତି ଉପେନ୍ଦ୍ର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଅନୁଷ୍ଠାନର ସମ୍ପାଦକ ତଥା ସଂସଦର ପ୍ରାଣ ପ୍ରତିଷ୍ଠାତା କେନ୍ଦୁଝର ମାଟିର ଗର୍ବ ବାବୁଲାଲ ପଲେଇଙ୍କ ସୁପରିଚାଳନାରେ ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ଜିଲ୍ଲାର କବି, ସଂଗଠକ, ସମାଜସେବୀ ଡ.ବସନ୍ତ ମଞ୍ଜରି ଦାସ, ମୁଖ୍ୟ ବକ୍ତାଭାବେ ଜ୍ୟୋତିବିହାର ବିଶ୍ୱ ବିଦ୍ୟାଳୟ ବୁର୍ଲାର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡ଼କ୍ଟର ସୁନିତା ଦେବତା ଓ ସମ୍ମାନିତ ଅତିଥିଭାବେ ବରିଷ୍ଠ ସାହିତ୍ୟିକ ଦେବାଶିଷ ଚକ୍ରବର୍ତ୍ତୀ ଓ ମାଲକାନଗିରି ଜିଲ୍ଲାର କବି ଦିଗାମ୍ବର ବେହେରା ମଞ୍ଚାସୀନ ହୋଇଥିଲେ କ୍ଷ କାର୍ଯ୍ୟକ୍ରମରେ ୩୦ ଟି ଜିଲ୍ଲାରୁ ୨୦୦ ରୁ ଅଧିକ ସାହିତ୍ୟିକ, କବି ,କବୟିତ୍ରୀ ମାନେ ଯୋଗ ଦେଇଥିଲେ କ୍ଷ ଓଡିଶାର ବିଭିନ୍ନ ଶ୍ରଷ୍ଟା ମାନଙ୍କର ୧୨ ଖଣ୍ଡ ପୁସ୍ତକ ଉନ୍ମୋଚନ ହୋଇଥିଲା କ୍ଷ ବହୁ ବରେଣ୍ୟ ବ୍ୟକ୍ତିଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରତିଭା ପାଇଁ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ସେଥି ମଧ୍ୟରୁ ଘଟଗାଁ ବ୍ଲକ ଡେଙ୍ଗକୋଟର ବରିଷ୍ଠ ସାମ୍ବାଦିକ, ସାହିତ୍ୟିକ, କବି ତଥା ରାଜ୍ୟସ୍ତରୀୟ ମଞ୍ଚ ଉଦଘୋଷକ ସଞ୍ଜୟ କୁମାର ସାହୁଙ୍କୁ ଅନୁଷ୍ଠାନ ତରଫରୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନକରି ସଂଯୋଗୀ ଶ୍ରଷ୍ଟା ,ସୃଜନୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା କ୍ଷ ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଦସ୍ୟ ସନ୍ତୋଷ କୁମାର ପତି, ହୃଷୀକେଶ ଦାସ, ଡମ୍ବରୁଧର ମହାନ୍ତ,ପୁଷ୍ପକ କୁମାର ବେହେରା, ପ୍ରିୟ ଦର୍ଶିନୀ ବାରିକ୍, ଦିବ୍ୟା ଭାରତୀ ପଲେଇ, ପରିଣିତା ବେହେରା, ନରେନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ଚେକ୍‌ଡ୍ୟାମ୍ ଉଚ୍ଚତା ବୃଦ୍ଧି କରିବାକୁ ଦାବି



ହରିଚନ୍ଦନପୁର, ୮/୬ (ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ୍ ଜୁଙ୍ଗା ପଞ୍ଚାୟତ ଦଣ୍ଡସେନାପଶି-ଶୁଆକାଟି ଗ୍ରାମ ମଧ୍ୟରେ ଥିବା ଦଦରାନାଳରେ ନିର୍ମିତ ଚେକ୍‌ଡ୍ୟାମ୍‌ର ଉଚ୍ଚତା ବୃଦ୍ଧି କରିବାକୁ ଚାଷୀମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଦଣ୍ଡସେନାପଶି ଗ୍ରାମରୁ ଶୁଆକାଟି ଗ୍ରାମର ମଡରଛକ ପର୍ଯ୍ୟନ୍ତ ଓମ୍‌ବାଡ୍‌ସି ଅନୁଦାନରେ ଏକ ନୂତନ ରାସ୍ତା ନିର୍ମାଣ କରାଯାଉଛି। ଦୁଇ ଗ୍ରାମ ମଧ୍ୟରେ ଥିବା ଦଦରାନାଳ ଉପରେ ପୋଲ ନିର୍ମାଣ ହୋଇଛି। ବ୍ଲକ୍ ପକ୍ଷରୁ ନିର୍ମାଣ କରାଯାଇଥିବା ଚେକ୍‌ଡ୍ୟାମ୍‌କୁ ପୋଲ କାମ କରୁଥିବା ଠିକାଦାର ଭାଙ୍ଗିଦେଇଛି। ଏହି ଚେକ୍‌ଡ୍ୟାମ୍ ପାଣି ଗ୍ରାମର ୧୨୫ଏକର ଜମିକୁ ଜଳସେଚିତ କରୁଥିଲା । ଏକ ନୂତନ ଚେକ୍‌ଡ୍ୟାମ୍ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହୋଇଥିଲା। ଠିକାଦାର ପୋଲ ତଳେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କରିଛନ୍ତି । ଏହାର ଉଚ୍ଚତା କମ୍ ଥିବାରୁ ପାଣି ଚାଷଜମିକୁ ନଯାଇ ପୁଣି ନାଳରେ ବହିଯାଉଛି। ଚେକ୍‌ଡ୍ୟାମ୍‌ର ଉଚ୍ଚତା ବୃଦ୍ଧି କରାଗଲେ ଚାଷଜମିକୁ ଜଳସେଚିତ ହୋଇପାରିବା ଚାଷୀମାନେ ଉପୋକୃତ ହୋଇପାରିବେ ବୋଲି ଗ୍ରାମବାସୀ କରିଛନ୍ତି।

# ଭାଗବତ ଗୃହ ପାଇଁ ଭୂମିପୂଜା

ହରିଚନ୍ଦନପୁର, ୮/୬(ଶୂନ୍ୟରଞ୍ଜନ ଘଣା ) : ହରିଚନ୍ଦନପୁର ବ୍ଲକ୍ ଜାମୁଯୋଡ଼ି ପଞ୍ଚାୟତ ଧଗୋଠ ଗାଁରେ ଭାଗବତ ମହାସଂଘର ଗୃହ ନିର୍ମାଣପାଇଁ ଭୂମିପୂଜା ଅନୁଷ୍ଠିତ ହୋଇଛି। ବ୍ଲକ୍ ଭାଗବତ ପ୍ରଚାର ପ୍ରସାର ସମିତିର ସଭାପତି ପାଦାମ୍ବୁଜ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ୍‌ର ସମସ୍ତ ଭାଗବତ ଟୁଙ୍ଗିର କର୍ମକର୍ତ୍ତା ଯୋଗଦେଇଥିଲେ। ମହାସଂଘର ଗୃହ ନିର୍ମାଣ ସମ୍ପର୍କରେ ଆଲୋଚନା ହୋଇଥିଲା। ପୂଜକ ବ୍ରହ୍ମାନନ୍ଦ ଆଚାର୍ଯ୍ୟ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ସଭାପତି ଶ୍ରୀ ସାହୁ କର୍ତ୍ତା ଭାବେ ପୂଜାରେ ବସିଥିଲେ। ହାଡ଼ିବନ୍ଧୁ ସାହୁ, କ୍ଷେତ୍ରବାସୀ ସାହୁ, ଯଦୁମଣି ନାଏକ, ରବୀନ୍ଦ୍ର ବେହେରା, ରବୀନ୍ଦ୍ର ସାହୁ, ଗୌରାଙ୍ଗ ମହାନ୍ତ, କୃଷ୍ଣଚନ୍ଦ୍ର ବେହେରା, ଚନ୍ଦ୍ରମଣି ମହାନ୍ତ, ସରସ୍ୱତୀ ମହାନ୍ତ, ସୁଜାତା ମହାନ୍ତ, ଗୋଲାପ ମହାନ୍ତ, ଧନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ସମ୍ବଲପୁର ଗ୍ରୁପ ହେଡକ୍ୱାର୍ଟରେ ଏନସିସି ଗ୍ରୁପ କମାଣ୍ଡରଙ୍କ ୧୪ତମ ଓଡ଼ିଶା ବାଟାଲିୟନ ପରିଦର୍ଶନ

କେନ୍ଦୁଝର:୦୮/୦୬(ଦିଲ୍ଲୀପ କୁମାର ସାହୁ) - ଏନସିସି କ୍ୟାମ୍ପ-୨ ଜୁନ ମାସ ୧ ତାରିଖରୁ ଧରଣୀଧର ବିଶ୍ୱ ବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି। ଶିବିରର ୭ମ ଦିବସରେ ସମ୍ବଲପୁର ଗ୍ରୁପ୍ ହେଡକ୍ୱାର୍ଟର ଏନସିସି ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ୍ ୧୪ ତମ ଓଡ଼ିଶା ବାଟାଲିୟନ ପରିଦର୍ଶନ କରିଛନ୍ତି। ପ୍ରଥମେ ବାଟାଲିୟନ ତରଫରୁ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା।ପରେ କଣ୍ଟିଜେଣ୍ଟ ତରଫରୁ ମାର୍ଚ୍ଚ ପାଷ୍ଟ ର ଅଭିବାଦନ ଗ୍ରହଣ କରିଥିଲେ । ୧୪ ତମ ଓଡ଼ିଶା ବାଟାଲିୟନ ଏନସିସି କେନ୍ଦୁଝର କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ଜୟନ୍ତ ମୋହନ ଯୋଶୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମ୍ବଲପୁର ଗ୍ରୁପ୍ କମାଣ୍ଡର କର୍ଣ୍ଣେଲ ପ୍ରସାଦ କଦମ୍ କ୍ୟାଡେଟ୍ ମାନଙ୍କୁ ଶୃଙ୍ଖଳା, କଠିନ ପରିଶ୍ରମ ଏବଂ ସମର୍ପଣ ସହିତ ମାତୃଭୂମିର ସେବା ପାଇଁ ପ୍ରୟାସ କରିବାକୁ ଉପଦେଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୂର ଘାଡଗେ ଏବଂ ସୁବେଦାର ମେଜର ମହମ୍ମଦ ଉପସ୍ଥିତ ଥିଲେ । ଏହି ଶିବିରରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟରୁ ପ୍ରାୟ ୬୦୦ ଜଣ କ୍ୟାଡେଟ୍ ପ୍ରଶିକ୍ଷଣ ନେଉଛନ୍ତି। କ୍ୟାମ୍ପରେ ଭାଗ ନେଉଥିବା ଆ଼ର୍.ଡି.ସି., ଆଇ.ଡି.ଏସ୍. ଏସ୍.ସି.,ଟି.ଏସ୍.ସି.ସି. ଏ.ଟି.ସି କ୍ୟାଡେଟ ମାନଙ୍କ ସହ ଆଲୋଚନା କରିଥିଲେ। ଲେଫ୍ଟନାଣ୍ଟ ଦୀପକ କୁମାର ଗିରି, ଉମାକାନ୍ତ ବେହେରା, ଦିଗାମ୍ବର ରାଉତ, ନିହାର ରଞ୍ଜନ ମହାନ୍ତି, ଅରୁଣ କୁମାର ଜେନା, ଚିଫ ଅଫିସର୍ ମାନସ ରଞ୍ଜନ ପ୍ରଧାନ, ଫାର୍ଷ୍ଟ ଅଫିସର୍ ପୂର୍ଣ୍ଣଚନ୍ଦ୍ର ପାତ୍ର, ସେକେଣ୍ଡ ଅଫିସର୍ ବିଜୟ କୁମାର ବେହେରା ଏବଂ ୧୮ ଜଣ ପି ଆଇ ଷ୍ଟାଫ୍ ଙ୍କ ଦ୍ୱାରା କ୍ୟାମ୍ପ ସୁପରିଚାଳନାକୁ ଗ୍ରୁପ୍ କମାଣ୍ଡର ପ୍ରଶଂସା କରିଥିଲେ ।



# ତ୍ରିକୋଣୀୟ ପ୍ରେମର କରୁଣ ପରିଣତି



କେନ୍ଦୁଝର/ବଡବିଲ:୦୮/୦୬(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ବଡ଼ବିଲ ଆନା ଅଞ୍ଚଳରେ ତ୍ରିକୋଣୀୟ ପ୍ରେମର କରୁଣ ପରିଣତି ଦେଖିବାକୁ ମିଳିଛି। ତ୍ରିକୋଣୀୟ ପ୍ରେମକୁ କେନ୍ଦ୍ରକରି ଜଣେ ଯୁବତୀଙ୍କୁ ତଣ୍ଟିକାଟି ହତ୍ୟା କରିଛି ପ୍ରେମିକ। ରୋଇଡ଼ା ଜଙ୍ଗଲରେ ଯୁବତୀଙ୍କୁ ହତ୍ୟା କରିବା ପରେ ମୃତଦେହକୁ ପାଞ୍ଚ କିଲୋମିଟର ଦୂର ସିଦ୍ଧମଠ ଜଙ୍ଗଲରେ କରୁଥିବା ସନ୍ଦେହରେ ଉତକ୍ଷିପ୍ତ ହୋଇଥଲା ପ୍ରେମିକ ସଂଗ୍ରାମ ଆଳଦା। ପ୍ରେମିକାଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲା ସେ। ମଇ ମାସ ୧୧ ତାରିଖ ସନ୍ଧ୍ୟାରେ ପ୍ରେମିକ ସଂଗ୍ରାମ ପ୍ରେମିକା ଅନିତାକୁ ରୋଇଡ଼ା ଜଙ୍ଗଲକୁ ନେଇ ଏକ ଧାରୁଆ ଛୁରିରେ ତଣ୍ଟି କାଟି ହତ୍ୟା କରିଥିଲା । ପରେ ବାଇକରେମୃତଦେହକୁ ନେଇ ପ୍ରାୟ ୫ କିଲୋମିଟର ଦୂର

❖ ଜଙ୍ଗଲରୁ ଯୁବତୀଙ୍କ ଗଳିତ ଶବ ଉଦ୍ଧାର
❖ ତଣ୍ଟି କାଟି ହତ୍ୟା କରିଥିଲା ପ୍ରେମିକ
❖ ରୋଇଡା ଜଙ୍ଗଲରେ ହତ୍ୟା କରି ସିଦ୍ଧମଠ ଜଙ୍ଗଲରେ ଶବ ଫିଙ୍ଗିଥିଲା ପ୍ରେମିକ

ଥିବା ଏକ ଖାଲରେ ଫିଙ୍ଗି ଦ୍ଧିଙ୍କି ଦେଇଥିଲା ପ୍ରେମିକ। ଘଟଣାର ୨୬ ଦିନ ପରେ ପୋଲିସ ଗତ ରବିବାର ଦିନ ମୃତ ଯୁବତୀଙ୍କ ଗଳିତ ଶବ ଉଦ୍ଧାର କରିଛି ଏବଂ ଅଭିଯୁକ୍ତ ପ୍ରେମିକକୁ ଗିରଫ କରିଛି ।ପୋଲିସ ସୂଚନା ଅନୁସାରେ, ବଡ଼ବିଲ ଥାନା ଝାଡ଼ଗାଁର ସଂଗ୍ରାମ ଆଲଦା(୨୨)ଙ୍କ ସହ ସେହି ଗ୍ରାମର ଅନିତା ମହାକୁଡ଼(୨୧)ଙ୍କ ପ୍ରେମ ସମ୍ପର୍କ ରହିଥିଲା । ପ୍ରେମିକ ସଂଗ୍ରାମ ତିନିମାସ ହେବ ଗାଁ ଛାଡ଼ି ଅନ୍ୟତ୍ର ରହୁଥିଲେ । ଏହି ସମୟରେ ଅନିତାଙ୍କ ସହ ଅନ୍ୟଜଣେ ଯୁବକଙ୍କ ପ୍ରେମ ସମ୍ପର୍କ ଗଢ଼ି ଉଠିଥିବା ନେଇ ସଂଗ୍ରାମ ସନ୍ଦେହ କରୁଥିଲା। ପ୍ରେମିକା ଅନ୍ୟଜଣେ ଯୁବକଙ୍କୁ ପ୍ରେମ ସିଦ୍ଧମଠ ସଂରକ୍ଷିତ ଜଙ୍ଗଲରେ ଥିବା ଏକ ଖାଲରେ ଫିଙ୍ଗି ଦେଇଥିଲା। ପରିବାର ଲୋକ ଝିଅକୁ ଖୋଜାଖୋଜି କରି ନିରାଶ ହେବାପରେ ମେ ୧୪ ତାରିଖରେ ବଡ଼ବିଲ ଥାନାରେ ଲିଖିତ ଭାବେ ଅଭିଯୋଗ କରିଥିଲେ। ପୁଲିସ ଏତଲା ରଖି ଚୁପହୋଇ ବସିଯାଇଥିଲା । ଝିଅକୁ ନପାଇବାରୁ ପରିବାର ଲୋକ ପୁଣି ଗତ ଜୁନ ୬ ତାରିଖରେ ବଡ଼ବିଲ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଙ୍କୁ ସଂଗ୍ରାମ ହତ୍ୟା କରିଥିବା ନେଇ ଜଣାଇଥିଲେ ।ଏହାପରେ ପୁଲିସ ସଂଗ୍ରାମକୁ ଉଠାଇ ନେଇ ପଚରାଉଚରା କରିବାରୁ ସେ ସତ ମାନି ଯାଇଥିଲା। ଗତ ରବିବାର ମାଜିଷ୍ଟ୍ରେଟ୍ ତଥା ବଡ଼ବିଲ ତହସିଲଦାର ରାକେଶ କୁମାର ପଣ୍ଡାଙ୍କ ଉପସ୍ଥିତିରେ ଆଳା ଅଧିକାରୀ ଅଶୋକ କୁମାର ନାୟକ ଅଭିଯୁକ୍ତକୁ ନେଇ ହତ୍ୟାକାଣ୍ଡର ପୁନଃଦୃଶ୍ୟାୟନ କରାଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ପୁଲିସ ଉକ୍ତ ଖାଲରୁ ଯୁବତୀଙ୍କ ଗଳିତ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଥିଲା ! ହତ୍ୟାରେ ବ୍ୟବହୃତ ଛୁରୀ, ବାଇକ୍, ଯୁବତୀଙ୍କ ଓଢ଼ଣୀ, ଚପଲ, ବାଲଟି ଏଂ ଏକ ମୋବାଇଲ ଫୋନ୍ ଜବତ କରିଛି ପୋଲିସ। ଏନେଇ ବଡ଼ବିଲ ଥାନାରେ କେସ୍ ନମ୍ବର ୨୩୯/୨୬ ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଛି।

## ବୈଲୋଚନଙ୍କ ପରେ ମାନସ ଛେଳି ଚରାଉଛନ୍ତି ମେଧାବୀ ଛାତ୍ର

# ଯୁକ୍ତ ଦୁଇରେ ରଖିଛନ୍ତି ୮୫% ନମ୍ବର

ବାଂଶପାଳ, ୮/୬(ଶୂନ୍ୟରଞ୍ଜନ ଘଣା )ଉଚ୍ଚଶିକ୍ଷା ପାଇଁ ଟଙ୍କା ଯୋଗାଡ଼ କରିବାକୁ ହୋଟେଲରେ ଅଇଁଠା ବାସନ ମାଜୁଥିଲେ ଜଣେ ଛାତ୍ର ସେମିତି ଅନ୍ୟଜଣେ ମେଧାବୀ ଛାତ୍ର ଛେଳି ଚରାଉଥିବା ଦୃଷ୍ଟିକୁ ଆସିଛି। ଯୁକ୍ତ ୨ କଳାରେ ୮୫ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ନୟାକୋଟ ପଞ୍ଚାୟତ ସୁଡ଼ଙ୍ଗ ଗାଁର ମେଧାବୀ ଛାତ୍ର ମାନସ ଦେହୁରୀ ଯୁକ୍ତ ୩ରେ ନାମଲେଖାଇବା ପାଇଁ ଛେଳି ଚରାଇବା ସହ ମୂଲ ଲାଗୁଛନ୍ତି ମାନସ ୨୦୨୪ରେ କାଦକଳା ଉଚ୍ଚବିଦ୍ୟାଳୟରୁ ୭୦ ପ୍ରତିଶତ ନମ୍ବର ରଖି ମାଟ୍ରିକ ପାସ୍ କରିଥିଲେ।



ଏହାପରେ ଧରଣୀଧର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ କଳାରେ ନାମଲେଖାଇବା ସହ ୮୫ ପ୍ରତିଶତ ନମ୍ବର ରଖି ପାସ୍ କରିଛନ୍ତି। ପରୀକ୍ଷା ସମୟରେ ବାପା ବେଣୁଧର ଦେହୁରୀ ଆରପାରିକୁ ଚାଲିଗଲେ। ଏବେ ଘରର ଆର୍ଥିକ ଅବସ୍ଥା ଭଲନାହିଁ। ଅର୍ଥାଭାବରୁ ବଡ଼ଭାଇ ଟୁକୁନା ଦେହୁରୀ ପାଠ ଛାଡ଼ି ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି ଏଭଳି ସ୍ଥିତିରେ ଉଚ୍ଚଶିକ୍ଷା ଗ୍ରହଣ କରି ପ୍ରଶାସନିକ ଅଧିକାରୀ ହେବାକୁ ଲକ୍ଷ୍ୟ ରଖିଥିବା ମାନସ ଅର୍ଥ ଅଭାବରୁ କିପରି ଯୁକ୍ତ ୩ରେ ନାମଲେଖାଇବେ ତାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ମାନସ ନିଜର କିଛି ଛେଳି ସହିତ ଗାଁର ଅନ୍ୟ ଲୋକଙ୍କ ଛେଳି ଚରାଉଛନ୍ତି ବିଭିନ୍ନ ସମୟରେ ନିର୍ମାଣ କାମରେ ଶ୍ରମିକ ଭାବେ କାମ କରିବାକୁ ଯାଉଛନ୍ତି ମୂଲ ଲାଗି ସଞ୍ଚୟ କରୁଥିବା ଅର୍ଥରେ ସେ ଯୁକ୍ତ ୩ରେ ନାମ ଲେଖାଇବେ ବୋଲି କହିଛନ୍ତି। ସରକାର ତାଙ୍କୁ ସହାୟତାର ହାତ ବଢ଼ାଇଲେ ସ୍ୱପ୍ନ ସାକାର ହୋଇପାରିବ। ପୁଅର ପାଠପଢ଼ା ପାଇଁ ସହାୟତା କରିବାକୁ ମା’ ମଜରୀ ଦେହୁରୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ।ସୂଚନାଯୋଗ୍ୟ, କିଛିଦିନ ତଳେ ବାଂଶପାଳ ବ୍ଲକ୍ ବାହାଗଡ଼ ପଞ୍ଚାୟତ ଉପରନଡ଼ାମ ଗ୍ରାମର କୀର୍ତ୍ତନ ଜୁଆଙ୍ଗଙ୍କ ବଡ଼ପୁଅ ବୈଲୋଚନ ଉଚ୍ଚଶିକ୍ଷା ପାଇଁ ଟଙ୍କା ଯୋଗାଡ଼ କରିବାକୁ ଝୁମ୍ପୁରାର ଏକ ହୋଟେଲରେ ଅଇଁଠା ବାସନ ମାଜୁଥିଲେ ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବାପରେ ଜିଲ୍ଲା ମଙ୍ଗଳ ଅଧିକାରୀ ତାଙ୍କୁ ସାକ୍ଷାତ କରି ପ୍ରଶାସନ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ମଧ ତାଙ୍କୁ ସହାୟତା ଦିଆଯିବ ବୋଲି ସୂଚନା ଦିଆଯାଇଥିଲା।

## ଯୋଡାଥାନା ଅନ୍ତର୍ଗତ ବାଂଶପାଣି ନିକଟରେ ସଡ଼କ ଦୁର୍ଘଟଣାରେ ଜଣେମୃତ

ବଡ଼ବିଲ:୮/୬:(ସରୋଜ କୁମାର ମହାପାତ୍ର):କେନ୍ଦୁଝର ଜିଲ୍ଲାର ଖଣିଜ କ୍ଷେତ୍ରରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଥିବା ପରିଲକ୍ଷିତ ହୁଏ। ପ୍ରାୟ ପ୍ରତ୍ୟେକ ଦିନ କୋଉଠି ନା କୋଉଠି ସଡ଼କ ଦୁର୍ଘଟଣାରେ କାହାରି ନା କାହାରି ଜୀବନ ଯାଉଛି । ସେହିଭଳି ଏକ ଦୁର୍ଘଟଣା ସାମ୍ନାକୁ ଆସିଛି। କେନ୍ଦୁଝର ଜିଲ୍ଲା ଯୋଡା ଯୋଡ଼ା ଥାନା ଅନ୍ତର୍ଗତ ବାଂଶପାଣି ଛକ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ଟ୍ରକ୍ ମାଲିକଙ୍କ ମୃତ୍ୟୁ ଘଟିଥିବା ନେଇ ସୂଚନା। ମୃତକ ଜଣକ ହେଲେ ଯୁରୁଡ଼ି ଅଞ୍ଚଳର ୪୩ ବର୍ଷୀୟ ଏସ.କେ. ସଲାଉଦ୍ଦିନ୍ । ସେ ଜଣେ ଲେନ୍ଦ୍ ମାଲିକ ହୋଇଥିବା ସହ ଟ୍ରକ୍ ବ୍ୟବସାୟ ସହିତ ମଧ୍ୟ ଜଡିତ। ଆଜି ଅପରାହ୍ନରେ ସଲାଉଦ୍ଦିନ୍, ଯୋଡା ଟ୍ରକ୍ ମାଲିକ ସଂଘରୁ ଡି.ଓ. ନେଇ ଓଡ଼ ୦୯ଞ ୪୭୬୬ ନମ୍ବର୍ ବିଶିଷ୍ଟ ଏକ ମୋଟରସାଇକେଲରେ ଜୁରୁଡ଼ିକୁ ଫେରୁଥିଲେ। ଓଡ଼ ୦୯ଠ ୨୭୧୭ ନମ୍ବର୍ ବିଶିଷ୍ଟ ଏକ ହାଇୱା ତାଙ୍କୁ ଧକ୍କା ଦେଇଥିଲା ଫଳରେ ହାଇୱାର ପଛ ଚକା ତାଙ୍କ ଉପରେ ଚଢ଼ିଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ସୂଚନା। ଖବର ପାଇ ଯୋଡ଼ା ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ମୋଟରସାଇକେଲ ଓ ହାଇୱାକୁ ଜବତ କରି ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଚଳାଇଥିବା ନେଇ ସୂଚନା ।

# କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ, ଜଂଘିରା ଚାମ୍ପିଅନ୍

ହରିଚନ୍ଦନପୁର, ୮/୬ (ଶୂନ୍ୟରଞ୍ଜନ ଘଣା ): ହରିଚନ୍ଦନପୁର ବ୍ଲକ ଜାମୁଯୋଡ଼ି ଗ୍ରାମର ନୃସିଂହ ନାରାୟଣ ସ୍ପୋର୍ଟସ୍ କ୍ଲବ୍ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ଜଂଘିରାର ଜାଗୁଆର କ୍ରିକେଟ୍ କ୍ଲବ୍ ଓ ମହାପାଟ କ୍ରିକେଟ୍ କ୍ଲବ୍ ମଧ୍ୟରେ ଖେଳା ଯାଇଥିଲା । ଜାଗୁଆର ଦଳ ପ୍ରଥମେ ବ୍ୟାଟିଂ କରି ୧୦ଓଭରରେ ୪ ୱିକେଟ୍ ହରାଇ ୧୫୮ରନ୍ ସଂଗ୍ରହ କରିଥିଲା । ଜବାବରେ ମହାପାଟ ଦଳ ମାତ୍ର ୮୩ରନ୍ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ମାନସ କୁମାର ପତି ଓ ବିଜୟ କୁମାର ମହାନ୍ତ ଖେଳ ପରିଚାଳନା କରିଥିଲେ। ସୌମ୍ୟକ ମହାପାତ୍ର ଓ ଓ ଦିବ୍ୟଜ୍ୟୋତି ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେକୁଦ୍ରଣ୍ଡ ସାହୁ ଓ ବିବେକାନନ୍ଦ ବେହେରା ଧାରାବିବରଣୀ ପ୍ରଦାନ କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ତଲକୋଇ ବିଧାୟକ ଡାକ୍ତର ଫକୀର ମୋହନ ନାଏକ ମୁଖ୍ୟଅତିଥି, ସାଂସଦ ପ୍ରତିନିଧି ବିଜୟ କୁମାର ସାହୁ, ବିଧାୟକ ଙ୍କ ପ୍ରତିନିଧି ଶିରୀଷ କୁମାର ସାହୁ, ସରପଞ୍ଚ କୌଶଲ୍ୟା ନାୟକ, ଅଭିନାଶ ସାହୁ ଓ ଦିବ୍ୟଜ୍ୟୋତି ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିଅନ୍ ଦଳକୁ ଦ ୧୫ହଜାର ଟଙ୍କା, ରନର୍ସଅପ୍‌କୁ ୧୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ । କ୍ଲବ୍ ସଭାପତି ସମୀର ମହାପାତ୍ର, ସମ୍ପାଦକ ଅରବିନ୍ଦ ସାହୁ, ଉପସଭାପତି ଅମିତ କୁମାର ସାହୁ, ଜନ୍ମେଜୟ ବେଜ୍ ପ୍ରମୁଖ ସହଯୋଗ କରିଥିଲେ ।

# ଟ୍ରଲର ବସ ମୁହାମୁହିଁ ଧକ୍କା: ୫ ଯାତ୍ରୀ ଗୁରୁତର



ଝୁମ୍ପୁରା:୦୮/୦୬(ସନ୍ତୋଷ କୁମାର ସାହୁ) - ଆଜି ଅପରାହ୍ନରେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଅଧୀନ ବାଉଁଶୁଳୀ - ଚମ୍ପୁଆ ଭିଆଇପି ରୋଡ ଭଅଁରପୁର ଠାରେ ଏକ ଯାତ୍ରୀବାହୀ ବସକୁ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରଲର ଧକ୍କା ଦେବାରୁ ୫ ଜଣ ବସ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ଆହତ ମାନଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ଚିକିତ୍ସା ନିମନ୍ତେ କେନ୍ଦୁଝର ସହରସ୍ଥ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ପଠାଇଛନ୍ତି।ପ୍ରାପ୍ତ ସୂଚନା ମୁତାବକ ଆଜି ଅପରାହ୍ନ ୧.୩୫ ସମୟରେ କେନ୍ଦୁଝର ସହରରୁ ଚମ୍ପୁଆକୁ ଯାତ୍ରୀ ନେଇ ଯାଉଥିବା ’ସାହୁ’ ନାମକ ଯାତ୍ରୀବାହୀ ବସକୁ ବିପରୀତ ଦିଗରୁ ଆସୁଥିବା ଏକ ଟ୍ରଲର ଧକ୍କା ଦେବାରୁ ୫ ଜଣ ଯାତ୍ରୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଆହତ ମାନଙ୍କ ମଧ୍ୟରେ ଜଣେ ଶିଶୁ ରହିଥିା ବେଳେ, ସମସ୍ତ ଆହତ ମାନଙ୍କୁ ସ୍ଥାନୀୟ ଜନସାଧାରଣ ଉଦ୍ଧାର କରି କେନ୍ଦୁଝର ସହରସ୍ଥ ଧରଣୀଧର ମେଡିକାଲ କଲେଜ ଓ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ପଠାଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବସଟି ନିୟମିତ ଭାବେ କେନ୍ଦୁଝରରୁ ଚମ୍ପୁଆ ଭାୟା ବାଉଂଶୁଳୀ ଓ ଉଖୁଣ୍ଡା ଦେଇ ଯାତାୟତ କରୁଥିବା ବେଳେ, ବସଟି ନିକଟସ୍ଥ ଉଖୁଣ୍ଡା ଅଞ୍ଚଳର ମାଲିକଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଯାତାୟତ କରିଥାଏ। ଏଠାରେ ସୂଚନାଯୋଗ୍ୟ ଯେ, ବାଉଂଶୁଳୀ ଠାରୁ ଚମ୍ପୁଆ ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତାକୁ ଭିଆଇପି ରୋଡ ଭାବେ ଘୋଷଣା କରାଯାଇ ସେହି ରାସ୍ତାରେ ବ୍ୟବସାୟିକ ମାଲବାହୀ ଭାରୀଯାନ ଚଳାଚଳ ଉପରେ ଶକ୍ତ କଟକଣା ରହିଛି। ତା ସତ୍ତ୍ୱେ, ସେହି ଭିଆଇପି ରୋଡରେ କଟକଣା ଉଲଂଘନ କରି ଦୈନନ୍ଦିନ ଶହ ଶହ ସଂଖ୍ୟାରେ ବାଲି ବୋଝେଇ ହାଇୱା ଏଂ ଅନ୍ୟାନ୍ୟ ମାଲବାହୀ ଭାରୀଯାନ ଚଳାଚଳ କରିଥାଏ। ଅବଶ୍ୟ ସେହି ରାସ୍ତାରେ କଟକଣା ଉଲଂଘନ କରି ବାଲି ମାଫିଆ ମାନେ ଏବଂ ଅନ୍ୟ ମାଲବାହୀ ଭାରୀଯାନ ଚଳାଚଳ ପଛରେ ତୁରୁମୁଙ୍ଗା, ବାରିଆ ଏବଂ ଝୁମ୍ପୁରା ଥାନା କର୍ତୃପକ୍ଷ ମାନଙ୍କ ଜ୍ଞାତସାରରେ ହୋଇଥାଏ। ଏହି ତିନି ଥାନା କର୍ତୃପକ୍ଷଙ୍କ ମିଳିତ ସହଭାଗିତାରେ କଟକଣା ଉଲଂଘନ କରି ଏଭଳି ବାଲି ବୋଝେଇ ଏଂ ଅନ୍ୟାନ୍ୟ ମାଲବାହୀ ଭାରୀଯାନ ଚଳାଚଳ ହେଉଥିବାର ଅଭିଯୋଗ ବହୁ ପୂର୍ବରୁ ହୋଇଆସୁଛି ।ଦୁର୍ଘଟଣା ଖବର ପାଇ ତୁରୁମୁଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ଏହି ଦୁର୍ଘଟଣାରେ ସ୍ଥାନୀୟ ଜନସାଧାରଣ ତୁରୁମୁଙ୍ଗା ଥାନାରୁ ଆସିଥିବା ଏଏସଆଇ କ୍ଷୀରୋଦ ଚନ୍ଦ୍ର ପାତ୍ରଙ୍କୁ ଭିଆଇପି ରାସ୍ତାରେ ବ୍ୟବସାୟିକ ଭାରୀଯାନ ଚଳାଚଳ ଉପରେ ଲାଗିଥିବା କଟକଣାକୁ ଉଲଂଘନ କରି କିଭଳି ଏତେ ସଂଖ୍ୟାରେ ବାଲି ବୋଝେଇ ହାଇୱା ଏଂ ଅନ୍ୟାନ୍ୟ ଭାରୀଯାନ ଚଳାଚଳ କରୁଛି ଏବଂ ପୋଲିସ ଏନେଇ କଣ ପଦକ୍ଷେପ ଗ୍ରହଣ କରିଛି ବୋଲି ପଚାରିବାରୁ ସେ କହିଥିଲେ, ‘ଜିଲ୍ଲା ମୁଖ୍ୟ ପୋଲିସ ଅଧିକାରୀଙ୍କ ପାଖରେ ଅଭିଯୋଗ କର ଏବଂ ଆମେ କିଛି କରି ପାରିବୁନି’ ବୋଲି ମନ୍ତବ୍ୟ ଦେଇଥିଲେ। ପୋଲିସ ବାବୁଙ୍କ ଏହି ଉତ୍ତରରେ ଜିଲ୍ଲା ପୋଲିସର ସ୍ୱଚ୍ଛତା ଓ କାର୍ଯ୍ୟଦକ୍ଷତାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମଙ୍ଗଳବାର ୦୯ ।୦୬ ।୨୦୨୬

ଅକ୍ଷର

AKHYARA ODISHA ଓଡ଼ିଶା


# କୁଇ ଭାଷା ସାହିତ୍ୟ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ

ଫିରିଙ୍ଗିଆ,୮/୬ (ମନୋଜ ସାହୁ ): "କୁଇ ଗା'ଣି ଏ'ସା ସା'ଜା ଏଙ୍ଗା ଏ'ନ୍ଦା କ୍ରେହା" ବିଷୟକୁ ନେଇ ଏକ କୁଇ ଭାଷା ସାହିତ୍ୟ ଆସର କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଫିରିଙ୍ଗିଆ ପଞ୍ଚାୟତ ସୁନାକାଡୁ ଗ୍ରାମରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି । କୁଇ ଭାଷା, ସାହିତ୍ୟ ଓ



ଶ୍ରୀ ଦେବାଶିଷ କହଁର, କୁଇ ସମାଜ ସେବା ସମିତିର କୋଷାଧକ୍ଷ ଭାବିନ୍ଦ୍ର କହଁର, କୁଇ ବିଶେଷଜ୍ଞ ବୁନା କହଁର, କଣ୍ଟେଶ୍ୱର କହଁର ଓ ଶ୍ରୀକାନ୍ତ ମଲ୍ଲିକ, ଫିରିଙ୍ଗିଆ କୁଇ ସମାଜର ସମ୍ପାଦକ ଏସିଆ କହଁର, କୁଇ କବି ତଥା ଗବେଷକ ପ୍ରଦୀପ କହଁର ଏବଂ କନ୍ଧ ସଂସ୍କୃତି ଗବେଷକ ବିଷ୍ଣୁ ଚରଣ ମଲ୍ଲିକ ଉପସ୍ଥିତ ରହିଥିଲେ ।ସୁନାକାଡୁ ଗ୍ରାମବାସୀମାନେ ଆୟୋଜକ ଭାବେ କାର୍ଯ୍ୟକ୍ରମର ମୁଖ୍ୟ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ୩୨ ଜଣ କୁଇ କବି ଓ କୁଇ ସଂସ୍କୃତି ଗବେଷକ ସନ୍ତୋଷ କହଁର ଏବଂ ଗବେଷିକା କୁମାରୀ ଲଳିତା କହଁର ଉପସ୍ଥିତ ରହି କୁଇ ଭାଷା ସଂସ୍କୃତିର ସୁରକ୍ଷା, ପ୍ରଚାର ଓ ପ୍ରସାର ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ କୁଇ କବି, ଗବେଷକ ଓ ସମାଜର ବୁଦ୍ଧିଜୀବୀମାନେ ଯୋଗଦେଇ ନିଜ ମତାମତ ପ୍ରକାଶ କରିଥିଲେ ।କାର୍ଯ୍ୟକ୍ରମରେ କୁଇ ଭାଷା ସାହିତ୍ୟ ସମିତି, ଓଡ଼ିଶାର ସଭାପତି ଶ୍ରୀ ଦୀନବନ୍ଧୁ କହଁର, କୁଇ ସମାଜ ଯୁବ ପରିଷଦ କନ୍ଧମାଳ ସଭାପତି ସାହିତ୍ୟ ଆସରକୁ ସଫଳ ଓ ଆକର୍ଷଣୀୟ କରିଥିଲେ । ସଭାକୁ ବିଶ୍ୱମ୍ବର ପ୍ରଧାନ ପରିଚାଳନା କରିଥିବା ବେଳେ ପରିଶେଷରେ କୁଇ ସଂସ୍କୃତି ଆଧାରିତ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମଟି କୁଇ ଭାଷା ଓ ସଂସ୍କୃତି ପ୍ରତି ନୂତନ ପିଢ଼ୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିଥିବା ମତ ପ୍ରକାଶ ପାଇଥିଲା ।

# ବାନର ସେବା ସଂଗଠନ ଗଠିତ, ସେବା କମିଟି ଗଠିତ

ନୂଆପଡା -୦୮ /୦୬( ଅକ୍ଷର ଓଡିଶା ) ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ କଲ୍ୟାଣ ମଣ୍ଡପ ୨ ଠାରେ ବାନାର ସେବା ସଂଗଠନ ଗଠିତ ହୋଇଯାଇଅଛି । ଏହି ସଙ୍ଗଠନ ର ମୂଳ ଲକ୍ଷ ସେବା , ସମର୍ପଣ ଏବଂ ସଙ୍ଗଠନ କରିବା ସହ ସମାଜ ରେ ସଂସ୍କାର ଧର୍ମୀ ପଦକ୍ଷେପ ପାଇଁ ବନାର ସେନା ଗଠନ ର ମୂଳ ଲକ୍ଷ ବୋଲି ପ୍ରକାଶ କରିଛନ୍ତି । ଖଡ଼ିଆଳ ବ୍ଲକରେ ପ୍ରତ୍ୟେକ ପଞ୍ଚାୟତ କମିଟି ଗଠିତ ହୋଇଯାଇଅଛି । ମୁଖ୍ୟ ଅତିଥି ରୂପେ ସାଧାରଣ ସମ୍ପାଦକ ଅଭିନନ୍ଦନ ପଣ୍ଡା ଯୋଗ ଦେଇ ବାନର ସେନା ଅଞ୍ଚଳରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ । ବାନାର୍ ସେନା ର କାର୍ଯ୍ୟ ସେବା, ଯୁବ ଶକ୍ତି ସଙ୍ଗଠନ, ନାରୀ ଶକ୍ତି ଜାଗରଣ, ରକ୍ତଦାନ ଶିବିର, ସଂସ୍କୃତି ଓ ପରମ୍ପରା ସୁରକ୍ଷା, ନିଶାମୁକ୍ତ ସମାଜ ଗଠନ, ଗୋ ସେବା, ପ୍ରାଣୀ ଚିକିତ୍ସା,ଏକତା ସଂହତି ଓ ମୈତ୍ରୀ ବାର୍ତ୍ତା ନେଇ ଅତ୍ୟାଧୁନିକ ଡିଜିଟାଲ ପ୍ରୟୋଗ କରିବା ସଜନିଜ ଜୀବନ ଲକ୍ଷ ଉପରେ କାମ କରିବାକୁ ଆହ୍ୱାନ କରିଥିଲେ । ବାନର ସେବା ସଂଗଠନ ଭୁବନେଶ୍ୱର ସୌମ୍ୟ କାନ୍ତ ମିଶ୍ର, ବନାର୍ ସେନା ସଭାପତି ଶେଷ ଦେବ ପ୍ରଧାନୀ, ଉପ ସଭାପତି ସତ୍ୟବ୍ରତ ସାମଲ, ଖଡ଼ିଆଳ ବ୍ଲକ ନାରାୟଣ କୁମାର ବେହେରା ଙ୍କ ସମେତ ୨୬ ପଞ୍ଚାୟତ ସହ କୋମନା, ସିନାପାଲି ବ୍ଲକ ରୁ ବହୁ ନାଗରିକ ଯୋଗ ଦେଇଥିଲେ ।

# ଗଞ୍ଜେଇ ସହ ବାଇକ ଜବତ, ମାଫିଆ ଫେରାର

ବିନିକା.୦୮ ।୦୬.(ପ୍ରତାପ ରୁଦ୍ର କର୍ଣ୍ଣ)ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଶୁଖା- କଲ୍ଲାଜୁରୀ ରାସ୍ତା ମହୁଲପାଲି ଛକରେ ଗଞ୍ଜେଇ ଜବତ କରିଛି । ସୂଚନ ମୁତାବକ ଡୁଙ୍ଗୁରିପାଲି ପୋଲିସ ପେଟ୍ରୋଲିଂ କରୁଥିବା ବେଳେ ଏକ ବାଇକକୁ ପିଛା କରିଥିଲା । ବିଶ୍ୱସ୍ଥ ସୂତ୍ରରୁ ଖବର ପାଇ ବାଇକରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ମାଡ଼ି ବସିଲା ପୋଲିସ । ପୋଲିସ ଗୋଡ଼ାଇବାରୁ ଶୁଖା -କଲ୍ଲାଜୁରୀ ରାସ୍ତା ମହୁଲପାଲି ଛକରେ ବାଇକ ଛାଡ଼ି ଘଟଣାସ୍ଥଳରୁ ଦୁଇ ଜଣ ମାଫିଆ ଚମ୍ପଟ ମାରିଥିବା ବେଳେ ଗଞ୍ଜେଇ ଓ ବାଇକ କୁ ଜବତ କରିଛି ପୋଲିସ ।ରାମପୁର ଅତିରିକ୍ତ ତହସିଲଦାର ରୋହିତ କୁମାର ବାଗ ଙ୍କ ଉପସ୍ଥିତିରେ ଗଞ୍ଜେଇ ବ୍ୟାଗ ଖୋଲାଯାଇଥିଲା । ବ୍ୟାଗରୁ ୨୧ ଗୋଟି ପ୍ୟାକେଟ ଗଞ୍ଜେଇ ବାହାରି ଥିଲା । ଓଜନ ପରେ ୨୧ କେଜି ୩୦୦ ଗ୍ରାମ ହୋଇଥିବା ଜଣାପଡିଛି କ୍ଷ ଡୁଙ୍ଗୁରିପାଲି ପୋଲିସ ଗଞ୍ଜେଇ ଓ ବାଇକ କୁ ଜବତ କରି ଅଧିକ ତଦନ୍ତ ଚଲାଇଛି ।

## ରାଜସୁନାଖଳରେ ବଜାର ଅଞ୍ଚଳରେ ବଢୁଛି ଅପମିଶ୍ରିତ ଖାଦ୍ୟ

# ପ୍ରଶାସନର ଲୋକ ଦେଖାଣିଆ ଚଢ଼ାଉ




ବୋଲଗଡ଼ ୦୭/୦୬(ଯଦୁନାଥ ସାମନ୍ତରାୟ ): ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲା ମଧ୍ୟ ଭାଗରେ ଅବସ୍ଥିତ ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହେଉଛି ରାଜସୁନାଖଳା । ଏହି ଅଞ୍ଚଳରେ ବିଭିନ୍ନ ହୋଟେଲ , ଫାଷ୍ଟଫୁଡ୍ , ଉଠା ଜଳଖିଆ ଦୋକାନ ଓ ମିଠା ଦୋକାନ ଆଦି ରହିଛି ।ଯେଉଁ ଥିରେ ଅପମିଶ୍ରିତ ତଥା ନିମ୍ନମାନର ଖାଦ୍ୟ ପଦାର୍ଥ ବିକ୍ରି ହେଉ ଥିବା ନେଇ ବାରମ୍ବାର ଅଭିଯୋଗ ହେଉଛି । ସ୍ଥାନୀୟ ଅଞ୍ଚଳରେ ସନ୍ଧ୍ୟା ସମୟରେ ଛତୁ ଫୁଟିଲା ପରି ଶତାଧିକ ଷ୍ଟ୍ରିଟ୍‌ଫୁଡ୍ ଓ ଫାଷ୍ଟଫୁଡ୍‌ର ଅସ୍ଥାୟୀ ଦୋକାନ ଖୋଲି ଚାଲିଛି । କିଛି ସ୍ଥାନରେ ବାସି ଖାଦ୍ୟ ବିକ୍ରି ହେଉଥିବା ବେଳେ ବିଭିନ୍ନ ଫାଷ୍ଟଫୁଡ୍ ଦୋକାନରେ ବେଆଇନ ଭାବେ ମଦ ବିକ୍ରି ହେଉଛି । ଖାଦ୍ୟର ମାନ ତଦାରଖ ପାଇଁ ବିଭାଗ ପକ୍ଷରୁ କୌଣସି ଯାଞ୍ଚ କରାଯାଉ ନାହିଁ । ଫଳରେ ଦୋକାନୀମାନେ ବେଖାତିର ଭାବରେ ପ୍ରଶାସନ ଆଖିରେ ଅନ୍ଧ ପୁଟୁଳି ବାନ୍ଧି ବିନାଖାଦ୍ୟ ଲାଇସେନ୍ସ କରି ଅସ୍ଥାୟୀ ଦୋକାନ ମାନେ ଛତୁ ଫୁଟିବା ପରି ରାସ୍ତା କଡ଼ରେ ଖୋଲି ଚାଲିଛି । ଅପମିଶ୍ରିତ ଖାଦ୍ୟ ଖାଇବା ଦ୍ୱାରା ଗ୍ରାମବାସୀମାନେ ବିଭିନ୍ନ ରୋଗର ଶିକାର ହେଉଛନ୍ତି । ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୌଣସି ଚଢ଼ାଉ କରାଯାଉନାହିଁ । ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ କୁଚିତ୍ ଚଢ଼ାଉ ହେଉଥିବା ବେଳେ ଶନିବାର ଦିନ ମଧ୍ୟାହ୍ନ ସମୟରେ ଏକ ଲୋକ ଦେଖାଣିଆ ଚଢ଼ାଉ କରା ଯାଇଥିଲା । ଯେଁଉ ଥୀରେ ହାତ ଗଣତି ୨ଟି ମିଠା ଦୋକାନ ଓ ଗୋଟିଏ ହୋଟେଲ ପରିଦର୍ଶନ କରି ଲାଇସେନ୍ସ ଯାଞ୍ଚ କରିଥିଲେ । ଏଥିରେ କିଛି ଦୋକାନୀ ଭୟ ଭିତ ହୋଇ ଦୋକାନ ବଜାର ବନ୍ଦ କରି ଦେଇ ଥିବାର ଦେଖିବାକୁ ମିଳିଥିଲା । ତେବେ ସାଧାରଣ ଚଢ଼ାଉରେ ଦୋକାନ ବଜାର ବନ୍ଦ ରହୁ ଥିବା ବେଳେ ସ୍ୱତନ୍ତ୍ର ଚଢ଼ାଉ କରାଗଲେ ନିଶ୍ଚିତ ଭାବରେ ଅପମିଶ୍ରିତ ଖାଦ୍ୟକୁ ରୋକା ଯାଇ ପାରିବ ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି । ଉଭୟ ଜିଲ୍ଲାର ବିଭାଗୀୟ କର୍ତ୍ତୃପକ୍ଷ ଓ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଓ ଖୋର୍ଦ୍ଧା ଜିଲ୍ଲାପାଳ ଅମ୍ରିତ ରତୁରାଜ ପ୍ରମୁଖ ଅପ ମିଶ୍ରିତ ବ୍ୟବସାୟୀଙ୍କ ପ୍ରତି ଶୀଘ୍ର ଦୃଢ ପଦକ୍ଷେପ ଗ୍ରହଣ କରିବାକୁ ରାଜସୁନାଖଳା ଅଞ୍ଚଳ ବାସୀମାନେ ଅନୁରୋଧ କରିଅଛନ୍ତି !

## ରୋଧପୁର ଇଲେଭେନ୍ ଷ୍ଟାର୍ କ୍ଲବ୍ ଦିବାରାତ୍ର ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ସିଆରଏନ୍ ଇଲେଭେନ୍ ତାଳଚେର କ୍ରିକେଟ ଟିମ ଚମ୍ପିୟାନ

ସାଲେପୁର ୦୮/୦୬(ଅକ୍ଷର ଓଡ଼ିଶା) ସାଲେପୁର ଏନ୍ ଏ ସି ଅଞ୍ଚଳର ରୋଧପୁର ସାଲେପୁର କଲେଜ୍ ପଡିଆ ଠାରେ ଅନୁଷ୍ଠିତ ଚିତ୍ତରଞ୍ଜନ ଓ ଜୀବନ ଜ୍ୟୋତି ମେମୋରିଆଲ ର ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ମ୍ୟାଚ ଗତ ଶନିବାର ଅନୁଷ୍ଠିତ ହୋଉଯାଇଛି । ଫାଇନାଲ ମ୍ୟାଚରେ ସିଆରଏନ ଇଲେଭେନ ତାଳଚେର କ୍ରିକେଟ ଟିମ ସିବାନଶ ଇଲେଭେନ୍ ପୁରୀ କ୍ରିକେଟ ଟିମକୁ ହରାଇ ଚମ୍ପିୟାନ ହୋଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ ଅନ୍ୟ ସମ୍ମାନିତ ଅତିଥି ମାନଙ୍କ ମଧ୍ୟରେ ଟେଟ୍ରାହେଡେନ୍ କଲେଜ୍ ର ଚେୟାରମ୍ୟାନ ତ୍ରିଦେବ ବେହେରା , କଂଗେସ ନେତା ସମାଜସେବୀ ହରିବନ୍ଧୁ ଶତପଥୀ, ,ସାଲେପୁର ଆଦର୍ଶ ଥାନା ଅଧିକାରୀ ମହେଶ୍ୱର ବେହେରା , ସଞ୍ଜୟ ଇଲେକ୍ଟ୍ରୋନିକ୍ସ ର ଚେୟାରମ୍ୟାନ ତଥା ଯୁବ ବ୍ୟବସାୟୀ ମିହିର ଦାସ ଯୋଗଦେଇଥିଲେ । ଚମ୍ପିୟାନ ଟିମକୁ ଟ୍ରଫି ସହିତ ନଗଦ ୫୦ ହଜାର ଟଙ୍କା ପ୍ରଦାନ କରିଥିବା ବେଳେ ରନର୍ସଅପ ହୋଇଥିବା



ଟିମକୁ ଟ୍ରଫି ସହ ନଗଦ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା । ଏହି ଟୁର୍ଣ୍ଣାମେଣ୍ଟରେ ୟୁଟ୍ୟୁବ କ୍ରିକେଟ ବାଣୀ ମାଧ୍ୟମରେ ଖେଳ ର ସିଧା ପ୍ରସାରଣ କରାଯାଇଥିଲା । ମ୍ୟାଚ୍ ରେ ସୁନ୍ଦର ସୁନ୍ଦର ଟ୍ରଫି ପ୍ରଦାନ କରାଯାଇଥିଲା ଖେଳାଳି ଓ ଟିମ୍ ମାଲିକ ମାନଙ୍କୁ । ଚିତ୍ତରଞ୍ଜନ ଓ ଜିବନଜ୍ୟୋତି ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର କୁ ଇଲେଭେନ୍ ଷ୍ଟାର୍ କ୍ଲବ୍ , ରୋଧପୁର ଆୟୋଜନ କରିଥିଲା । ଅନ୍ୟ ମାନଙ୍କ ମଧ୍ୟରେ କ୍ଲବ୍ ସଦସ୍ୟ ପରବେଶ ଅଲ୍ଲୀ ,ସଞ୍ଜୟ ନାୟକ ,ହବିବ ବକ୍ସ , ଗୁଲୁରେଜ୍ ଅଲ୍ଲୀ ,ପ୍ରଫୁଲ୍ଲ ବେହେରା ,ବିନୋଦ ମଲ୍ଲିକ ,ମନୋଜ ରାଉତ ,ସାରଦା ପ୍ରସନ୍ନ ମହାପାତ୍ର,ଜ୍ୟୋତି ପ୍ରକାଶ ଦାସ,ଆଶିଷ ମଲ୍ଲିକ ,ପ୍ରଶାନ୍ତ ଦାସ ,ଅନନ୍ତ ମଲ୍ଲିକ ,ବାମଦେବ ସ୍ୱାଇଁ ,ମନୋଜ ସାମଲ ,ପ୍ରଶାନ୍ତ ସାମଲ ,ଆନନ୍ଦ ସାମଲ ,ମୃତ୍ୟୁଞ୍ଜୟ ନାୟକ ,ଲିପୁନ୍ କୁମାର ,ମାନସ ମଲ୍ଲିକ ,ଆଶିଷ ବେହେରା , ସନ୍ତୋଷ ନାୟକ , ବିଶ୍ୱଜିତ୍ ଦାସ ପ୍ରମୁଖଙ୍କ ସମେତ ସମସ୍ତ ସଭ୍ୟମାନେ ଖେଳ ରେ ଉପସ୍ଥିତ ରହି ସହଯୋଗ କରିଥିଲେ କ୍ଷ ଖେଳ କୁ ପରିଚାଳନ ରେ ସହଯୋଗ କରିଥିଲେ ଆମ୍ପାୟାର ବାବୁଲ ସାହୁ ,ଜ୍ଞାନ ରଞ୍ଜନ ,ପିଣ୍ଟୁ ନାଥ ।

# ଜବରଦାଖଲ ଉଚ୍ଛେଦ ହବ ସମସ୍ତ ସରକାରୀ କ୍ୱାଟର

ସୁବର୍ଣ୍ଣପୁର:୮ ।୬(ସଂଗ୍ରାମ ମହାପାତ୍ର) ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁଙ୍କ ସହ ଏକ ୧୨ ଜଣିଆ ଉଚ୍ଚ ସ୍ତରୀୟ ପ୍ରାଶାସନିକ ଅଧିକାରୀ ଦଳ ସହରର ବିଭିନ୍ନ ସ୍ଥାନରେ ଥିବା ଜବର ଦଖଲ ସରକାରୀ କ୍ୱାଟର ଗୁଡ଼ିକୁ ହଠାତ୍ ପରିଦର୍ଶନ କରି ଚିହ୍ନଟ କରିଛନ୍ତି । ବିନା ଏଲଟମେଣ୍ଟରେ ରହୁଥିବା ତଥା ଦୀର୍ଘ ବର୍ଷରୁ ଅନ୍ୟତ୍ର ବଦଳି ହୋଇଥିବା ସତ୍ତ୍ୱେ ଘର ଛାଡ଼ି ନ ଥିବା ଓ ଘର ଭଡ଼ା ଦେଉ ନଥିବା ଏଭଳି ଅନେକ ଗୁଡିଏ ଜବର ଦଖଲ ସରକାରୀ ଘର ଗୁଡିକୁ ତୁରନ୍ତ ଖାଲି କରିବାକୁ ଓ ଏହାର ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରଶାସନିକ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲ୍ଲାପାଳ ଡ଼ ସାହୁ । ଜିଲ୍ଲାପାଳ ଡ଼ ସାହୁଙ୍କ ସମେତ ଏଡିଏମ ରାଜେନ୍ଦ୍ର ମାଝୀ, ଏଡିଏମ ଅଞ୍ଜଳିନା ପଧାନ, ଉପଜିଲ୍ଲାପାଳ ଡ଼ ସୌମ୍ୟରୂପା ରଥ, ସୋନପୁର ବିଡିଓ ପ୍ରତୀକ କର, ଡେପୁଟି କଲେକ୍ଟର, ଆସିଷ୍ଟାଣ୍ଟ କଲେକ୍ଟର, ଜରୁରୀ ଅଧିକାରୀ, ସୋନପୁର ତହସିଲଦାର ସ୍ୱର୍ଣ୍ଣରେଖା ଜି, ଆରଆଇ ପ୍ରମୁଖ ୧୨ ଜଣିଆ ପ୍ରଶାସନିକ ଅଧିକାରୀଙ୍କ ଟିମ ସହରର ମହାବୀର କଲୋନୀ କ୍ଲଷ୍ଟର କ୍ୱାର୍ଟରସ୍, ବ୍ଲକ୍ କଲୋନୀ କ୍ଲଷ୍ଟର କ୍ୱାଟର ଓ ବିଭିନ୍ନ କଲୋନୀ ପରିଦର୍ଶନ କରି ଜବରଦଖଲକାରୀ କର୍ମଚାରୀ ଓ ଅଫିସରଙ୍କୁ ତାଗିଦ କରିଥିଲେ ।ଜିଲ୍ଲାପାଳଙ୍କ ସହିତ ଆଜିର ଏହି ଉଚ୍ଚ ସ୍ତରୀୟ ଅଧିକାରୀଙ୍କ ଆକ୍ସନ ମୁଡକୁ ଦେଖି ଜବର ଦଖଲ କାରୀ ସରକାରୀ କର୍ମଚାରୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଥିବା ଜଣାଯାଇଛି ।

# ନବରଙ୍ଗପୁରରେ SIR କାର୍ଯ୍ୟ ତ୍ୱରାନ୍ୱିତ

## ୬୯.୪୨ ପ୍ରତିଶତ ଭୋଟରଙ୍କ ନିକଟରେ ପହଞ୍ଚିଲା ପରିଗଣନା ଫର୍ମ

ନବରଙ୍ଗପୁର,୦୮/୦୬(ଅକ୍ଷର ଓଡ଼ିଶା) ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟ ଜୋରଦାର ଭାବେ ଆଗେଇ ଚାଲିଛି । ଜିଲ୍ଲାର ବିଭିନ୍ନ ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ ମାନେ ଘରକୁ ଘର ବୁଲି ଭୋଟରମାନଙ୍କୁ ପରିଗଣନା ଫର୍ମ ବିତରଣ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଜିଲ୍ଲାର ୫,୯୫,୯୦୭ ଜଣ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ପହଞ୍ଚିଥିବା ବେଳେ ଏହା ମୋଟ ଭୋଟରଙ୍କ ୬୯.୪୨ ପ୍ରତିଶତ ବୋଲି ଜଣାପଡ଼ିଛି ।ସୂଚନା ଅନୁଯାୟୀ, ଉମରକୋଟ ନିର୍ବାଚନ ମଣ୍ଡଳୀରେ ୬୩ ପ୍ରତିଶତ, ଝରିଗାଁ ନିର୍ବାଚନ ମଣ୍ଡଳୀରେ ୭୪ ପ୍ରତିଶତ, ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ୭୧ ପ୍ରତିଶତ ଏବଂ ଡାବୁଗାଁ ନିର୍ବାଚନ ମଣ୍ଡଳୀରେ ୬୮ ପ୍ରତିଶତ ପରିଗଣନା ଫର୍ମ ବିତରଣ କରାଯାଇଛି ।ସ୍ୱଚ୍ଛ ଓ ନିର୍ଭୁଲ ଭୋଟର ତାଲିକା ପ୍ରସ୍ତୁତି ଲକ୍ଷ୍ୟରେ ଈଖଙମାନେ ଭୋଟରଙ୍କୁ ଫର୍ମ ବିତରଣ କରିବା ସହିତ ଏହାର ସଠିକ ପୂରଣ ସମ୍ପର୍କରେ ମାର୍ଗଦର୍ଶନ ମଧ୍ୟ କରୁଛନ୍ତି । ଫର୍ମ ପୂରଣ ପରେ ସେଗୁଡ଼ିକୁ ସଂଗ୍ରହ କରି ଭୋଟରଙ୍କୁ ପ୍ରାପ୍ତି ସ୍ୱୀକାର ପତ୍ର ପ୍ରଦାନ କରାଯାଉଛି ।ଏହି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ପ୍ରତିଦିନ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଏବଂ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି । ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଡ଼. ମହେଶ୍ୱର ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ଚନ୍ଦ୍ର ବର୍ମନ ଏବଂ ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ଈଖଡ ଓ ସୁପରଭାଇଜରମାନଙ୍କ କାର୍ଯ୍ୟର ନିୟମିତ ତଦାରଖ କରୁଛନ୍ତି ।ଜିଲ୍ଲାର ସମସ୍ତ ଭୋଟର ଏହି ଗୁରୁତ୍ୱପୂର୍ଣ୍ଣ ସଂଶୋଧନ ପ୍ରକ୍ରିୟାରେ ସହଯୋଗ କରି ସଠିକ ଭୋଟର ତାଲିକା ପ୍ରସ୍ତୁତିରେ ଭାଗୀଦାର ହେବାକୁ ଜିଲ୍ଲାପାଳ ଅନୁରୋଧ କରିଛନ୍ତି ।

# ଆଠଗଡ କଂଗ୍ରେସର ମହିଳା ସମାବେଶ ଓ ମଶାଲ ଶୋଭାଯାତ୍ରା

ଆଠଗଡ଼,୮/୬(ଅକ୍ଷର ଓଡ଼ିଶା) ମହିଳା ସୁରକ୍ଷା ବିଲ୍ କାର୍ଯ୍ୟକାରୀ କରାଇବା ଦାବିରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଆଠଗଡ଼ ନଗର କଂଗ୍ରେସ ତରଫରୁ ଏକ ବିଶାଳ ମହିଳା ସମାବେଶ ଓ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଆଠଗଡ ବ୍ଲକ କଂଗ୍ରେସ ସଭାପତି କିରଣ ବିହାରୀ ଖଟୁଆ ଏବଂ ନଗର ସଭାପତି ଅଶୋକ କୁମାର ଦାଶଙ୍କ ନେତୃତ୍ୱରେ ଉକ୍ତ ଶୋଭାଯାତ୍ରା ବାହାରି ଥିଲା ।ଆଠଗଡ଼ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ମହିଳା ମାନଙ୍କୁ ନେଇ ଆଠଗଡ଼ ନୂତନ ବସଷ୍ଟାଣ୍ଡ ଠାରୁ ବାହାରି ମୁଖ୍ୟ ବଜାର ଦେଇ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା ।ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।

## ରାଜରାସ୍ତାରେ ଅସୁରକ୍ଷିତ ଅବସ୍ଥାରେ ୧୦୮ ଆମ୍ବୁଲାନ୍ସ

# ପଡ଼ି ରହିଛି ଆମ୍ବୁଲାନ୍ସ, ସୁରକ୍ଷା ଓ ପରିଚାଳନାକୁ ନେଇ ଉଠିଲା ପ୍ରଶ୍ନ

ଦେବଗଡ ୦୮/୦୬(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ପଳସମା ଗାଁ ନିକଟ ରାଜରାସ୍ତା ପାର୍ଶ୍ୱରେ ଏକ ୧୦୮ ଆମ୍ବୁଲାନ୍ସ ଦୀର୍ଘ ସମୟ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ଜରୁରୀକାଳୀନ ସ୍ୱାସ୍ଥ୍ୟସେବା ପାଇଁ ନିୟୋଜିତ ଏହି ଆମ୍ବୁଲାନ୍ସଟିର ଟାୟାର ପଙ୍କଚର ହୋଇଥିବା ବେଳେ ଘଟଣାସ୍ଥଳରେ କୌଣସି ଚାଳକ କିମ୍ବା କର୍ମଚାରୀ ଉପସ୍ଥିତ ନଥିବା ଦେଖିବାକୁ



ମିଳିଛି ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଆମ୍ବୁଲାନ୍ସଟି ରାସ୍ତା ପାର୍ଶ୍ୱରେ ଛାଡ଼ି ଦିଆଯାଇଥିବା ବେଳେ ଏହାର ଡୋର ମଧ ଲକ୍ ହୋଇନାହିଁ । ଫଳରେ ଯେକୌଣସି ବ୍ୟକ୍ତି ସହଜରେ ଗାଡ଼ି ଭିତରକୁ ପ୍ରବେଶ କରିପାରୁଛନ୍ତି । ସରକାରଙ୍କ ପକ୍ଷରୁ ସାଧାରଣ ଲୋକଙ୍କୁ ଜରୁରୀ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ନିୟୋଜିତ ଏଭଳି ଗୁରୁତ୍ୱପୂର୍ଣ୍ଣ ଯାନର ସୁରକ୍ଷାକୁ ଅବହେଳା କରାଯାଇଥିବା ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଅନ୍ୟପକ୍ଷରେ, ରାଜରାସ୍ତାରେ ଏଭଳି ଅବସ୍ଥାରେ ଗାଡ଼ିଟି ପଡ଼ି ରହିବା ଦ୍ୱାରା ଦୁର୍ଘଟଣାର ଆଶଙ୍କା ମଧ୍ୟ ରହିଛି । ରାତ୍ରି ସମୟରେ କିମ୍ବା ବର୍ଷା ସମୟରେ ଗାଡ଼ି ଚଳାଚଳ କରୁଥିବା ଯାନବାହନ ପାଇଁ ଏହା ବିପଦ ସୃଷ୍ଟି କରିପାରେ ବୋଲି ସ୍ଥାନୀୟ ବାସିନ୍ଦାମାନେ ମତ ପ୍ରକାଶ କରିଛନ୍ତି ।ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଜରୁରୀ ସେବାର ଏକ ଗାଡ଼ି ଏଭଳି ଅବ୍ୟବସ୍ଥିତ ଭାବେ ରାସ୍ତା ଉପରେ ପଡ଼ି ରହିବା ଘଟଣାକୁ ନେଇ ସମ୍ପୃକ୍ତ ବିଭାଗର ଦାୟିତ୍ୱବୋଧ ଉପରେ ମଧ୍ୟ ପ୍ରଶ୍ନ ଉଠିଛି । ତୁରନ୍ତ ଗାଡ଼ିର ମରାମତି କରି ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିବା ସହ ଘଟଣାର ତଦନ୍ତ କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

## ବୁଟେଡ଼ି ଗ୍ରାମରେ ରାସ୍ତା ପାଲଟିଛି ମରଣ ଯନ୍ତା

# ଆଜି ପର୍ଯ୍ୟନ୍ତ ପହଞ୍ଚିଲାନି ଗ୍ରାମ୍ୟ ଉନ୍ନୟନ ସଡ଼କ ଯୋଜନା



ଦାରିଙ୍ଗବାଡ଼ି : ୮/୬(ମୃତ୍ୟୁଞ୍ଜୟ ପ୍ରଧାନ)ସ୍ୱାଧୀନତାର ୬୭ ବର୍ଷ ର ଅମୃତ କି ଆଜାଦି ମହୋତ୍ସବ ପାଳନ ପରେ ବି ଗ୍ରାମାଞ୍ଚଳର ଚିତ୍ର ବଦଳି ନାହିଁ । ସରକାର 'ବିକଶିତ ଗାଁ' ଓ 'ସମୃଦ୍ଧ ଓଡ଼ିଶା'ର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବତା କିନ୍ତୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଏହାର ଏକ ପ୍ରତ୍ୟକ୍ଷ ଚିତ୍ର ଦେଖିବାକୁ ମିଳିଛି ଦାରିଙ୍ଗବାଡି ବ୍ଲକ ସରାମୁଳି ପଞ୍ଚାୟତ ବୁଟେଡ଼ି ଗ୍ରାମରେ । ଏହି ଗ୍ରାମର ଅଧିବାସୀମାନେ ଦୀର୍ଘ ବର୍ଷ ଧରି ଏଠାରେ ବସବାସ କରି ଆସୁଥିଲେ ହେଁ, ଆଜି ପର୍ଯ୍ୟନ୍ତ ଗ୍ରାମକୁ ଏକ ସୁରକ୍ଷିତ ପକ୍କା ରାସ୍ତାଟିଏ ନିର୍ମାଣ ହୋଇପାରିଲା ନାହିଁ । ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ସଡ଼କ ଯୋଜନା ଏହି ଗ୍ରାମ ପାଇଁ ସାତସପନ ପାଲଟିଛି, ଯାହାଫଳରେ ବର୍ତ୍ତମାନର ମାଟି ଓ ଗୋଡ଼ି ଭରା ରାସ୍ତାଟି ସମ୍ପୂର୍ଣ୍ଣ ରୂପେ 'ମରଣ ଯନ୍ତା'ରେ ପରିଣତ ହୋଇଛି ।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘ ବର୍ଷ ଧରି ୩୦ ରୁ ୩୫ ପରିବାର ୨୦୦ ରୁ ଉର୍ଦ୍ଧ ଲୋକ ଏହି ଗ୍ରାମରେ ସ୍ଥାୟୀ ଭାବେ ରହି ଆସୁଛନ୍ତି । ପ୍ରତି ନିର୍ବାଚନ ସମୟରେ ଗ୍ରାମ୍ୟ ଉନ୍ନୟନ ସଡ଼କ ଯୋଜନାରେ ରାସ୍ତା ସଂଯୋଗୀକରଣ କରାଯିବ ବୋଲି ପ୍ରତିଶ୍ରୁତି ମିଳେ, କିନ୍ତୁ ଭୋଟ ସରିବା ପରେ ପ୍ରଶାସନ କିମ୍ବା ଜନପ୍ରତିନିଧି କେହି ବି ଏହି ଗରିବ ଗ୍ରାମବାସୀଙ୍କ ଦୁଃଖ ବୁଝନ୍ତି ନାହିଁ । ବର୍ତ୍ତମାନ ସାମାନ୍ୟ ବର୍ଷା ହେଲେ ସାରା ରାସ୍ତା କାଦୁଅରେ ପଚପଚ ହୋଇଯାଉଛି ଏବଂ ପାହାଡ଼ିଆ ଅଞ୍ଚଳ ହୋଇଥିବା ଯୋଗୁଁ ଚାଲିକି ଯିବା ମଧ୍ୟ ଅସମ୍ଭବ ହୋଇପଡୁଛି । ଏହି ରାସ୍ତା ଦେଇ ଯିବା ସମୟରେ ବାଇକ୍ କିମ୍ବା ସାଇକେଲ ଆରୋହୀମାନେ ଭାରସାମ୍ୟ ହରାଇ ଖାଲ ଖମା ରେ ପଡ଼ି ଆହତ ହେବା ଏଠାରେ ଏକ ନିତିଦିନିଆ ଘଟଣା ସାଜିଛି ।ରାସ୍ତାର ଏଭଳି ଦେଶୀୟ ସ୍ଥିତି ଯୋଗୁଁ କୋମଳମତି ଶିଶୁମାନେ ସ୍କୁଲ ଯିବାକୁ ଭୟ କରୁଛନ୍ତି । ସେହିପରି ଗ୍ରାମକୁ କୌଣସି ଜରୁରୀକାଳୀନ ଆମ୍ବୁଲାନ୍ସ ଆସିପାରୁ ନଥିବାରୁ, ଗର୍ଭବତୀ ମହିଳା ଓ ଗୁରୁତର ରୋଗୀଙ୍କୁ ୨ କିଲମିଟର ବାଟ ଖଟିଆରେ ବୋହି ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ଆଣିବାକୁ ପଡୁଛି । ଏହା ବିକଶିତ ଗ୍ରାମର ଚିତ୍ର ନା ପ୍ରଶାସନିକ ସ୍ଥାଣୁତାର ଚରମ ସୀମା, ତାହାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।ପ୍ରଶାସନର ଏଭଳି ଦାୟିତ୍ୱହୀନତା ବିରୋଧରେ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଆକ୍ରୋଶ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ବୁଟେଡ଼ି ଗ୍ରାମକୁ ତୁରନ୍ତ ଗ୍ରାମ୍ୟ ଉନ୍ନୟନ ସଡ଼କ ଯୋଜନାରେ ସାମିଲ କରନ୍ତୁ ଏବଂ ଏକ ସ୍ଥାୟୀ ପିଚୁ ରାସ୍ତା ନିର୍ମାଣ କରି ଗ୍ରାମବାସୀଙ୍କୁ ଏହି ମରଣ ଯନ୍ତାରୁ ମୁକ୍ତି ଦିଅନ୍ତୁ ବୋଲି ସର୍ବସାଧାରଣରେ ଦୃଢ଼ ଦାବି ହେଉଛି । ଏହି ବିଷୟରେ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ବେହେରା ଓ ବିପ୍ଳବ ଘୋଡ଼ାଇ ଙ୍କୁ ପଚାରିବାରୁ କହିଲେ, ଆମେ ବୁଟେଡ଼ି ଗ୍ରାମକୁ ଯାଇ ସର୍ଭେ କରି ରାସ୍ତା ର ତଥ୍ୟ ସଂଗ୍ରହ କରିଛୁ ଓ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ କୁ କାଲିକି ସୁଦ୍ଧା ପଠେଇବୁ, ରାସ୍ତା ପାଇଁ ମଞ୍ଜୁର ହେଲେ ଆମେ ଯଥାଶୀଘ୍ର କାମ ଆରମ୍ଭ କରିବୁ ଓ ଲୋକ ମଧ୍ୟ ଉପକୃତ ହେବେ ବୋଲି କହିଛନ୍ତି ।

# କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ

# ଆର୍ଥିକ ସହାୟତା ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ : ଫରୱାର୍ଡ ବ୍ଲକ

କବିସୂର୍ଯ୍ୟନଗର,୮/୬(ବିବେକାନନ୍ଦ ସାହୁ):କବିସୂର୍ଯ୍ୟନଗର ପୁଲିସର ଥାର୍ଡ ଡିଗ୍ରୀ ଯୋଗୁଁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁଙ୍କ ମୃତ୍ୟୁ ଘଟଣାରେ ପୁଲିସର ବର୍ବରତା ଗ୍ରହଣୀୟ ନୁହେଁ ବୋଲି ଫରୱାର୍ଡ ବ୍ଲକ ପକ୍ଷରୁ କୁହାଯାଇଛି । ଅଭିଯୋଗ ଫର୍ଦ୍ଦରେ ସୁଶାନ୍ତଙ୍କ ନାମ ନଥିବା ବେଳେ ପୁଲିସ ତାଙ୍କୁ ୭ ଦିନଧରି ରଖି ଶାରୀରିକ ନିର୍ଯାତନା ଦେଇ ପିଟିପିଟି ହତ୍ୟା କରିଛି । ଏଭଳି ଘଟଣା ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ । ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ ଗଞ୍ଜାମ ଜିଲ୍ଲା କମିଟି ତରଫରୁ ମୃତକଙ୍କ ପରିବାରକୁ ସୁବଳିଆ ଗ୍ରାମରେ ସାକ୍ଷତ କରି ଆଲୋଚନା କରିଛନ୍ତି । ଫରୱାର୍ଡ ବ୍ଲକ ପକ୍ଷରୁ ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ ହତ୍ୟା ଘଟଣାର ବିଚାର ବିଭାଗୀୟ ତଦନ୍ତ,ମୃତ ସୁଶାନ୍ତଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ, ଦିବ୍ୟାଙ୍ଗ ଯୁବକ ସୁଶାନ୍ତ କୁମାର ସାହୁ ହତ୍ୟାକାଣ୍ଡ ଘଟଣାରେ ଆଇପିଏସ ଅଧିକାରୀ ସମେତ ସମ୍ପୃକ୍ତ ପୁଲିସ କର୍ମଚାରୀଙ୍କ ବିରୁଦ୍ଧରେ ଶାରୀରିକ ନିର୍ଯାତନା ଓ ହତ୍ୟା ଭଳି ଅପରାଧିକ ମାମଲା ରୁଜୁ କରାଯାଉ,ଭାଟଖାଲି ପାହାଡ ନିକଟରେ ମହିଳା




ଶ୍ରମିକଙ୍କୁ ଅସାଦାଚରଣ ଓ ଆକ୍ରମଣ ଘଟଣାରେ ସମ୍ପୃକ୍ତ ପୁଲିସ ଓ ଖଣି ଅଧିକାରୀଙ୍କ ବିରୁଦ୍ଧରେ ଅପରାଧିକ ମମଲା ରୁଜୁ କରାଯାଉ,ବୟାନ ବଦଳାଇବାକୁ ମୃତକଙ୍କ ଭାଇ ଉପରେ ଚାପ ଓ ଧମକ ଦେଉଥିବା ଅଧିକାରୀଙ୍କ ବିରୁଦ୍ଧରେ ବିଭାଗୀୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ । ଅନ୍ୟ ପକ୍ଷରେ ଘଟଣାର ଆଠ ଦିନ ପରେ ସ୍ଥାନୀୟ ବିଧାୟକ ଆସି ସୁଶାନ୍ତଙ୍କ ପରିବାରର ଦାୟିତ୍ୱ ମୋର ବୋଲି କହୁଥିବା ବେଳେ ଏହି ଘଟଣାର ମୁଖ୍ୟ ଷଡଯନ୍ତ୍ରକାରୀ ନିଜେ ବିଧାୟକ ଅଟନ୍ତି । ତାଙ୍କ ପାଖରେ ଥିବା ବାଲି ମାଫିଆ, ପଥର ମାଫିଆଙ୍କୁ ଏହି ପାହାଡ଼କୁ ଦେବାର ଯୋଜନା କରି ପୋଲିସ, ଖଣି ଅଧିକାରୀଙ୍କୁ ଲଗାଇ ସେଠାରୁ ଏହି ଶ୍ରମିକ ଶ୍ରେଣୀର ଲୋକ ମାନଙ୍କୁ ତଡ଼ି ବାହାର କରିବା ପାଇଁ ପଠାଇ ଥିବାରୁ ବିଧାୟକଙ୍କୁ ମଧ୍ୟ ତଦନ୍ତ ପରିସରକୁ ଆଣିବା ଆବଶ୍ୟକତା ରହିଛି ବୋଲି ଅଲ ଇଣ୍ଡିଆ ଫରୱାର୍ଡ ବ୍ଲକ ଦାବୀ କରିଛି । ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ସମ୍ବଳିତ ଦାବିପତ୍ର ତହସିଲଦାରଙ୍କ ଜରୀଆରେ ପ୍ରଦାନ କରାଯାଇଛି । ସ୍ଥାନୀୟ ଡାକବଙ୍ଗଳା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଫରୱାର୍ଡ ଜିଲ୍ଲା ସଭାପତି ବିଭୂଧେନ୍ଦ୍ର ପାଢୀ,ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ,ଜିଲ୍ଲା ସମ୍ପାଦକ ମିଥୁନ ବେହେରା,କୋଷାଧକ୍ଷ ସପ୍ନେଶ୍ୱର ପାଣିଗ୍ରାହୀ, ଜିଲ୍ଲା କମିଟି ସଦସ୍ୟ ଅଜୟ କୁମାର ପଣ୍ଡା, ଯୁବନେତା ମୁନା ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଫରୱାର୍ଡ ବ୍ଲକ ପକ୍ଷରୁ କୁହାଯାଇଛି ମୃତ ସୁଶାନ୍ତଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରିରହିବ । ପୁଲିସର ବର୍ବରତାକୁ ଦୃଢ଼ ନିନ୍ଦା କରାଯାଇଛି ।

# ସୌରା, ସାନ୍ତାଳୀ ଭାଷାର ପ୍ରଖ୍ୟାତ କଣ୍ଠ ଶିଳ୍ପୀ ଷ୍ଟିଫାନଙ୍କ ବିୟୋଗ

ପାରଳାଖେମୁଣ୍ଡି, ୮/୬ (ତାରିଣୀ ପ୍ରସାଦ ପଣ୍ଡା ): ଗଜପତି ଜିଲ୍ଲାର ସୌରା, ସାନ୍ତାଳୀ ଭାଷାର ପ୍ରଖ୍ୟାତ କଣ୍ଠ ଶିଳ୍ପୀ ଷ୍ଟିଫାନଙ୍କ ବିୟୋଗରେ ଜିଲ୍ଲାର ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଛି. ଏହି ଜିଲ୍ଲାର ଗୁମ୍ମା ବ୍ଲକ ଅନ୍ତର୍ଗତ ବାଇଝାଲ ଗ୍ରାମରେ ଜନ୍ମିତ ପ୍ରଖ୍ୟାତ କଣ୍ଠଶିଳ୍ପୀ ଷ୍ଟିଫେନ ରଇତଙ୍କ ୪୬ ବର୍ଷ ବୟସରେ ଆଜି ସୋମବାର ବିୟୋଗ ଘଟିଛି. ଷ୍ଟିଫେନ ଓଡ଼ିଆ, ଆସାମୀ,ସୌରା, ସାନ୍ତାଳୀ, ହିନ୍ଦୀ ଭାଷାରେ ଗୀତଗାଇ ସାରା ଗଜପତି ଜିଲ୍ଲାରେ ସୁପରିଚିତ ଥିଲେ. ସେ କିଛିଦିନ ହେବ ଅସୁସ୍ଥ ଥିଲେ. ଗତକାଲି ରବିବାର ଅଧିକା ଅସୁସ୍ଥ ହୋଇଥିବାରୁ ଆଜି ସକାଳେ ତାଙ୍କୁ ପଡ଼ଶୀ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଳମର ଏକ ବଡ଼ ଧରଣର ଘରୋଇ ଡାକ୍ତରଖାନାକୁ ନେବା ସମୟରେ ଅଧା ରାସ୍ତାରେ ହିଁ ମୃତ୍ତୁ ହୋଇଥିବା ଖବର ମିଳିଛି. ତାଙ୍କ ମୃତ୍ୟୁ ଖବର ସାରା ଜିଲ୍ଲାରେ ଶୋକର ଛାୟା ଖେଳିଯାଇଛି । ଏହି ଖବର ପାଇ ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ବିଜେଡି ଜିଲ୍ଲା ସଭାପତି ପ୍ରଦୀପ ନାୟକ, ସାମ୍ବାଦିକ ତାରିଣୀ ପ୍ରସାଦ ପଣ୍ଡା, ଗରୁଡ ଧ୍ୱଜ ଚୌଧୁରୀ, ରଶ୍ମି ରଞ୍ଜନ ମିଶ୍ର, ସନ୍ତୋଷ ପଟ୍ଟନାୟକ, କୃଷ୍ଣ କୁମାର ବେହେରା , ଗଣେଶ କୁମାର ରାଜୁ, ଶିଶିର କୁମାର ଗୌଡ଼, ସରୋଜ ବୀର, ପ୍ରଶାନ୍ତ ପଟ୍ଟନାୟକ ପ୍ରମୁଖ ଗଭୀର ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଛନ୍ତି.

ମଙ୍ଗଳବାର ୦୯।୦୬।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

# ଅଳ୍ପ ବୟସରେ ଯୁବକଙ୍କ ମୃତ



ଦଶମନ୍ତପୁର ୮/୬(କଇନ ଗରଡ଼ା)ଦଶମନ୍ତପୁର କୋର୍ଟ ରେ କାର୍ଯ୍ୟରତ କର୍ମଚାରୀ ବିନୋଦ ଗୌଡ଼ ଙ୍କ ପିତୃ ବିୟୋଗ । ମୃତକ ଜଣକ ଦଶମନ୍ତପୁର ବ୍ଲକ ସଦର ପଞ୍ଚାୟତ ସ୍ଥିତ ଗୌଡ଼ବାରିକଣ୍ଟା ଗ୍ରାମର ବାଲସୁ ଗୌଡ଼ ଙ୍କ ବଡ଼ପୁଅ ଭାଗ ଗୌଡ଼ । ଭାଗ ଗୌଡ଼ ବିଭିନ୍ନ ମନ୍ଦିରର କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଭକ୍ତ ମାନଙ୍କ ନିମନ୍ତେ ଭଜନ ଓ ପ୍ରସାଦ ପ୍ରସ୍ତୁତରେ ନିଜ ଜୀବନକୁ ଉତ୍ସର୍ଗ କରିଥିବା ଜଣେ ବ୍ୟକ୍ତି ଙ୍କ ଦେହାନ୍ତ ପରେ ପରିବାର,ବନ୍ଧୁବର୍ଗ,ଗ୍ରାମବାସୀ ପୁଣି ବିଭିନ୍ନ ମନ୍ଦିର ପରିଚାଳନା କମିଟି ଓ ସ୍ଥାନୀୟ ଭକ୍ତ ମାନଙ୍କ ମଧ୍ୟରେ ସକାକୁଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି । କୌଣସି ମନ୍ଦିରରେ ଅଷ୍ଟପ୍ରହରୀ,ମନ୍ଦିର ପ୍ରତିଷ୍ଠା କିମ୍ବା ମନ୍ଦିରର କୌଣସି କାର୍ଯ୍ୟକ୍ରମ ହେଲେ ଭକ୍ତ ମାନଙ୍କ ପାଇଁ ଖାଇବା ପ୍ରସ୍ତୁତ କରିବାକୁ ହେଲେ ପ୍ରଥମେ ଖୋଜା ପଡୁଥିଲେ ଭାଗ ଗୌଡ଼ ନିଜ ଗାଁ ରେ ହିଁ ସେ ପେଟ ଯନ୍ତ୍ରଣାରେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ କୋରାପୁଟ ପରେ ବ୍ରହ୍ମପୁର ଏବଂ ଡାକ୍ତରଙ୍କ ପରାମର୍ଶ ପରେ ଅଧିକ ଚିକିତ୍ସା ନିମନ୍ତେ ପୁଅ ବିନୋଦ ଗୌଡ଼ କଟକ ବଡ଼ ମେଡିକାଲ କୁ ନେଇଥିଲେ ୧୫ ଦିନ ଧରି ସେଠାରେ ଚିକିତ୍ସିତ ହେଉଥିବା ବେଳେ ରବିବାର ସକାଳେ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲ(ଏସ୍.ସି.ବି)ରେ ତାଙ୍କ ମୃତ୍ୟୁ ହୋଇଥିଲା । ରବିବାର ରାତ୍ର ୧୦ ଘଣ୍ଟା ସମୟରେ କଟକରୁ ଆମ୍ବୁଲାନ୍ସ ଯୋଗେ ମୃତ ଶରୀରକୁ ତାଙ୍କ ଜନ୍ମମାଟିକୁ ଅଣାଯିବା ପରେ ସୋମବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି । ଶେଷକୃତ୍ୟ ବେଳେ ବିଭିନ୍ନ ମନ୍ଦିରର ପରିଚାଳନା କମିଟି, ଦଶମନ୍ତପୁର କୋର୍ଟ ର କର୍ମଚାରୀ ଏବଂ ଓକିଲ,ପରିବାର ବର୍ଗ,ଆତ୍ମୀୟ ସ୍ୱଜନ,ବନ୍ଧୁ ବାନ୍ଧବ ଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ଆସିକା ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଅଗ୍ନିକାଣ୍ଡ

# ୫୦ ଲକ୍ଷରୁ ଉର୍ଦ୍ଧ ଆସବାବପତ୍ର ନଷ୍ଟ



ଆଶିକ -୦୮/୦୬/(ଅକ୍ଷର ଓଡିଶା )ଗତକାଲି ଆସିକାର ଡାକ ଅଧିକ୍ଷକଙ୍କ କାର୍ଯ୍ୟାଳୟ ରେ ଲାଗିଥିବା ଭୟାବହ ଅଗ୍ନିକାଣ୍ଡ ରେ ଦୀର୍ଘ ୨୪ ଘଣ୍ଟା ପରେ ନିଆଁ କୁ ଆୟତ୍ତ କରିଛି ଅଗ୍ନିଶମ ବିଭାଗ । ଗତକାଲିର ଘଡ ଘଡି ବର୍ଷା ରେ ବିଦ୍ୟୁତ ସର୍ଟ ସର୍କିଟ ହୋଇ ସମ୍ଭବତଃ ଏହି ନିଆଁ ଲାଗିଥିଲା ବୋଲି ଅନୁମାନ କରାଯାଉଛି । ଏହି ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ ଆସିକା, ଧରାକୋଟ, ହିଞ୍ଜିଳି ଏବଂ କବିସୂର୍ଯ୍ୟନଗର ର ଦମକଳ ଏବଂ ଅଗ୍ନିଶମ ବାହିନୀ ମିଶି ନିଆଁ କୁ ରାତିତମାମ ଆୟତ୍ତ କରିଥିଲେ କ୍ଷ ପୁଣି ସକାଳୁ ନିଆଁ ଧୀରେ ଧୀରେ ଲାଗିବା ଆରମ୍ଭ କରିଥିଲା । ଏହି ଘଟଣା ସ୍ଥଳ କୁ ଭୁବନେଶ୍ୱର ରୁ ଡାକ ସେବା ନିର୍ଦ୍ଦେଶକ ସୁରେଶ କୁମାର ଠାକେର ସମେତ ବ୍ରହ୍ମପୁର ଡାକ ବିଭାଗ ର ସିଭିଲ ଏବଂ ବିଦ୍ୟୁତ ବିଭାଗ ର ଯନ୍ତ୍ରୀ ପହଂଚି ସ୍ଥିତି ର ସମୀକ୍ଷା କରି ଫେରିଛନ୍ତି କ୍ଷ ଏହି ଅଗ୍ନିକାଣ୍ଡ ରେ କାର୍ଯ୍ୟାଳୟ ର ଚ୍ୟାର, ଟେବୁଲ, ଲାଇଟ, ଫେନ, କମ୍ପ୍ୟୁଟର ଏବଂ ତାର ସାମଗ୍ରୀ, ଆଲମାରୀ, ଏ ସି, କୁଲର, ସମେତ ଅନେକ ନଥିପତ୍ର ପୋଡି ନଷ୍ଟ ହୋଇ ଥିବା ଦେଖିବାକୁ ମିଳିଛି । ମୋଟ ୫୦ ଲକ୍ଷରୁ ଅଧିକ ଟଙ୍କାର କ୍ଷତି ହୋଇଥିବା ଆକଳନ କରାଯାଉଛି । ଆଜି ମୁଖ୍ୟ ଡାକଘର ର ସମସ୍ତ କାର୍ଯ୍ୟ ମଧ ବନ୍ଦ ରହିଥିଲା କ୍ଷ ସମସ୍ତ କର୍ମଚାରୀ ଏହା ଦେଖି ଦୁଃଖ ପ୍ରକାଶ କରିଥିଲେ । ଡାକ ସେବା କିଭଳି ଶୀଘ୍ର କାର୍ଯ୍ୟକାରି ହେବ ତାହା ଚିନ୍ତା ବଢ଼ାଇଦେଇଛି । ପୋଲିସ ଉପ ଖଣ୍ଡ ଆରାକ୍ଷୀ ଅଧିକାରୀ ସୌରଭ ରଞ୍ଜନ ପ୍ରଧାନ,ଥାନା ଅଧିକାରୀ ସୁଧୀର ସାହୁ, ଡ଼ାକ ବିଭାଗ ର ଅଧିକ୍ଷକ ଲେଫ୍ଟନାଲ ଦିଲ୍ଲୀପ କୁମାର ବେହେରା, ଅଗ୍ନିଶମ ଅଧିକାରୀ କୈଳାସ ଚନ୍ଦ୍ର ସାହୁ ଏବଂ ତାଙ୍କ ଟିମ ଉପସ୍ଥିତ ଥିଲେ ।

## ବିଦ୍ୟୁତ ବିଭାଗର ଅବହେଳା ପାଇଁ ଚାଲିଗଲା ୬ ଟି ଗୋମାତାର ଜୀବନ

# ପ୍ରମୋଦ ବଳଙ୍କ ଅଭିଯୋଗ

ରାଜନଗର, ୮/୬(ଅକ୍ଷର ଓଡ଼ିଶା)ଗତକାଲି ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଛପଟେ ପୋଖରୀ ଆଡି ରୁ ଗୋଟିଏ ଛୋଟିଆ ବୃଷଭ ଟିଏ ଘାସ ଚରୁଥିବା ସମୟରେ ପୋଖରୀ ଭିତରକୁ ପସିଯିବାରୁ ଦଳରେ ଛନ୍ଦି ହୋଇ ଦୀର୍ଘ ଅଢେଇ ଘଣ୍ଟା ଧରି ବଂଚିବା ପାଇଁ କସରତ କରୁଥିବା ଘଟଣା ଦେଖି ସ୍ଥାନୀୟ ଯୁବକ ରାଜନଗର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ, ଖବର ପାଇବା ମାତ୍ରେ ଅଗ୍ନିଶମ ବିଭାଗର କର୍ମଚାରୀ ତୁରନ୍ତ ଘଟଣା ସ୍ଥଳରେ ପହଂଚି ପୋଖରୀ ଭିତରେ ପସି ବୃଷଭକୁ ଉଦ୍ଧାର କରି ଜୀବନ ବଞ୍ଚାଇ ଥିଲେ କିନ୍ତୁ ଅନ୍ୟ ପଟେ ବିଦ୍ୟୁତ ବିଭାଗର ଖାମଖିଆଲ କାର୍ଯ୍ୟ ଯୋଗୁଁ ୬ ଟି ଗୋମାତାର ଜୀବନ ଚାଲିଯାଇଛି । ଘଟଣା ଯୋଗ୍ୟ କାଳ ବୈଶାଖୀର ପ୍ରଭାବରେ ରାଜନଗର ବ୍ଲକ କୃଷ୍ଣନଗର ପଞ୍ଚାୟତ ସୁବର୍ଣ୍ଣପୁର ଗାଁରେ ବିଦ୍ୟୁତ ତାର ଛିଡି ବିଲ ମଝିରେ ପଡିଥିଲା କିନ୍ତୁ ବିଦ୍ୟୁତ ବିଭାଗର ସ୍ଥାନୀୟ ଜେଇ କିମ୍ବା କର୍ମଚାରୀ କେହି ଏହାକୁ ନ ଦେଖି ବିଦ୍ୟୁତ ଦେଇଦେଇଥିଲେ ଫଳରେ ସକାଳୁ ସକାଳୁ ଘାସ ଚାରିବା ପାଇଁ ଆସିଥିବା ନିରୀହ ଗୋପଲ ମଧ୍ୟରୁ ୬ ଟି ଗୋମାତା ଏହି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଛଟପଟ ହୋଇ ଜୀବନ ହାରିଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ବିଦ୍ୟୁତ ବିଭାଗ ଉପରେ ତୀବ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଥିବା ବେଳେ ଗୋମାତା ପଳିଥିବା ପରିବାର ବିଦ୍ୟୁତ ବିଭାଗ ଠାରୁ କ୍ଷତିପୂରଣର ଦାବି କରିଛନ୍ତି । ସବୁଠୁ ବଡ଼ କଥା ହେଲା ତାଳଚୁଆ ଅଞ୍ଚଳରେ ବିଦ୍ୟୁତ ତାର ସଂଯୋଗରେ ଗୋବଂଶ ଜୀବନ ହାରିବା ଏହା ନୂଆ କଥା ନୁହେଁ ପୂର୍ବରୁ ଅନେକ ବାର ଏଭଳି ଘଟଣା ଘଟିଥିବା ବେଳେ ବିଦ୍ୟୁତ ବିଭାଗ ତାହାର ଏଭଳି ଖାମଖିଆଲ କାର୍ଯ୍ୟରେ କୌଣସି ବ୍ରେକ ଲଗାଇ ନାହିଁ । ଅନ୍ୟ ପଟେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳ ବାସୀ ବିଦ୍ୟୁତ ବିଭାଗର ଏସଡିଓ ଙ୍କୁ ଚେତାବନୀ ଦେଇ କହିଛନ୍ତି ଯଦି ଏହି ଘଟଣାରେ ଦାଈ ଥିବା ସ୍ଥାନୀୟ ଜେଇ ଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ ଗୋମାତା ହରାଇଥିବା ପରିବାର ଙ୍କୁ କ୍ଷତି ପୂରଣ ନଦିଆଯାଏ ଆଗାମୀ ଦିନରେ ବିଦ୍ୟୁତ ବିଭାଗର ମୁଖ୍ୟ କାର୍ଯ୍ୟାଳୟକୁ ଅଞ୍ଚଳ ବାସୀଙ୍କ ପକ୍ଷରୁ ଘେରାଉ କରାଯିବ । ଅନ୍ୟ ପଟେ ଏହି ଘଟଣାକୁ ନେଇ ସ୍ଥାନୀୟ ଜେଇ ଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ପାଇଁ ଅପରାଧୀ ସୂଚନା ବିଭାଗର ଏରିଆ ଇନଚାର୍ଜ ପ୍ରମୋଦ ବଳ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ଶକ୍ତି ବିଭାଗ ଓ ଟିପିସିଓଡିଏଲ ଲିଖିତ ଅଭିଯୋଗ କରିଛନ୍ତି ।

## ଗୋଁଣ୍ଡୱାନା ବିକାଶ ପରିଷଦ ଆଠମଲ୍ଲିକର ୩୪ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ

# ମେଧାବୀ ଛାତ୍ରଛାତ୍ରୀ ସମ୍ବର୍ଦ୍ଧିତ, ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ଆଠମଲ୍ଲିକ, ୦୮/୦୬(ଅକ୍ଷର ଓଡ଼ିଶା):ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଠାକୁରଗଡ଼ ସ୍ଥିତ ଶମ୍ଭୁ ବାବା ମଠ ଆମ୍ବତୋଟା ପରିସରରେ ଗୋଁଣ୍ଡୱାନା ବିକାଶ ପରିଷଦ ଆଠମଲ୍ଲିକ ପକ୍ଷରୁ ୩୪ ତମ ବାର୍ଷିକ ସମ୍ମିଳନୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ସମ୍ମିଳନୀରେ ଗୋଣ୍ଡ ସମାଜର ସାମାଜିକ, ଶିକ୍ଷାଗତ ଓ ସାଂସ୍କୃତିକ ବିକାଶ ସହ ସମାଜର ଏକତାକୁ ସୁଦୃଢ଼ କରିବା ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା ।କେନ୍ଦ୍ର କମିଟି ସଭାପତି ପ୍ରସନ୍ନ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ କେନ୍ଦ୍ର ମହାସଚିବ ସୁରେଶ କୁମାର ନାୟକ ସ୍ୱାଗତ ଭାଷଣ ଦେବା ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ ଉତ୍ସବରେ ଜିଲ୍ଲା ସଭାପତି ସଦାଶିବ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ ଚଳଣି, ସଂଗଠନର ଗୁରୁତ୍ୱ ଏବଂ ସମାଜରୁ ନିଶା ନିବାରଣ ଉପରେ ବିଶେଷ ଆଲୋକପାତ କରିଥିଲେ ।ସେହିପରି ରାଜ୍ୟ ମହାସଚିବ ପ୍ୟାରୀମୋହନ ନାୟକ ନିଜସ୍ୱ ବକ୍ତବ୍ୟ ପ୍ରଦାନ କରି କହିଥିଲେ ଯେ, ସଂଗଠନକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବାକୁ ହେଲେ ଯିଏ ଯାହା କହିଲେ ମଧ କିମ୍ବା ନିଶାଗ୍ରସ୍ତ ବ୍ୟକ୍ତିଙ୍କ କଥାରେ କେବେହେଲେ ପୁଞ୍ଜି କମିଟି ପରିବର୍ତ୍ତନ କରାଯାଇପାରିବ ନାହିଁ । ଯିଏ ଯେଉଁ ପଦବୀରେ ଅଛନ୍ତି, ସେହି ୧୦/୧୨ ବର୍ଷର ପୁରୁଣା କମିଟି ହିଁ ବଳବତ୍ତର ରହିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ ।ଏହି ବାର୍ଷିକ ସମ୍ମିଳନୀ ଅବସରରେ ସମାଜର କୃତୀ ଛାତ୍ରଛାତ୍ରୀଙ୍କୁ ମେଧାବୀ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୭୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଥିବା ୫ ଜଣ ଛାତ୍ରଛାତ୍ରୀ ଏବଂ ଯୁକ୍ତ ଦୁଇ (+୨) ପରୀକ୍ଷାରେ ୯୩ ପ୍ରତିଶତ ନମ୍ବର ରଖିଥିବା ଜଣେ ମେଧାବୀ ଛାତ୍ରୀଙ୍କୁ ପରିଷଦ ପକ୍ଷରୁ ଉତ୍ସାହିତ କରାଯାଇଥିଲା । ଏହାସହ ସଭା ମଝିରେ ମଝିରେ କୁନି କୁନି କଳାକାରମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା, ଯାହା ଉପସ୍ଥିତ ଶତାଧିକ ମହିଳା ଓ ପୁରୁଷ ଦର୍ଶକଙ୍କୁ ବିମୋହିତ କରିଥିଲା ।ଏହି ସମ୍ମିଳନୀରେ ଅଞ୍ଚଳର ୧୬ ଗୋଟି ପୁଞ୍ଜିର ସଭାପତି ଓ ସମ୍ପାଦକଙ୍କ ସମେତ ବହୁ ସଂଖ୍ୟକ ଗୋଣ୍ଡ ସମାଜର ସଦସ୍ୟ, ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଯୋଗଦେଇଥିଲେ । ଶେଷରେ ସମାଜର ଉନ୍ନତି ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଗୃହୀତ ହେବା ସହ ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସାଙ୍ଗ ହୋଇଥିଲା ।

# ହୁଇଲଚେୟାରରେ ଆସି ବଜାରରେ ଶାଗ ବିକୁଛନ୍ତି ଦିବ୍ୟାଙ୍ଗ ନୃସିଂହ



କେନ୍ଦୁଝର/ଘଟଗାଁ:୦୮/୦୬(ଦିଲ୍ଲୀପ କୁମାର ସାହୁ) - କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ମୁକ୍ତାପୁର ପଞ୍ଚାୟତ ମୁଦ୍ରାବେଡା ଗ୍ରାମର ଦ୍ୱିାଙ୍ଗ ନୃସିଂହ ନାଏକ ଆଜକୁ ୧୮ ବର୍ଷ ହେଲା ବଞ୍ଚି ରହିବା ପାଇଁ ଜୀବନ ସହିତ ସଂଗ୍ରାମ କରି ଆସୁଛନ୍ତି । ଦୁଇ ଗୋଡର ପାଦ ଦୁଇଟି ନାହିଁ କ୍ଷ ଅନେକ ଗୁହାରି ପରେ ସରକାର ଦେଇଛନ୍ତି ଗୋଟେ ହୁଇଲ ଚେୟାର ଗାଡି । ତାଙ୍କ ସ୍ତ୍ରୀ ବି ରୋଗାକ୍ରାନ୍ତ । ପରିବାର ଚଳିବ କେମିତି ,ଔଷଧ ଖର୍ଚ୍ଚ ଆସିବ କୁଆଡୁ ପୁଅ ବି ନାହିଁ, ଗୋଟେ ବୋଲି ଝିଅ ବହାହୋଇ ଯାଇଛି କ୍ଷ ତଥାପି ଜୀବନ ଯୁଦ୍ଧରେ ସେ ହାରିନାହାନ୍ତି କ୍ଷ ତାଙ୍କ ଗ୍ରାମରୁ ଡେଙ୍କିକୋଟ ୫ କିଲୋମିଟର୍ ରାସ୍ତା । ଯିବାଆସିବା ସମୁଦାୟ ୧୦ କି.ମି ରାସ୍ତା । ତେବେ ଏହିପରି ମୁଣ୍ଡଫଟା ଖରାରେ ସେ ତାଙ୍କ ହୁଇଲ ଚେୟାର ଗାଡିରେ ଆସି ଡେଙ୍କିକୋଟ ବଜାରର ଓଭରବ୍ରିଜ ତଳେ ଶାଗ ବିକ୍ରି କରୁଛନ୍ତି । ନିଜ ବାଡ଼ିରେ ଶାଗ ଚାଷ କରି ବିକ୍ରିକରି ସ୍ୱାମୀ ସ୍ତ୍ରୀ ସଂସାର ରଥକୁ ଆଗେଇ ନେଇଛନ୍ତି ।ତାଙ୍କୁ ତାଙ୍କ ସ୍ତ୍ରୀ ଏହି କାମରେ ସହଯୋଗ କରୁଛନ୍ତି । ସରକାରଙ୍କ ସାହାଯ୍ୟ ସହଯୋଗକୁ ତାଙ୍କର ଆଉ ଆସା ଭରସା ନାହିଁ । 'ସରକାରୀ ସହାୟତା ତ କେବଳ କାଗଜକଲମରେ ହୁଏ, ସତରେ କଣ ହିତାଧିକାରୀ ସହାୟତା ପାଇ ପାରନ୍ତି' ବୋଲି ସେ କ୍ଷୋଭର ସହ କହନ୍ତି । କେତେବେଳେ ଜୀବନ ଦୀପ ଲିଭିଯିବ । ଆଜିର ଜୀବନ କାଲିକି ନାହିଁ । ତେଣୁ ଦୁଃଖେ କଷ୍ଟେ ସେ ବଞ୍ଚିରହିବାକ୍ଷ ପାଇଁ ପ୍ରଚେଷ୍ଟା ଜାରି ରଖିଛନ୍ତି କ୍ଷ ତେବେ ସେ କୁହନ୍ତି ମୁଁ ସିନା ଚାଲିପାରୁନାହିଁ ହେଲେ ଭଗବାକ୍ଷନ ମୋର ହାତ ଦୁଇଟିକୁ ଠିକ୍ ରଖିଛନ୍ତି କ୍ଷ ମୁଁ ମୋର କର୍ମ କରୁଛି ।ନିଶ୍ଚିତ ଭାବେ ସେ ଆଜି ଅନ୍ୟପାଇଁ ଉଦାହରଣ କ୍ଷ କେବେ ବି ସେ ନିଜ ଉପରୁ ବିଶ୍ୱାସ କି ମନୋବଳ ହରାଇନାହାନ୍ତି ।ନିଜ ଗ୍ରାମରୁ ଡେଙ୍କିକୋଟ ପର୍ଯ୍ୟନ୍ତ ହୁଇଲଚେୟାରରେ ୧୦ କିଲୋମିଟର୍ ବାଟ ଯିବାଆସିବା କରିବା ସାମାନ୍ୟ କଥା ନୁହଁ । କେତେ କରୁଣ ଏଂ ହୃଦୟ ବିଦାରକ ଏହି ଚିତ୍ର । ଦେଖିଲେ ଆଖିରେ ଲୁହ ରହିବନି । ଛାତି ଫାଟିଯିବ ସମସ୍ତଙ୍କର । ତେବେ ତାଙ୍କ ଉପରେ ନିଶ୍ଚିତ ପ୍ରଭୁକୃପା ଅଛି । କୁହାଯାଏ ରଖେ ହରି ତ ମାରେ କିଏ ।

## ମହେନ୍ଦ୍ରମେଳାରୁ ଫେରିବା ବେଳେ ଅଘଟଣ

# ଜଣେ ମୃତ, ୩୦ ରୁ ଉର୍ଦ୍ଧ ଆହତ

ପାରଳାଖେମୁଣ୍ଡି, ୮/୬(ତାରିଣୀ ପ୍ରସାଦ ପଣ୍ଡା): ମହେନ୍ଦ୍ରଗିରିରୁ ମହେନ୍ଦ୍ରମେଳା ଦର୍ଶନ କରି ପିକ୍ଅପ୍ ଭ୍ୟାନ୍ ଯୋଗେ ଫେରୁଥିବା ବେଳେ ମହେନ୍ଦ୍ରଗିରି ପାଦଦେଶରେ ଜରଡ଼ା ଥାନା ବୁରାତାଲ ପଞ୍ଚାୟତର ଅଣ୍ଡଅଣ୍ଡା ନିକଟରେ ଦୁର୍ଘଟଣା ଘଟି ଜଣକର ମୃତ୍ୟୁ ଘଟିଥିବା ବେଳେ ୩୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ଏହି ଦୁର୍ଘଟଣାରେ ପ୍ରତାପ ସେଠୀ, ଲକ୍ଷ୍ମୀ ଗୌଡ଼, ରେଣୁ ଗୌଡ଼, କାଳିଆ ବେହେରା, ଶିବରାମ ପାଣିଗ୍ରାହୀ, ଲକ୍ଷ୍ମୀକାନ୍ତ ସାହୁ ଓ ସୁବାସିନୀ ବେହେରା ପ୍ରମୁଖ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି. ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ. ଘଟଣାରୁ ପ୍ରକାଶଯେ, ଗଞ୍ଜାମ ଜିଲ୍ଲାର ନୂଆସାହିରୁ ୩୧ ଜଣରୁ ଅଧିକ ଶ୍ରଦ୍ଧାଳୁ ଏକ ପିକ୍ଭ୍ୟାନ୍ ଯୋଗେ ମହେନ୍ଦ୍ରଗିରିରୁ ମହେନ୍ଦ୍ରମେଳା ଦେଖିସାରି ଗତକାଲି ରାତି ପ୍ରାୟ ୯ଟା ୩୦ ସମୟରେ ଫେରୁଥିବା ବେଳେ ଅଣ୍ଡଅଣ୍ଡା ଗ୍ରାମ ନିକଟରେ ମହେନ୍ଦ୍ରଗିରି ପାହାଡ଼ର ପାଦଦେଶର ରାସ୍ତାରେ ପିକଅପ ଭ୍ୟାନ ବ୍ରେକ୍ ଫେଲ୍ ହେବାରୁ ଭାରସାମ୍ୟ ହରାଇ ଓଲଟି ପଡ଼ି ଏହି ଦୁର୍ଘଟଣା ଘଟିଥିଲା । ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ପାତ୍ରପୁର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ. ଘଟଣା ନେଇ ଜରଡ଼ା ପୁଲିସ ପହଞ୍ଚି ଅନୁଧ୍ୟାନ କରିବା ସହ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି ।

# ଖଣ୍ଡପଡ଼ା ବ୍ଲକରେଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

ଖଣ୍ଡପଡ଼ା ୮ ।୬ (ଅକ୍ଷର ଓଡ଼ିଶା)ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ,ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ,ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶ, ନୟାଗଡ ଅତିରିକ୍ତ ଏସପି ସୁବାସ ଚନ୍ଦ୍ର ପଣ୍ଡା,ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ, ବ୍ଲକ ଉନ୍ନୟନ ଅଧିକାରୀ ଅଙ୍କୁର ଅଭିଳାଷ, ତହସିଲଦାର ବିଶ୍ୱବିସ୍ତୁତ ତ୍ରିପାଠୀ, ନୟାଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶୁସାନ୍ତ ସ୍ୱାଇଁ,ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଅଭିଷାର ପଣ୍ଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ,ପୂର୍ତ୍ତ ବିଭାଗ,କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୯୮ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା ।ସେଥି ମଧ୍ୟରୁ ୮୦ ଟି ବ୍ୟକ୍ତିଗତ,୪ ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଓ ସହାୟତା ନିମନ୍ତେ ୧୪ ଟି,ଖାଉଟି କାର୍ଡ ସମସ୍ୟା ସଂପର୍କିତ ୬ ଟି, ପାରିବାରିକ ସମସ୍ୟା ସଂପର୍କିତ ୨ ଟି,ଶ୍ରମିକ କାର୍ଡ, ମନରେଗା କାର୍ଯ୍ୟ ଓ ଏସଆଇର ସଂପର୍କିତ ଗୋଟିଏ ଲେଖାଁଏ ଆବେଦନପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି ।ବିଭିନ୍ନ ଅଭିଯୋଗ ମଧ୍ୟରୁ ୩୯ ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ ନିମନ୍ତେ ଜିଲ୍ଲାପାଳ ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ଭଦ୍ରକରେ ଏସ୍ଆଇଆର ପ୍ରକ୍ରିୟାରେ ଉଲ୍ଲେଖନୀୟ ଅଗ୍ରଗତି

# ୮୪.୭୪ ପ୍ରତିଶତ ଭୋଟରଙ୍କ ନିକଟରେ ପରିଗଣନା ଫର୍ମ ବଣ୍ଟନ ସମ୍ପୂର୍ଣ୍ଣ

ଭଦ୍ରକ, ୦୮/୦୬ (ଅକ୍ଷର ଓଡିଶା ) : ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) କାର୍ଯ୍ୟକ୍ରମ ଅନ୍ତର୍ଗତ ଭଦ୍ରକ ଜିଲ୍ଲାରେ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜିଲ୍ଲାରେ ମୋଟ ୧୨,୮୪,୬୧୮ ଜଣ ମତଦାତା ଥିବା ବେଳେ ସେମାନଙ୍କ ମଧ୍ୟରୁ ୮୪.୭୪ ପ୍ରତିଶତ ମତଦାତାଙ୍କୁ ପରିଗଣନା ଫର୍ମ ବଣ୍ଟନ କରାଯାଇଛି ।ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଝଓଜ) କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଭଦ୍ରକ ଜିଲ୍ଲାର ୪୫-ବାସୁଦେବପୁର ବିଧାନସଭା କ୍ଷେତ୍ର ଅନ୍ତର୍ଗତ ତିହିଡ଼ି ବ୍ଲକର ବିଭିନ୍ନ ବୁଥ ପରିଦର୍ଶନ କରିଥିଲେ ଇଆରଓ-ତଥା ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ ।ପରିଦର୍ଶନ ସମୟରେ ସେ ବୁଥ ସ୍ତରରେ ଚାଲିଥିବା ଫର୍ମ ବଣ୍ଟନ, ମତଦାତାଙ୍କ ସହ ସମନ୍ୱୟ ଏବଂ ବିଏଲ୍ଓମାନଙ୍କ ଦ୍ୱାରା କରାଯାଉଥିବା ଘରକୁ ଘର ଯାଇ ସଚେତନତା ଓ ତଥ୍ୟ ସଂଗ୍ରହ କାର୍ଯ୍ୟର ସମୀକ୍ଷା କରିଥିଲେ । ସମସ୍ତ ଯୋଗ୍ୟ ମତଦାତାଙ୍କ ନିକଟରେ ପହଞ୍ଚି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମାପ୍ତ କରିବା ସହ ମତଦାତାମାନଙ୍କୁ ସହଯୋଗ କରିବାକୁ ସେ ସମ୍ପୃକ୍ତ ଅଧିକାରୀ ଓ ବିଏଲ୍ଓମାନଙ୍କୁ ପରାମର୍ଶ ଦେଇଥିଲେ ।ଜିଲ୍ଲା ପ୍ରଶାସନ ପକ୍ଷରୁ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ)ମାନେ ଘରକୁ ଘର ବୁଲି ଫର୍ମ ବଣ୍ଟନ ଓ ସଂଗ୍ରହ କାର୍ଯ୍ୟ କରୁଛନ୍ତି । ଅବଶିଷ୍ଟ ମତଦାତାଙ୍କ ନିକଟରେ ମଧ ଶୀଘ୍ର ଫର୍ମ ପହଞ୍ଚାଇବା ସହ ୨୮ ଜୁନ୍ ୨୦୨୬ ସୁଦ୍ଧା ସମସ୍ତ ଫର୍ମ ସଂଗ୍ରହ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି ।ଜିଲ୍ଲା ପ୍ରଶାସନ ସମସ୍ତ ଯୋଗ୍ୟ ମତଦାତାଙ୍କୁ ବିଏଲ୍ଓଙ୍କୁ ସହଯୋଗ କରିବା, ପରିଗଣନା ଫର୍ମ ଯଥାଶୀଘ୍ର ପୂରଣ କରି ଦାଖଲ କରିବା ଏବଂ ନିଜର ନାମ ଭୋଟର ତାଲିକାରେ ସୁନିଶ୍ଚିତ କରିବାକୁ ଅନୁରୋଧ କରିଛି । ମତଦାତାମାନେ ଚାହିଁଲେ ଅନଲାଇନ୍ ମାଧ୍ୟମରେ ମଧ ଫର୍ମ ଦାଖଲ କରିପାରିବେ ।ଭୋଟର ତାଲିକାରେ ନାମ ସାମିଲ, ସଂଶୋଧନ କିମ୍ବା ଏହି ସମ୍ପର୍କିତ ଯେକୌଣସି ଜନସାଧାରଣ ସୂଚନା ଓ ସହାୟତା ପାଇଁ ନିର୍ବାଚନ ବିଭାଗ ପକ୍ଷରୁ ଜାରି କରାଯାଇଥିବା ମାଗଣା ହେଲ୍ପଲାଇନ ନମ୍ବର ୧୯୫୦ କୁ କଲ୍ କରି ସବିଶେଷ ସୂଚନା ପାଇପାରିବେ ।

## ତେନ୍ତୁଳିଖୁଣ୍ଟିରେ ଜନ ଅଭିଯୋଗ ଶୁଣାଣି ଶିବିର

# ୨୨ଟି ଅଭିଯୋଗ ଗ୍ରହଣ



ନବରଙ୍ଗପୁର ୮/୬/ (ଅକ୍ଷର ଓଡିଶା)ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଶ୍ୟପ ପାର୍ଥ ଜଗଦୀଶଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି ।ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଡ଼. ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଉପଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ ।ଶିବିରରେ ମୋଟ ୨୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଥିବାବେଳେ ୪ଟି ଗ୍ରାମ୍ୟ ଓ ସାମୂହିକ ସମସ୍ୟା ସମ୍ବନ୍ଧୀୟ ଆବେଦନ ଥିଲା । ଜନସାଧାରଣଙ୍କ ସମସ୍ୟାର ଶୀଘ୍ର ଓ ଫଳପ୍ରଦ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ ।ଜନସାଧାରଣଙ୍କ ସମସ୍ୟାର ସିଧାସଳଖ ଶୁଣାଣି ଏବଂ ପ୍ରଶାସନ ଓ ଲୋକଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ଏହି ଶିବିରକୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ସ୍ୱାଗତ କରିଥିଲେ ।

# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ବୁଗୁଡା : ୦୮/୦୬/(ଅକ୍ଷର ଓଡିଶା ) : ବୁଗୁଡ଼ା ଥାନା ଅନ୍ତର୍ଗତ ଟଭାପଲ୍ଲୀ ଗ୍ରାମରେ ବବୁଲୁ ପାଣିଗ୍ରାହୀ(୩୫) ନାମକ ଜନୈକ ଯୁବକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି । ଏ ନେଇ ପୋଲିସ ପକ୍ଷରୁ କେସ୍ ନଂ ୧୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତାଙ୍କଠାରୁ ପ୍ରକାଶ ପାଇଛି । ପ୍ରକାଶ ଯେ, ମାନସିକ ଅଶାନ୍ତି କାରଣରୁ ବବୁଲୁ ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ବାରିପଟ ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ ।

# ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ



ବୋଡ଼େନ,୮/୬(ଅକ୍ଷର ଓଡ଼ିଶା)- ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ପରିସରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମ୍ରିତପାଳ ସିଂ, ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ସୁରମୀ ସୋରେନ, ଖଡ଼ିଆଳ ବନଖଣ୍ଡ ଅଧିକାରୀ ଅଜିଜ ଖାନ, ଖଡ଼ିଆଳ କେନ୍ଦୁପତ୍ର ବନଖଣ୍ଡ ଅଧିକାରୀ ଏ. ମାଧବୀଲତା, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଡା. ଦିଲ୍ଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଶିବିର ଆରମ୍ଭରେ ଜିଲ୍ଲାପାଳ ପୂର୍ବ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗ ଗୁଡ଼ିକର ଫଇସଲା ସ୍ଥିତି ସମୀକ୍ଷା କରିଥିଲେ । ଶିବିରରେ ୫୧ ଗୋଟି ବ୍ୟକ୍ତିଗତ ଓ ୧୨ଟି ଗୋଷ୍ଠୀଗତ ଅଭିଯୋଗ ସମେତ ମୋଟ ୬୩ ଗୋଟି ଅଭିଯୋଗ ଗ୍ରହଣ କରାଯାଇଥିଲା ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ବିଭିନ୍ନ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ଚଳିତ ରବି ଧାନ କ୍ରୟ ସମ୍ପର୍କରେ ସମୀକ୍ଷା କରି ଜିଲ୍ଲାପାଳ କହିଥିଲେ ଯେ, ଚାଷୀଙ୍କ ନାମରେ ଧାନକୁ ସିଧାସଳକ ମିଲର ପଏଣ୍ଟକୁ ନିଆଯିବା ଭଳି ଅନିୟମିତତା ଧରାପଡ଼ିଲେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ । ଧାନ କ୍ରୟ କାର୍ଯ୍ୟ ସଫଳ କରିବା ସମସ୍ତ ବିଭାଗର ସାମୂହିକ ଦାୟିତ୍ୱ ବୋଲି ସେ କହିଥିଲେ । । ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେବାକୁ ଥିବା ଜନସମ୍ପର୍କ କାର୍ଯ୍ୟକ୍ରମ ପାଇଁ ସମସ୍ତ ଲାଇନ୍ ବିଭାଗ ନିଜ ନିଜ ବିଭାଗର ସଫଳତା, ଉପଲବ୍ଧି ଓ କାର୍ଯ୍ୟକ୍ରମ ସମ୍ପର୍କିତ ଖସଡ଼ା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନଗୋବନ୍ଦ ମଙ୍ଗରାଜ, ସୁମିତ୍ରା ମାଝୀ ଓ ଯୁଧିଷ୍ଠିର ମାଝୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଏବଂ ରାହୁଲ ପଣ୍ଡାଙ୍କୁ ୧୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା ।ନସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୁ ସୁନାନୀ (ବାବେବିର), ଟଙ୍କଧର ରଣା (ବୋଡ଼େନ) ଏବଂ କୃତିବାସ ପଟେଲ (ଲର୍କା)ଙ୍କୁ 'ସ୍ୱଚ୍ଛ ଦୂତ' ପୁରସ୍କାର ପ୍ରଦାନ କରାଯାଇଥିଲା । ଅଭିଯୋଗ ଶୁଣାଣି ଶିବିର ଅବସରରେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଏବଂ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ ଆୟୋଜନ କରାଯାଇଥିଲା । ଡେପୁଟି ଜିଲ୍ଲାପାଳ ଶେଖ ନସୀମ, ବୋଡ଼େନ ବିଡିଓ ଚିନ୍ମୟ ସାଗର ଏବଂ ତହସିଲଦାର ସରିତା ଗୁପ୍ତା ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏହି ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଅନ୍ଧବିଶ୍ୱାସ ବିରୁଦ୍ଧରେ ପ୍ରଶାସନର କଠୋର ଆଭିମୁଖ୍ୟ

# ସମାଜରୁ କୁସଂସ୍କାର ହଟାଇବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ



ମାଲକାନଗିରି, ୮/୬/(ପ୍ରଦୀପ ରାଉଳ)ସମାଜକୁ କଳଙ୍କିତ କରୁଥିବା ଅନ୍ଧବିଶ୍ୱାସ, କୁସଂସ୍କାର ଏବଂ ଡାହାଣୀ ସନ୍ଦେହରେ ହେଉଥିବା ଜଘନ୍ୟ ହିଂସାକାଣ୍ଡର ସମ୍ପୂର୍ଣ୍ଣ ଦୂରୀକରଣ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ବଡ଼ ଧରଣର ଅଭିଯାନ ଆରମ୍ଭ ହୋଇଛି । ଏହି ସାମାଜିକ ବ୍ୟାଧିକୁ ମୂଳପୋଛ କରିବା ଉଦ୍ଦେଶ୍ୟରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଙ୍କ ସଭାପତିତ୍ୱରେ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ବିନୋଦ ପାଟିଲ ଏଚ୍ ଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଜିଲ୍ଲାର ସମସ୍ତ ଥାନା ଅଧିକାରୀ, ପୋଲିସ କର୍ମଚାରୀ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଭର୍ଚୁଆଲ୍ ବୈଠକ ଅନୁଷ୍ଠିତ ହୋଇଯାଇଛି ।ବୈଠକରେ ଗ୍ରାମାଞ୍ଚଳ, ବିଶେଷ କରି ଉପାନ୍ତ ଓ ଜନଜାତି ବହୁଳ ଅଞ୍ଚଳରେ ଘଟୁଥିବା ଏଭଳି ସମ୍ବେଦନଶୀଳ ଘଟଣାଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖିବାକୁ ପୋଲିସ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । କୌଣସି ସ୍ଥାନରେ ଡାହାଣୀ ସନ୍ଦେହ କିମ୍ବା ଗୁଣିଗାରେଡ଼ି ଅଭିଯୋଗ ଆସିଲେ, ପ୍ରଶାସନ ତୁରନ୍ତ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସ୍ପଷ୍ଟ କରାଯାଇଛି । କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଲୋକଙ୍କ ମନରୁ ଭୟ ଓ ଅନ୍ଧବିଶ୍ୱାସ ଦୂର କରିବା ପାଇଁ ଗ୍ରାମ ସ୍ତରରେ ବ୍ୟାପକ ସଚେତନତା ସଭା, ପଥପ୍ରାନ୍ତ ନାଟକ ଏବଂ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି ।ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଆହ୍ୱାନ ଦିଆଯାଇଛି ଯେ, ଏହି କୁସଂସ୍କାର ବିରୁଦ୍ଧରେ ସଚେତନ ହେବା ଏବଂ ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ଆମ ସମସ୍ତଙ୍କର ପରମ କର୍ତ୍ତବ୍ୟ । ଶିକ୍ଷା ଓ ବିଜ୍ଞାନର ସହାୟତାରେ ଅନ୍ଧବିଶ୍ୱାସକୁ ଦୂର କରିବା ପାଇଁ ସମସ୍ତେ ମିଶି ସଂକଳ୍ପ ନେବା ଜରୁରୀ । ସମାଜରୁ ଏହି ବ୍ୟାଧିକୁ ସମ୍ପୂର୍ଣ୍ଣ ଭାବେ ହଟାଇବା ପାଇଁ ଜନସାଧାରଣ ପୋଲିସ ଓ ପ୍ରଶାସନକୁ ସୂଚନା ଦେଇ ସହଯୋଗ କରିବାକୁ ନିବେଦନ କରାଯାଇଛି ।



ମଙ୍ଗଳବାର ୦୯|୦୬|୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା

## ପଦାର୍ପଣରେ ମାନବ ସୁଥାରଙ୍କ ଚମତ୍କାର ପ୍ରଦର୍ଶନ

# ଭାରତର ବଡ଼ ଇନିଂସ ବିଜୟ

ନୂଆଦିଲ୍ଲୀ, ୮/୬- ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ଭାରତର ବଡ଼ ବିଜୟ। ଏକମାତ୍ର ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିନରେ ଭାରତ ଆଫଗାନିସ୍ତାନକୁ ଏକ ଇନିଂସ ଏବଂ ୩୦୦ ରନ୍‌ରେ ପରାସ୍ତ କରିଛି, ତାଙ୍କର ଦୃଢ଼ ବୋଲିଂ ପ୍ରଦର୍ଶନ ଯୋଗୁଁ। ଏହା ଟେଷ୍ଟ କ୍ରିକେଟ୍‌ରେ ଭାରତର ସବୁଠାରୁ ବଡ଼ ଇନିଂସ ବିଜୟ। ମାନବ ସୁଥାର ଏହି ମ୍ୟାଚ୍‌ରେ ଭାରତ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ, ଏହି ମ୍ୟାଚ୍‌ରେ ତାଙ୍କର ଟେଷ୍ଟ ଡେବ୍ୟୁ ହୋଇଥିଲା। ଏକମାତ୍ର ଟେଷ୍ଟ ମ୍ୟାଚ୍‌ରେ ଭାରତ ଆଫଗାନିସ୍ତାନକୁ ଏକ ଇନିଂସ ଏବଂ ୩୦୦ ରନ୍‌ରେ ପରାସ୍ତ କରିଥିଲା। ଭାରତ ପ୍ରଥମ ଇନିଂସରେ ୫୬୪ ରନ୍‌ରେ ଆଠ ୱିକେଟ୍‌ରେ ଘୋଷଣା କରିଥିଲା ଏବଂ ତୃତୀୟ ଦିନରେ ଆଫଗାନିସ୍ତାନକୁ ୧୫୨ ରନ୍‌ରେ ଅଲ୍‌ଆଉଟ୍ କରିଥିଲା। ଏହା ଭାରତକୁ ୪୧୨ ରନ୍‌ର ଅଗ୍ରଣୀ ଦେଇଥିଲା, ଯାହା ଫଳରେ ଆଫଗାନିସ୍ତାନକୁ ଫଲୋଅନ୍ କରିବାକୁ ବାଧ କରିଥିଲା। ଆଫଗାନିସ୍ତାନର ବ୍ୟାଟିଂ ଦ୍ୱିତୀୟ ଇନିଂସ୍‌ରେ ବିପର୍ଯ୍ୟୟଜନକ ଥିଲା, ମାତ୍ର ୧୧୨ ରନ୍‌ରେ ସଫଳ ହୋଇଥିଲା। ଆଫଗାନିସ୍ତାନ ଦ୍ୱିତୀୟ ଇନିଂସ୍‌ରେ ନଅ ୱିକେଟ୍ ହରାଇଥିଲା, କିନ୍ତୁ ଆସରାଫ୍ ବ୍ୟାଟିଂ କରିବାକୁ ଆସି ନଥିଲେ। ଏହା ଭାରତର ଏକ ଇନିଂସ୍ ବ୍ୟବଧାନରେ ସବୁଠାରୁ ବଡ଼ ଟେଷ୍ଟ୍ ବିଜୟ। ଭାରତୀୟ ଦଳ କେବଳ ତୃତୀୟ ଦିନରେ ଏକମାତ୍ର ଟେଷ୍ଟ୍ ଜିତିଛି। ଭାରତ




ଏବଂ ଆଫଗାନିସ୍ତାନ ମଧ୍ୟରେ ଏହି ମ୍ୟାଚ୍ ବିଶ୍ୱ ଟେଷ୍ଟ୍ ଚାମ୍ପିଅନସିପ୍‌ର ଅଂଶ ନଥିଲା, ତେଣୁ ଦଳକୁ WTC ପଏଣ୍ଟ୍ ଟେବୁଲ୍‌ରେ କୌଣସି ଲାଭ ମିଳିବ ନାହିଁ। ଏହି ମ୍ୟାଚ୍‌ରେ ଭାରତ ପାଇଁ ଡେବ୍ୟୁ କରିଥିବା ସ୍ପିନର୍ ମାନବ ସୁଥାର ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ପ୍ରଥମ ଇନିଂସ୍‌ରେ ଛଅଟି ଏବଂ ଦ୍ୱିତୀୟ ଇନିଂସ୍‌ରେ ଗୋଟିଏ ୱିକେଟ୍ ନେଇଥିଲେ। ଦ୍ୱିତୀୟ ଇନିଂସ୍‌ରେ ଭାରତ ପାଇଁ ୱାଶିଂଟନ୍ ସୁନ୍ଦର ଚାରିଟି ୱିକେଟ୍ ନେଇଥିଲେ, ଯେତେବେଳେ କୁଲଦୀପ ଯାଦବ ତିନୋଟି ୱିକେଟ୍ ନେଇଥିଲେ। ସିରାଜ ମଧ୍ୟ ଗୋଟିଏ ୱିକେଟ୍ ନେଇଥିଲେ। ଏହି ମ୍ୟାଚ୍‌ରେ ଆଫଗାନିସ୍ତାନର ବ୍ୟାଟିଂ ଅତ୍ୟନ୍ତ ଖରାପ ଥିଲା। ପ୍ରଥମ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ଏକମାତ୍ର ବ୍ୟାଟସମ୍ୟାନ୍ ରହମତ ଶାହ ଥିଲେ, ଦ୍ୱିତୀୟ ଇନିଂସରେ କୌଣସି ବ୍ୟାଟସମ୍ୟାନ୍ ପଚାଶ ସ୍କୋର କରିପାରି ନଥିଲେ। ଦଳର ବ୍ୟାଟିଂ ଏତେ ଖରାପ ଥିଲା ଯେ ଦ୍ୱିତୀୟ ଇନିଂସରେ କେବଳ ତିନି ଜଣ ବ୍ୟାଟସମ୍ୟାନ୍ ଦୁଇ ଅଙ୍କ ଛୁଇଁ ପାରିଥିଲେ। ଆଫଗାନିସ୍ତାନ ପକ୍ଷରୁ ସେଦିକୁଲ୍ଲାହ ଅଟଲ ଦ୍ୱିତୀୟ ଇନିଂସରେ ସର୍ବାଧିକ ୪୨ ରନ କରିଥିଲେ। ଦୁଇ ଦଳ ଏବେ ଜୁନ୍ ୧୩ରୁ ଆରମ୍ଭ ହେଉଥିବା ତିନି ମ୍ୟାଚ୍ ବିଶିଷ୍ଟ ଏକଦିବସୀୟ ସିରିଜ୍ ଖେଳିବେ।

## ଫିଫା ମାନ୍ୟତାରେ ଭାରତ ୩ ସ୍ଥାନ ଖସିଲା

ନୂଆଦିଲ୍ଲୀ, ୮/୬- ଭାରତୀୟ ପୁରୁଷ ଫୁଟ୍‌ବଲ୍ ଦଳ ସଦ୍ୟପ୍ରକାଶିତ ଫିଫା ମାନ୍ୟତାରେ ୩ ସ୍ଥାନ ତଳକୁ ଖସି ୧୩୯ରେ ପହଞ୍ଚିଛି। ଭାରତୀୟ ଦଳର ଲଗାତାର ୩ ମ୍ୟାଚ୍ ପରାଜୟ କାରଣରୁ ଏଭଳି ଅବନତି ଘଟିଛି। ୟୁନିଟି କପ୍‌ରେ ଲଗାତାର ୨ ପରାଜୟ ପୂର୍ବରୁ ତାଜିକସ୍ତାନ ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୧-୩ରେ ପରାସ୍ତ ହୋଇଥିଲା। ଖଲିଦ ଜମିଲଙ୍କ ଦଳ ଏପ୍ରିଲ ୧ରେ ପ୍ରକାଶିତ ଫିଫା ମାନ୍ୟତାରେ ୫ଟି ସ୍ଥାନ ଉଠି ୧୩୬ରେ ରହିଥିଲା। ଏଏଫ୍‌ସି ଏସୀୟ କପ୍ ୨୦୨୭ ଯୋଗ୍ୟତା ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ହଂକଂକୁ ପରାସ୍ତ କରି ଏହି ସଫଳତା ପାଇଥିଲା। ନିକଟରେ ଭାରତ ୦-୨ରେ ଜାମାଇକା, ୦-୧ରେ ଜିମ୍ବାୱେ ଓ ୧-୩ରେ ତାଜିକସ୍ତାନଠୁ ହାରିଯାଇଥିଲା। ମଙ୍ଗଳବାର ତାଜକିସ୍ତାନ ବିପକ୍ଷରେ ଦ୍ୱିତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ ଭାରତ।



## ତାଇପେ ଓପନ୍ ଆଥ୍‌ଲେଟିକ୍ସ: ଅନିମେଷଙ୍କୁ ରୌପ୍ୟ

ଭୁବନେଶ୍ୱର, ୮/୬- ଓଡ଼ିଶାର ପ୍ରତିଭାବାନ ଧାବକ ଅନିମେଷ କୁଜୁର ତାଇପେଇ ସିଟି ଆଥ୍‌ଲେଟିକ୍ସ ଓପନ୍ ପୁରୁଷ ୨୦୦ ମିଟର ଦୌଡ଼ରେ ରୌପ୍ୟ ପଦକ ହାସଲ କରିଛନ୍ତି। ୨୦୦ ମିଟରରେ ଜାତୀୟ ରେକର୍ଡଧାରୀ (୨୦.୩୨ ସେକେଣ୍ଡ) ଅନିମେଷ ଏହି ଦୌଡ଼କୁ ୨୦.୪୭ ସେକେଣ୍ଡରେ ପୂରଣ କରିଥିଲେ। ମାତ୍ର ୨୦.୦୩ ସେକେଣ୍ଡ ସହ ଥାଇଲାଣ୍ଡର ପୁରିପୋଲ୍ ବୁନ୍‌ସନ ସ୍ୱର୍ଣ୍ଣ ଜିତିଛନ୍ତି। ଶନିବାର ଏହି ପ୍ରତିଯୋଗିତାର ଲମ୍ଫ ଡିଆଁରେ ଭାରତର ସାହିଲ ସିଂହ ସ୍ୱର୍ଣ୍ଣ ଜିତିଥିଲେ। ସେହିପରି ମହିଳା ୪ଘ୧୦୦ ମିଟର ରିଲେ ଇଭେଣ୍ଟରେ ଭାରତ ଦଳଗତ ସ୍ୱର୍ଣ୍ଣ ହାସଲ କରିଥିଲା। ଓଡ଼ିଆ ଝିଅ ଶ୍ରାବଣୀ ନନ୍ଦ ସ୍ୱର୍ଣ୍ଣ ବିଜୟୀ ଭାରତୀୟ ଦଳର ସଦସ୍ୟ ରହିବା ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ହୋଇଥିଲା। ଅନ୍ୟପକ୍ଷରେ ୧୧୦ ମିଟର ବାଧା ଦୌଡ଼ରେ ଭାରତର ତେଜସ୍ ସିର୍ସେ ରୌପ୍ୟ ଜିତିଥିଲେ। ଚଳିତ ମାସ ୨୦ ଓ ୨୧ରେ ଚୀନରେ ହେବାକୁ ଥିବା ଦ୍ୱିତୀୟ ଏସୀୟ ରିଲେ ଚାମ୍ପିଅନ୍‌ସିପ୍‌ର 4x100 ମିଟର ରିଲେ ଇଭେଣ୍ଟରେ ଅନିମେଷ ଯୋଗ ଦେବେ।




## ମୋନାକୋ ଗ୍ରାଁ ପ୍ରି ଜିତିବାରେ ଆଣ୍ଟୋନେଲି ସର୍ବକନିଷ୍ଠ




ମୋନାକୋ, ୮/୬- ଇଟାଲୀର ମର୍ସିଡିଜ୍ ଚାଳକ କିମି ଆଣ୍ଟୋନେଲି ଏଠାରେ ଚାଲିଥିବା ମୋନାକୋ ଗ୍ରାଁ ପ୍ରିରେ ବିଜେତା ହୋଇଛନ୍ତି। ଏଠାରେ ଟ୍ରଫି ଜିତିବାରେ ୧୯ ବର୍ଷୀୟ ଆଣ୍ଟୋନେଲି ସର୍ବକନିଷ୍ଠ ଚାଳକ ହେବାର ଗୌରବ ଅର୍ଜନ କରିଛନ୍ତି। ଚଳିତ ଋତୁର ୫ ବିଜୟ ସହ ସେ ବିଶ୍ୱ ବିଜେତା ଟେବୁଲର ଶୀର୍ଷ ସ୍ଥାନରେ ରହିଛନ୍ତି। ମୋନାକୋରେ ୭ ଥରର ବିଶ୍ୱ ବିଜେତା ଇଂଲଣ୍ଡର ଫେରାରି ଚାଳକ ଲୁଇସ ହାମିଲଟନ୍ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ରେଡ୍‌ବୁଲ୍‌ର ଇସାକ୍ ହାଜାର ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ମ୍ୟାକ୍ଲରେନ୍‌ର ଓସ୍କାର ପିଆଷ୍ଟ୍ରି ଚତୁର୍ଥ ଏବଂ ରେଡ୍‌ବୁଲ୍‌ର ଲିଅମ୍ ଲସନ୍ ପଞ୍ଚମ ସ୍ଥାନରେ ରେସ୍ ଶେଷ କରିଥିଲେ।

# ଫିଫା ବିଶ୍ୱକପ୍ ୨୦୨୬ ଖେଳିବେ ୪ ଭାରତୀୟ ବଂଶୋଦ୍ଭବ




ନୂଆଦିଲ୍ଲୀ, ୮/୬: ଗୁରୁବାରଠୁ କାନାଡା, ମେକ୍ସିକୋ ଓ ଆମେରିକାରେ ଖେଳାଯିବ ଫିଫା ପୁରୁଷ ବିଶ୍ୱକପ୍ ୨୦୨୬। ବିଶ୍ୱର ଏହି ଫୁଟ୍‌ବଲ୍ ମହାକୁମ୍ଭରେ ଭାରତ ଖେଳୁନି, ହେଲେ ୪ଜଣ ଭାରତୀୟ ବଂଶୋଦ୍ଭବ ଏହି ମହାକୁମ୍ଭରେ ନିଜ ନିଜ ଦେଶରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେମାନେ ହେଲେ ତହସିନ ମହମ୍ମଦ ଜାମସିଦ୍ (କତର), ନିଶାନ ଭେଲୁପିଲେ (ଅଷ୍ଟ୍ରେଲିଆ), ସାମୁଏଲ ମୌତୌସାମି (ଡିଆର୍ କଙ୍ଗୋ) ଓ ସରପ୍ରୀତ ସିଂହ (ନ୍ୟୁଜିଲାଣ୍ଡ)।

### ତହସିନ୍ ମହମ୍ମଦ ଜାମସିଦ (କତର)

କେରଳ କନ୍ନୁରର ମାଲାୟାଲି ପିତାମାତାଙ୍କ ଔରସରୁ ଦୋହାରେ ଜନ୍ମିତ ତହସିନ୍ ଚଳିତ ବିଶ୍ୱକପ୍‌ରେ କତରରୁ ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି। ସେ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ କତର ଷ୍ଟାର୍ ଲିଗ୍‌ରେ ଖେଳିବାର ସୁଯୋଗ ପାଇଥିଲେ। ତାଙ୍କ ବାପା ଜାମସିଦ ହେଉଛନ୍ତି ପୂର୍ବତନ ୟୁନିଭରସିଟି ଅଫ୍ କାଲିକଟ୍ ଫୁଟ୍‌ବଲର୍। ୨୦୦୬ରେ କତର ଚାଲିଯାଇଥିବା ଜାମସିଦ୍ ପୁଅକୁ ଫୁଟ୍‌ବଲର୍ କରିବାରେ ଲାଗି ଯାଇଥିଲେ। ସେ ଆସ୍ପାୟର ଏକାଡେମୀରେ ତହସିନ୍‌ଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିଥିଲେ। ଏଠାରେ ଖେଳ ଶିଖିବା ପରେ ତହସିନ୍ ଅଲ୍ ଦୁହାଇଲ ଏସ୍‌ସିରୁ ଖେଳିବା ସହ କତର ଜାତୀୟ ଦଳରେ ସ୍ଥାନ ପାଇଥିଲେ। ଏହି ୱିଙ୍ଗର୍ ବିଶ୍ୱକପ୍ ୨୦୨୬ ଯୋଗ୍ୟତା ପର୍ଯ୍ୟାୟରେ ଆଫ୍‌ଗାନିସ୍ତାନ ବିପକ୍ଷରେ ପଦାର୍ପଣ କରିଥିଲେ। ସେ ୨୦୨୪ ଜୁନ୍‌ରେ ଭାରତ ବିପକ୍ଷ ଦୋହା ମ୍ୟାଚ୍‌ରେ କତର ଦଳର ସଦସ୍ୟ ରହିଥିଲେ। ୧୯ ବର୍ଷୀୟ ତହସିନ୍ ସଂପ୍ରତି କତରର ଜଣେ ଉଦୀୟମାନ ଫୁଟ୍‌ବଲର୍ ଭାବେ ପରିଚିତ।

### ନିଶାନ ଭେଲୁପିଲେ (ଅଷ୍ଟ୍ରେଲିଆ)

ତାମିଲିଆନ୍ ନିଶାନ ଭେଲୁପାଲେଙ୍କ ବାପା ହେଉଛନ୍ତି ମାଲେସିଆର ସିଂହଳୀ ତାମିଲ ପରିବାରର ଏବଂ ମା' ଆଙ୍ଗ୍‌ଲୋ-ଇଣ୍ଡିଆନ୍। ଏହି ମେଲ୍‌ବର୍ଣ୍ଣ ଭିକ୍ଟୋରିଆ ୱିଙ୍ଗର୍ ୨୦୨୪ ଅକ୍ଟୋବରରେ ଅଷ୍ଟ୍ରେଲିଆ ବରିଷ୍ଠ ଦଳରୁ ପଦାର୍ପଣ କରିଥିଲେ। ଏହି ବିଶ୍ୱକପ୍ ଯୋଗ୍ୟତା ମ୍ୟାଚ୍‌ରେ ସେ ଗୋଲ୍ ମଧ୍ୟ କରିଥିଲେ। ୨୫ ବର୍ଷୀୟ ନିଶାନ ୮ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩ ଗୋଲ୍ ସ୍କୋର୍ କରିଛନ୍ତି।

### ସାମୁଏଲ୍ ମୌତୌସାମି (ଡିଆର୍ କଙ୍ଗୋ)

କଙ୍ଗୋରୁ ପ୍ରତିନିଧିତ୍ୱ କରୁଥିବା ସାମୁଏଲ୍‌ଙ୍କ ଜନ୍ମ ଫ୍ରାନ୍‌ସରେ। ତାଙ୍କ ମା' ହୋଉଛନ୍ତି କଙ୍ଗୋର ଏବଂ ବାପା ଭାରତ ଓ ଗୁଆଡେଲୁପିର ତାମିଲ ପରିବାରର। ୨୯ ବର୍ଷୀୟ ଏହି ମିଡ୍‌ଫିଲ୍ଡର ଆଫ୍ରିକୀୟ ଦେଶ ପକ୍ଷରୁ ୨୦୧୯ରେ ପଦାର୍ପଣ କରିଥିଲେ। ଏପର୍ଯ୍ୟନ୍ତ ସେ ୫୭ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ସାରିଲେଣି। ସଂପ୍ରତି ସେ ଗ୍ରିକ୍ କ୍ଲବ୍ ଅଟ୍ରୋମିଟୋସ୍‌ରୁ ଖେଳୁଥିଲା ବେଳେ ପୂର୍ବରୁ ଫ୍ରେଞ୍ଚ ଦଳ ନାନ୍‌ଟେସ୍ ଓ ତୁର୍କିସ ଦଳ ସିଭାସ୍‌ପୋର୍‌ରୁ ଖେଳିବାର ଅଭିଜ୍ଞ ରଖିଛନ୍ତି। ସାମୁଏଲ୍ ହେଉଛନ୍ତି ଆଗାମୀ ବିଶ୍ୱକପ୍‌ରେ ଖେଳିବାକୁ ଯାଉଥିବା ୪ ଭାରତୀୟ ବଂଶୋଦ୍ଭବଙ୍କ ଭିତରେ ସବୁଠୁ ଅଭିଜ୍ଞ ଖେଳାଳି।

### ସରପ୍ରୀତ ସିଂହ (ନ୍ୟୁଜିଲାଣ୍ଡ)

ପଞ୍ଜାବ ଅବିଭାବକ ଔରସରୁ ଅକ୍ଲାଣ୍ଡରେ ଜନ୍ମିତ ସରପ୍ରୀତ ସିଂହ ହେଉଛନ୍ତି ନ୍ୟୁଜିଲାଣ୍ଡ ଫୁଟ୍‌ବଲ୍‌ର ଜଣେ ଉଜ୍ଜ୍ୱଳ ତାରକା। ସରପ୍ରୀତ ୨୦୧୮ ଇଣ୍ଟର୍‌କଣ୍ଟିନେଟାଲ୍ କପ୍ ଖେଳିବାକୁ ଭାରତ ଆସିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଖେଳୁଥିବା ସରପ୍ରୀତ ଏହି ପ୍ରତିଯୋଗିତାରେ କେନିଆ ବିପକ୍ଷରେ ଗୋଲ୍ କରିଥିଲା ବେଳେ ଭାରତକୁ ୨-୧ରେ ହରାଇବାରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଭାରତ ବିପକ୍ଷ ଦୁଇଟି ଯାକ ଗୋଲ୍‌ରେ ସେ ସହଯୋଗ କରିଥିଲେ। ସେ ପ୍ରଥମ ଭାରତୀୟ ବଂଶୋଦ୍ଭବ ଖେଳାଳି ଭାବେ ଜର୍ମାନ ବୁନ୍ଦେସ୍ଲିଗାରେ ଖେଳିଥିଲେ। ସେ ୨୦୧୯-୨୦ ବୁନ୍ଦେସ୍ଲିଗା ବିଜେତା ବେୟର୍ନମ୍ୟୁନିଚ ଦଳର ସଦସ୍ୟ ଥିଲେ। ୨୭ ବର୍ଷୀୟ ସରପ୍ରୀତ ୨୪ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳି ୩ ଗୋଲ୍ କରିଛନ୍ତି।

## ବାପୁଜୀଙ୍କ ପ୍ରତିମୂର୍ତ୍ତି ସାମ୍ନା ପାଲଟିଛି ପରିସ୍ରାଗାର

ପାପଡ଼ାହାଣ୍ଡି, ୮|୬(ଅକ୍ଷର ଓଡ଼ିଶା) :ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ପରିସରରେ ସର୍ବସାଧାରଣଙ୍କ ପାଇଁ ପରିସ୍ରାଗାର ନଥିବାରୁ ବ୍ଲକ ପରିସରରେ ଥିବା ବାପୁଜିଙ୍କ ପ୍ରତିମୂର୍ତ୍ତି ସାମ୍ନାରେ ଲୋକେ ପରିସ୍ରା କରୁଥିବା ଦେଖିବାକୁ ମିଳିଛି। ବିଭିନ୍ନ କାମରେ ପ୍ରତିଦିନ ଆସୁଥିବା ଲୋକଙ୍କ ପାଇଁ ଏବଂ ବସକୁ ଅପେକ୍ଷା କରି ରହିଥିବା ଲୋକଙ୍କ ପାଇଁ ଏହି ସ୍ଥାନଟି ପରିସ୍ରାଗାର ପାଲଟିଛି ଦେଖିବାକୁ ମିଳୁଛି। ଏବଂ ରାତିରେ ମଦ୍ୟପଙ୍କ ଆଡ୍ଡା ମଧ୍ୟ ଜମୁଛି । ପରିବେଶ ଦୁର୍ଗନ୍ଧ ରେ ଫାଟି ପଡୁଛି । ନିକଟରେ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ରହିଛି ଏଠାରେ କୋମଳମତି ଶିଶୁ ବାଲବାଟିକା ରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ଛାତ୍ରୀ ଏହି ରାସ୍ତାରେ ଯିବା ଆସିବା କରନ୍ତି । ପରିସରରେ ଥିବା ଗେଟ ମଧ୍ୟ ଦିନରାତି ଖୋଲା ରହୁଛି। ବାପୁଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଘାସ ବୁଦାରେ ପରିପୂର୍ଣ୍ଣ ହୋଇ ରହିଛି। କେବଳ କିଛି ନିର୍ଦ୍ଦିଷ୍ଟ ଦିନ ମାନଙ୍କରେ ରାଜନେତା ଏବଂ ସରକାରୀ ଅଧିକାରୀଙ୍କ ପାଦ ପଡେ ଏବଂ ପରିସର ସଫା ହୁଏ । ବ୍ଲକ କାର୍ଯ୍ୟାଳୟ କୁ ନିୟମିତ ଜିଲ୍ଲାର ଜିଲ୍ଲା ସ୍ତରୀୟ ଅଧିକାରୀ, ରାଜନେତା, ବ୍ଲକସ୍ତରୀୟ ଅଧିକାରୀ ନିୟମିତ ବୈଠକ, ସଭାସମିତି ରେ ଯୋଗ ଦେବାକୁ ଆସୁଥିବା ବେଳେ ଏଥିପ୍ରତି କାହାର ମଧ୍ୟ ନଜର ପଡୁନାହିଁ। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ବାପୁଜୀଙ୍କ ପ୍ରତିମୂର୍ତ୍ତି ପରିସରରେ ସଫା ସୁତୁରା ସହିତ ସର୍ବସାଧାରଣଙ୍କ ପାଇ ପରିସ୍ରାଗାର ଓ ପରିବେଶ ସ୍ୱଚ୍ଛ ରଖିବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମହଲରୁ ଦାବି ହେଉଛି।

## ଦୁଇ ରେଳବାଇ କର୍ମଚାରୀ ପୁରସ୍କୃତ

ସମ୍ବଲପୁର- ୮. ୬ (ଦେବେନ୍ଦ୍ର ମିଶ୍ର) ଇନ୍ଦ୍ରଜିତ କୁମାର ସିଂ, ବରିଷ୍ଠ ସହାୟକ ଲୋକୋ ପାଇଲଟ୍, ସମ୍ବଲପୁର ଏବଂ ଡି.ସତ୍ୟନାରାୟଣ, ସହାୟକ, ଟିଆରଡି, ସମ୍ବଲପୁର ସିଟି ଙ୍କୁ




ନିରାପତ୍ତା ପ୍ରତି ସତର୍କତା ଏବଂ ସୁରକ୍ଷିତ ଟ୍ରେନ୍ ଚଳଚଳ ପ୍ରତି କ୍ରତିବ୍ୟନିଷ୍ଠା ଏବଂ ନିରାପତ୍ତା ନିୟମ ଉପରେ ଭଲ ଭାବରେ ଅବଗତ ପାଇଁ ପୁରସ୍କୃତ କରାଯାଇଛି। ସେମାନଙ୍କର ପ୍ରତି ନିଷ୍ଠା ଓ ସମର୍ପଣ ମାନ୍ୟତା ସ୍ୱରୂପ ମଣ୍ଡଳ ରେଳ ପ୍ରବନ୍ଧକ,ସମ୍ବଲପୁର, ସୁବାଷ ଚନ୍ଦ୍ର ଚୌଧରୀ ସେମାନଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଛନ୍ତି ଓ ଏହି ଅବସରରେ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର, ମନଜିତ ସିଂହ ସନସନୱାଲ, ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ, ପାର୍ଥସାରଥୀ ତ୍ରିପାଠୀ (ଟିଆରଡି), ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଯନ୍ତ୍ରୀ (ଓପି), ଧୀରେନ୍ଦ୍ର ସିଂହ, ମଣ୍ଡଳ ନିରାପତ୍ତା ଅଧିକାରୀ, ଲିଙ୍ଗରାଜ ଗଡତିଆ ଏବଂ ଅନ୍ୟାନ୍ୟ ଶାଖା ଅଧିକାରୀମାନେ ଉପସ୍ଥିତ ଥିଲେ।

## ସିନାପାଲି ସିଏସସି ଷ୍ଟାଫ୍ ରୁମ୍ ରାସ୍ତାରେ ଦୀର୍ଘଦିନ ଧରି ପଡ଼ିରହିଛି ଗଛ

ସିନାପାଲି, ୦୮/୦୬(ଅକ୍ଷର ଓଡିଶା )ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏସସି)ରେ ଏକ ସମସ୍ୟାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ହସ୍ପିଟାଲ ପରିସରରେ ଥିବା ଷ୍ଟାଫ୍ ରୁମ୍‌କୁ ଯିବା ମୁଖ୍ୟ ରାସ୍ତା ଉପରେ ଏକ ବଡ଼ ଗଛ ଦୀର୍ଘଦିନ ଧରି ପଡ଼ିରହିଥିଲେ ମଧ୍ୟ ଏହାକୁ ହଟାଇବା ପାଇଁ କୌଣସି ପଦକ୍ଷେପ ନିଆଯାଇ ନାହିଁ ବୋଲି ଅଭିଯୋଗ ହୋଇଛି ।ଏହି ରାସ୍ତା ଦେଇ ପ୍ରତିଦିନ ଡାକ୍ତର, ନର୍ସ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀ ଯାତାୟାତ କରନ୍ତି। ଗଛଟି ରାସ୍ତା ଉପରେ ପଡ଼ି ରହିଥିବାରୁ ସେମାନଙ୍କୁ ଯିବା ଆସିବାରେ ଅସୁବିଧା ହେଉଛି। ବିଶେଷ କରି ରାତିରେ ଡ୍ୟୁଟି ସାରି ଫେରୁଥିବା ମହିଳା କର୍ମଚାରୀମାନେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ଏଭଳି ପରିସ୍ଥିତିରେ ଯେକୌଣସି ସମୟରେ ଦୁର୍ଘଟଣା ଘଟିପାରେ ।ସମସ୍ୟା ବିଷୟରେ ବାରମ୍ବାର ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଗଛଟିକୁ ହଟାଇବା ପାଇଁ କୌଣସି ଠୋସ ପଦକ୍ଷେପ ନିଆଯାଇ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।ଏହି ସମସ୍ୟା ବିଷୟରେ ଖବର ପାଇ ଯୁବ ସମାଜସେବୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଦେଖିଥିଲେ। ସେ ସ୍ୱାସ୍ଥ୍ୟକର୍ମୀ ଏବଂ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ପରେ କହିଥିଲେ ଯେ, ହସ୍ପିଟାଲ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଭଳି ସମସ୍ୟା ଦୀର୍ଘଦିନ ଧରି ପଡ଼ିରହିବା ଦୁଃଖଦ ବିଷୟ। ଲୋକଙ୍କ ସେବା କରୁଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କ ପାଇଁ ସୁରକ୍ଷିତ ପରିବେଶ ରହିବା ଆବଶ୍ୟକ ବୋଲି ସେ କହିଥିଲେ ।ପ୍ରଶାସନକୁ ତୁରନ୍ତ ଗଛଟିକୁ ହଟାଇବା ପାଇଁ ଦାବି କରିଛନ୍ତି।

## ଭଦ୍ରକରେ ସିଏମ୍ ଟ୍ରଫି ଜୋନ୍ ୩ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ

# ଉଭୟ ବାଳିକା ଓ ବାଳକ ବିଭାଗରେ କେନ୍ଦ୍ରାପଡା ବିଜୟୀ

ଭଦ୍ରକ, ୦୮/୦୬-(ଅକ୍ଷର ଓଡିଶା ) ଭଦ୍ରକ ଜିଲ୍ଲାରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍୩ ଭଲିବଲ୍ ପ୍ରତିଯୋଗିତା ଜୁନ୍ ୭ ତାରିଖ ସଂଧ୍ୟାରେ ଭଦ୍ରକ କଲେଜ ପଡିଆ ଠାରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ଦିଲୀପ ରାଉତରାଏ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ଦେବବ୍ରତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ।ଜୋନ୍୩ ଅନ୍ତର୍ଗତ ଫାଇନାଲ୍ ପ୍ରତିଯୋଗିତାରେ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଦଳ ଯାଜପୁର ଜିଲ୍ଲାକୁ ୨୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିବା ବେଳେ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଦଳ ବାଲେଶ୍ୱରକୁ ୨୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହେବାର ଗୌରବ ଅର୍ଜନ କରିଛି ।ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିୟନ୍ ଦଳଙ୍କୁ ଟ୍ରଫି ଏବଂ ରନର୍ସ-ଅପ୍ ଦଳଙ୍କୁ ପଦକ ପ୍ରଦାନ କରାଯାଇଥିଲା। ପ୍ରତିଯୋଗିତାକୁ ସୁଚାରୁ ଭାବେ ପରିଚାଳନା କରିଥିବା ସମସ୍ତ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା ।ପ୍ରତିଯୋଗିତାର ସଫଳ ଆୟୋଜନରେ ଜିଲ୍ଲା ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ବିଭାଗ ଏବଂ ପୌରପାଳିକାର ସହଯୋଗ ପାଇଁ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ ।ପ୍ରତିଯୋଗିତାକୁ ସଫଳ କରିବାରେ ସଂଘର ସମ୍ପାଦକ ଧୀରେନ ପଲେଇଙ୍କ ସମେତ ଉପେନ୍ଦ୍ର ବାରିକ, ଅତିଶ ବେହେରା, ବ୍ରଜକିଶୋର ଜେନା, ରବିନାରାୟଣ ପାଣିଗ୍ରାହୀ, ତୁଷାର ଦାସ, ପାର୍ଥସାରଥୀ ରାୟ, ସୁଦାମ ନାୟକ, ରବିନାରାୟଣ ଓଝା, ମନୋଜ ସାହୁ, ସୋମନାଥ ସାହୁ, କେ.ଭି. ପ୍ରସାଦ, ମହମ୍ମଦ ତାହିର ଖାନ, ନୟନଜ୍ୟୋତି ଖଟୁଆ, ସଞ୍ଜୀବ ଦାସ, ପ୍ରଦୀପ ବିଶ୍ୱାଳ ଏବଂ ଶମ୍ଭୁନାଥ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।




## ମା' ପାଇଁ ଗଛଟିଏ ଅଭିଯାନରେ ଶତାଧିକ କର୍ମୀଙ୍କ ସହଭାଗିତା

ଆନନ୍ଦପୁର,୦୮/୦୬ (ଅକ୍ଷର ଓଡିଶା ) : ବୈଶ୍ୱିକ ଉଷ୍ମତା ବୃଦ୍ଧି, ଶିଳ୍ପ କାରଖାନାରୁ ନିର୍ଗତ ଧୂଆଁ, ଯାନବାହନର ବ୍ୟାପକ ବ୍ୟବହାର ଏବଂ ଦ୍ରୁତ ଜଙ୍ଗଲ କ୍ଷୟ ଯୋଗୁଁ ବିଶ୍ୱ ପରିବେଶ ଗୁରୁତର ସଙ୍କଟର ସମ୍ମୁଖୀନ ହେଉଛି। ଏହାର କୁପ୍ରଭାବ ପାଣିପାଗ ଉପରେ ପଡୁଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ବଢ଼ି ଚାଲିଛି। ଏହି ପରିପ୍ରେକ୍ଷୀରେ ପରିବେଶ ସୁରକ୍ଷା ଓ ବୃକ୍ଷରୋପଣକୁ ପ୍ରୋତ୍ସାହନ ଦେବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକ୍ରମେ 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଆନନ୍ଦପୁର ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି ।ବିଜେପି କୃଷକ ମୋର୍ଚ୍ଚାର ପୂର୍ବତନ ରାଜ୍ୟ ସଭାପତି ମହେଶ୍ୱର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ପରିବେଶ ସୁରକ୍ଷା ଏବଂ ସବୁଜ ପୃଥିବୀ ଗଠନ ନିମନ୍ତେ ସମସ୍ତେ ସଂକଳ୍ପ ନେଇଥିଲେ ।ଏହି ଅବସରରେ ଦେବରଞ୍ଜନ ସାହୁ, ଅଜୟ କୁମାର ହୋତା, ପ୍ରାଣବନ୍ଧୁ ସାହୁ, କୈଳାଶ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ସାହୁ, ଅନୀଲ କୁମାର ସାମଲ, ଦୀପକ କୁମାର ନାଥ, ରଞ୍ଜନ କୁମାର ଜେନା ଓ ଶ୍ରୀମତୀ ରୁନୁ ଦାସଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ। ଶତାଧିକ କାର୍ଯ୍ୟକର୍ତ୍ତା ଏଥିରେ ସାମିଲ ହୋଇ ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ ଯେ, ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣ ହିଁ ସବୁଠାରୁ ପ୍ରଭାବଶାଳୀ ଉପାୟ। ପ୍ରତ୍ୟେକ ବ୍ୟକ୍ତି ଯଦି ନିଜ ମା'ଙ୍କ ନାମରେ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ଯତ୍ନ ନିଅନ୍ତି, ତେବେ ପରିବେଶ ସନ୍ତୁଳନ ରକ୍ଷାରେ ବଡ଼ ଅବଦାନ ରହିବ।




ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by **BHARAT KUMAR BEHERA**, Published at -99/6, Kalinga Vihar, Bhubaneswar-751019. Printed at **PRINT-TECH OFFSET PVT. LTD.**, F-66/1 & 2, Chandaka Industrial Area, Bhubaneswar-751024. T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera